# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ନଭେମ୍ବର ୧୦/୨୦୨୨ (୧୬ ପୃଷ୍ଠା) | Sambalpur, Thursday, November 10/2022 | Page 16 | ₹ 7.00 | ★★

୧୮ଶ ଭାଗ ୩୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 322 | ମୂଲ୍ୟ ₹୭/-




**ପାକିସ୍ତାନ ଫାଇନାଲରେ**

ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ ସେମିଫାଇନାଲରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ପାକିସ୍ତାନକୁ ଫାଇନାଲରେ ପହଞ୍ଚାଇଛନ୍ତି ମହମ୍ମଦ ରିଜୱାନ।

୧୪

୧୨

**ସୋସିଆଲ ମିଡିଆରୁ ଋଣ ଶୁଝୁଛି**

ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ସୋସିଆଲ ମିଡିଆରୁ ଆୟ କରୁଥିବା ଅର୍ଥରେ ଇଏମ୍ଆଇ ଭରୁଥିବା କହିଛନ୍ତି।



# ବଜାରରେ ଗହମ ସଙ୍କଟ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ବଜାରରେ ଗହମ ସଙ୍କଟ ଦେଖାଦେଇଛି। ଗତ ୧୦ ମାସ ହେବ ଗହମ ମିଳୁନାହିଁ। ଏଥିଯୋଗୁ ଅଟା, ମଇଦା, ସୁଜି ସମେତ ଗହମରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଦର ବଢ଼ିଯାଇଛି। ପ୍ରତ୍ୟେକ ସାମଗ୍ରୀରେ କିଲୋ ପ୍ରତି ୫ରୁ ୬ ଟଙ୍କା ବଢ଼ିଯାଇଛି। କେନ୍ଦ୍ର ସରକାର ଯୋଗାଇ ଦେଉ ନ ଥିବାରୁ ରାଜ୍ୟରେ ଗହମ ସଙ୍କଟ ଦେଖାଦେଇଛି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି। ଖାଉଟି ଉଚ୍ଚ ଦରରେ ଗହମ ଓ ଅଟା କିଣୁଥିବା ବେଳେ ରାଜ୍ୟରେ ଥିବା ଅଟା ମିଲରମାନେ ମଧ୍ୟ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଗହମ ଅଭାବରୁ ଅନେକ ମିଲର ନିଜ ମିଲ୍ ବିକ୍ରି କରିବାକୁ ଚିନ୍ତା କଲେଣି।

ବଜାରରେ ଗହମରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଦର ସନ୍ତୁଳନ ରଖିବାକୁ କେନ୍ଦ୍ର ସରକାର ଖୋଲା ବଜାର ବିକ୍ରି (ଓପନ ମାର୍କେଟ ସେଲ୍) କାର୍ଯ୍ୟକାରୀ କରୁଛନ୍ତି। ଏହି ସ୍କିମ୍ ଜରିଆରେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ମିଲରମାନଙ୍କୁ ସୁଲଭ ମୂଲ୍ୟରେ ଗହମ ଯୋଗାଇ



ଦେଇଥାଏ। ମାତ୍ର ଗତ ଫେବୃୟାରୀରୁ ଏଫ୍‌ସିଆଇ ଓଏମ୍ଏସ୍ ଜରିଆରେ ଆଉ ଗହମ ଯୋଗାଇ ଦେଉନାହିଁ। ଗହମ ଅଭାବରୁ ଏହି ଯୋଜନା ଚଳିତ ବର୍ଷ ବନ୍ଦ ହୋଇଯାଇଥିବା ଏଫ୍‌ସିଆଇ ପକ୍ଷରୁ କୁହାଯାଇଛି। ମାତ୍ର ଖୁଚୁରା ବଜାରରେ ଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ଗହମକୁ ନିଜ କବ୍‌ଜାକୁ ନେଇ ଚଢ଼ାଦରରେ ବିକ୍ରି କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକୁ ଅନୁକମ୍ପା ଦେଖାଇ ଏଫ୍‌ସିଆଇ ଓଏମ୍ଏସ୍ ବନ୍ଦ କରିବା ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟକୁ ମାସିକ ୧୭ ହଜାର ଟନ୍ ଗହମ ଆବଶ୍ୟକ ହୋଇଥାଏ। ଏଫ୍‌ସିଆଇରୁ ଅଟା ମିଲରମାନେ କ୍ରୟ କରି ଅଟା, ମଇଦା, ସୁଜି ଆଦି ଯୋଗାଇ ଦିଅନ୍ତି। ଏଫ୍‌ସିଆଇରୁ ଗହମ କୁଇଣ୍ଟାଲ ପିଛା ୨୨୦୦ରୁ ୨୪୦୦ ଟଙ୍କାରେ ମିଳୁଥିବା ବେଳେ ଗହମ ଅଭାବ ଯୋଗୁ କୁଇଣ୍ଟାଲ ଦର ୨୯୦୦ରୁ ୩ ହଜାର ଟଙ୍କା ହୋଇଛି। ଦର ବଢ଼ିଥିଲେ ମଧ୍ୟ ବଜାରରେ ଗହମ ଉପଲବ୍ଧ ହେଉନାହିଁ। ଗହମ ସଙ୍କଟ ଯୋଗୁ ରାଜ୍ୟରେ ଥିବା ୪୦ ଅଟା ମିଲ୍ ଅଚଳ ହେବାକୁ ବସିଲାଣି। ଚଢ଼ା

**ଖାଉଟି ହନ୍ତସନ୍ତ**

- **କୁଇଣ୍ଟାଲ ପିଛା ୫୦୦ ବଢ଼ିଲା**
- **ହାତଟେକି ବସିଲେ ଅଟା ମିଲର**

ଦରରେ ବହୁ କଷ୍ଟରେ ଅନ୍ୟ ରାଜ୍ୟରୁ ୫ରୁ ୬ ହଜାର ଟନ ଆଣି କାମ ଚଳାଯାଉଛି। ଗହମ ଅଭାବରୁ କେତେକ ମିଲର ସେମାନଙ୍କ ମିଲ୍‌ଗୁଡ଼ିକୁ ବିକିବାକୁ ବସିଛନ୍ତି।

ଅନ୍ୟପକ୍ଷରେ ଗତ ଜୁନ ମାସରୁ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ମିଳୁନାହିଁ। ୨୦୨୩ ମାର୍ଚ୍ଚ ଯାଏ ଗହମ ମିଳିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗହମ ଅଭାବ ଯୋଗୁ ହିତାଧିକାରୀମାନେ ବଜାରରୁ ଚାହିଁଲେ ମଧ୍ୟ ପାଇବେ ନାହିଁ। ଚଢ଼ା ଦରରେ ଅଟା କିଣି ଖାଇବାକୁ ବାଧ୍ୟ ହେଉଛନ୍ତି। ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏନ୍ଏଫ୍ଏସ୍ଏ ☞ପୃଷ୍ଠା-୪

## ପରମ୍ପରାବାଦୀ ଗୋଷ୍ଠୀର ୮ ଗିରଫ

**ଲୋହିଆ ଏକାଡେମୀରେ ଭଙ୍ଗାରୁଜା ଘଟଣା**

- **ପରମ୍ପରାବାଦୀଙ୍କ ନାମରେ ୨, ହେତୁବାଦୀଙ୍କ ନାଁରେ ୧ ମାମଲା**

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଚନ୍ଦ୍ରଗ୍ରହଣରେ ଖାଦ୍ୟଗ୍ରହଣକୁ ନେଇ ହେତୁବାଦୀ ଓ ପରମ୍ପରାବାଦୀ ମୁହାଁମୁହିଁ ହେବା ସମୟରେ ଭୁବନେଶ୍ୱର ଲୋହିଆ ଏକାଡେମୀ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାରେ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଲୋହିଆ ଏକାଡେମୀ ମ୍ୟାନେଜର ସୁଶାନ୍ତ କୁମାର ମହାପାତ୍ରଙ୍କ ଅଭିଯୋଗ ଆଧାରରେ ବୁଧବାର ଖାରବେଳନଗର ଥାନା ପୋଲିସ ପରମ୍ପରାବାଦୀ ଗୋଷ୍ଠୀର ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହିମାଂଶୁ ଶେଖର ହୋତା (୪୮), ଅନିଲ କୁମାର ଦାସ (୩୨), ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦିବ୍ୟ ଗଣିତ

## ଶପଥ ନେଲେ ନୂଆ ସିଜେଆଇ



ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପ୍ରଧାନ ବିଚାରପତି ଭାବେ ଶପଥପାଠ କରାଉଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

**ଦେଶବାସୀଙ୍କ ସେବାକୁ ପ୍ରାଥମିକତା ଦେବି: ଜଷ୍ଟିସ୍ ଚନ୍ଦ୍ରଚୂଡ଼**

ନୂଆଦିଲ୍ଲୀ,୯।୧୧

ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ବୁଧବାର ଭାରତର ୫୦ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଦେଶବାସୀଙ୍କ ସେବା କରିବା ତାଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ ବୋଲି ଏହି ଅବସରରେ ନୂଆ ସିଜେଆଇ ଚନ୍ଦ୍ରଚୂଡ଼ କହିଛନ୍ତି। ସିଜେଆଇ ରୂପେ ଶପଥ ନେବା ପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସୁପ୍ରିମକୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେ କହିଥିଲେ, ସାଧାରଣ ଲୋକଙ୍କ ସେବା ହେଉଛି ତାଙ୍କ ପ୍ରାଥମିକତା। ଟେକ୍ନୋଲୋଜି ହେଉ କି ରେଜିଷ୍ଟ୍ରି ଅଥବା ବିଚାରବିଭାଗୀୟ ସଂସ୍କାର ସବୁ କ୍ଷେତ୍ରରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ସେ କାର୍ଯ୍ୟ କରିବେ। ଭାରତୀୟ ନ୍ୟାୟପାଳିକାର ନେତୃତ୍ୱ ନେବା ଏକ ମହାନ୍ ସୁଯୋଗ ଓ ଉତ୍ତରଦାୟିତ୍ୱ ବୋଲି ସେ କହିଥିଲେ। ପ୍ରକାଶ ଯେ, ବିଦାୟୀ ସିଜେଆଇ ଜଷ୍ଟିସ୍ ୟୁ.ୟୁ. ଲଳିତ ମଙ୍ଗଳବାର ଅବସର ନେବା ପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି।


DALDS - 68

ଓଡ଼ିଶା ସରକାର



ସ୍ୱାଗତମ୍

ଓଡ଼ିଶା ମାଟିର ଗର୍ବ ଓ ଗୌରବ

ଭାରତର ମାନ୍ୟବର ରାଷ୍ଟ୍ରପତି

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ସୂଚନା ଓ ଲୋକସଂପର୍କ ବିଭାଗ

OIPR-15001/13/0181/2223

# ମାଣ୍ଡିଆ ଦେଇଛି ଉତ୍ତମ ଜୀବିକା



| ବର୍ଷ | ଜମି (ଏକର) | ଉତ୍ପାଦନ (କୁଇଣ୍ଟାଲ) | ଉପକୃତ ଚାଷୀ |
|---|---|---|---|
| ୨୦୧୯-୨୦ | ୧୮୪.୮୨ | ୧୧୦୮.୯୨ | ୬୮୧ |
| ୨୦୨୦-୨୧ | ୧୧୨୭.୦୩ | ୭୩୨୫.୬୯୫ | ୨୫୩୮ |
| ୨୦୨୧-୨୨ | ୧୬୮୯ | ୧୧୮୨୩ | ୩୨୩୫ |
| ୨୦୨୨-୨୩ | ୧୮୨୨.୬୪ | ୧୬୪୦୩.୭୬ | ୪୦୨୦ |

**ନରେଶ ଚନ୍ଦ୍ର ପଟ୍ଟନାୟକ**

**କେନ୍ଦୁଝର, ୯।୧୧**

ମାଣ୍ଡିଆ ଆଦିବାସୀ ସଂସ୍କୃତି ସହ ବହୁ ଆଗରୁ ଜଡ଼ିତ। ତେବେ ଏଥିରେ ଥିବା ଭିଟାମିନ ବା ଖାଦ୍ୟସାର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ। ଏଣୁ ଏହାର ଉପାଦେୟତାକୁ ଦେଖି ମାଣ୍ଡିଆର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦୁଝର ଜିଲାର ଜଳବାୟୁ ମାଣ୍ଡିଆ ଚାଷ ପାଇଁ ଉପଯୋଗୀ। ଏଥିପାଇଁ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍) ସହାୟତାରେ ଆରମ୍ଭ ହୋଇଛି ମାଣ୍ଡିଆ ଚାଷ। ପାରମ୍ପରିକ ମାଣ୍ଡିଆ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଅଧିକ ରୋଜଗାରକ୍ଷମ କରିବା ତଥା ଏହା ମାଧ୍ୟମରେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଡିସେମ୍ବର ୨୦୧୮ରୁ ଆରମ୍ଭ ହୋଇଛି। ଜିଲାର ଖଣି କ୍ଷତିଗ୍ରସ୍ତ ୭ଟି ବ୍ଲକ (ବାଂଶପାଳ, ଯୋଡ଼ା, ଝୁମ୍ପୁରା, ଚମ୍ପୁଆ, ହାଟଡିହି, ସଦର, ହରିଚନ୍ଦନପୁର)ରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଏବେ ଏହାକୁ ସଂପ୍ରସାରଣ କରି ଜିଲାର ପାଟଣା, ସାହାରପଡ଼ା, ତେଲକୋଇ, ଘଟଗାଁ ବ୍ଲକରେ ଏହି ଚାଷ କରାଯାଇଛି। ଏହି ଚାଷଫଳରେ ଖଣି ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକ ବିଶେଷ କରି ବନବାସୀମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ଆଗାମୀ ୫ବର୍ଷ ମଧ୍ୟରେ ୭ ହଜାର ହେକ୍ଟର ପରିମିତ ଜମିରେ ଏହି ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

୨୦୨୨-୨୩ ଖରିଫ ଋତୁରେ ୭ଟି ଖଣିକ୍ଷତିଗ୍ରସ୍ତ ବ୍ଲକର ୮୮ ପଞ୍ଚାୟତର ୨୫୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥିବା ବେଳେ ୪୯୦୦ ଚାଷୀ ଉପକୃତ ହୋଇପାରିଥିବା ସୂଚନା ମିଳିଛି। ରାଜ୍ୟ ସରକାର ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମାଣ୍ଡିଆର କୁଇଣ୍ଟାଲ ପିଛା ସର୍ବ ନିମ୍ନ ମୂଲ୍ୟ ୩୩୭୭ ଟଙ୍କା ରଖିଛନ୍ତି। ମାଣ୍ଡିଆର ମୂଲ୍ୟ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯାଉଛି। ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମ ଜିଲାରେ ୨୦୨୦ ଜୁଲାଇ ୨ରୁ ଆରମ୍ଭ କରାଯାଇଛି, ଯାହାକି ରାଜ୍ୟରେ ପ୍ରଥମ। ଜିଲାର ୧୯ ସ୍ୱୟଂ ସହାୟକ ଗୋଷ୍ଠୀ ଲଡୁ ମିକ୍ସ ପ୍ରସ୍ତୁତ କରୁଥିବା ବେଳେ ୩୨୫୭ ଅଙ୍ଗନୱାଡି କେନ୍ଦ୍ରରେ ୮୬ ହଜାର ପ୍ରାକ୍ ପ୍ରାଥମିକ ଶିଶୁଙ୍କୁ ଜଳଖିଆରେ ଲଡୁ ଖାଇବାକୁ ଦିଆଯାଉଛି। ସେହିପରି ସାଧାରଣ ବଣ୍ଟ ବ୍ୟବସ୍ଥା(ପିଡିଏସ୍)ରେ ଏହାକୁ ସାମିଲ କରାଯାଇ ବର୍ଷକୁ କାର୍ଡ ପିଛା ୧ କିଲୋ ମାଣ୍ଡିଆ ଦେବା ବ୍ୟବସ୍ଥା ମଧ୍ୟ ଲାଗୁ ହୋଇଛି। ଏବେ ଏହାର ଆବଶ୍ୟକତାକୁ ଦେଖି ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ବିଦ୍ୟାଳୟ ହଷ୍ଟେଲରେ ପିଲାଙ୍କ ଜଳଖିଆରେ ମଧ୍ୟ ମାଣ୍ଡିଆ ଦେବାକୁ ପଦକ୍ଷେପ ନିଆଯାଇଛି। ସପ୍ତାହରେ ୭ଟି ଲଡୁ ହିସାବରେ ୩୯୦୦୦ ଛାତ୍ରୀଛାତ୍ରଙ୍କୁ ଏହି ଲଡୁ ଦେବା ବ୍ୟବସ୍ଥା କରାଯାଇଛି। ସେହିପରି ମିଡ୍ ଡେ ମିଲରେ ଜିଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ୨,୨୩,୫୪୬ ଜଣ ପିଲାଙ୍କୁ ଦିନକୁ ୨ଟି ମାଣ୍ଡିଆ ବିସ୍କୁଟ ଦେବାକୁ ପଦକ୍ଷେପ ନିଆଯାଇଛି। ମିଲେଟ ମିଶନ ଓ ମିଶନ ଶକ୍ତିର ମିଳିତ ଉଦ୍ୟମରେ ରାଜ୍ୟର ପ୍ରଥମ ମିଲେଟ ଶକ୍ତି କାଫେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖୋଲାଯାଇଛି। ଏଠାରେ ଚା, କଫି ଭଳି ମିଲେଟ ପାନୀୟ, ଗରମ ଜଳଖିଆ,ଚକୋଲେଟ ଓ ବିଭିନ୍ନ ପ୍ରକାରର ସ୍ନାକ୍ସ ଆଦି ଉପଲବ୍ଧ ହେଉଛି। ସମସ୍ତେ ବସି ଖାଇବା ବ୍ୟବସ୍ଥା ରହିଛି। ସେହିପରି ମାଣ୍ଡିଆ ଗୁଣ୍ଡ ପ୍ୟାକେଟ ମଧ୍ୟ ବିକ୍ରି ହେଉଛି। ମିଲେଟ ଶକ୍ତି ଟିଫିନ ସେଣ୍ଟର, ମୋବାଇଲରେ ମିଲେଟ ଆଦି କାର୍ଯ୍ୟକ୍ରମ ଚାଲିଛି। ହାଟଡିହି ବ୍ଲକର ବିନତି ନାୟକ ୧ ଏକର ଜମିରେ ବିଭିନ୍ନ କୃଷି ଯନ୍ତ୍ରପାତି ସହାୟତାରେ ମାଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ଯୋଡ଼ା ବ୍ଲକର ବୀଣା ନାୟକ, ମନିଷା ମାଝୀ, ଚମ୍ପୁଆ ବ୍ଲକର ଭାବାବି ନାୟକ ୧ ଏକର ଲେଖାଏ ଚାଷଜମିରେ ମଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

ଏନେଇ ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, ମାଣ୍ଡିଆରେ ରହିଥିବା ଭିଟାମିନ, ମିନେରାଲ ସ୍ୱାସ୍ଥ୍ୟ ପାଇଁ ହିତକର। ଏଣୁ ଏହି କାର୍ଯ୍ୟକ୍ରମ ଦ୍ୱାରା ପାରମ୍ପରିକ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ମିଳିବା ସହ ଅନେକ ଚାଷୀ ତଥା ମହିଳାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରିପାରିଛି। ସେହିପରି ଏହା ଦ୍ୱାରା ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କ ବିକାଶରେ ସହାୟକ ହୋଇ ପାରୁଛି।




ମାଣ୍ଡିଆ ଦିବସ ଅବସରରେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଏସ୍‌ଏଚ୍‌ଜି ଷ୍ଟଲ୍‌ରେ ମାଣ୍ଡିଆ ଖାଦ୍ୟ

**ଫୁଲବାଣୀ ଅଫିସ, ୯।୧୧:** କନ୍ଧମାଳ ଜିଲାରେ ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ବଢୁଛି। ପୂର୍ବରୁ ଜିଲାରେ ଏହି ଚାଷ ପ୍ରାୟ ବନ୍ଦ ହୋଇଯାଇଥିଲା। ୨୦୧୭ରୁ ମିଲେଟ ମିଶନ ଜରିଆରେ ମାତ୍ର ୪ଟି ବ୍ଲକରେ ଚାଷ ହେଉଥିଲା। ୨୦୨୨ ସୁଦ୍ଧା ଜିଲାର ୧୧ଟି ବ୍ଲକରେ ଏବେ ମାଣ୍ଡିଆ ଚାଷ କରାଯାଉଛି। ଆଗାମୀ ଦିନରେ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ବିଭାଗ ଉଦ୍ୟମ ଜାରି ରଖିଛି। ସେପଟେ ମାଣ୍ଡିଆର ଗୁଣବତ୍ତା ଏବଂ ଉପକାରିତା ବିଷୟରେ ମଧ୍ୟ ବିଭିନ୍ନ ଏନ୍‌ଜିଓ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଜିଲାରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାଧ୍ୟମରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟକୁ ନେଇ ୧୩ଟି ଟିଫିନ ଷ୍ଟଲ ଖୋଲାଯାଇଛି। ଆଗାମୀ ଦିନରେ ଏହାକୁ ୭୦ରେ ପହଞ୍ଚାଇବାକୁ ଉଦ୍ୟମ ଚାଲିଛି। ଫୁଲବାଣୀରେ ଏକ ମିଲେଟ କାଫେ ପାଇଁ ମଧ୍ୟ ପ୍ରସ୍ତୁତି ସରିଛି।

୨୦୧୭ରେ ଦାରିଙ୍ଗବାଡି, କୋଟଗଡ, ଫିରିଙ୍ଗିଆ ଏବଂ ରାଇକିଆରେ ପ୍ରଥମେ ମାଣ୍ଡିଆ ଚାଷ ଆରମ୍ଭ ହୋଇଥିଲା। ୨୦୧୮ରେ ବାଲିଗୁଡା, କ.ନୂଆଗାଁ, ତୁମୁଡିବନ୍ଧ, ୨୦୨୨ରେ ଚକାପାଦ, ଜି.ଉଦୟଗିରି, ଖଜୁରିପଡା ଏବଂ ଟିକାବାଲିରେ ଏହି ଚାଷ ଆରମ୍ଭ କରାଯାଇଛି। ମିଲେଟ ମିଶନ ଜରିଆରେ ପ୍ରତି ବ୍ଲକରେ

## ଫୁଲବାଣୀରେ ହେବ ମିଲେଟ କାଫେ

୨୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସରକାର ଏହି ଚାଷ କରିବା ଲାଗି ଶ୍ରୀପଦ୍ଧତି(ଏସ୍‌ଏମ୍‌ଆଇ) ପ୍ରଣାଳୀକୁ ଗୁରୁତ୍ୱ ଦେଉଛନ୍ତି। ଏହି ପଦ୍ଧତିରେ ଚାଷ କଲେ ହେକ୍ଟର ପିଛା ଚାଷୀଙ୍କୁ ୬,୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଧାଡି ରୁଆ ଏବଂ ଧାଡି ବୁଣାରେ ଏହାର ଅଧା ଟଙ୍କା ଚାଷୀଙ୍କୁ ଦିଆଯାଉଛି। ଯଦି ଗୋଟିଏ ବ୍ଲକରେ ଚଳିତବର୍ଷ ୨୦୦ ହେକ୍ଟରରୁ ୧୫୦ ହେକ୍ଟର ଶ୍ରୀପଦ୍ଧତିରେ ଚାଷ ହୋଇଥିବ, ତାହାଲେ ଆଗାମୀ ବର୍ଷରେ ସେହି ବ୍ଲକକୁ ୨୫୦ ହେକ୍ଟର ଜମିରେ ଏହି ପ୍ରଣାଳୀରେ ଚାଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି। ପୂର୍ବରୁ ହେକ୍ଟର ପ୍ରତି ୪ରୁ ୬ କୁଇଣ୍ଟାଲ ମାଣ୍ଡିଆ ଅମଳ ହେଉଥିବା ବେଳେ ଏବେ ତାହା ୧୦ରୁ ଊର୍ଦ୍ଧ୍ୱ କୁଇଣ୍ଟାଲରେ ପହଞ୍ଚିଛି। ଯଦି ଜଣେ ଚାଷୀ ଗୋଟିଏ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରୁଛି ତାଙ୍କୁ ୩୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମିଳୁଛି। ସରକାର ଚାଷୀଙ୍କଠାରୁ ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ମାଧ୍ୟମରେ ମାଣ୍ଡିଆ ସଂଗ୍ରହ କରୁଛନ୍ତି।

ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଲାମୁଙ୍ଗିଆ ଗ୍ରାମର ଚାଷୀ ପ୍ରତିମା ପ୍ରଧାନ ୪ ବର୍ଷ ହେଲା ମାଣ୍ଡିଆ ଚାଷ କରୁଛନ୍ତି। ସେହିପରି ଦାରିଙ୍ଗିବାଡି ପ୍ଲହେରି ପଞ୍ଚାୟତ ସୁନ୍ଦରଦଣ୍ଡର କୁନି ଗୌଡ ଧାଡିରୁଆ ଏବଂ ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷ କରିଛନ୍ତି। ଗୋଟିଏ ହେକ୍ଟର ଜମିରେ ୧୦ କୁଇଣ୍ଟାଲ ପାଖାପାଖି ଅମଳ ହେଉଛି। ଭ୍ରମରବାଡି ପଞ୍ଚାୟତର ତିଳମା ପ୍ରଧାନ କହିଛନ୍ତି, ପୂର୍ବରୁ ଏହି ଚାଷ କରୁଥିଲେ ସୁଦ୍ଧା କମ୍ ଅମଳ ହେଉଥିଲା। ୨୦୧୭ରୁ ଏହି ଚାଷ ବୃଦ୍ଧି ପାଇଛି। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ ହେଉଛି। ଅମଳ ମଧ୍ୟ ଭଲ ହେଉଛି ବୋଲି ସେ କହିଛନ୍ତି। ସେ ମାଣ୍ଡିଆ ସହ ଯଅ, କାଙ୍ଗୁ, କୁଇରୀ ଆଦି ଚାଷ କରୁଛନ୍ତି। ମିଲେଟ ମିଶନ ଜିଲା ପ୍ରକଳ୍ପ ସଂଯୋଜିକା ସବିତା ସୁବୁଦ୍ଧି କହିଛନ୍ତି, ଜିଲାର ଫୁଲବାଣୀକୁ ଛାଡି ଅନ୍ୟ ସମସ୍ତ ୧୧ଟି ବ୍ଲକରେ ମାଣ୍ଡିଆ ଚାଷ ହେଉଛି। ୧୩ଟି ମହିଳା ସ୍ୱୟଂ ସହାୟିକା ଗ୍ରୁପ ଦ୍ୱାରା ବିଭିନ୍ନ ସ୍ଥାନରେ ୧୩ଟି ଟିଫିନ ଷ୍ଟଲ ଖୋଲାଯାଇଛି। ଷ୍ଟଲରେ ବରା, ପିଆଜି, ପକୁଡି, କାକରା, ଆରିଷା ଆଦି ଅନେକ ପ୍ରକାର ଖାଦ୍ୟ ମିଳୁଛି। ଆଗାମୀ ଦିନରେ ଜିଲାରେ ୭୦ଟି ଟିଫିନ ଷ୍ଟଲ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିବା ସେ ସୂଚନା ଦେଇଛନ୍ତି।




Come, get onto the field of
Mutual Funds!
Crores of people have already stepped onto the field of Mutual Funds.
It's time for you to join in too!
MUTUAL FUNDS Sahi Hai
To know more about Mutual Funds, contact your Mutual Fund Distributor or Investment Advisor today!
Visit mutualfundssahihai.com
Follow us on:
Mutual Fund investments are subject to market risks, read all scheme related documents carefully.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକିରା ଉପରେ ଦୁଧ ଆଉଟିଲି**
**ମଞ୍ଜାରୀ ଖାଇଲା ସର**
**ତିନି ଦିନ ହେଲା ନାହାନ୍ତି ନାଗର**
**ଖାଇ ଗୋଡ଼ାଉଛି ଘର।**

ମନର ମଣିଷ ପାଖରେ ନ ଥିଲେ ସବୁ ଥାଇ କିଛି ନ ଥିବା ସମ ବୋଧ ହୋଇଥାଏ। ଟିକିଏ ସାନ୍ନିଧ ପାଇବା ନେଇ ମନରେ ବ୍ୟାକୁଳତା ସୃଷ୍ଟି ହୋଇଥାଏ। ସ୍ୱାମୀକୁ ପାଖରେ ନ ପାଇ ହତାଶ ହୋଇପଡ଼ିଥିବା ସ୍ତ୍ରୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟାଙ୍ଗଣ ଘୋଡ଼ା**
**ଚାଲି ସରସ, ଲଦନ ଥୋଡ଼ା।**

ବହୁ ମୂଲ୍ୟର ଘୋଡ଼ା। ଦେଖିବାକୁ ସୁନ୍ଦର, ଚାଲି ମନମୁଗ୍ଧକର। ଏଭଳି ଘୋଡ଼ା ପିଛା ଖର୍ଚ୍ଚ ଅଧିକ ଲାଗୁଥିବାବେଳେ ଭାର ବୋହିବା କିନ୍ତୁ ଯଥେଷ୍ଟ କମ ହୋଇଥାଏ, ଫଳସ୍ୱରୂପ ଲାଭ କିଛି ମିଳି ନ ଥାଏ। ଖର୍ଚ୍ଚ ତୁଳନାରେ ଉପକାର କମ୍ ମିଳିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ହେତୁବାଦୀଙ୍କ ବିରୋଧରେ ଏତଲା

ପୁରୀ ଅଫିସ, ୯।୧୧: ମହାପ୍ରସାଦକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିବା ହେତୁବାଦୀଙ୍କ ବିରୋଧରେ ବୁଧବାର ପୁରୀ ଜିଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ମଞ୍ଚ ପକ୍ଷରୁ ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ମଙ୍ଗଳବାର ଚନ୍ଦ୍ରଗ୍ରହଣ ସଂଘଟିତ ହୋଇଥିଲା। ଏହି ଅବସରରେ ଜଣେ ହେତୁବାଦୀ ଗଣମାଧ୍ୟମରେ ମହାପ୍ରସାଦ ଏବଂ ମହାପ୍ରଭୁଙ୍କୁ ଅପମାନିତ କରିବା ଭଳି ମନ୍ତବ୍ୟ ଦେଇଥିଲେ। ସେହିପରି ଆମ୍‌ଫୋଇ ପ୍ରତିଷ୍ଠାତା ବି. ରାମଚନ୍ଦ୍ର ଭୋଲ୍‌ଟାୟର ମଧ୍ୟ ଗଣମାଧ୍ୟମରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏହି ବ୍ୟକ୍ତି ଦ୍ୱୟ ଅଗଣିତ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରିବା ସହ ମହାପ୍ରସାଦକୁ ଅସମ୍ମାନ କରିଥିବା ମଞ୍ଚ ଅଭିଯୋଗ ଆଣିଛି। ଏଭଳି ମନ୍ତବ୍ୟ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିବା ସହ ଅପସଂସ୍କୃତିର ପ୍ରଚାର ପ୍ରସାର ଏବଂ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଉଦ୍ଦିଷ୍ଟ। ଏହା ସନାତନ ଧର୍ମର ବିଧିବ୍ୟବସ୍ଥାକୁ ଅପମାନିତ କରିବା ସହ ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରିଛି। ଏଭଳି ମନ୍ତବ୍ୟ ଦ୍ୱାରା ସମାଜରେ ଦଙ୍ଗା ସୃଷ୍ଟି ହେବାର ଆଶଙ୍କା ରହିଛି, ଯାହାକି ଗୋଟିଏ ଧର୍ମନିରକ୍ଷେପ ରାଷ୍ଟ୍ରରେ କଦାପି ଗ୍ରହଣୀୟ ନୁହେଁ। ତେଣୁ ସମ୍ପୃକ୍ତ ଦୁଇ ହେତୁବାଦୀଙ୍କ ବିରୋଧରେ ଜାତୀୟ ଏତିହ୍ୟ ସୁରକ୍ଷା ଆଇନ ଓ ଭାରତୀୟ ଦଣ୍ଡବିଧି ଆଇନର ଦଫା ୨୯୫, ୨୯୫(ଏ), ୨୯୬ ଅନୁସାରେ ଗିରଫ କରାଯିବାକୁ ମଞ୍ଚ ଦାବି କରିଛି। ଏତଲା ପ୍ରଦାନ ସମୟରେ ମଞ୍ଚ ଆବାହକ ଅନିଲ କୁମାର ସାହୁ, ସୁରେଶ ମହାପାତ୍ର, ଦେବାଶିଷ ଦାସ, ଶୁଭାଶିଷ ମହାନ୍ତି, ଚିନ୍ମୟ ଦାସ ଏବଂ ଶକ୍ତିଧର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀକୂଳ ଗଛରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଠାବ


ମୃତକଙ୍କ ପରିବାର ଲୋକ ଓ ସମ୍ପର୍କୀୟ ରାସ୍ତା ଅବରୋଧ କରିଛନ୍ତି।

**ହଷ୍ଟେଲରୁ ନିଖୋଜ ଥିଲେ**

- ନ୍ୟାୟ ଦାବିକରି ରାସ୍ତା ଅବରୋଧ କଲେ ପରିବାର ଲୋକେ
- ପରିବାର ଲୋକଙ୍କ ମାଡ଼ରେ ପ୍ରଧାନ ଶିକ୍ଷକଙ୍କ ହାତ ଭାଙ୍ଗିଲା


ଶଙ୍କର ହରିଜନ

ଡାବୁଗାଁ/ପାପଡ଼ାହାଣ୍ଡି,୯।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ମାନିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ସୋମବାରଠାରୁ ନିଖୋଜ ଥିବା ଦଶମ ଶ୍ରେଣୀ ଛାତ୍ର ଶଙ୍କର ହରିଜନ(୧୫)ଙ୍କ ଝୁଲନ୍ତା ମୃତଦେହ ବୁଧବାର ସ୍କୁଲ ନିକଟସ୍ଥ ନଦୀକୂଳରେ ଥିବା କାଜୁଗଛରୁ ଜବତ କରାଯାଇଛି। ପ୍ୟାଣ୍ଟର ବେଲ୍ଟ ଏବଂ ଗାମୁଛା ବେକରେ ଲଗାଇ ଝୁଲୁଥିବା ଅବସ୍ଥାରେ ମୃତଦେହ ଠାବ କରାଯାଇଛି। ତେବେ ଶଙ୍କର ଆତ୍ମହତ୍ୟା କରିଛନ୍ତି କିମ୍ବା ତାଙ୍କୁ କେହି ହତ୍ୟାକରି ଝୁଲାଇଛନ୍ତି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ପରିବାର ଲୋକେ ଏବଂ ସମ୍ପର୍କୀୟ ପ୍ରଧାନ ଶିକ୍ଷକଙ୍କୁ ମାରପିଟ କରିବା ସହ ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ଶଙ୍କରଙ୍କ ଘର ଡାବୁଗାଁ ବ୍ଲକ ଅନ୍ତର୍ଗତ ବାଉଁଶବେଡ଼ା ଗ୍ରାମରେ। ସେ ସ୍କୁଲ ହଷ୍ଟେଲରେ ରହି ପଢୁଥିଲେ। ସୋମବାର ସେ ହଷ୍ଟେଲରୁ ନିଖୋଜ ଥିବା ନେଇ ବାପା ଖଗପତି ସ୍କୁଲରୁ ଖବର ପାଇଥିଲେ। ସ୍କୁଲକୁ ଯାଇ ଅନୁସନ୍ଧାନ ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହେବାପରେ ମଙ୍ଗଳବାର ସେ ଡାବୁଗାଁ ଥାନାରେ ପୁଅକୁ ଅପହରଣ କରାଯାଇଥିବା ନେଇ ଏତଲା ଦେଇଥିଲେ। ୧୭୦/୨୨ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ବୁଧବାର ସକାଳେ ନଦୀକୂଳରେ ଥିବା ଗଛରେ ଶଙ୍କରଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ଖବର ପାଇ ମୃତ ଛାତ୍ରଙ୍କ ପରିବାର ଲୋକ ଏବଂ ସମ୍ପର୍କୀୟ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ସାନକିଶୋର ନାୟକଙ୍କୁ ମାରପିଟ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକଙ୍କ ହାତ ଭାଙ୍ଗିଯାଇଛି। ପରେ ସମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଡାବୁଗାଁରୁ ମୈଦଲପୁରକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଡାବୁଗାଁ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଡାବୁଗାଁ ତହସିଲଦାର କୃଷ୍ଣଚନ୍ଦ୍ର ଦାସ ପହଞ୍ଚି ନବରଙ୍ଗପୁରର ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିବା ସହ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅନ୍ୟପକ୍ଷରେ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ତେବେ ମୃତକଙ୍କ ସମ୍ପର୍କୀୟମାନେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ସହ ଗିରଫ ପାଇଁ ଦାବି କରିଥିଲେ। ଏଥିସହ ଉକ୍ତ ମାମଲାରେ ତଦନ୍ତ କରୁଥିବା ଅଧିକାରୀଙ୍କୁ ମଧ୍ୟ ହଟାଇବା ପାଇଁ କହିଥିଲେ। ଅପରପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଘଟଣାର ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହାପରେ ରାସ୍ତାରୋକୋ ହଟିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ମୃତ ଛାତ୍ରଙ୍କ ବାପା ବୁଧବାର ପୁଣି ଥାନାରେ ଏତଲା ଦେଇଥିବାବେଳେ ୨୭/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି।

# ବିଶୃଙ୍ଖଳା ଯୋଗୁ ବିଦା ହେଲେ ଛାତ୍ର

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୯।୧୧

ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଯୁକ୍ତ୨ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ବିଶୃଙ୍ଖଳିତ ଆଚରଣ ଯୋଗୁ ମହାବିଦ୍ୟାଳୟରୁ ବହିଷ୍କାର କରାଯାଇଥିବା ମଙ୍ଗଳବାର ଅଧ୍ୟକ୍ଷା ଡ.ପ୍ରମିଳା ଖାଡ଼ଙ୍ଗାଙ୍କଠାରୁ ଜଣାପଡିଛି। ସୂଚନା ଅନୁସାରେ, ଛାତ୍ର ଜଣକ ବାଣିଜ୍ୟ ବିଭାଗ ଯୁକ୍ତ୨ରେ ପଢୁଛନ୍ତି। ସେ କିଛି ଦିନହେବ କଳା ବିଭାଗର ଛାତ୍ରୀଛାତ୍ରଙ୍କ କ୍ଲାସ ଚାଲିଥିବା ସମୟରେ କ୍ୟାମ୍ପସ୍‌ରେ ବାଣ ଓ ବୋମା ଫୁଟାଇ ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ତାଗିଦ ସତ୍ତ୍ୱେ ସେ ଶୁଣି ନ ଥିଲେ। ମହାବିଦ୍ୟାଳୟରେ ଥାଇ ମଧ୍ୟ କ୍ଲାସ କରୁ ନ ଥିବା ଏବଂ କ୍ୟାମ୍ପସ ପରିସରରେ ଅଯଥା ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହୋଇଆସୁଥିଲା। ଯାହାଦ୍ୱାରା ଅନ୍ୟ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଥିଲା। ଏନେଇ ଅଧ୍ୟକ୍ଷା ଡ.ଖାଡ଼ଙ୍ଗା ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ପ୍ରଥମେ ପରିଚୟପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଚୟପତ୍ର ଯାଞ୍ଚ ବେଳେ ଏହା ଟାମ୍ପରିଂ ହୋଇଥିବା ଜଣାପଡ଼ିଥିଲା। ଏନେଇ ସମ୍ପୃକ୍ତ ଛାତ୍ରଙ୍କୁ ତାଙ୍କ ଅଭିଭାବକଙ୍କୁ ଡାକିବାକୁ କୁହାଯାଇଥିଲା। ଅଧ୍ୟକ୍ଷାଙ୍କ କଡ଼ା କାର୍ଯ୍ୟାନୁଷ୍ଠାନରେ ଉତ୍ତ୍ୟକ୍ତ ହୋଇ ସେ ଅଧ୍ୟକ୍ଷାଙ୍କ ଗାଡ଼ି ଉପରକୁ ପଥରମାଡ଼ କରିଥିଲେ। ଫଳରେ ଗାଡି ପଛ ପଟ ଭାଙ୍ଗିରୁଜି ଯାଇଥିଲା। ଏନେଇ ଅଧ୍ୟକ୍ଷା ଛାତ୍ରଙ୍କ ବିରୋଧରେ ବଡ଼ବଜାର ଥାନାରେ ଶନିବାର ଅଭିଯୋଗ କରିଥିଲେ। ଏହାପରେ ରବିବାରଠାରୁ ମହାବିଦ୍ୟାଳୟ ଛୁଟି ହୋଇଥିଲା। ମଙ୍ଗଳବାର ଖୋଲିବା ପରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ଶୃଙ୍ଖଳା କମିଟି ବୈଠକ କରାଯାଇ ସମ୍ପୃକ୍ତ ଛାତ୍ରଙ୍କୁ କଲେଜରୁ ବହିଷ୍କାର କରାଯିବା ନେଇ ନିଷ୍ପତ୍ତି ହୋଇଥିବା ଅଧ୍ୟକ୍ଷା ଖାଡ଼ଙ୍ଗା କହିଛନ୍ତି। ଅନ୍ୟପଟେ ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ କହିବା ଅନୁସାରେ, ସମ୍ପୃକ୍ତ ଛାତ୍ରଙ୍କୁ ୪୧ ସିଆରପିସିରେ ନୋଟିସ୍ କରାଯାଇଛି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଅଞ୍ଚଳରେ ଅଧାଦିନ ଛୁଟି

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ ସରକାର ଗୁରୁବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଅଧାଦିନ ଛୁଟି ଘୋଷଣା କରିଛନ୍ତି। ଅପରାହ୍ନ ୧ଟାରୁ ବିଏମ୍‌ସି ଅଞ୍ଚଳର ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର ସଫଳତାକୁ ଦୃଷ୍ଟିରେ ରଖି ତାଙ୍କ ସମ୍ମାନାର୍ଥେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ଛୁଟି ଘୋଷଣା କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବଜାରରେ ଗହମ...

ହିତାଧିକାରୀଙ୍କ ମଧ୍ୟରୁ ୧୪ ପ୍ରତିଶତ ଲୋକ ଗହମ ନେଉଥିବା ବେଳେ ୮୬ ପ୍ରତିଶତ ଚାଉଳ ନେଉଛନ୍ତି। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪,୭୦୦ ମେଟ୍ରିକ ଟନ ଗହମ ଯୋଗାଇ ଦେଉଛନ୍ତି। ଗହମ ନେଉଥିବା ହିତାଧିକାରୀ ଭୁବନେଶ୍ୱରର ଟଙ୍କଧର ସାହୁ କହିଛନ୍ତି, ଆଜିକାଲି ଅଧିକାଂଶ ଲୋକ ମଧୁମେହ ରୋଗରେ ପୀଡ଼ିତ। ରୁଟି ଖାଇବା ଜରୁରୀ ହୋଇପଡ଼ିଲାଣି। ଗହମ ମିଳୁ ନ ଥିବାରୁ ଉଚ୍ଚ ଦରରେ ବଜାରରୁ ଅଟା କିଣି ଖାଇବା କଷ୍ଟକର ହେଉଛି। କେନ୍ଦ୍ର ସରକାର ପୂର୍ବରୁ ଯେମିତି ଗହମ ଯୋଗାଇ ଦେଉଥିଲେ ଏବେ ସେମିତି ଯୋଗାଇ ଦିଅନ୍ତୁ। ସମସ୍ତଙ୍କୁ ଚାଉଳ ନେବାକୁ ବାଧ୍ୟ କରିବା ଠିକ୍ ନୁହେଁ।

ଭୁବନେଶ୍ୱର ୟୁନିଟ-୧ ହାଟର ବ୍ୟବସାୟୀ ଦିନେଶ ପାତ୍ର କହିଛନ୍ତି, ଗତ ୨/୩ ମାସ ହେବ ଗହମ, ଅଟା, ମଇଦା, ସୁଜି ଇତ୍ୟାଦି ଦର ବଢ଼ିଚାଲିଛି। କୁଇଣ୍ଟାଲ ପିଛା ୩୦୦ରୁ ୪୦୦ ଟଙ୍କା ବଢ଼ିଛି। ଗତ ମାସେ ହେବ ପ୍ରତିଦିନ ଏହିସବୁ ସାମଗ୍ରୀର ଦର କିଲୋ ପିଛା ୫୦ ପଇସାରୁ ୧ ଟଙ୍କା ବଢ଼ିଚାଲିଛି। ଶୀତଦିନ ଆସୁଥିବାରୁ ରୁଟିର ଚାହିଦା ବଢ଼ିବ। ତଦନୁଯାୟୀ ଦର ମଧ୍ୟ ବଢ଼ିବ। ଯାହାକି ଗ୍ରାହକଙ୍କ ଉପରେ ଚାପ ପକାଇବ। ସରକାର ଏ ଦିଗରେ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି। ସର୍ବଭାରତୀୟ ରୋଲର ଫ୍ଲାୱାର ମିଲର ଫେଡେରେଶନ ଅଫ୍ ଇଣ୍ଡିଆ ଓଡ଼ିଶା ସଦସ୍ୟ ସୁବାସ ଗୁପ୍ତା କହିଛନ୍ତି, ଗହମ ଯୋଗାଇ ଦେବାକୁ ଫେଡେରେଶନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ଥର ଅନୁରୋଧ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେନ୍ଦ୍ର ସରକାରଙ୍କୁ ଗହମ ସଙ୍କଟ ବିଷୟରେ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ମଧ୍ୟ ଆମେ ଜଣାଇଛୁ। ମାତ୍ର ଉଭୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେନ୍ଦ୍ର ସରକାର ତୁରନ୍ତ ଗହମ ଯୋଗାଇ ନ ଦେଲେ ଓଡ଼ିଶାରେ ଥିବା ୭୦ ଭାଗ ଅଟା ମିଲ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି।
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଗହମ ଯୋଗାଇବା ଏଫ୍‌ସିଆଇର କାମ। ରାଜ୍ୟ ସରକାରଙ୍କ ସେଥିରେ କିଛି ଭୂମିକା ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ୟା ସମାଧାନ ପରିବର୍ତ୍ତେ ମୌନ ରହିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ପରମ୍ପରାବାଦୀ ଗୋଷ୍ଠୀର ...

ସୁଶାନ୍ତ ପ୍ରଧାନ (୧୯), ବିଶ୍ୱରଞ୍ଜନ ବିଶ୍ୱାଳ (୨୭), ଜିତେନ୍ଦ୍ର କୁମାର ଦାସ (୨୯), ସୌମ୍ୟରଞ୍ଜନ ଭାଟିଆ (୩୪), ନିକୁଞ୍ଜବିହାରୀ ମଲ୍ଲିକ (୩୦) ଓ ଦେବାଶିଷ ରାଉତ (୩୮)। ମାମଲା ନଂ.୩୯୪/୨୦୨୨ରେ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ସମସ୍ତଙ୍କୁ ଜାମିନ ମିଳିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ୧୧ଟା ୩୦ରେ ଲୋହିଆ ଏକାଡେମୀରେ ହେତୁବାଦୀମାନେ ଏକତ୍ର ହୋଇ ଚନ୍ଦ୍ରଗ୍ରହଣକୁ ନେଇ ରହିଥିବା ଅନ୍ଧବିଶ୍ୱାସ ସମ୍ପର୍କରେ 'ଜୟ ବିଜ୍ଞାନ' ନାମରେ ଏକ ସଚେତନତା ବୈଠକ କରିଥିଲେ। ଏହି ସମୟରେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା, ମନ୍ଦିର ସେବାୟତ ସଂଘ ଓ ଅନ୍ୟ କେତେକ ସଂଗଠନର ୭୦ରୁ ୮୦ ସଦସ୍ୟ ଆସି ହେତୁବାଦୀଙ୍କୁ ବିରୋଧ କରିଥିଲେ। ପୋଲିସ ଉପସ୍ଥିତିରେ ସେମାନେ ଜୟ ଶ୍ରୀରାମ, ଜୟ ବଜରଙ୍ଗବାଲୀ, ହେତୁବାଦୀ ମୁର୍ଦ୍ଦାବାଦ ଭଳି ନାରାବାଜି ଦେବା ସହ ଢେଲାପଥର ଓ ଗୋବର ମାଡ଼ କରିଥିଲେ। ଏଥିସହ କେତେଜଣ ଏକାଡେମୀ ଗେଟ ଡେଇଁ ତଳ ମହଲା ଓ ପ୍ରଥମ ମହଲାର ୧୫ଟି ଝରକା କାଚ ଭାଙ୍ଗି ଦେଇଥିଲେ। ଏହି ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଗଣ୍ଡଗୋଳ ହୋଇଥିଲା। ପୋଲିସ ପରମ୍ପରାବାଦୀ ଗୋଷ୍ଠୀର ୮ ଜଣଙ୍କୁ ଉଠାଇ ନେଇ ତଦନ୍ତ ଚଳାଇଥିଲା।

ଅନ୍ୟପକ୍ଷରେ ହେତୁବାଦୀଙ୍କ ପକ୍ଷରୁ ହୋଇଥିବା ଜାତିଆଣ ଆକ୍ଷେପ ସହ ଅନ୍ୟ ଅଭିଯୋଗ ଆଧାରରେ ପରମ୍ପରାବାଦୀଙ୍କ ନାମରେ ଆଉଏକ ମାମଲା (ନଂ.୩୯୫/୨୦୨୨) ରୁଜୁ ହୋଇଛି। ସେହିପରି ଅଭିଯୁକ୍ତ ତଥା ପରମ୍ପରାବାଦୀ ଗୋଷ୍ଠୀର ହିମାଂଶୁ ଶେଖର ହୋତାଙ୍କ ଅଭିଯୋଗ ଆଧାରରେ ହେତୁବାଦୀଙ୍କ ନାଁରେ ମଧ୍ୟ ମାମଲା (ନଂ.୩୯୬/୨୦୨୨) ରୁଜୁ କରାଯାଇଥିବା ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।

## classifieds Everyday 0674-2580101, 2549302




SALE

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General-350/-. 9439660381. D-74146

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166.** D-74142

Bhubaneswar Gharabari land near 100 ft. road investment plan, immediate registration, possession, electricity. Contact: 9124289585. D-1960

**ଘରବାରୀ ପାଟେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200 mtr. ଦୂରତାରେ SC/General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140




**Relax, Refresh your body, Mind at Saikrupa Spa with best therapies. 8984068077.** D-1863




Get professional Hair, Nail, Beauty Training Classes at affordable fees. Contact- 9692671608. D-1957

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଉଚ୍ଚସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଅଶାନ୍ତି ଦେଖାଦେଇପାରେ। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ନୂତନ ଯାନବାହନ କ୍ରୟ ସକାଶେ ମନ ବଳାଇପାରନ୍ତି।

**ବୃଷ** ଆପଣଙ୍କ ସନ୍ଦେହୀ ମନ ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅଶାନ୍ତ ରହିବେ। ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ ଓ ସଫଳତା ମଧ୍ୟ ମିଳିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି। ତୀର୍ଥାଟନ କଥା ଚିନ୍ତା କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଖୁସି ହୋଇପାରେ। ଅତୀତର ଅପୂର୍ଣ୍ଣ କାମକୁ ଆଜି ଅନ୍ୟମାନଙ୍କ ସାହାଯ୍ୟରେ ସମ୍ପୂର୍ଣ୍ଣ କରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ଭାବେ ଟେନ୍‌ସନ ସୃଷ୍ଟି କରିବ। ସାୟାହ୍ନେ ପିଲାଙ୍କ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ** ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳିନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଆଜି ଦିନଟିରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ।

**ସିଂହ** ମାନସିକ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବାରୁ ଚିନ୍ତା ପ୍ରକଟ କରିପାରନ୍ତି। ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅବହେଳିତ କାମଜନିତ କର୍ମକ୍ଷେତ୍ରରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ।

**କନ୍ୟା** ପରିବାରର ଆର୍ଥିକ ଅନଟନ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ଅପେକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବନ୍ଧୁଙ୍କ କଥାରେ ଭରସା କରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ।

**ତୁଳା** ପୂର୍ବରୁ ପାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଜି ଅର୍ଥ ଓ ସମ୍ମାନ ପାଇବେ। ଆନୁଷ୍ଠାନିକ କାମରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଲୋଚନା କିମ୍ବା ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନିଜ ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**ବିଛା** କାର୍ଯ୍ୟବ୍ୟସ୍ତତା କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପିଲାମାନଙ୍କ ଅସାବଧାନତା ଦ୍ୱାରା ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପ୍ରେସ୍, ପବ୍ଲିକେଶନ, ସଭାସମିତି, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ସମୟାନ୍ତରେ ସଫଳତା ଅବଶ୍ୟ ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଭଲ ହେବ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜଖବର ପାଇପାରନ୍ତି। ଜମିଜମା କାରବାରଜନିତ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ଆଶଙ୍କା ଉପୁଜାଇପାରେ।

**କୁମ୍ଭ** ଆଶା କରୁଥିବା କୌଣସି ଶୁଭ ଖବର ପଡ଼ୋଶୀଙ୍କ ନିକଟରୁ ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ବାରମ୍ବାର ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** କର୍ମକ୍ଷେତ୍ରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ମନାନ୍ତର ଦେଖା ଦେଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ନଭେମ୍ବର ୧୦ ତାରିଖ, ମାର୍ଗଶିର କୃଷ୍ଣ ଦ୍ୱିତୀୟା, ମାଣବସା ଗୁରୁବାର ପ୍ରଥମ ପାଳି, ବିଶ୍ୱ ବିଜ୍ଞାନ ଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ପ୍ରାତଃ ଘ.୦୫।୫୫ ଗତେ, ଘ.୦୭।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୪ ଗତେ, ଘ.୦୨।୧୭ ମଧ୍ୟେ ରାହୁକାଳ।।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୮୬,୧୮,୦୮୧ | ୬୬,୦୮,୬୨୯ | ୬୧,୮୩,୯୨,୬୫୯ |
| ଭାରତ | ୪,୪୬,୬୨,୯୫୨ | ୫,୩୦,୫୧୧ | ୪,୪୧,୧୮,୮୮୨ |
| ଓଡ଼ିଶା | ୧୩,୩୬,୩୦୪ | ୯୨୦୪(+୫୩) | ୧୩,୨୬,୯୧୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୨ରୁ ବଢ଼ିବ ଶୀତ

**ଭୁବନେଶ୍ୱର,୯ା୧୧(ବ୍ୟୁରୋ):** ରାଜ୍ୟରେ ହାଲୁକା ଶୀତ ଜାରି ରହିଛି। ତେବେ ଆସନ୍ତା ୧୨ ତାରିଖ ପରେ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରାଯାଇ ସୂଚନା ଦିଆଯାଇଛି। ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ତଳକୁ ଖସିବା ସମ୍ଭାବନା ରହିଛି। ଦୁଇଦିନ ହେବ ରାଜ୍ୟରେ କୋହଲା ପାଗ ଲାଗି ରହିଛି। ପାହାନ୍ତିଆ ଓ ସନ୍ଧ୍ୟା ସମୟରେ ହାଲୁକା ଶୀତ ଅନୁଭୂତ ହେଉଛି। ଏଥିସହ କିଛି ସ୍ଥାନରେ କୁହୁଡ଼ି ପଡୁଥିବା ଦେଖିବାକୁ ମିଳିଛି। ବୁଧବାର ୭ ସହରରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ତଳେ ରହିଛି। ବୌଦ୍ଧରେ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ କୋରାପୁଟ ୧୪, ଦାରିଙ୍ଗବାଡ଼ି ୧୪.୫, ଫୁଲବାଣୀ ୧୫.୫, କେନ୍ଦୁଝର ୧୬, ଭବାନୀପାଟଣା ୧୬.୨, ନୟାଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ସ୍କୁଲ ଯିବା ବେଳେ ଟ୍ରକ ଚାପାରେ ଛାତ୍ରୀ ମୃତ

**ସମ୍ବଲପୁର,୯ା୧୧(ବ୍ୟୁରୋ):** ବୁଧବାର ସମ୍ବଲପୁର ଜିଲା ଅଇଁଠାପାଲି ଥାନା ତଳି ଛକରେ ଏକ ଟ୍ରକ ଚାପାରେ ବୁଢ଼ାରଜା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପରମିତା ପାଣିଗ୍ରାହୀ(୧୪)ଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ ନେଇ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି। ମିଳିଥିବା ସୂଚନା ମୁତାବକ, ଭାଲୁପାଲି ଗ୍ରାମର ପ୍ରଜ୍ଞା ବୁଢ଼ାରଜା ହାଇସ୍କୁଲରେ ପଢୁଥିଲେ। ସେ ପ୍ରତିଦିନ ଭଳି ପୂର୍ବାହ୍ନରେ ସାଇକେଲରେ ଘରୁ ବାହାରି ସ୍କୁଲକୁ ଯାଉଥିଲେ। ଅଇଁଠାପାଲି ଛକ ବୁଲାଣି ଅତିକ୍ରମ କରୁଥିବା ସମୟରେ ଏକ ୧୨ ଚକିଆ ଟ୍ରକ (ନଂ.ଓଡି୦୨ବିଇ୧୬୬୦)ର ପଛ ଚକା ତଳେ ପ୍ରଜ୍ଞା ପଡି ଯାଇଥିଲେ। ଫଳରେ ଟ୍ରକର ପଛ ଚକ ତାଙ୍କ ମୁଣ୍ଡରେ ଚଢିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଟ୍ରକଟି ଅଇଁଠାପାଲି ଛକ ଦେଇ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ନଂ ୭୦୮/୨୨ରେ ମାମଲା ରୁଜୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ବୁଢ଼ାରଜା ହାଇସ୍କୁଲ ଓ ଭାଲୁପାଲି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପ୍ରଜ୍ଞା ଜଣେ ମେଧାବୀ ଓ ମେଳାପୀ ଛାତ୍ରୀ ଥିଲେ।

### ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ, ୯ା୧୧:** ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ମାଲିବେଡ଼ାଁରା ଗ୍ରାମ ପୋଖରୀରୁ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ସେ ସେହି ଗ୍ରାମର ଗୋଲାପି ବାଗ (୬୫)। ମଙ୍ଗଳବାର ଗାଧୋଇ ଯାଇ ଘରକୁ ଫେରି ନ ଥିଲେ। ବୁଧବାର ଲୋକେ ଗାଧୋଇ ଯିବା ବେଳେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ବାଗଡିହି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଜନବସତିରେ ମାତାଲ ହାତୀଙ୍କ ଉତ୍ପାତ

- ୨୦ରୁ ଊର୍ଦ୍ଧ୍ୱ କଦଳୀ କାନ୍ଧି ଖାଇଗଲେ
- ଆତଙ୍କିତ ଅବସ୍ଥାରେ ଲୋକେ

**ପାଟଣା,୯ା୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍‌ରେ ବୁଲୁଥିବା ୨୪ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଜନବସତିମୁହାଁ ହୋଇଛନ୍ତି। ଗତ ମଙ୍ଗଳବାର ଅପରାହ୍ନରେ ହାତୀ ମାତାଲ ହୋଇ କାଜୁ ଜଙ୍ଗଲରେ ପଡ଼ିଥିବା ବେଳେ ରାତିରେ ବିଷ୍ଣୁପୁର ଗାଁରେ ପଶି ଉତ୍ପାତ କରିଛନ୍ତି। ଏକ କଦଳୀ ବଗିଚାକୁ ନଷ୍ଟ କରିବା ସହ ୨୦ରୁ ଊର୍ଦ୍ଧ୍ୱ କଳଦୀ କାନ୍ଧି ଖାଇଯାଇଛନ୍ତି। ହାତୀପଲ ଗାଁ ନିକଟରେ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।


ଭାଙ୍ଗି ଦେଇଥିବା କଦଳୀ ବଗିଚା।

ସୂଚନା ମୁତାବକ, ହାତୀପଲ ମଙ୍ଗଳବାର ରାତିରେ ବିଷ୍ଣୁପୁର ଗାଁର ଉଦୟ ନାଥ ମିଶ୍ରଙ୍କ କଦଳୀ ବଗିଚାରେ ପଶିଥିଲେ। ସେଠାରେ ୫୦ରୁ ଊର୍ଦ୍ଧ୍ୱ କଦଳୀ ଗଛ ଭାଙ୍ଗିବା ସହ ୨୦ଟି କାନ୍ଧି ଖାଇଦେଇଥିଲେ। ଏଥିସହ ଦୀନବନ୍ଧୁ ମିଶ୍ରଙ୍କ ଫସଲ ମଧ ନଷ୍ଟ କରିଛନ୍ତି। ବୁଧବାର ସନ୍ଧ୍ୟାରେ ପଲ ପରମେଶ୍ୱର ମନ୍ଦିର ସନ୍ନିକଟରେ ରହିଛନ୍ତି। ହାତୀପଲରେ ୯ ଦନ୍ତା, ୯ ଛୁଆ ଓ ୬ ମାଈହାତୀ ରହିଥିବା ବେଳେ ପାଟଣା ମୁଖ୍ୟାଳୟରେ ଘୂରି ବୁଲୁଥିବା ବନ ବିଭାଗ କହିଛି। ବନ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯାଉଛି। ଘଟଣା ସ୍ଥଳରେ ରେଞ୍ଜର ଘାସିନାଥ ପାତ୍ର, ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା ପାରା ଷ୍ଟାଫ୍‌ଙ୍କ ସହାୟତାରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ହାତୀପଲ ୪ ଦିନ ହେଲା ପାଟଣା ରେଞ୍ଜରେ ବୁଲୁଥିବା ବେଳେ ମଙ୍ଗଳବାର ରନ୍ଧା ମହୁଲୀ ପୋଚ ପିଇ ମାତାଲ ହୋଇ ଏକ କାଜୁ ଜଙ୍ଗଲରେ ପଡ଼ିଥିଲେ।

# ତଦନ୍ତ ପାଇଁ ତଥ୍ୟ ମାଗିଲା ଇଡି

**ବ୍ରହ୍ମପୁର ଅଫିସ,୯ା୧୧**

ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିଲେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ବର୍ତ୍ତମାନ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପ୍ରଦୀପଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲାର ତଦନ୍ତ ଆରମ୍ଭ କରିଛି। ତାଙ୍କର ଆର୍ଥିକ କାରବାର ଉପରେ ତଦନ୍ତ ଆରମ୍ଭ ହୋଇଛି। ଏଥିପାଇଁ ଇଡି ବ୍ରହ୍ମପୁର ପୋଲିସକୁ ବିଧାୟକ ପ୍ରଦୀପଙ୍କ ସମେତ ଆଇଏଫ୍‌ଏସ୍ ଅଭୟ ପାଠକ ଓ ପୁଅ ଆକାଶ ପାଠକଙ୍କ ପୁରୁଣା ମାମଲାର ବିଭିନ୍ନ ତଥ୍ୟ ମାଗିଛି। ବିଧାୟକଙ୍କ ସମେତ ୩ଜଣଙ୍କ ନାମରେ ବ୍ରହ୍ମପୁର ପୋଲିସ ଜିଲାରେ ରୁଜୁ ହୋଇଥିବା ମାମଲାର ସବିଶେଷ ତଥ୍ୟ ଇଡିକୁ ହସ୍ତାନ୍ତର କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଟାଟା ମୋଟର୍ସରେ ଚାକିରି ନାଁରେ ଗଞ୍ଜାମ ଜିଲାର ବିଭିନ୍ନ ଲୋକଙ୍କଠାରୁ ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ କଟକ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ମାମଲା ରୁଜୁ ହୋଇଥିଲା। ଚାକିରି ନାଁରେ ଲୋକଙ୍କଠାରୁ ଟଙ୍କା ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ୨୦୨୦ ଡିସେମ୍ବର ୩ରେ ବିଧାୟକ ପ୍ରଦୀପଙ୍କୁ ଗିରଫ କରିଥିଲା। ଏହା ସହିତ ଅଭୟ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ମଧ କ୍ରାଇମବ୍ରାଞ୍ଚ ଗିରଫକରି ଘଟଣାର ଅଧିକ ତଦନ୍ତ ଜାରି

**ବିଧାୟକ ପ୍ରଦୀପଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା**


ବିଧାୟକ ପ୍ରଦୀପ ପାଣିଗ୍ରାହୀ

ରଖିଥିଲା। ସେପଟେ ବ୍ରହ୍ମପୁର ପୋଲିସ ଜିଲାରେ ପ୍ରଦୀପ ଓ ଅନ୍ୟମାନଙ୍କ ନାମରେ ଚାକିରି ନାଁରେ ଠକେଇ ମାମଲା ରୁଜୁ ହୋଇଥିଲା। ବୈଦ୍ୟନାଥପୁର ଥାନାରେ ୨ଟି ଓ ଗୋଳନ୍ଥରା ଥାନାରେ ୩ଟି ମାମଲା ରୁଜୁ ହୋଇଥିଲା। ପରେ ବିଧାୟକ ପ୍ରଦୀପଙ୍କୁ ୨୦୨୧ ଜୁନ୍‌ରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ବୁଧବାର କମିଶନରେଟ ପୋଲିସ ପକ୍ଷରୁ ହୋଇଥିବା କାର୍‌କେଡ୍ ରିହର୍ସାଲ।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

- ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ
- ପୂର୍ବାହ୍ନ ୧୦ଟା ୩୦ରୁ ସର୍ବସାଧାରଣ ଦର୍ଶନ ବନ୍ଦ

**ଭୁବନେଶ୍ୱର,୯ା୧୧(ବ୍ୟୁରୋ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ନୂଆଦିଲୀରୁ ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ସକାଳ ୧୦ଟା ୫୦ ମିନିଟ୍‌ରେ ପହଞ୍ଚିବେ। ସେଠାରୁ ସିଧା ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହି ଗସ୍ତ ପାଇଁ ପୂର୍ବାହ୍ନ ୧୦ଟା ୩୦ରୁ ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ପୁରୀରେ ପ୍ରାୟ ୪ଘଣ୍ଟା ଅତିବାହିତ କରିବାକୁ ଥିବାରୁ ଶ୍ରୀମନ୍ଦିର, ରାଜଭବନ, ତାଳବଣିଆ ହେଲିପ୍ୟାଡ୍‌ଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ସକାଳ ପ୍ରାୟ ୧୧ଟା ୪୦ରେ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରି ମଧାହ୍ନ ୧୨ଟାରେ ସିଂହଦ୍ୱାର ନିକଟରେ ପହଞ୍ଚିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟିର ମୁଖ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ ସ୍ୱାଗତ କରିବେ। ଶ୍ରୀମନ୍ଦିରରେ ପ୍ରାୟ ୪୫ ମିନିଟ୍ ବିତାଇବା ସହ ଠାକୁରଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ରାଷ୍ଟ୍ରପତି ପୁରୀ ରାଜଭବନକୁ ଫେରି ମହାପ୍ରସାଦ ସେବନ କରିବେ। ଅପରାହ୍ନ ୩ଟାରେ ରାଷ୍ଟ୍ରପତି ରାଜଭବନରୁ ବାହାରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଭୁବନେଶ୍ୱରରେ ପହଞ୍ଚିବା ପରେ ୬ଟି ସ୍ଥାନରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। କଳ୍ପନା ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି, ରାଜଭବନରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଛକରେ ଉତ୍କଳମଣି ଗୋପବନ୍ଧୁ ଦାସ, ପାୱାର ହାଉସ ଛକସ୍ଥିତ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜ, ନାଲକୋ ଛକରେ କବି ଗଙ୍ଗାଧର ମେହେର ଓ ଉତ୍କଳ ହସ୍ପିଟାଲ ନିକଟ ଶହୀଦ ଲକ୍ଷଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

# ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନିର୍ବାଚନ

**ଭବାନୀପାଟଣା,୯ା୧୧(ସ୍ୱ.ପ୍ର.)**

- ୨ଜଣ ପ୍ରାର୍ଥୀ କଲେ ନାମାଙ୍କନ
- ବିଜେଡି ବନାମ ବିଜେଡି

କଳାହାଣ୍ଡି ଜିଲା ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନିର୍ବାଚନ ପାଇଁ ବୁଧବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ଏଥିରେ ସଭାପତି ପାଇଁ ୨ଜଣ ପାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ଭାବେ ଗିରିଶ ଚନ୍ଦ୍ର ବେହେରା ଓ ତାଙ୍କ ପ୍ରତିଦ୍ୱନ୍ଦୀ ଭାବେ ଜୁନାଗଡର ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୬ ତାରିଖ ସଭାପତି ପଦ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର ନାମାଙ୍କନ ପ୍ରତ୍ୟାହାର ଶେଷ ରହିଛି। ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ପାଇଁ ଏହା ପୂର୍ବରୁ ୧୫ଜଣ ଡାଇରେକ୍ଟର ନିର୍ବାଚିତ ହୋଇଛନ୍ତି। ଆସନ୍ତା ୧୬ ତାରିଖ ନିର୍ବାଚନ ମାଧମରେ ସେମାନେ ସଭାପତି ପଦ ପାଇଁ ନିର୍ଣ୍ଣୟ କରିବେ। ଅନ୍ୟପକ୍ଷରେ ଗିରିଶଙ୍କୁ ବିଜେଡି ସମର୍ଥନ ଦେଇଥିବାବେଳେ ସୁଧାଂଶୁ ମଧ ବିଜେଡିର ଜଣେ ସକ୍ରିୟ ଯୁବ ନେତା। ତେବେ ଏଠାରେ ବିଜେଡି ବନାମ ବିଜେଡି ଲଢେଇକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ତାଲୁକ ଆଇନ ସଚେତନତା କର୍ମଶାଳା

**କୋକସରା,୯ା୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ଓ ଟେମରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପାନ ଇଣ୍ଡିଆ ଓ ତାଲୁକ ଆଇନ ସଚେତନତା କମିଟି ପକ୍ଷରୁ ବୁଧବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଲକ୍ଷ୍ମୀକାନ୍ତ ଖମାରିଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା କୋକସରା ଜେଏମଏଫସି କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନା, ସମ୍ମାନିତ ଅତିଥି ଭାବେ ଲଦୁଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ନାଏବ ସରପଞ୍ଚ ଶୋଭାଗିନୀ ଚଣ୍ଡି, ସାମାଜିକ କର୍ମୀ ଦେବାନନ୍ଦ ନାଏକ, କିଶୋର ଚନ୍ଦ୍ର ଦାସ, ପିଇଓ ମାନସ କୁମାର ବେଣୁପାଣି ଲଦୁଗାଁଠାରେ ଯୋଗଦେଇଥିଲେ। ସେହିପରି ଟେମରା ପଞ୍ଚାୟତରେ ସରପଞ୍ଚ କ୍ଷିତିରାମ ପାତ୍ର, ସମିତି ସଭ୍ୟା ଅନୁସୂୟା ମାଝି, କଳାହାଣ୍ଡି ଏମ୍‌ପି ବ୍ଲକ ପ୍ରତିନିଧି ସୁଧୀର କୁମାର ପାତ୍ର, ଦୁଷ୍ମନ୍ତ ପାତ୍ର, ହେମନ୍ତ ବାଣୁଆ, ଜଗବନ୍ଧୁ ମାଝୀ, ଚୌବନ ରଣା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସର୍ବସାଧାରଣଙ୍କ ପାଇଁ ଥିବା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଦିଗ ଉପରେ ଅଧକ୍ଷା ସଚେତନ କରିଥିଲେ। ସଚେତନତା ଶିବିରରେ ବ୍ଲକ ବାର ଆସୋସିଏଶନ ସଭାପତି ରସିକ ରାଜ ଦୁର୍ଗା, ଆଇନଜୀବୀ ମନୋଜ କୁମାର ନାଏକ, ଲକିଧର ମେହେର, ପ୍ରିୟରଞ୍ଜନ ବେହେରା, ଜଗା ପଟ୍ଟନାୟକ, ସୁଜିତ ପଟ୍ଟନାୟକ, ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକଙ୍କ ସମେତ ଜେଏମ୍‌ଏଫସି କୋର୍ଟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୦ହଜାରରେ ବିକ୍ରି ହୋଇଥିଲେ ୨୨ ଦିନର ଶିଶୁକନ୍ୟା

**ଭୁବନେଶ୍ୱର,୯ା୧୧ବ୍ୟୁରୋ)**

**ଉଦ୍ଧାର କଲା ଚାଇଲ୍ଡଲାଇନ୍**

ରାଜଧାନୀରେ ମା'ବାପା ନିଜ ଶିଶୁଙ୍କୁ ବିକ୍ରି କରିବା ଭଳି ସ୍ପର୍ଶକାତର ଘଟଣା ବାରମ୍ବାର ଘଟୁଛି। ମଙ୍ଗଳବାର ବଡ଼ଗଡ଼ ଥାନାଞ୍ଚଳରୁ ୩ବର୍ଷର ଜଣେ ଶିଶୁକନ୍ୟାଙ୍କୁ ଚାଇଲ୍ଡଲାଇନ୍ ଉଦ୍ଧାର କରିଥିଲା। ବୁଧବାର ଖଣ୍ଡଗିରି ଥାନା ଅଞ୍ଚଳରେ ସମାନ ଧରଣର ଆଉଏକ ଘଟଣା ସାମ୍ନାକୁ ଆସିଛି। ଶିଶୁକନ୍ୟାକୁ ୨୨ଦିନ ହୋଇଥିବାବେଳେ ମା'ବାପା ୧୦ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଚାଇଲ୍ଡ ଲାଇନ୍ ଓ ପୋଲିସ୍‌ର ମିଳିତ ଟିମ୍ ଚଢ଼ାଉ କରି ଏକ ଦମ୍ପତିଙ୍କଠାରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଛି। ଚାଇଲ୍ଡ ଲାଇନ୍‌ର ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୫୧/୨୦୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ଶିଶୁକନ୍ୟାକୁ କିଣିଥିବା ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଥାନାରେ ପଚରାଉଚରା କରାଯାଇଥିବା ଜଣାପଡିଛି।

ସୂଚନାନୁସାରେ, ଶିଶୁକନ୍ୟାର ମା'ବାପା କଟକରେ ରୁହନ୍ତି। ସେମାନେ ଅତି ଗରିବ ହୋଇଥିବାରୁ ଦୁଇ ଦୁଇଟି ଶିଶୁକନ୍ୟାକୁ ଚଳାଇବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା। ବରମୁଣ୍ଡାର ଜଣେ ମହିଳାଙ୍କର କୌଣସି ସନ୍ତାନ ନ ଥିବାରୁ ସେ ଜଣେ ମଧସ୍ଥ ମାଧମରେ କଟକରେ ରହୁଥିବା ସେହି ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ। ଉକ୍ତ ମଧସ୍ଥ ଜଣକ କଟକର ସେହି ଦମ୍ପତିଙ୍କ ସହ କଥା ହୋଇ ୧୦ହଜାର ଟଙ୍କାରେ ଶିଶୁକନ୍ୟା କିଣିବାକୁ ସମସ୍ତ ପ୍ରକ୍ରିୟା ସାରିଥିଲେ। ନୋଟାରୀ ଏଗ୍ରିମେଣ୍ଟ କରି ଟଙ୍କା କାରବାର ଓ ଶିଶୁକନ୍ୟା ବିକ୍ରି ହୋଇଥିଲା। ଏଥିସହ ଶିଶୁଟିର ନକଲି ଜନ୍ମ ପ୍ରମାଣପତ୍ର ମଧ ପ୍ରସ୍ତୁତ କରାଯାଇଥିଲା।

# ବୀମା ରାଶି ତୁରନ୍ତ ପ୍ରଦାନ କର

**କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ସମବାୟ ମନ୍ତ୍ରୀ**

**ଭୁବନେଶ୍ୱର, ୯ା୧୧(ବ୍ୟୁରୋ)**

ଫସଲ ବୀମା ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ ନ କରି ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ସାକ୍ଷାତକରି ଦୃଢ଼ ଦାବି କରିଛନ୍ତି। ଚାଷୀଙ୍କ କଲ୍ୟାଣ ପାଇଁ ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମେତ ଅନ୍ୟ କେନ୍ଦ୍ରୀୟ କ୍ଷେତ୍ର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟର ଚାଷୀଙ୍କ ପାଇଁ ବିପଦ ହ୍ରାସ କରିବାର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏନ୍‌ଡିଆର୍‌ଏଫ୍/ଏସ୍‌ଡିଆର୍‌ଏଫ୍ ନିୟମ ଅନୁଯାୟୀ ଚାଷୀଙ୍କୁ ଏହି ସହାୟତା ପ୍ରଦାନ କରାଯାଉଛି। ୨୦୧୬ରୁ ରାଜ୍ୟ ସରକାର ଏହି ଯୋଜନାକୁ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବୈଷୟିକ ହସ୍ତକ୍ଷେପ ଗ୍ରହଣ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରିମିୟମ ସବ୍‌ସିଡିର ଅର୍ଥରାଶି ପ୍ରତିବର୍ଷ ବଢୁଥିବା ସତ୍ତ୍ୱେ ବୀମା କମ୍ପାନୀଗୁଡ଼ିକୁ ପ୍ରିମିୟମ ସବ୍‌ସିଡି ଅର୍ଥରାଶି ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ସବୁବେଳେ ନିର୍ଦ୍ଧାରିତ ସମୟସୀମାକୁ ମାନି ଆସିଛନ୍ତି। ୨୦୨୧ ଖରିଫ୍ ଋତୁରେ ବୀମା କମ୍ପାନୀଗୁଡ଼ିକ ୨୬୩ ବୀମା ୟୁନିଟ୍‌ରେ (ଗ୍ରାମପଞ୍ଚାୟତ/ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା) ଫସଲ କଟା ଉପରେ ଆପତ୍ତି ଉଠାଇଥିଲେ। ଚାଷୀଙ୍କ ବୀମା ଦାବିକୁ ଅଟକାଇ ରଖିଥିଲେ। ରାଜ୍ୟସ୍ତରୀୟ କମିଟିର ହସ୍ତକ୍ଷେପ ପରେ କେବଳ ୩୮ ବୀମା ୟୁନିଟ୍ ପାଇଁ ବୀମା ରାଶି ମଞ୍ଜୁର ହୋଇଥିଲା। ଯଦିଓ ରାଜ୍ୟ ସରକାର ସମସ୍ତ ବୀମା ୟୁନିଟ୍ ସମ୍ବନ୍ଧୀୟ ମାମଲାର ବିସ୍ତୃତ ବିଶ୍ଳେଷଣ କରିଥିଲେ ତଥାପି ଅବଶିଷ୍ଟ ୨୨୫ଟି ବୀମା ୟୁନିଟ୍ ସମ୍ବନ୍ଧୀୟ ବୀମା ରାଶି ପ୍ରଦାନକୁ ବୀମା କମ୍ପାନୀ ଅଟକାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟିକୁ ଲେଖିଥିଲେ। ଏହି ୨୨୫ ମାମଲା ମଧ୍ୟରୁ ବୈଷୟିକ ପରାମର୍ଶଦାତା କମିଟି ୧୮୯ ମାମଲାର ଶୁଣାଣି ଗତ ୩ରେ ସରିଛି। ବୈଠକରେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ରାଜ୍ୟର ଅନେକ ଚାଷୀଙ୍କ ସମସ୍ୟାର ସମାଧାନ କରୁନାହିଁ। ତେଣୁ ବୀମା ରାଶି ତୁରନ୍ତ ପ୍ରଦାନ କରିବାକୁ ବୈଷୟିକ ପରାମର୍ଶଦାତା କମିଟିକୁ ନିର୍ଦ୍ଦେଶ ଦେବାକୁ ମନ୍ତ୍ରୀ ତୋମାରଙ୍କ ନିକଟରେ ସେ ଦାବି କରିଛନ୍ତି।

# ୬ କି.ମି. ଘାଟିରାସ୍ତା ମରାମତି କଲେ ଗ୍ରାମବାସୀ

**ଶୁଣିଲାନି ପ୍ରଶାସନ**

**ଦଶମନ୍ତପୁର,୯ା୧୧ (ଡି.ଏନ୍.ଏ.)**

ଶୁଣିଲାନି ପ୍ରଶାସନ। ବାରମ୍ବାର ଜଣାଇବା ପରେ ବାଧ୍ୟ ହୋଇ ଏବେ ଗ୍ରାମବାସୀ ଶ୍ରମ ଦାନକରି ୬ କି.ମି. ଘାଟିରାସ୍ତା ମରାମତି କରି ନିର୍ମାଣ କରିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ପୁଟମାରି ଗ୍ରାମରେ। ପୁଟମାରି, ଲୁଲା ଘାଣ୍ଟ୍ରାଗୁଡା ଘାଟି ରାସ୍ତା ଉପରେ ପୋଦୁଗୁଡ଼ା, ଡବଜା ଗୁଡ଼ା, କୁଦାଲ, ଅଟାଲ, ଲୁଲା ପରି ୭/ ୮ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଗ୍ରାମଠାରୁ ୧୦ କି.ମି. ଦୂର ପୋଡ଼ାଗଡ଼ ସାପ୍ତାହିକ ହାଟ, ଲ୍ୟାମ୍ପସ, ମଣ୍ଡି କିମ୍ବା କୋରାପୁଟ ଡାକ୍ତରଖାନା ଯିବାକୁ ହେଲେ ଗ୍ରାମବାସୀଙ୍କ ପାଇଁ ଏହି ରାସ୍ତା ସୁବିଧାଜନକ ହୋଇଥାଏ। ମାତ୍ର ରାସ୍ତା ଖରାପ ହୋଇପଡ଼ିବାରୁ ଏବେ ଉପରୋକ୍ତ ଗ୍ରାମବାସୀ ପୋଡ଼ାଗଡ଼ ହାଟ, ବଜାର ଏବଂ ଲ୍ୟାମ୍ପସ କାର୍ଯ୍ୟାଳୟକୁ ଯିବାକୁ ହେଲେ ୩୦/୪୦ କି.ମି. ଦୂର ବୁଲି ଯାଉଛନ୍ତି। ଏଥିପାଇଁ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହି ଘାଟିରାସ୍ତାକୁ ପକ୍କାରାସ୍ତାରେ ପରିଣତ କରି ନିର୍ମାଣ କରିବାକୁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କେହି ନ ଶୁଣିବାରୁ ଶ୍ରମଦାନ କରି ଗ୍ରାମବାସୀ ଉକ୍ତ ରାସ୍ତାକୁ ଗ୍ରାମଠାରୁ ପୁଟମାରି, କଡ଼ମା ଖୋଲାଗାଁ ଦେଇ ପାଇକପୁଳି ଶିବମନ୍ଦିର ଛକ ପର୍ଯ୍ୟନ୍ତ ୬ କି.ମି. ରାସ୍ତା ମରାମତି କରି ନିର୍ମାଣ କରିଛନ୍ତି।


ଗ୍ରାମବାସୀ ଘାଟିରାସ୍ତା ମରାମତି କରୁଛନ୍ତି।

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। **–ଶ୍ରୀମା**



# ଦିବ୍ୟ ଗଣିତ



ଦେବଦତ୍ତ ପଟ୍ଟନାୟକ

ବହୁ ସମୟରେ ଲୋକେ ଶୂନକୁ ନେଇ ପ୍ରଶ୍ନ ଉଠାନ୍ତି। ସେମାନେ କହନ୍ତି ଯେ, ଯଦି ଆର୍ଯ୍ୟଭଟ୍ଟ ଶୂନ ଆବିଷ୍କାର କରିଥିଲେ ,ତେବେ ତାଙ୍କ ପୂର୍ବରୁ ରାମାୟଣ ଓ ମହାଭାରତ ଯୁଗରେ ଲୋକେ କିଭଳି ରାବଣର ୧୦ ମୁଣ୍ଡ ଓ ଗାନ୍ଧାରୀଙ୍କର ୧୦୦ ପୁଅ ଥିଲା ବୋଲି ଗଣନା କରିପାରୁଥିଲେ। ଶୂନ ଆବିଷ୍କାର ହେବା ପୂର୍ବରୁ ନମ୍ବର ସିଷ୍ଟମ (ଅଙ୍କ କିମ୍ବା ଅନ୍ୟ ସଙ୍କେତ ବ୍ୟବହାର କରି ସଂଖ୍ୟାକୁ ପ୍ରତିପାଦିତ କରିବାର ପଦ୍ଧତି)କୁ ବୁଝି ନ ପାରିବା ହିଁ ଲୋକମାନଙ୍କର ଏକ ପ୍ରକାର ବୋକାମି। ଉଦାହରଣ ସ୍ୱରୂପ, ରୋମାନ ସଂଖ୍ୟା ପଦ୍ଧତିରେ ୧୦କୁ X (ଏକ୍ସ) ଏବଂ ୧୦୦କୁ C (ସି) ବୋଲି ଲେଖାଯାଇପାରିବ। ପୁରାତନ ବ୍ରାହ୍ମୀଲିପିରେ ସଂଖ୍ୟାଗୁଡ଼ିକ ଲାଗି ୧ରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ସାଂଖ୍ୟିକ ସଙ୍କେତ ରହିଥିଲା। ଏହାବ୍ୟତୀତ ସେ ସମୟରେ ୧୦, ୨୦, ୩୦ ଏପରି କି ୧୦୦ ଓ ୧୦୦୦ର ସଙ୍କେତ ମଧ୍ୟ ଥିଲା। ଏଣୁ ଏସବୁ ସଙ୍କେତ ବ୍ୟବହାର କରି ତୁମେ ସହଜରେ ବିନା ଶୂନରେ ସଂଖ୍ୟାସବୁ ଲେଖିପାରିବ। କିନ୍ତୁ ବ୍ରାହ୍ମୀଲିପିର ସାଂଖ୍ୟିକ ସଙ୍କେତଗୁଡ଼ିକ ହେଉଛି ଜଟିଳ ଓ ମନ୍ଥର ପଦ୍ଧତି; ଯାହା କେବଳ ଲେଖିବା ପାଇଁ ଉଦ୍ଦିଷ୍ଟ, କିନ୍ତୁ ଭଲ ଭାବେ ଗଣନା ଲାଗି ସକ୍ଷମ ନ ଥିଲା।

ପ୍ରାୟ ୧୫୦୦ ବର୍ଷ ପୂର୍ବେ ଭାରତରେ ଶୂନ ଆବିଷ୍କାର ହୋଇଥିଲା। ଏହାର ଶ୍ରେୟ ଆର୍ଯ୍ୟଭଟ୍ଟ ଓ ବ୍ରହ୍ମଗୁପ୍ତଙ୍କର,ଏପରି କି ଶ୍ରୀଧରାଚାର୍ଯ୍ୟଙ୍କର ଯିଏ ଶୂନକୁ ସ୍ଥାନୀୟ ଅଙ୍କ ଭାବେ ବ୍ୟବହାର କରିଥିଲେ। ଫଳରେ ୧-୯ ସଂଖ୍ୟା ସହ ଶୂନ ଯୋଡ଼ି ଯେ କୌଣସି ସଂଖ୍ୟା ଲେଖାଯାଇପାରିଲା। ଏହି ପଦ୍ଧତି ଆରବ ଦେଇ ୟୁରୋପରେ ପହଞ୍ଚିଲା ; ଯାହାକୁ କୁହାଯାଏ ହିନ୍ଦୁ ଆରବିକ୍ ଅଙ୍କ ପଦ୍ଧତି। ଏହି ନୂତନ ଓ ସୁବିଧାଜନକ ପଦ୍ଧତିକୁ ବ୍ୟବସାୟୀମାନେ ଭୀଷଣ ବିରୋଧ କରିଥିଲେ। ପୁରୁଣାକାଳିଆ ଗଣନ ଢାଞ୍ଚାକୁ ଏହି ପଦ୍ଧତି ପ୍ରତିପାଦିତ କରେ ବୋଲି ଗଣିତଜ୍ଞ ଫିବୋନାସି ଦର୍ଶାଇବା ପରେ ବିରୋଧ ଥମିଥିଲା। ତ୍ରୟୋଦଶ ଶତାବ୍ଦୀରେ ଡେସିମାଲ ସିଷ୍ଟମ(ଦଶମିକ ପଦ୍ଧତି) ବ୍ୟାପକ ପ୍ରସାର ଲାଭ କରିଥିଲା। ଶୂନ ଆବିଷ୍କାରର ଅତି କମ୍‌ରେ ୧୦୦୦ ବର୍ଷ ପରେ ଏହା ଘଟିଥିଲା। ତେବେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ପଦ୍ଧତିକୁ ବଦଳାଇବା ଲାଗି କାହିଁକି ଅଧିକ ବର୍ଷ ଲାଗିଥିଲା ? ଏହା ସେତେବେଳର ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ରହିଥିବା ଦୃଢ ଦର୍ଶନ ଏବଂ ପୌରାଣିକ ବିଶ୍ୱାସ ଯୋଗୁ ହୋଇଛି।

ରୋମ୍ ସାମ୍ରାଜ୍ୟରେ ଖ୍ରୀଷ୍ଟଧର୍ମ ବେଶ୍ ଲୋକପ୍ରିୟ ହୋଇଥିଲେ ମଧ୍ୟ ଏଥିରେ ଅନେକ ଗ୍ରୀକ୍ ବିଚାରଧାରା ରହିଥିଲା। ଗ୍ରୀକ୍‌ର ଅଧିବାସୀମାନେ ବିଶ୍ୱ ସସୀମ ଓ ପୂର୍ବାନୁମେୟ (ଏହାର ଭବିଷ୍ୟତ କଥା କହିହେବ) ବୋଲି ବିଚାର କରୁଥିଲେ। ବିଶ୍ୱ ମଧ୍ୟ ଈଶ୍ୱରଙ୍କ ନିୟନ୍ତ୍ରିତ ବୋଲି ସେମାନଙ୍କର ବିଶ୍ୱାସ ଥିଲା। ସେମାନେ ଅସୀମ କିମ୍ବା ଶୂନ ଅବଧାରଣା ଉପରେ ବିଶ୍ୱାସ କରୁ ନ ଥିଲେ। ସେମାନଙ୍କ ବିଶ୍ୱାସ ରହିଥିଲା ଏକ ପୂର୍ବାନୁମେୟ ଓ କ୍ରିୟାବିଧିକ ବିଶ୍ୱ ଦୃଷ୍ଟିକୋଣ ଉପରେ। ସେମାନଙ୍କ ଭଳି ହିନ୍ଦୁମାନେ ବିଶ୍ୱାସ ରଖୁ ନ ଥିଲେ। ହିନ୍ଦୁମାନେ ସମ୍ପୂର୍ଣ୍ଣ ଅନିଶ୍ଚିତ ଅସୀମ ବିଶ୍ୱର ବିଶ୍ୱାସୀ ଥିଲେ। ଗ୍ରୀକମାନଙ୍କ ପୂର୍ବାନୁମେୟ ଧାରଣାର ପ୍ରମାଣ ବାଇବେଲରୁ ମିଳେ। ବାଇବେଲ କହେ, ତୁମେ ଯେମିତି ବିହନ ବୁଣିବ ସେମିତି ଅମଳ କରିବ ;ଯାହା ପୂର୍ବାନୁମେୟ ଯୋଗ୍ୟ ବିଚାରକୁ ସିଦ୍ଧ କରେ। ଅନ୍ୟପକ୍ଷରେ ଗୀତା କହେ, କର୍ମ ଉପରେ ଧ୍ୟାନ ଦିଅ, ଫଳପ୍ରାପ୍ତି ଉପରେ ନୁହେଁ; ଯାହା ଏକ ଅନିଶ୍ଚିତତାକୁ ସୂଚିତ କରେ। ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଶୂନ୍ୟ କିମ୍ବା ଅସ୍ତିତ୍ୱହୀନ ଧାରଣା ଦୃଢ ରହିଥିଲା। ହିନ୍ଦୁମାନେ ଈଶ୍ୱରଙ୍କୁ ଅନନ୍ତ କିମ୍ବା ଅସୀମ ବୋଲି କଳ୍ପନା କରୁଥିଲାବେଳେ ଖ୍ରୀଷ୍ଟିଆନମାନଙ୍କ ମତରେ ସମୟ (କାଳ)ର ଆରମ୍ଭ ଓ ଶେଷ ରହିଛି। ଜୈନ, ବୁଦ୍ଧ ଏବଂ ହିନ୍ଦୁ ସମୁଦାୟ ଈଶ୍ୱରଙ୍କୁ ଅନାଦି (ଯାହାର ଆରମ୍ଭ ନାହିଁ) ଓ ଅନନ୍ତ (ଯାହାର ଶେଷ ନାହିଁ) ବୋଲି ବିଶ୍ୱାସ କରିଥାନ୍ତି; ଯାହା ଏକ ସୀମାହୀନ ସଂଖ୍ୟା ରେଖାକୁ ପ୍ରତୀତ କରିଥାଏ।



ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଶକ୍ତିଶାଳୀ ଗାଣିତିକ ଭାଗକ୍ରିୟା ଧାରଣା ଭାରତରୁ ବାହାରକୁ ପ୍ରସାରିତ ହୋଇଥିଲା। ବହୁ ସମୟରେ ନିୟମିତ ଜୀବନରେ ମନେକରୁ ଯେ ଆମେ ଜନ୍ମ ନେଇ ଥରେ ମାତ୍ର ବଞ୍ଚିବୁ କିମ୍ବା ଆମେ ହିଁ କେବଳ ଜଣେ ଅଛୁ। କିନ୍ତୁ ବାସ୍ତବତା ହେଉଛି, ସଂଖ୍ୟାଗୁଡ଼ିକର ଭାଜକ ଥିଲା ଭଳି ସମୟଚକ୍ରରେ ଆମ ଜୀବନ ବିଭାଜିତ, ଅର୍ଥାତ୍ ଆମେ ଜୀବନରେ ବାରମ୍ବାର ଜନ୍ମ ନେଇଚାଲିଛୁ। ଆମେ ଅନେକ ଜୀବନ ଜିଇଥାଉ ଓ ସେତେବେଳେ ଅନେକ ଅଭିଜ୍ଞତାକୁ ଅନୁଭବ କରିଥାଉ। ଆମେ କେବେ କି ଏକୁଟିଆ ରହି ନ ଥାଉ। ସବୁବେଳେ ଆମେ ଯେକୌଣସି ସମ୍ପର୍କ, ଗୋଷ୍ଠୀ କିମ୍ବା ଜାତିର ଅଂଶ ଭାବେ ରହିଥାଉ। ବିଭାଜ୍ୟ ସଂଖ୍ୟାକୁ ଭାଗ କଲାପରେ ଯେଉଁଭଳି ତା'ର ମୂଲ୍ୟ ଆସେ ଠିକ୍ ସେହିଭଳି ଆମ ବିଭାଜିତ ଜୀବନର କାର୍ଯ୍ୟ ହିଁ ଆମ ଜୀବନର ମୂଲ୍ୟ। ଏକ ସୀମାହୀନ ଜନସମୂହରେ ଜୀବନର ବିଭାଜନ ଅସୀମ ହୋଇଥିବାରୁ ଅର୍ଥାତ୍ ବାରମ୍ବାର ପୁନର୍ଜନ୍ମ ଲାଭ କରିଥିବାରୁ ଆମ ଜୀବନର ମୂଲ୍ୟ କିଛି ନୁହେଁ।

ସଂଖ୍ୟାଗୁଡ଼ିକ ଜୀବନ ଦର୍ଶନ ସହ ସମ୍ପର୍କିତ। ଯଦି ତୁମେ କେବଳ ଗୋଟିଏ ଜୀବନ ଜିଇବ ତା'ହେଲେ ତୁମର ଭାଜକ କେବଳ ୧ ହେବ ଏବଂ ସେହି ଜୀବନରେ ତୁମ ସଫଳତାଗୁଡ଼ିକର ମୋଟ ରାଶିକୁ ତୁମ ଜୀବନର ମୂଲ୍ୟ ବୋଲି କୁହାଯିବ। ଯଦି ପୁନର୍ଜନ୍ମ ଚକ୍ରରେ ବାରମ୍ବାର ଜନ୍ମ ନେଇ ଅସୀମ ଜୀବନ ଜିଇବ, ତେବେ ତୁମ ଜୀବନ ଅଗଣିତ ଥର ବିଭାଜିତ ହୋଇ ତୁମେ ଯାହା କରିଥିଲେ ମଧ୍ୟ ଜୀବନର ମୂଲ୍ୟ କମି ଶୂନ ହୋଇଯିବ। ଏଣୁ ଏଇ ଜନ୍ମ ମୂଲ୍ୟବାନ୍। ଅଧିକରୁ ଅଧିକ ଲୋକଙ୍କୁ ପ୍ରଭାବିତ କରି ଆମ ଜୀବନର ମୂଲ୍ୟ ବୃଦ୍ଧି କରିପାରିବା। ଯଦି ଆମେ ଅଗଣିତ ଲୋକଙ୍କୁ କାମରେ ପ୍ରଭାବିତ କରିପାରିବା, ତେବେ ଆମେ ଦିବ୍ୟ ତଥା ଅସୀମ ହୋଇଯିବା ଓ ପରେ ଅସୀମରେ ମିଶିଯିବା। ଅସୀମ (ଅନନ୍ତ)ରୁ ଅସୀମର ଜନ୍ମ ବୋଲି ବେଦର ଶ୍ଳୋକରେ କୁହାଯାଇଛି– ପୂର୍ଣ୍ଣମିଦ ପୂର୍ଣ୍ଣମିଦଂ.. ଯାହା ଅନନ୍ତ ବିଶ୍ୱକୁ ସୂଚିତ କରିଛି।

ତନ୍ତ୍ରରେ ଦେବୀମାତାଙ୍କୁ କଳ୍ପିତ କରାଯାଇଛି। ଏହି ଦେବୀମାନଙ୍କର ଅକ୍ଷରବର୍ଣ୍ଣ ସହ ସମ୍ପର୍କ ରହିଛି। ସଂଖ୍ୟାଗୁଡ଼ିକର ଭାଜକ ରହିଥିବା ଭଳି ଶବ୍ଦ କିମ୍ବା କଥିତ ଶବ୍ଦଗୁଡ଼ିକର ସ୍ୱରବର୍ଣ୍ଣ ବିଭାଜିତ ହୋଇ ଜୀବନ୍ତ ବର୍ଣ୍ଣମାଳା ସୃଷ୍ଟି କରିଥାଏ। ଚିରନ୍ତନ ବା ଦିବ୍ୟ ଶବ୍ଦଗୁଡ଼ିକ ବାସ୍ତବରେ ଅଦୃଶ୍ୟ। ଏହି ଅଦୃଶ୍ୟ ଶବ୍ଦଗୁଡ଼ିକ ଏକ ସ୍ୱର ବା ମନ୍ତ୍ର ଆକାରରେ ଶୁଣିବାକୁ ମିଳିଲେ ତାହାକୁ ଦୃଶ୍ୟ ଦୈବୀ ଶକ୍ତି ବୋଲି କୁହାଯିବ। ଶକ୍ତିରୁ ଉଦ୍ଭବ ଦେବୀ ମା' ଶବ (ମୃତକ)କୁ ଶିବ (ଦିବ୍ୟତା)ରେ ରୂପାନ୍ତର କରିଥାନ୍ତି। ସେହିଭଳି କୌଣସି ଏକ ବର୍ଣ୍ଣକୁ ଏକ ସ୍ୱର ଦେଲେ ଶବ୍ଦ ସଜୀବ ତଥା ଆନନ୍ଦଦାୟକ ତଥା ମୂଲ୍ୟବାନ ହୋଇଯାଏ। ଠିକ୍ ସେହିଭଳି ତୁମେ ଏକ ସଂଖ୍ୟାର ଭାଜକକୁ ବିଚାର କଲେ ତା'ର ବାସ୍ତବ ମୂଲ୍ୟ ଅନୁଭବ କରିପାରିବ। ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ବି ରହିଛି ଏକ ପୂର୍ବପର ସମ୍ବନ୍ଧ। ଏଣୁ ଜୀବନର ଆରମ୍ଭ କିମ୍ବା ଶେଷ ନାହିଁ। ଜୀବନ କେବଳ ଅସୀମରୁ ଅସୀମ ପର୍ଯ୍ୟନ୍ତ ଲମ୍ବିଥିବା ଏକ ସଂଖ୍ୟା ରେଖା। ଏହି ଦିବ୍ୟ ଗଣିତକୁ ଉପଲବ୍ଧି କଲେ ଜୀବନର ମୂଲ୍ୟ ବୁଝିହେବ।

devduttofficial@gmail.com

# ପିଲା ଯାଉଥିଲେ ବାଲିଯାତ୍ରା



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ସର୍ବଭାରତୀୟ ସ୍ତରରେ କଟକ ବାଲିଯାତ୍ରାର ସ୍ଥାନ ସ୍ୱତନ୍ତ୍ର। ସପ୍ତାହବ୍ୟାପୀ ଏହି ବାଲିଯାତ୍ରାରେ ଆନନ୍ଦ ଓ ମନୋହରର ବିପଣୀରେ ସାମିଲ ହେବା ପାଇଁ ଜନସାଧାରଣଙ୍କ ଭିତରେ ପିଲାମାନେ ସାମିଲ ହୋଇଥାନ୍ତି। ପିଲାମାନଙ୍କ ପାଇଁ ବାଲିଯାତ୍ରାର ମହକ ବି ଏକ ସ୍ୱତନ୍ତ୍ର ସ୍ଥାନ ରଖିଥାଏ। ତେବେ ବଡ଼କଥା ହେଉଛି, ଅଭିଭାବକମାନେ ପିଲାଟିକୁ ଯେତେବେଳେ ବାଲିଯାତ୍ରା ବୁଲାଇ ନେଇଥାନ୍ତି ସଂପୂର୍ଣ୍ଣ ଭାବେ ତାହାର ସ୍ୱାସ୍ଥ୍ୟଗତ ଦିଗଟିକୁ ଭୁଲି ଯାଇଥାନ୍ତି। ଯାହାଦ୍ୱାରା ପିଲାଟି ଏହି ବାଲିଯାତ୍ରାର ରୋଶଣିର ଆନନ୍ଦରେ ସାମିଲ ହୋଇଥିଲେ ବି ପରବର୍ତ୍ତୀ ସମୟରେ ଦୁଃଖ ଓ ଯନ୍ତ୍ରଣା ପାଇଥାଏ। ତେବେ ପିଲାମାନଙ୍କୁ ବାଲିଯାତ୍ରା ବୁଲାଇ ନେବାବେଳେ କିଛି ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟିଦେଲେ ପରବର୍ତ୍ତୀ ସମୟରେ ଏହି ସୁଖ ଓ ଆନନ୍ଦ ଦୁଃଖର କାରଣ ପାଲଟନ୍ତା ନାହିଁ। ସର୍ବପ୍ରଥମେ ମନେରଖନ୍ତୁ ପିଲାମାନଙ୍କୁ ବିଳମ୍ବିତ ରାତ୍ରରେ ବୁଲାଇନେବା ଅପେକ୍ଷା ଦିନରେ ବା ଅପରାହ୍ନରେ ବୁଲାଇବା ପାଇଁ ଯୋଜନା ରଖନ୍ତୁ। ବାଲିଯାତ୍ରାଟି ଶୀତଦିନରେ ପଡୁଥିବାରୁ ଏବଂ ସହଜେ ବର୍ତ୍ତମାନ ଶୀତର ପ୍ରକୋପ ବଢ଼ିବା ସହ ନଦୀ କୂଳରେ ଏହାର କାକରଭିଜା ଯନ୍ତ୍ରଣା ପରବର୍ତ୍ତୀ ସମୟରେ ପିଲାଟିକୁ ଯେପରି କଷ୍ଟ ନ ଦିଏ ସେ ଦିଗକୁ ଚିନ୍ତା କରିବା ଦାୟିତ୍ୱ ଅଭିଭାବକଙ୍କର। ପିଲାମାନଙ୍କୁ ବାଲିଯାତ୍ରା ନେବାବେଳେ ବାହାରେ ପାଣି ପିଆଇବା ଅପେକ୍ଷା ଘରୁ ବରଂ ବିଶୋଧିତ ପାଣି ନେଇଥାନ୍ତୁ। ବାଲିଯାତ୍ରାରେ ସହଜେ ତ ନାନା ରକମର ଆକର୍ଷଣୀୟ ଖାଦ୍ୟ ପିଲାମାନଙ୍କୁ ସ୍ୱାଭାବିକ ଭାବେ ଟକଳା କରିଥାଏ। ଏଣୁ ଆପଣମାନେ ଏ ଦିଗ ପ୍ରତି ସଚେତନ ହୋଇ ଖାଦ୍ୟର ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟି ଦିଅନ୍ତୁ, ଯେପରି ଖାଦ୍ୟଟି ବାସି ବା ଭେଜାଲ ହୋଇ ନ ଥାଏ। ସେହିପରି ପିଲାମାନଙ୍କୁ ବାଲିଯାତ୍ରା ଗହଳିରେ ବୁଲାଇ ନେବାବେଳେ ନଈପଠାର ଧୂଳିର ଦିଗକୁ ଦୃଷ୍ଟି ଦିଅନ୍ତୁ। କେବଳ ଧୂଳି ନୁହଁ, ଧୂଳି ସହିତ ବିଭିନ୍ନ ବିପଣୀର ନିଷ୍କାସିତ ଧୂଆଁ ଯେପରି ପିଲାଟିକୁ ପ୍ରଭାବିତ ନ କରେ ସେଥିପ୍ରତି ଲକ୍ଷ୍ୟ ରଖନ୍ତୁ। ପିଲାମାନେ ସହଜେ ବିଭିନ୍ନ ଦୋଳି ଓ ବୁଲାବୁଲି ପାଇଁ ଆଗ୍ରହ ରଖୁଥିବାବେଳେ ଏହା ଯେପରି ସେମାନଙ୍କ ଦେହ ପ୍ରତି ଅହିତକର ନ ହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ। କାରଣ ଅନେକ ସମୟରେ ଦୋଳିର ଉଚ୍ଚ ଚକ୍ରି ପ୍ରଭାବ ପିଲାମାନଙ୍କ ମଥା ଘୂରାଇବା ସହ ସେମାନଙ୍କୁ ଯନ୍ତ୍ରଣାଦାୟକ ହୋଇଥାଏ। ବଡ଼କଥା ହେଉଛି, ପିଲାମାନଙ୍କୁ ଏହି ସମୟରେ କେବେବି ହାତ ପାଆନ୍ତାରୁ ଛାଡ଼ନ୍ତୁ ନାହିଁ କାରଣ ଅଧିକାଂଶ ସମୟରେ ଦେଖାଯାଏ ପିଲାମାନେ ଏପରି ଏକ ବଡ଼ଯାତ୍ରାରେ ବୁଲି ବୁଲି ସହଜେ ତ ହାଲିଆ ହୋଇଥାନ୍ତି। ତେବେ ସେମାନେ ପରବର୍ତ୍ତୀ ସମୟରେ ଘର ଲୋକଙ୍କ ସହାନୁଭୂତିରୁ ବଞ୍ଚିତ ହୋଇଥାନ୍ତି।

ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପିଲାମାନଙ୍କୁ ବୁଲାଇବା ଦ୍ୱାରା ସହଜେ ଥଣ୍ଡା ଓ ସର୍ଦ୍ଦି ଅନୁଭୂତ ହୋଇଥାଏ। ସେହିପରି ପିଲାମାନେ ବିଭିନ୍ନ ଖାଦ୍ୟ ପ୍ରତି ଆଗ୍ରହ ରଖୁଥିଲେ ବି ଏହାର ପ୍ରସ୍ତୁତିଗତ ଦିଗ ପ୍ରତି ଆପଣ ସଚେତନ ରୁହନ୍ତୁ। ବାଲିଯାତ୍ରା ପରି ଏକ ବଡ଼ଯାତ୍ରାରେ ପିଲାଟି କୌଣସି ପ୍ରକାର ଆଘାତ ପାଇଲେ ଅଧିକ ସମୟ ନ ବୁଲାଇ ବରଂ ତୁରନ୍ତ ପ୍ରାଥମିକ ସ୍ୱାସ୍ଥ୍ୟର ସହାୟତା ନିଅନ୍ତୁ। ପିଲାଟି ହୁଏତ ଆନନ୍ଦରେ ବୁଲିବା ପାଇଁ ମନ ରଖିପାରେ କିନ୍ତୁ ପରବର୍ତ୍ତୀ ସମୟରେ ଏହି ଛୋଟିଆ ଆଘାତଟି ତା' ପାଇଁ ବଡ଼ କ୍ଷତିକାରକ ଦୁର୍ଘଟଣାକୁ ନିମନ୍ତ୍ରଣ ଯେ ନ କରିବ, ତାହା କହିବା ସମ୍ଭବ ନୁହେଁ। ପିଲାମାନଙ୍କୁ ବାଲିଯାତ୍ରା ବୁଲାଇନେବା ବେଳେ କିଛି ଅଭିଭାବକ ଖାଲିପେଟରେ ନେଇଥାନ୍ତି। କାରଣ ପିଲାଟି ଯାତ୍ରାରେ ମନଭରି ଖାଇବ। କିନ୍ତୁ ଏହା ଠିକ୍ ନୁହେଁ। କାରଣ କିଛି ପିଲା ଖାଲିପେଟରେ ରହିବା ଦ୍ୱାରା ବାନ୍ତି କରିପକାଇଥାନ୍ତି। ତେଣୁ ଘରୁ ଯାହାବି ହେଲେ ପିଲାଟିକୁ କିଛି ଖୁଆଇ ବାଲିଯାତ୍ରା ନିଅନ୍ତୁ। ବାଲିଯାତ୍ରା ବୁଲାଇବା ସମୟରେ ପିଲାଟିର ସ୍କୁଲ, ପାଠପଢ଼ା ବା ସାନ୍ଧ୍ୟ ଟ୍ୟୁଶନ ଯେପରି ପ୍ରଭାବିତ ନ ହୁଏ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କିଛି ଅଭିଭାବକ ପିଲାମାନଙ୍କୁ ବାଲିଯାତ୍ରା ବୁଲାଇବାବେଳେ ଅଧିକ ରାସ୍ତା ଚଲାଇ ନେଇଥାନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟଗତ ଯନ୍ତ୍ରଣାର କାରଣ ପାଲଟିଥାଏ। ବାଲିଯାତ୍ରାରେ ବିଭିନ୍ନ ପ୍ରକାର ବାଣ ଓ ଆତସବାଜିଠାରୁ ସେମାନଙ୍କୁ ଦୂରେଇ ରଖନ୍ତୁ। କାରଣ ପରବର୍ତ୍ତୀ ସମୟରେ ଏହା ସେମାନଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଥାଏ। ଯଦି ପିଲାମାନେ ଓଟ ବା ଘୋଡ଼ାରେ ବୁଲିବାକୁ ଚାହାନ୍ତି ତେବେ ଅଭିଭାବକମାନେ ସେମାନଙ୍କ ସହ ପାଖେ ପାଖେ ରହିବା ଭଲ। ଉପରୋକ୍ତ ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟିଦେଲେ ପିଲାଟି ନିଶ୍ଚିନ୍ତରେ ବାଲିଯାତ୍ରାର ଆନନ୍ଦ ପାଇବ।

**ଶିଶୁରୋଗ ବିଭାଗ, ଶିଶୁଭବନ, କଟକ,**
**ମୋ:୯୪୩୭୧୨୪୦୭୪**

## ଏଇ ଭାରତରେ

ରାଜସ୍ଥାନର ଏକ ଛୋଟ ଗାଁ ବିଲାସପୁର। ଉକ୍ତ ଗାଁର ପାନଦୋକାନୀ ବିଲାସ ରାମ ମେୱାଡ ପାନ ବିକ୍ରି କରିବା ସହ ଗାଁକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ଲାଗି ଚଳାଇଥିବା ଅଭିଯାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି। ସେ ପ୍ରତିମାସରେ ୫୦ କେ.ଜି. ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ତାଙ୍କ ଗାଁ ଜୱାଇ ଡ୍ୟାମ୍ ନିକଟରେ ରହିଥିବାରୁ ପ୍ରତିଦିନ ସେଠାକୁ ପର୍ଯ୍ୟଟକମାନେ ଆସନ୍ତି ଓ ସେମାନେ ବ୍ୟବହାର କରୁଥିବା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଯୋଗୁ ତାଙ୍କ ଗାଁ ପ୍ରଦୂଷିତ ହୋଇଥାଏ। ଏଣୁ ଗାଁକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ସେ ବିଗତ ୧ ବର୍ଷ ହେଲା ଏହି ଅଭିଯାନ ଚଳାଇଛନ୍ତି। ପ୍ରଥମରୁ ବିଲାସ ରାମ ୧ କିମ୍ବା ୨ କେ.ଜି. ପ୍ଲାଷ୍ଟିକ୍ ସଂଗ୍ରହ କରୁଥିଲେ ଓ ଏବେ ୫୦ କେ.ଜି ସଂଗ୍ରହ କରୁଛନ୍ତି। ପ୍ରଥମେ ତାଙ୍କ ଦୋକାନରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଏକାଠି କରୁଥିଲେ ଓ ପରେ ଗ୍ରାମବାସୀ, ସ୍କୁଲ ପିଲାଙ୍କୁ ଏହା କରିବା ଲାଗି ଉତ୍ସାହିତ କରିଥିଲେ। ଯେଉଁ ସ୍କୁଲ ପିଲା ଓ ଗ୍ରାମବାସୀ ତାଙ୍କ ନିକଟକୁ ପ୍ଲାଷ୍ଟିକ୍ ବର୍ଜ୍ୟ ନେଇ ଆସୁଛନ୍ତି ସେମାନଙ୍କୁ ସେ କିଛି ଜିନିଷ ଦେଉଛନ୍ତି। ୧ କେ.ଜି. ପ୍ଲାଷ୍ଟିକ ବର୍ଜ୍ୟ ବଦଳରେ ସେ ଲୋକଙ୍କୁ ଚିନି, ଗୋଟିଏ ଗଛ କିମ୍ବା ୨୫ ଟଙ୍କା ଦେଉଛନ୍ତି। ଏହି ଗାଁ ଜୱାଇ ଡ୍ୟାମ୍ ନିକଟରେ ରହିଥିବାରୁ ପ୍ରତିଦିନ ସେଠାକୁ ପର୍ଯ୍ୟଟକମାନେ ଆସନ୍ତି ଓ ସେମାନେ ବ୍ୟବହାର କରୁଥିବା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଯୋଗୁ ତାଙ୍କ ଗାଁ ପ୍ରଦୂଷିତ ହୋଇଥାଏ। ସେ ପ୍ରତିମାସରେ ସଂଗୃହୀତ ପ୍ଲାଷ୍ଟିକ୍ ବର୍ଜ୍ୟକୁ ରିସାଇକ୍ଲିଂ କମ୍ପାନୀକୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୯୭

- ପଶ୍ଚିମ ଆଲଜେରିଆ ଅନ୍ତର୍ଗତ ଟେଲିମସେନ ଅଞ୍ଚଳରେ ଥିବା ଏକ ଗ୍ରାମ ଉପରେ କଟ୍ଟରପନ୍ଥୀ ଇସଲାମୀୟ ଗୋଷ୍ଠୀଙ୍କ ସଶସ୍ତ୍ର ଆକ୍ରମଣ ଫଳରେ ୨୨ ଜଣଙ୍କ ମୃତ୍ୟୁ।
- ତାଇୱାନ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ବୋଲି ପ୍ରଥମ ଥର ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇଥିବା ରାଷ୍ଟ୍ରପତି ଲି ତେଙ୍ଗ-ହୁଇଙ୍କ ଘୋଷଣା।
- ଶ୍ରୀନଗରରୁ ଜାମ୍ମୁ ଅଭିମୁଖେ ଯାଉଥିବା ଏକ ବସ୍ ବନିହାଲ ନିକଟସ୍ଥ ୱାଞ୍ଜୁରଠାରେ ଗଭୀର ନାଳ ମଧ୍ୟକୁ ଖସିପଡ଼ିବା ଫଳରେ ୧୨ ଯବାନଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | 6 | | | | |
| | | 9 | | | | | | |
| 8 | | 3 | 5 | | | | | 1 |
| | 5 | | 3 | | | | | |
| | | 1 | | 8 | | | | |
| 3 | | 2 | | | 5 | | | 4 |
| | 2 | 5 | | | 4 | | 6 | |
| | | 4 | | | | | 7 | |
| | | | | 9 | | | 5 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 8 | 7 | 1 | 6 | 4 | 5 | 2 |
| 4 | 2 | 6 | 8 | 3 | 5 | 7 | 9 | 1 |
| 7 | 5 | 1 | 9 | 4 | 2 | 8 | 3 | 6 |
| 1 | 6 | 3 | 4 | 7 | 9 | 5 | 2 | 8 |
| 9 | 8 | 4 | 2 | 5 | 1 | 3 | 6 | 7 |
| 2 | 7 | 5 | 6 | 8 | 3 | 1 | 4 | 9 |
| 5 | 1 | 9 | 3 | 2 | 8 | 6 | 7 | 4 |
| 6 | 3 | 7 | 1 | 9 | 4 | 2 | 8 | 5 |
| 8 | 4 | 2 | 5 | 6 | 7 | 9 | 1 | 3 |

ଗତକାଲିର ଉତ୍ତର

# ବଦଳୁଥିବା ସମୟ



ପ୍ରକାଶ ତ୍ରିପାଠୀ

ଯୁଗ ବଦଳୁଛି ଓ ତା' ସହ ବଦଳୁଛି ଆମ ଚାଲିଚଳନ, ବେଶଭୂଷା, ଖାଦ୍ୟପେୟ, ବୃତ୍ତି ଓ ଆମର ଦୈନନ୍ଦିନ ବ୍ୟବହାରରେ ଆସୁଥିବା ପ୍ରତିଟି ସାମଗ୍ରୀ। ଗତ ତିନି ଦଶନ୍ଧି ଧରି ଏ ସବୁର ପରିବର୍ତ୍ତନ କ୍ଷିପ୍ର ଗତିରେ ଘଟୁଛି। ନବେ ଦଶକରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓଙ୍କ ମନ୍ତ୍ରିମଣ୍ଡଳରେ ଥିବା ଅର୍ଥମନ୍ତ୍ରୀ ଡ. ମନମୋହନ ସିଂ ଦେଶରେ ଉଦାର ଅର୍ଥନୀତିର ଶୁଭାରମ୍ଭ କଲେ। ଏହା ପରେ ଦେଶର ଅର୍ଥନୀତି ଓ ବାଣିଜ୍ୟରେ ଅନେକ ପରିବର୍ତ୍ତନ ଆସିଲା। ବିଦେଶୀ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ନିଜ ଦେଶରେ ବ୍ୟାପାର କରିବା ପାଇଁ ଭାରତ ସୁଯୋଗ ଦେଲା ଓ ଭାରତରେ ବିଦେଶୀ ନିବେଶକୁ ଆମନ୍ତ୍ରିତ କରିବା ସହ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଅନେକ ସୁବିଧା ସୁଯୋଗ ପ୍ରଦାନ କଲା। ଉଦାର ଅର୍ଥନୀତିର ସୁଫଳ ଏବେ ଆମ ହାତରେ। ପରିବର୍ତ୍ତିତ ପରିସ୍ଥିତିରେ ଆମେ ଏବେ ଖାପ ଖୁଆଇ ଆଗକୁ ବଢି ଚାଲିଛୁ ।

କୁହାଯାଉଛି, ବଦଳୁଥିବା ସମୟ ସହ ତାଳ ଦେଇ ଯେଉଁମାନେ ଆଗଉଛନ୍ତି ସେମାନେ ସମାଜରେ ପ୍ରତିଷ୍ଠା ପାଇ ପାରୁଛନ୍ତି ଓ ଯେଉଁମାନେ ଏଥିରେ ତାଳ ଦେଇ ଚାଲି ପାରୁନାହାନ୍ତି ସେମାନେ ପଛେଇ ଯାଉଛନ୍ତି। କେବଳ ବ୍ୟକ୍ତି ବିଶେଷ ନୁହନ୍ତି, ଅନେକ ବଡ଼ ବଡ଼ ବ୍ୟବସାୟିକ କମ୍ପାନୀ ଯେମିତିକି କୋଡାକ, ଆଗଫା, ବଜାଜ ସ୍କୁଟର, ଆମ୍ବାସାଡର କାର୍‌, ଏଚ୍‌ଏମ୍‌ଟି ଘଡ଼ି ଭଳି ବଡ଼ ବଡ଼ ଶିଳ୍ପ ସଂସ୍ଥା ସମୟ ସହିତ ଆଗକୁ ବଢ଼ି ନ ପାରି ଦେବାଳିଆ ହୋଇଗଲେ। ଛୋଟ ଉଦାହରଣ ଭାବେ ଫଟୋ ପେପର କଥା ଦେଖାଯାଉ। ନବେ ଦଶକରେ କୋଡାକ୍ ଓ ଆଗଫା କମ୍ପାନୀରେ ଲକ୍ଷ ଲକ୍ଷ କର୍ମଚାରୀ ନିୟୋଜିତ ଥିଲେ ଏବଂ ବିଶ୍ୱର ଫଟୋ ପେପରର ଏକ ବୃହତ୍ ଅଂଶ ସେମାନେ ବିକ୍ରି କରୁଥିଲେ। କିଛି ବର୍ଷ ମଧ୍ୟରେ ଡିଜିଟାଲ ଫଟୋଗ୍ରାଫି ସେମାନଙ୍କୁ ବଜାରରୁ ଠେଲି ବାହାର କରି ଦେଇଥିଲା। ବର୍ତ୍ତମାନ ଏକ ଧାରଣା ହେଲାଣି ଯେ ଆସନ୍ତା ଦଶ ବର୍ଷ ମଧ୍ୟରେ ବିଶ୍ୱ ସମ୍ପୂର୍ଣ୍ଣ ରୂପେ ବଦଳିଯିବ ଏବଂ ଆଜି ଚାଲୁଥିବା ଶିଳ୍ପଗୁଡିକରୁ ଅନେକ ବନ୍ଦ ହୋଇଯିବ। ଏହାର ପରିଣାମ ମହାକାଳ ଫଳ ପରି ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଭିତରଟା ନିଶ୍ଚିତ ସଙ୍କଟମୟ ହେବ ବୋଲି ଅନେକ ସମାଜ ବିଜ୍ଞାନୀ ଭବିଷ୍ୟବାଣୀ କଲେଣି।

ଏହା ନିଶ୍ଚିତ ଯେ ଅଟୋମେଶନ ବା ସ୍ୱୟଂଚାଳିତ ବ୍ୟବସ୍ଥା ବୃଦ୍ଧି ଯୋଗୁ ଅନେକ ନିଯୁକ୍ତି ହ୍ରାସ ପାଉଛି। କାରଣ ମେଶିନ ମଣିଷଠାରୁ ଭଲ ଓ ଶୀଘ୍ର କାମ କରୁଛି। ଆଗାମୀ ଦିନରେ ମଣିଷ ଅପେକ୍ଷା ମେଶିନ ଅନେକ କାର୍ଯ୍ୟ ସମ୍ପାଦନ କରିବ। ପାରମ୍ପରିକ ଉଦ୍ୟୋଗଗୁଡ଼ିକୁ ସଫ୍ଟୱେର ସର୍ବାଧିକ ପ୍ରଭାବିତ କରିବ। ଏପରିକି ଜ୍ଞାନୀ, ଗୁଣୀ, ବିଶେଷଜ୍ଞମାନଙ୍କୁ ବି କମ୍ପ୍ୟୁଟର ଧରାଶାୟୀ କରିବା ଆରମ୍ଭ କଲାଣି। ଭବିଷ୍ୟତରେ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ନାମକୁମାତ୍ର ରହିବ ଓ ସେଠାରେ କିଛି ମାତ୍ର କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେବ। ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱ ଡିଜିଟାଲକୁ ରୂପାନ୍ତରିତ ହୋଇଯିବ। ସବୁକିଛି ଅନ୍‌ଲାଇନରେ ଚାଲିବ। ପାଠପଢ଼ା, ବୀମା, ରୋଗ ଉପଚାର ସବୁକିଛି ଅନ୍‌ଲାଇନରେ ସମ୍ପାଦନ ହେବ। ବ୍ୟାଙ୍କ ମଧ୍ୟ ସଙ୍କୁଚିତ ହୋଇଯିବ। ଉଦାହରଣ ଭାବେ ଆମେରିକାରେ ଆଇନ ସେବା କଥା ଦେଖାଯାଉ। ଆମେରିକାରେ ନୂଆ ନୂଆ ଓକିଲମାନଙ୍କୁ ଆଉ କାମ ମିଳୁନାହିଁ, କାରଣ ଆଇବିଏମ୍ ୱାଟ୍ସନ ପକ୍ଷରୁ ଜନସାଧାରଣଙ୍କୁ ଆଇନ ସହାୟତା ପ୍ରଦାନ କରାଯାଇପାରୁଛି। ଏହା ଦ୍ୱାରା କେବଳ ଧୁରୀଣ ଆଇନଜୀବୀ ସେମାନଙ୍କ ପେସାରେ ଟିକ୍ଷି ପାରୁଛନ୍ତି।

ଏବେ କିଛି ଦେଶରେ ସ୍ୱୟଂଚାଳିତ କାର୍ ଉପଲବ୍ଧ ହେଲାଣି। ଆପଣ ଅନ୍‌ଲାଇନରେ କାର୍ ଡାକିବେ ଓ ତାହା ନିମିଷକ ମଧ୍ୟରେ



ଘର ଆଗରେ ପହଞ୍ଚି ଆପଣଙ୍କୁ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇଦେବ। ଯେତିକି କିଲୋମିଟର ଆପଣ ଗସ୍ତ କରିଥିବେ ସେତିକି ଅର୍ଥ ଆପଣ ଅନ୍‌ଲାଇନରେ ପ୍ରଦାନ କରିଦେବେ। ଆପଣଙ୍କୁ କାର୍ ପାର୍କିଂ ଭଳି ସମସ୍ୟା ଦେଖିବାକୁ ପଡ଼ିବ ନାହିଁ । କାର୍ ଉପଯୋଗରେ ଏହା ଅଧିକ ସହଜ ହେବ। ନା ଗାଡ଼ି ଚଲାଇବା ପାଇଁ ଲାଇସେନ୍ସ ଦରକାର ନା କାର୍ ପାଇଁ ବୀମା ଅର୍ଥ ପଇଠ। କାର୍ କିଣା ବା ଏହାର ରକ୍ଷଣାବେକ୍ଷଣ ଝିନ୍‌ଝଟ୍‌ରୁ ବି ମୁକ୍ତି। ଏହାଦ୍ୱାରା ସହରଗୁଡ଼ିକରେ ଗାଡ଼ିସଂଖ୍ୟା କମିଯିବ ଓ ପ୍ରଦୂଷଣ ବି ସେହି ଅନୁପାତରେ ହ୍ରାସ ପାଇବ। ରାସ୍ତା ଦୁର୍ଘଟଣା କମିବ ଓ ଧନ ଜୀବନ କ୍ଷୟକ୍ଷତି ହ୍ରାସ ହେବ। ବୀମା କମ୍ପାନୀଗୁଡ଼ିକ ଉପରେ ଚାପ କମିବ ଓ କର୍ମଚାରୀ ହ୍ରାସ ହେବେ। ମାତ୍ର ଅନ୍ୟ ପଟରେ ଏହା ନିଯୁକ୍ତି ହ୍ରାସର ପ୍ରମୁଖ କାରଣ ହେବ। ଲକ୍ଷ ଲକ୍ଷ ଲୋକ ଗାଡ଼ିଚାଳକ ଭାବେ ପରିବାର ଭରଣପୋଷଣ ଜୀବିକାକୁ ଭୁଲି ଯିବାକୁ ବାଧ୍ୟ ହେବେ। ଆମେରିକାର ବୃହତ ବ୍ୟାଙ୍କ ଯେପରିକି ଏଚ୍‌ଏସ୍‌ବିସି, ବ୍ୟାଙ୍କ ଅଫ୍ ଆମେରିକା ଓ ଗୋଲ୍ଡମ୍ୟାନ ସାକ ଚେତାବନୀ ଦେଇ ଆସୁଛନ୍ତି ଯେ ଆମେରିକାର ଅର୍ଥ ବ୍ୟବସ୍ଥାରେ ଯଦି ସୁଧାର ନ ଆସେ ତେବେ ଦେଶର ସମସ୍ତ ଧନ ହାତଗଣତି କିଛି ପରିବାର ମଧ୍ୟରେ ସୀମିତ ହୋଇ ରହିଯିବ। ଏହା ମଧ୍ୟ ପ୍ରମାଣିତ ହେବାରେ ଲାଗିଛି। ସମସ୍ତ କ୍ଷେତ୍ରର ବ୍ୟବସାୟ କିଛି ପରିବାର ମଧ୍ୟରେ ସୀମିତ ହୋଇଗଲାଣି। ସ୍ୱାସ୍ଥ୍ୟ, ଶିକ୍ଷା, ରକ୍ଷା, ବ୍ୟାଙ୍କିଂ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏବେ କିଛି ଘରୋଇ ଉଦ୍ୟୋଗୀଙ୍କ ହାତରେ। କମ୍ ବେତନରେ ଚାକିରି କରିବାକୁ ଲୋକେ ବାଧ୍ୟ ହେଉଛନ୍ତି। ଅନେକ ବୃହତ୍ ମଲ୍ ଏବେ ବନ୍ଦ। ବେରୋଜଗାରରେ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଶ୍ୱର ଶକ୍ତିଶାଳୀ ଅର୍ଥ ବ୍ୟବସ୍ଥା ଆମେରିକାର ଅବସ୍ଥା ଏପରି ହୋଇଛି। ଆମ ଦେଶ ଭାରତ ଏବେ ଆମେରିକା ପଥରେ ଅଗ୍ରସର। କରୋନା ସମୟରେ କୋଟି କୋଟି ପରିବାର ଦାରିଦ୍ର୍ୟ ଭିତରକୁ ଚାଲି ଯାଇଥିବା ବେଳେ ଓ ଛୋଟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନ ଭୁଶୁଡ଼ି ପଡ଼ିଥିବା ବେଳେ ଅମ୍ବାନୀ ଓ ଆଦାନୀଙ୍କ ଭଳି ପରିବାରମାନେ ବ୍ୟାପକ ଆର୍ଥିକ ଫାଇଦା ହାସଲ କରିଛନ୍ତି ଓ ବିଶ୍ୱର ସର୍ବବୃହତ ଆର୍ଥିକ ସ୍ୱଚ୍ଛଳ ଗ୍ରୁପ୍ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି।

ଛୋଟ ଛୋଟ ବ୍ୟବସାୟୀଙ୍କ ସମ୍ମୁଖରେ ଅନେକ ସମସ୍ୟା । ଅନ୍‌ଲାଇନ ବ୍ୟବସାୟ ଓ ମଲ୍ ସଂସ୍କୃତି ପାଇଁ ସେମାନଙ୍କ ବ୍ୟବସାୟ ଆଜି ଠପ୍। ଆମେରିକା ଭଳି ଚରମ ପରିସ୍ଥିତି ପହଞ୍ଚି ନ ଥିଲେ ମଧ୍ୟ ସେଭଳି ସ୍ଥିତିରେ ପହଞ୍ଚିବାକୁ ଆମକୁ ବେଶି ସମୟ ଲାଗିବ ନାହିଁ। ଅନ୍‌ଲାଇନରେ ଶସ୍ତାରେ ସାମଗ୍ରୀ ମିଳୁଛି ବୋଲି ଲୋକେ ଖୁସି ହୋଇପାରନ୍ତି, ମାତ୍ର ସେ ଖୁସି ବେଶି ସମୟ ରହିବ ନାହିଁ। ରୋଜଗାର ହ୍ରାସ ଓ ତତ୍‌ସହିତ ମୂଲ୍ୟବୃଦ୍ଧି କ୍ରମଶଃ ସେମାନଙ୍କର କ୍ରୟ ଶକ୍ତିକୁ ହ୍ରାସ କରିବ। ନିମ୍ନ ଓ ନିମ୍ନମଧ୍ୟବିତ୍ତଙ୍କ ସ୍ଥିତି ଅଧିକ ଜଟିଳ ହେବ। ଉଚ୍ଚ ମଧ୍ୟମ ବର୍ଗ ପରିବାରଗୁଡ଼ିକ ନିଜର ଦେଖାଇହେବା ଆଚରଣ ଯୋଗୁ ସମସ୍ୟାରେ ପଡ଼ି ସେମାନଙ୍କ ଧନ ଉପଯୋଗ ହେବା ବଦଳରେ ପ୍ରଦର୍ଶନ ମନୋଭାବରେ ଖର୍ଚ୍ଚ ହେବ। ଯଦି ଆମେ ଆଜିଠାରୁ ସତର୍କ ନ ହେବା ତେବେ ଖୁବ୍ ନିକଟରେ ଏହାର ପରିଣାମ ଆମ ସମ୍ମୁଖରେ ପ୍ରତୀୟମାନ ହେବ। କୁଟିରଶିଳ୍ପ, ପାରମ୍ପରିକ କୃଷି ତଥା କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟିକ ସଂସ୍ଥାକୁ ବି ସମାନ ଗୁରୁତ୍ୱ ପ୍ରଦାନ କରିବାକୁ ପଡ଼ିବ। ମଲ୍ ସଂସ୍କୃତି ସହ ଛୋଟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନ ଓ ଖୁଚୁରା ବିପଣନକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ଭାରତ ଭଳି ଏକ ଜନବହୁଳ ଦେଶରେ ମାନବ ସମ୍ବଳର ଠିକ୍ ବିନିଯୋଗର ଆବଶ୍ୟକତା ରହିଛି। ପଶ୍ଚିମ ଦେଶଗୁଡ଼ିକରେ କମ୍ ଲୋକସଂଖ୍ୟା ହୋଇ ମଧ୍ୟ ଯଦି ସେଠାରେ ଅଟୋମେଶନ ପାଇଁ ବେରୋଜଗାର ଓ କମ୍ ବେତନ ପ୍ରମୁଖ ସମସ୍ୟା ଭାବେ ଉଭା ହେଉଛି, ସେପରି ସ୍ଥଳେ ଭାରତର ସ୍ଥିତି କ'ଣ ହେବ ତାହା ସହଜରେ ଅନୁମେୟ।

**ମୋ:୯୪୩୭୨୩୨୪୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଯକ୍ଷ୍ମାରୋଗୀଙ୍କ ପୌଷ୍ଟିକ ଭତ୍ତା ବୃଦ୍ଧି ହେଉ

ମହାଶୟ,

ରାଜ୍ୟ ସରକାର ଯକ୍ଷ୍ମାରୋଗୀଙ୍କ ନୀରୋଗ ପାଇଁ ମାଗଣା ଔଷଧ ଓ ଅନ୍ୟାନ୍ୟ ସୁବିଧା ଦେଉଛନ୍ତି। କିନ୍ତୁ ରୋଗୀମାନଙ୍କୁ ୬ ମାସ ପାଇଁ ମାସକୁ ମାତ୍ର ୫ଶହ ଟଙ୍କା ପୁଷ୍ଟିକର ଖାଦ୍ୟ ବାବଦକୁ ଦେଉଛନ୍ତି। ଏହା ରୋଗୀଙ୍କ ରୋଗ ନିବାରଣରେ ସହାୟକ ହେଉ ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରୋଗୀ କଲ୍ୟାଣ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଗରିବ ଯକ୍ଷ୍ମାରୋଗୀଙ୍କ ସମସ୍ୟା ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱକୁ ଏଡ଼ାଇ ଚାଲିଛନ୍ତି। ସରକାର ଯକ୍ଷ୍ମାମୁକ୍ତ ରାଜ୍ୟ ଗଠନ କରିବାକୁ ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ନିମିତ୍ତ ଅଧିକ ମାସ ଓ ମାସିକ ଭତ୍ତା ବୃଦ୍ଧି କଲେ ରୋଗୀ ଉପକୃତ ହେବେ। ଏଣୁ ଅନ୍ତତଃପକ୍ଷେ ୧ବର୍ଷ ପାଇଁ ଭତ୍ତା ମଞ୍ଜୁରକଲେ ରୋଗୀ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇପାରିବେ।

**–ନିର୍ମଳ ଚନ୍ଦ୍ର ସାମଲ, ଚୌଧୁରୀ ଭବନ, ବିଦ୍ୟାଧରପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳେ ଥଳେ କେତେ ନିରେଖିଲି ନୂଆ ଭାବର
ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା, କଲି ଆଦର
ସୁଖ ଲଭି।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ନିର୍ବାଚନ ଲଢ଼ିବେନି ବିଜୟ ରୂପାନୀ

ଅହମ୍ମଦାବାଦ: ଆସନ୍ତା ମାସ ହେବାକୁ ଯାଉଛି ଗୁଜରାଟ ବିଧାନସଭା ନିର୍ବାଚନ। ଏହି ନିର୍ବାଚନରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ରାଜ୍ୟ ଏବଂ ଦିଲ୍ଲୀ ନେତାଙ୍କୁ ଅବଗତ କରାଇଥିବା କହିଛନ୍ତି। ତାଙ୍କ ଭଳି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ନିତିନ ପଟେଲ ଓ ବରିଷ୍ଠ ଭାଜପା ବିଧାୟକ ଭୁପେନ୍ଦ୍ରସିଂ ଚୁଡାସ୍ମା ମଧ୍ୟ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରିବା ଲାଗି ଦଳ ହାଇକମାଣ୍ଡଙ୍କୁ ଚିଠି ଲେଖିଥିବା କହିଛନ୍ତି।



# ଜି୨୦ ଲୋଗୋରେ ଭାଜପାର 'ପଦ୍ମ'

## ପ୍ରଶ୍ନ ଉଠାଇଲା କଂଗ୍ରେସ




ନୂଆଦିଲ୍ଲୀ,୯।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉନ୍ମୋଚିତ ଜି୨୦ ପ୍ରେସିଡେନ୍ସି ଲୋଗୋରେ ଥିବା ପଦ୍ମଫୁଲକୁ ନେଇ ବିବାଦ ସୃଷ୍ଟି ହୋଇଛି। ଭାଜପାର ନିର୍ବାଚନୀ ଚିହ୍ନ ପଦ୍ମ ହୋଇଥିବାରୁ କଂଗ୍ରେସ ଏହାକୁ କଡ଼ା ସମାଲୋଚନା କରିଛି। ଶାସକ ଦଳ ଏଥିରେ ନିଜକୁ ନିର୍ଲଜ ଭାବେ ପ୍ରମୋଟ୍ କରୁଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏକଦା ଏଭଳି ଉଦ୍ୟମକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

ଜି୨୦ ବା ଗ୍ରୁପ୍ ଟ୍ୱେଣ୍ଟି ହେଉଛି ୧୯ଟି ଦେଶ ଏବଂ ୟୁରୋପୀୟ ସଂଘ (ଇୟୁ)କୁ ନେଇ ଗଠିତ ଏକ ଆନ୍ତଃ ସରକାରୀ ମଞ୍ଚ। ଆମେରିକା, ଅଷ୍ଟ୍ରେଲିଆ, ସାଉଦି ଆରବ, କାନାଡା, ଭାରତ, ରୁଷିଆ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଆର୍ଜେଣ୍ଟିନା, ବ୍ରାଜିଲ, ମେକ୍ସିକୋ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ, ଚାଇନା, ଇଣ୍ଡୋନେସିଆ, ଜାପାନ ଓ କୋରିଆ ହେଉଛନ୍ତି ଜି୨୦ର ସଦସ୍ୟ ରାଷ୍ଟ୍ର। ଅନ୍ତର୍ଜାତୀୟ ଆର୍ଥିକ ସ୍ଥିରତା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ନିରନ୍ତର ବିକାଶ ଭଳି ବିଶ୍ୱ ଅର୍ଥନୀତି ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ନେଇ ଏହି ରାଷ୍ଟ୍ର ସମୂହ କାର୍ଯ୍ୟ କରିଥାଏ। ଏଥିରେ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ସମେତ ସର୍ବବୃହତ୍ ଅର୍ଥନୀତିଗୁଡ଼ିକୁ ସାମିଲ କରାଯାଇଛି। ମୋଟ ବିଶ୍ୱ ଉତ୍ପାଦ (ଜିଡବ୍ଲ୍ୟୁପି)ରେ ଏହି ରାଷ୍ଟ୍ରଗୁଡ଼ିକର ଅବଦାନ ହେଉଛି ପ୍ରାୟ ୮୦%। ବର୍ତ୍ତମାନ ଜି୨୦ର ଅଧ୍ୟକ୍ଷତା ଇଣ୍ଡୋନେସିଆ ନିକଟରେ ଥିବାବେଳେ ନଭେମ୍ବର ୧୫ ଓ ୧୬ରେ ପ୍ରଧାନମନ୍ତ୍ରୀ ମୋଦି ବାଲିରେ ହେବାକୁ ଥିବା ସମ୍ମିଳନୀରେ ଯୋଗଦେବେ। ଭାରତ ଆସନ୍ତା ଡିସେମ୍ବର ୧ରୁ ଏଥିରେ ଅଧ୍ୟକ୍ଷତା କରିବାକୁ ଯାଉଛି। ନିଜ ଅଧ୍ୟକ୍ଷତା ଅବଧି ମଧ୍ୟରେ ଭାରତ ଆସନ୍ତା ବର୍ଷ ଜି୨୦ ସମିଟ୍ ସମେତ ଦେଶର ବିଭିନ୍ନ ସ୍ଥାନରେ ୩୨ଟି ବିଭିନ୍ନ କ୍ଷେତ୍ର ଉପରେ ୨୦୦ ବୈଠକ ଆୟୋଜନ କରିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ନୂଆଦିଲ୍ଲୀରେ ଭାରତର ଜି୨୦ ପ୍ରେସିଡେନ୍ସି ଲୋଗୋ, ଥିମ୍ ଓ ୱେବ୍‌ସାଇଟ୍ ଉନ୍ମୋଚନ କରିଛନ୍ତି। 'ବସୁଧୈବ କୁଟୁମ୍ବକମ୍' ନୀତି ଭାରତର ଦୟାଭାବର ସ୍ୱାକ୍ଷର। ଏଥିସହିତ ଲୋଗୋରେ ରହିଥିବା ପଦ୍ମ ବିଶ୍ୱକୁ ଏକାଠି କରିବାରେ ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ବିଶ୍ୱାସକୁ ଚିତ୍ରଣ କରୁଛି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ। ଲୋଗୋର ରୂପରେଖ ପାଇଁ ପ୍ରସ୍ତାବ ଦେବାକୁ ଦେଶବାସୀଙ୍କୁ ଅନୁରୋଧ କରାଯାଇଥିଲା। ସେହି ପ୍ରସ୍ତାବଗୁଡ଼ିକ ଆଧାରରେ ଏହି ଲଗୋ ପ୍ରସ୍ତୁତ କରାଯାଇଥିବା ମୋଦି କହିଥିଲେ। ତେବେ ଉକ୍ତ ଲୋଗୋରେ ଭାଜପାର ନିର୍ବାଚନୀ ଚିହ୍ନ ପଦ୍ମକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ପ୍ରାୟ ୭୦ ବର୍ଷ ତଳେ ନେହେରୁ କଂଗ୍ରେସ ପତାକାକୁ ଭାରତର ଜାତୀୟ ପତାକା କରିବା ନେଇ ରହିଥିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ବର୍ତ୍ତମାନ ଭାଜପାର ନିର୍ବାଚନୀ ଚିହ୍ନକୁ ଜି୨୦ରେ ଭାରତର ପ୍ରେସିଡେନ୍ସି ପାଇଁ ଉଦ୍ଦିଷ୍ଟ ଲୋଗୋରେ ବ୍ୟବହାର କରାଯାଇଛି। ମୋଦି ଏବଂ ଭାଜପା ନିଜକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି। ଏହା ଏକ ଲଜ୍ଜାଜନକ ବିଷୟ। ଏହାର ଜବାବରେ ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା କହିଛନ୍ତି, ପଦ୍ମ ହେଉଛି ଆମ ଜାତୀୟ ଫୁଲ। ଏହା ମା' ଲକ୍ଷ୍ମୀଙ୍କ ଆସନ ମଧ୍ୟ। କମଲ ନାଥଙ୍କ ନାମରୁ କମଲକୁ ବାଦ୍ ଦେଇପାରିବ କି? ରାଜୀବର ଅର୍ଥ ହେଉଛି ପଦ୍ମ। ତେଣୁ ଏଥିରେ କୌଣସି ଏଜେଣ୍ଡା ଦେଖାଯିବା ଅନୁଚିତ।

# ମୋଦିଙ୍କ ଭଳି ମିଥ୍ୟା ପ୍ରତିଶ୍ରୁତି ଦେଇପାରିବୁ ନାହିଁ: ଖାର୍ଗେ



ହିମାଚଳପ୍ରଦେଶ ଶିମଲା ବାନୁତୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିର୍ବାଚନ ପ୍ରଚାର କରୁଛନ୍ତି।

ଶିମଲା,୯।୧୧

ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ରାଜନୀତି ସରଗରମ ହୋଇଛି। ଭିନ୍ନ ଦଳ ପକ୍ଷରୁ ଭୋଟରଙ୍କ ମନ ଜିଣିବା ପାଇଁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି। ଏହି କ୍ରମରେ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶିମଲା ବାନୁତୀରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି, କଂଗ୍ରେସ ଦଳ ହିମାଚଳ ପ୍ରଦେଶରେ ସରକାର ଗଠନ କରିବ। ପୁରୁଣା ପେନସନ ଯୋଜନାର ପୁନରୁଦ୍ଧାର ସହିତ ସମସ୍ତ ପ୍ରତିଶ୍ରୁତି ପୂରଣ ହେବ। ଭାରତୀୟ ଜନତା ପାର୍ଟି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି କଂଗ୍ରେସ ଏଭଳି ପ୍ରତିଶ୍ରୁତି ଦେଇ ନାହିଁ ଯାହା ପୂରଣ ହୋଇପାରିବ ନାହିଁ। ଆମେ କେବେ ମିଥ୍ୟା ପ୍ରତିଶ୍ରୁତି ଦେବାକୁ ଚେଷ୍ଟା କରୁନାହିଁ। ଭାଜପା ହିମାଚଳ ପ୍ରଦେଶର ଲୋକଙ୍କୁ ବୋକା ବନାଇ ପାରିବ ନାହିଁ,କାରଣ ଏଠାରେ ଲୋକମାନେ ଶିକ୍ଷିତ। ଅଧ୍ୟକ୍ଷ ହେବା ପରେ ଏହା ଖାର୍ଗେଙ୍କ ପ୍ରଥମ ନିର୍ବାଚନୀ ସଭା ଥିଲା।

ସୂଚନାଯୋଗ୍ୟ, ୬୮ ଆସନ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ନଭେମ୍ବର ୧୨ରେ ଅନୁଷ୍ଠିତ ହେବ। ନଭେମ୍ବର ୮ରେ ଫଳାଫଳ ଘୋଷଣା କରାଯିବ।

**PUBLIC NOTICE**

Notice is hereby given to all concerned that, Panchanana Panda, S/o- Late Narayan Panda, Resident of Deulmunda, PO- Kamapur, PS- Birmaharajpur, Dist- Subarnapur has sworn an affidavit on dt. 03.11.2022 and has reported to IIC, Birmaharajpur on 03.11.2022 regarding loss of original link Regd. Sale Deed No. 57/04 of Registering Officer, Birmaharajpur.

Panchanana Panda, S/o- Late Narayan Panda has applied to the LIC HOUSING FINANCE LTD. Sambalpur to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document Regd. Sale Deed No. 57/04 of Registering Officer, Birmaharajpur is required to file his claim with the undersigned within 15(Fifteen)days from the date of publication of this notice failling which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen)days of publication of this notice.

Sambalpur,
Dt. 07.11.2022

Sd./- A.K. Debta, Advocate,
LIC Housing Finance Ltd, At/Po. - Modipara,
Sambalpur, Odisha, Mobile No. 9437158519.

# ବିଧାୟକ ଭାବେ ଶପଥ ନେଲେ ସୂର୍ଯ୍ୟବଂଶୀ



ସୂର୍ଯ୍ୟବଂଶୀ ସୂରଜଙ୍କୁ ଶପଥ ପାଠ କରାଉଛନ୍ତି ବାଚସ୍ପତି ବିକ୍ରମ କେଶରୀ ଆରୁଖ।

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ଧାମନଗର ବିଧାନସଭା ଆସନ ପାଇଁ ନିକଟରେ ଉପନିର୍ବାଚନ ଶେଷ ହୋଇଥିବା ବେଳେ ଏଥିରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ବିଜୟୀ ହୋଇଛନ୍ତି। ତେବେ ସେ ବିଧାୟକ ଭାବେ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀଙ୍କୁ ଶପଥ ଗ୍ରହଣ କରାଇଛନ୍ତି। ଏଥିସହ ସେ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିକୃତି ଉପହାର ଦେଇ ଜଣେ ଭଲ ବିଧାୟକ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛନ୍ତି। ତେବେ ସୂର୍ଯ୍ୟବଂଶୀ ବିଧାନସଭା ଗୃହର ପ୍ରବେଶ ଦ୍ୱାରରେ ସାଷ୍ଟାଙ୍ଗ ପ୍ରଣାମକରି ଭିତରକୁ ପଶିଥିଲେ। ପ୍ରକାଶଯୋଗ୍ୟ, ଧାମନଗର (ଅନୁସୂଚିତ ଜାତି) ନିର୍ବାଚନମଣ୍ଡଳୀର ସଦସ୍ୟ ବିଷ୍ଣୁଚରଣ ସେଠୀଙ୍କ ପରଲୋକ ଯୋଗୁ ଏହି ଆସନଟି ଖାଲି ରହିଥିଲା। ଗତ ନଭେମ୍ବର ୩ରେ ଏହି ଆସନ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ସୂର୍ଯ୍ୟବଂଶୀ ସୂରଜ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର, ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝି, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବିଧାନସଭାର ଅନ୍ୟ ପଦାଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ତେବେ ଏହା ପୂର୍ବରୁ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ସୂର୍ଯ୍ୟବଂଶୀଙ୍କୁ ବିଧାନସଭା ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲଖ ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ପ୍ରଭାତୀ ପରିଡ଼ା, ଭଦ୍ରକ ଜିଲା ସଭାପତି ହେମନ୍ତ ପାଢୀ, ବରିଷ୍ଠ ନେତା ଅଶୋକ ପୁହାଣ, ମନୋଜ ମଲ୍ଲିକ, ଶରତ ମହାନ୍ତି, ଚତୁର୍ଭୁଜ ନାୟକ, ଅରବିନ୍ଦ ପତି, ସଦାଶିବ ପୋଥାଳ, ଅନ୍ତର୍ଯ୍ୟାମୀ ପତି, ରାଜେନ୍ଦ୍ର ସାହୁ, ଦୁର୍ଗା ଚରଣ ନାୟକ, ପ୍ରଦୀପ ବଳ, ବୁଦ୍ଧଦେବ ଜେନା, ଶ୍ରୀକାନ୍ତ ନାୟକ, ରାଜୀବ ଦାସ, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବବିଙ୍କ ସପକ୍ଷରେ ବାହିନୀପତି

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ଧାମନଗର ଉପନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ହୋଇଥିବା ବେଳେ ଏହା ଉପରେ ପ୍ରତିକ୍ରିୟା ରଖି ଦଳର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ବିସ୍ଫୋରକ ବୟାନ ଦେଇଛନ୍ତି। ଧାମନଗରରେ ବିଜେଡି-ବିଜେଡି ଲଢ଼େଇରେ କଂଗ୍ରେସ ବଳି ପଡ଼ିଗଲା ବୋଲି ତାରା କହିବା ସହିତ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସପକ୍ଷରେ ବାହାରିଛନ୍ତି। ବିଜୁ ଜନତା ଦଳର କେତେଜଣ ନେତା ବିଧାୟକ ବବିଙ୍କୁ ବିରୋଧକରି ଓ ତାଙ୍କ ଆଧିପତ୍ୟ କମାଇବା ପାଇଁ ଧାମନଗରରେ କେତେଜଣ କଂଗ୍ରେସ ଲୋକଙ୍କୁ କିଣିନେଲେ। ଏଇଟା ସତ୍ୟ। ଆମ ଭୋଟ ସେଇଆଡ଼େ ପଳାଇଲା। କିଏ ଭାଜପାକୁ ତ କିଏ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଲା। ଆମ ପ୍ରତି ଯେଉଁମାନଙ୍କ ସ୍ନେହ,ଶ୍ରଦ୍ଧା ଥିଲା ଓ ଯେଉଁମାନେ ଆମକୁ ଭୋଟ ଦେଇଥାଆନ୍ତେ ତାଙ୍କୁ ରୋକିଦେଲେ। ଅର୍ଥାତ୍ ବିଜେଡି-ବିଜେଡି କଳିରେ କଂଗ୍ରେସ ବୁଡ଼ିଗଲା। ହେଲେ ବିଜେଡିର କେଉଁ ନେତାମାନେ ବବିଙ୍କ ବିରୋଧରେ ଯାଇ ଏମିତି କାମ କରିଥିଲେ ସେମାନଙ୍କ ନାଁ ତାରା କହିନାହାନ୍ତି। ସେମାନଙ୍କ ମଧ୍ୟରେ ଉଭୟ ବରିଷ୍ଠ ଓ କନିଷ୍ଠ ନେତା ଅଛନ୍ତି। ଅନ୍ୟପକ୍ଷରେ ପଦ୍ମପୁର ଉପନିର୍ବାଚନରେ କଂଗ୍ରେସର ସ୍ଥିତି ଭିନ୍ନ ରହିବ। ସେଠାରେ ଦଳ ୧ ନମ୍ବରରେ ରହିବ ବୋଲି କହିଛନ୍ତି। ପଦ୍ମପୁରରେ ଆମ ନେତା ସତ୍ୟଭୂଷଣ ସାହୁ ଗତ ନିର୍ବାଚନରେ ୩୨ ହଜାର ଭୋଟ ପାଇଥିଲେ। ତାଙ୍କର ସେଠାରେ ଦବଦବା ରହିଛି। ନିଶ୍ଚିତ ଭାବେ କଂଗ୍ରେସ ସେଠାରେ ୧ ନମ୍ବରରେ ରହିବ। ସେଠାରେ କେହି କଂଗ୍ରେସ ଭୋଟ ନେଇପାରିବେନାହିଁ ବୋଲି ତାରା କହିଛନ୍ତି।

**ADMISSION NOTICE-2022**

D.D.C.E., UTKAL UNIVERSITY
BHUBANESWAR-751007
NAAC Accrediated A+
nirf RANK 88

DIRECTORATE OF DISTANCE & CONTINUING EDUCATION

**Management Courses (AICTE APPROVED)**
- MBA with Dual Specialisation (HRM/MM/POM/FM/T&TM/BIM/DNM / ISM)
- BBA / IMBA

Contact for - 9437103110 in working days 10AM to 5 PM )

**General Under Graduate and Post Graduate Courses in Distance Mode**
- BA (HONS.) (Odia, English, Hindi, Sanskrit, Education, Economics, Pol. Science, History & Sociology)
- B.COM. (HONS.)
- MA in Sanskrit
- MA in Public Administration
- MA in Hindi.
- MA in Pol.Science
- MA in English
- M.A. in Economics
- MA in Odia
- MA in Sociology
- MA in History
- MA in Education
- M.Com.
- MSW

(Contact for - 9437156110 in working day 10AM to 5 PM )

For eligibility, fees structure, selection process and important date lines visit our website :
www.ddceutkal.ac.in
Revised Last Date of Admision 15.11.2022
DIRECTOR

ଭାରତ ସରକାର
ବିକାଶ ଆୟୁକ୍ତ (ଏମ୍‌ଏସ୍‌ଏମ୍‌ଇ)
ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ
**ଛଅମାସିଆ ଉଦ୍ୟମିତା ଏବଂ କୌଶଳ ବିକାଶ କାର୍ଯ୍ୟକ୍ରମ (ଇ-ଏସ୍‌ଡିପି) ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି**
ଆୟୋଜକ
ଏମ୍‌ଏସ୍‌ଏମ୍‌ଇ-ବିକାଶ ଓ ସୁବିଧା କାର୍ଯ୍ୟାଳୟ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, ଭାରତ ସରକାର, କଟକ ଓ ଏହାର ଶାଖା କାର୍ଯ୍ୟାଳୟ

| କ୍ର. ସଂ. | ସ୍ଥାନ | କାର୍ଯ୍ୟକ୍ରମର ତାରିଖ | ବିଷୟ/ଲକ୍ଷ୍ୟ ସମୂହ | କାର୍ଯ୍ୟକ୍ରମ ସଂଯୋଜକ |
|---|---|---|---|---|
| ୧. | ଓ.ସି.ସି.ଏମ୍. କମ୍ପ୍ୟୁଟର, ସୋହେଲା, ଜିଲ୍ଲା- ବରଗଡ଼ | ୧୧।୧୧।୨୦୨୨ରୁ ୨୨।୧୨।୨୦୨୨ | କମ୍ପ୍ୟୁଟର ହାର୍ଡୱେର୍ ଓ ମେଣ୍ଟେନାନ୍ସ (ସାଧାରଣ) | ଡି.ସି. ମିଶ୍ର, ସହକାରୀ ନିର୍ଦ୍ଦେଶକ, ଗ୍ରେଡ୍.୧ ମୋ.: ୯୪୩୮୫୮୧୯୭୩ |
| ୨. | ସିଟିଇଡି, ଡୁମଡୁମା, ଭୁବନେଶ୍ୱର | ୧୮।୧୧।୨୦୨୨ରୁ ୧୯।୧୨।୨୦୨୨ | ବିଉଟି ପାର୍ଲର୍ ଓ ଥେରାପି (ମହିଳା) | |
| ୩. | ସରକାରୀ ଆଇ.ଟି.ଆଇ., ଲକ୍ଷ୍ମୀପୁର, ଜିଲ୍ଲା- କୋରାପୁଟ | ୧୪।୧୧।୨୦୨୨ରୁ ୨୩।୧୨।୨୦୨୨ | ଘରୋଇ ବୈଦ୍ୟୁତିକ ଉପକରଣର ମରାମତି ଓ ସର୍ଭିସିଂ (ଏସ୍.ସି.) | ଏନ୍. କୋଟିରତ୍ନମ୍, ସହକାରୀ ନିର୍ଦ୍ଦେଶକ, ବିଆର୍.ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, ରାୟଗଡ଼ା ମୋ.: ୯୪୩୭୨୬୮୪୪୮ |
| ୪. | ବିଷମକଟକ, ଜିଲ୍ଲା: ରାୟଗଡ଼ା | ୧୧।୧୧।୨୦୨୨ରୁ ୨୨।୧୨।୨୦୨୨ | କୃଷି ଭିତ୍ତିକ ଉତ୍ପାଦ (ଏସ୍.ସି.) | |
| ୫. | ତମାଣ୍ଡୋ, ଜିଲ୍ଲା: ଖୋର୍ଦ୍ଧା | ୧୦।୧୧।୨୦୨୨ରୁ ୨୪।୧୨।୨୦୨୨ | ଛତୁ ବିହନ ଉତ୍ପାଦନ ଓ ଚାଷ ତଥା ଟିସୁ କଲଚର୍ ରୋପଣ | ସୁବାସ କୁମାର ସାହୁ, ସହକାରୀ ନିର୍ଦ୍ଦେଶକ ମୋ.: ୯୪୩୭୨୬୭୦୯୭ |
| ୬. | ବୋରିକିନା, ଜିଲ୍ଲା: ଜଗତ୍‌ସିଂହପୁର | ୧୪।୧୧।୨୦୨୨ରୁ ୨୭।୧୨।୨୦୨୨ | ଗାର୍ମେଣ୍ଟ ମାନୁଫାକ୍ଚରିଂ | |
| ୭. | ବିଜୟଲକ୍ଷ୍ମୀ ଚାରିଟେବଲ୍ ଟ୍ରଷ୍ଟ, କେନ୍ଦୁଝର | ୨୮।୧୧।୨୦୨୨ରୁ ୦୬।୦୧।୨୦୨୩ | ରେଡିମେଡ୍ ଗାର୍ମେଣ୍ଟସ୍ (ଏସ୍.ଟି.) | ଏ. ମୋଦି, ତଦନ୍ତକାରୀ ମୋ.: ୯୪୩୭୫୬୮୧୭୧ |

ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ସ୍ଥାପନ କରିବା ପାଇଁ ଇଚ୍ଛୁକ ଆଗ୍ରହୀ ଶିକ୍ଷକ ଯୁବବର୍ଗ କାର୍ଯ୍ୟକ୍ରମ(ଗୁଡ଼ିକ)ରେ ଅଂଶଗ୍ରହଣ କରିବା ପାଇଁ ସମ୍ପୃକ୍ତ କାର୍ଯ୍ୟକ୍ରମ ସଂଯୋଜକଙ୍କ ସହ ଯୋଗାଯୋଗ କରିପାରନ୍ତି ।
**ଯୋଗ୍ୟତା:** ୧୮ ବର୍ଷ ବୟସ ପୂରଣ କରିଥିବା ତଥା ଶିକ୍ଷାଗତ ଯୋଗ୍ୟତା ୮ମ ଉତ୍ତୀର୍ଣ୍ଣ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଜରୁରୀ ।
**କାର୍ଯ୍ୟକ୍ରମ ବିବରଣୀ:** ଏହି ଇ-ଏସ୍‌ଡିପି ସମ୍ପୃକ୍ତ ବୈଷୟିକ ବିଷୟ ଉପରେ ଉଭୟ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଏବଂ କୌଶଳ ବିକାଶ କାର୍ଯ୍ୟକ୍ରମ ସମ୍ବଳିତ ଅଟେ ।
**ପାଠ୍ୟକ୍ରମ ଦେୟ:** ସାଧାରଣ ଓ ଓବିସି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ପାଇଁ ଟ.୨୦୦/-ଏବଂ ଏସ୍‌ସି/ଏସ୍‌ଟି/ମହିଳା/ଭିନ୍ନକ୍ଷମ ବ୍ୟକ୍ତିବିଶେଷ/ପୂର୍ବତନ ସୈନିକ ଏବଂ ବିପିଏଲ୍ ବର୍ଗର ଅଂଶଗ୍ରହଣକାରୀଙ୍କ ପାଇଁ ଦେୟ ଛାଡ଼ ଅଟେ ।
ସଂରକ୍ଷଣ: ଏସ୍.ସି./ଏସ୍.ଟି./ମହିଳା/ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ୪୦% ସିଟ୍ ଏବଂ ୪ ବର୍ଷର ସେବା ପ୍ରଦାନ କରିଥିବା ଅଗ୍ନିବୀରଙ୍କ ପାଇଁ ୫% ସିଟ୍ ।
ବି.ଦ୍ର.: ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ କୌଣସି ଟିଏ/ଡିଏ/ଲଜିଂ/ବୋର୍ଡିଂ ଦିଆଯିବ ନାହିଁ ।

ଦୟାକରି ଆବେଦନ କରନ୍ତୁ:
ନିର୍ଦ୍ଦେଶକ, ଏମ୍‌ଏସ୍‌ଏମ୍‌ଇ ବିକାଶ ଅନୁଷ୍ଠାନ, କଲେଜ ଛକ, କଟକ, ଓଡ଼ିଶା-୭୫୩୦୦୩
www.msmedicuttack.gov.in
ଇମେଲ୍: dcdi-cuttack@dcmsme.gov.in
CBC 25113/12/0060/2223

**କଳିଙ୍ଗ ବୈଶ୍ୟ ମହାସଂଘ, ଓଡ଼ିଶା, ନିର୍ବାଚନ କମିଟି**
Website: www.kvms.in
**ବିଜ୍ଞାପନ**
ତା: ୦୯।୧୧।୨୦୨୨

ଏତଦ୍ୱାରା କଳିଙ୍ଗ ବୈଶ୍ୟ ମହାସଂଘ ଅନ୍ତର୍ଗତ ସମସ୍ତ ନିୟମିତ ସଭ୍ୟ, ମହାସଂଘ ସ୍ୱୀକୃତିପ୍ରାପ୍ତ ସମସ୍ତ ସଂଘ ଓ ଅଞ୍ଚଳମାନଙ୍କୁ ସୂଚିତ କରାଯାଉଅଛି ଯେ, ମହାସଂଘ କାର୍ଯ୍ୟନିର୍ବାହୀ କମିଟିର ନିଷ୍ପତ୍ତି କ୍ରମେ ଆଗାମୀ ତା୧୧।୧୨।୨୦୨୨ରିଖ ରବିବାର ଦିନ ମହାସଂଘର ସାଧାରଣ ଅଧିବେଶନ ସହ ମହାସଂଘ କର୍ମକର୍ତ୍ତା (ସଭାପତି, ଉପ-ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ) ନିର୍ବାଚନ ଖେମୁଣ୍ଡି ଅଞ୍ଚଳ ଅନ୍ତର୍ଗତ ଦିଗପହଣ୍ଡି ବଡ଼ଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ନିର୍ବାଚନ କମିଟି ଦ୍ୱାରା ପ୍ରଣୀତ ନିମ୍ନ କାର୍ଯ୍ୟସୂଚୀ ପ୍ରକାରରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି।

**କାର୍ଯ୍ୟସୂଚୀ**

୧. ତା୧୧।୧୧।୨୦୨୨ (ଶୁକ୍ରବାର): ପୂର୍ବାହ୍ନ ଘ୧୧.୦୦ଟା ସମୟରେ ବ୍ରହ୍ମପୁର ମହାସଂଘ ମୁଖ୍ୟ କାର୍ଯ୍ୟାଳୟ ଓ ସମସ୍ତ ଅଞ୍ଚଳ କାର୍ଯ୍ୟାଳୟଠାରେ ଭୋଟର/ପ୍ରତିନିଧି ତାଲିକା ପ୍ରକାଶନ। (ଯାହାକି ମହାସଂଘର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ)।
୨. ତା୧୩।୧୧।୨୦୨୨ (ରବିବାର) ଓ ତା୧୪।୧୧।୨୦୨୨ (ସୋମବାର): ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ଭୋଟର/ପ୍ରତିନିଧି ତାଲିକା ସମ୍ପର୍କେ ଅଭିଯୋଗ ଗ୍ରହଣ ଓ ଶୁଣାଣି। ଅପରାହ୍ନ ଘ୦୨.୦୦ଟାଠାରୁ ଘ.୦୫.୦୦।
୩. ତା୧୫।୧୧।୨୦୨୨ (ମଙ୍ଗଳବାର): ପୂର୍ବାହ୍ନ ଘ୧୧.୦୦ଟା ସମୟରେ ଚୂଡ଼ାନ୍ତ ଭୋଟର/ପ୍ରତିନିଧି ତାଲିକା ପ୍ରକାଶନ।
୪. ତା୧୬।୧୧।୨୦୨୨ (ବୁଧବାର)ଠାରୁ ତା୧୭।୧୧।୨୦୨୨ (ଗୁରୁବାର): ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ୧୧.୦୦ଠାରୁ ଅପରାହ୍ନ ଘ୩.୦୦ ମଧ୍ୟରେ ନାମାଙ୍କନ ପତ୍ର ଉପଲବ୍ଧ।
୫. ତା୧୮।୧୧।୨୦୨୨ (ଶୁକ୍ରବାର) ଓ ତା୧୯।୧୧।୨୦୨୨ (ଶନିବାର) ପର୍ଯ୍ୟନ୍ତ: ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ୧୧.୦୦ଠାରୁ ଅପରାହ୍ନ ଘ.୦୪.୦୦ ପର୍ଯ୍ୟନ୍ତ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ।
୬. ତା୨୧।୧୧।୨୦୨୨ (ସୋମବାର): ଅପରାହ୍ନ ଘ୦୫.୦୦ ସମୟରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶନ।
୭. ତା୨୨।୧୧।୨୦୨୨ (ମଙ୍ଗଳବାର): ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ୧୦.୦୦ଠାରୁ ଅପରାହ୍ନ ଘ୦୩.୦୦ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର।
୮. ତା୨୩।୧୧।୨୦୨୨ (ବୁଧବାର): ଅପରାହ୍ନ ଘ୦୫.୦୦ ସମୟରେ ସମସ୍ତ ପଦବୀ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ।
୯. ତା୧୧।୧୨।୨୦୨୨ (ରବିବାର): ସମୟ: ଘ୧୨.୦୦ଠାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ। ଭୋଟ ଗ୍ରହଣ: ଅପରାହ୍ନ ଘ୧୨.୩୦ଠାରୁ ଘ.୪.୦୦ (ସ୍ଥାନ: ଦିଗପହଣ୍ଡି ବଡ଼ଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ)
୧୦. ତା୧୧।୧୨।୨୦୨୨ (ରବିବାର): ଭୋଟ ଗ୍ରହଣ ସମାପ୍ତି ପରେ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭୋଟ ଗଣତି କାର୍ଯ୍ୟକ୍ରମ ଓ ତତ୍‌ପରେ ନିର୍ବାଚିତ ପ୍ରାର୍ଥୀମାନଙ୍କ ନାମ ଘୋଷଣା ଓ ଶପଥପାଠ।

ସ୍ୱା./- କେ. ଗୋପାଳକୃଷ୍ଣ ସେନାପତି
ଅଧ୍ୟକ୍ଷ, ନିର୍ବାଚନ କମିଟି

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନବକଳେବର ରୋଡ଼ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନବକଳେବର ରୋଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ନବକଳେବର ରୋଡ଼ ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା/ବନ୍ଧକଦାତା : ଶ୍ରୀ ଦେବେନ୍ଦ୍ର କୁମାର ନାୟକ, ସା: ମାତାଗୋସେଇଁ ଲେନ୍, ଚୁଡ଼ଙ୍ଗ ସାହି, ପୁରୀ, ଓଡ଼ିଶା - ୭୫୨୦୦୧ | ଟ.୯,୮୧,୪୫୪.୮୨ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୮.୨୦୨୨/ ୦୪.୧୧.୨୦୨୨ | ଶ୍ରୀ ଦେବେନ୍ଦ୍ର କୁମାର ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୮, ପ୍ଲଟ୍ ନଂ.: ୩୨୯, କ୍ଷେତ୍ର: ଏକର୦.୦୧୮ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଦାଣ୍ଡିମାଳ ସାହି, ଥାନା: ପୁରୀ ଟାଉନ୍, ଥାନା: ନଂ.: ୨୦, ଏସ୍‌ଆରଓ: ପୁରୀ, ମ୍ୟୁନିସପାଲ ହୋଲ୍ଡିଂ ନଂ.: ୪୪୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାମ ଚନ୍ଦ୍ର ନାୟକ, ଦକ୍ଷିଣ: ରାଜେନ୍ଦ୍ର ସାହୁ, ପୂର୍ବ: ଜଗନ୍ନାଥ ବଲ୍ଲଭ ମଠ, ପଶ୍ଚିମ: ରାସ୍ତା |
| ଋଣଗ୍ରହୀତା/ବନ୍ଧକଦାତା : ଶ୍ରୀମତୀ ଚିନ୍ମୟୀ ନାୟକ (ଦେଇ), ସ୍ୱାମୀ: ଶ୍ରୀ ଦେବେନ୍ଦ୍ର କୁମାର ନାୟକ / ସହ-ଋଣଗ୍ରହୀତା: ଶ୍ରୀ ଦେବେନ୍ଦ୍ର କୁମାର ନାୟକ, ଉଭୟଙ୍କ ଠିକଣା - ସା: ମାତାଗୋସେଇଁ ଲେନ୍, ଚୁଡ଼ଙ୍ଗ ସାହି, ପୁରୀ, ଓଡ଼ିଶା - ୭୫୨୦୦୧ | ଟ.୧୪,୭୭,୧୩୯.୯୦ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୮.୨୦୨୨ / ୦୪.୧୧.୨୦୨୨ | ଶ୍ରୀମତୀ ଚିନ୍ମୟୀ ନାୟକ (ଦେଇ), ସ୍ୱାମୀ: ଶ୍ରୀ ଦେବେନ୍ଦ୍ର କୁମାର ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୦/୧୫୬, ପ୍ଲଟ୍ ନଂ.: ୭୯୩/୧୬୨୨, କ୍ଷେତ୍ର: ଏକର୦.୦୨୦.୨ ଡ଼ିସିମିଲି, କିସମ: ଘରବାରୀ, ମୌଜା: ମାର୍କଣ୍ଡେଶ୍ୱର ସାହି, ଥାନା: ପୁରୀ ଟାଉନ୍, ଥାନା ନଂ.: ୧୯, ଏସ୍‌ଆରଓ: ପୁରୀ, ତହସିଲ: ପୁରୀ, ଜିଲ୍ଲା: ପୁରୀ, ଅନୁରୂପ ସାବିକ ଖାତା ନଂ.: ୪୯୬, ପ୍ଲଟ୍ ନଂ.: ୭୯୩, କ୍ଷେତ୍ର: ଏକର୦.୦୨୦.୨ ଡ଼ିସିମିଲି, ମ୍ୟୁନିସପାଲିଟି ହୋଲ୍ଡିଂ ନଂ.: ୧୦୨୬/୪/୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ବିଶ୍ୱଜିତ୍ ଷେଣ୍ଢ, ଦକ୍ଷିଣ: ଚୁଡ଼ଙ୍ଗ ପୋଖରୀ, ପୂର୍ବ: ହାଡ଼ିବନ୍ଧୁ ନାୟକ ଏବଂ ସତ୍ୟଭାମା ମିଶ୍ର, ପଶ୍ଚିମ: ସସ୍ମିତା ସେନାପତି ଏବଂ ବିଜୟ ନାୟକ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୧୧.୨୦୨୨
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**SUIIT**
**Sambalpur University Institute of Information Technology**

Advt. No.: 1349/ SUIIT — Date: 09/ 11 / 2022

| SPOT ADMISSION | Date |
|---|---|
| • B. Tech Lateral Entry (CSE/ECE/EEE) | 14th November, 2022 |
| • M. Sc Computer Sc. (All Categories) | |
| • M. Tech Computer Sc. and Engg. (All Categories) | |

**INSTRUCTIONS**

Interested candidates for spot admission should report to the Administrative Officer, SUIIT during 10AM to 12 noon on 14.11.2022. There will be an entrance examination of one hour duration at 12:15 PM only for the Post Graduateprogrammes following COVID-19 guidelines. Admission will be done on the same day, as per SUIIT admission guidelines.

CONTACT NUMBERS: 9938983624 / 9438074077 / 9337347538

Email:admin.office@suiit.ac.in

Sd/
Director , SUIIT

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଅତାବିରା,୯।୧୧(ଡି.ଏନ.ଏ):** ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତାର ଗଣ୍ଡତୁରୁମ ଓ ଅରିଗାଁ ମଝିରେ ଥିବା ଜିରା ବ୍ରିଜ ଉପରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ଗୋଟିଏ କାର୍ (ନଂ.ଓଡ଼ି୦୨ବିଏମ/୧୯୨୭) ଓ ଅନ୍ୟ ଏକ ବାଇକ୍ (ନଂ.ଓଡ଼ି୧୯ଜେ/୬୮୫୩) ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଭେଡ଼େନ ଥାନା ରୁଖୁଡ଼ା ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ମୃତଦେହକୁ ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ପୋଲିସ ସୂଚନା ଦେଇଛି।

### ଆଜିଠୁ ଇଚ୍ଛୁକ ଖେଳାଳିଙ୍କ ରେଜିଷ୍ଟ୍ରେଶନ

**ବରଗଡ଼ ଅଫିସ୍,୯।୧୧:** ବରଗଡ଼ ଜିଲା ଜୁନିୟର ୧୪ରୁ ୧୯ବର୍ଷ ବୟସ ବର୍ଗ କ୍ରିକେଟ ପ୍ରତିଯୋଗିତା ପାଇଁ ଗୁରୁବାରଠାରୁ ରେଜିଷ୍ଟ୍ରେଶନ ଆରମ୍ଭ ହେବ ବୋଲି ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି । ୧୪ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିମାନେ ଏହି ପ୍ରତିଯୋଗିତା ପାଇଁ ଆବେଦନ କରି ପାରିବେନାହିଁ । ଇଚ୍ଛୁକ ଖେଳାଳିମାନେ ନିଜ ଜନ୍ମଗତ ପ୍ରମାଣପତ୍ର, ଆଧାର କାର୍ଡ଼, ସ୍କୁଲ ପରିଚୟ ପତ୍ର ଆଦି ସହିତ ଏଥିପାଇଁ ଆବେଦନ କରିପାରିବେ ବୋଲି ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା ଜଣାଇଛନ୍ତି ।

### ଜେଲ୍‌ରୁ ଜାମିନରେ ବାହାରିବାପରେ ବାସଭବନରେ ପହଞ୍ଚିଲେ ଅନୁପ

**ଝାରସୁଗୁଡ଼ା ଅଫିସ୍,୯।୧୧:** ବହୁଚର୍ଚ୍ଚିତ ଡବଲ୍ ମର୍ଡର ମାମଲାରେ ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ ଛତିଶଗଡ ବିଲାସପୁର ହାଇକୋର୍ଟରୁ ଜାମିନ ପାଇବାପରେ ସେ ବୁଧବାର ବ୍ରଜରାଜନଗର ସ୍ଥିତ ବଘରାଚକା ବାସଭବନରେ ପହଞ୍ଚିଥିବା ଜଣାପଡିଛି। ସେ ବିଲାସପୁରରୁ ଆସି ବୁଧବାର ମଧ୍ୟାହ୍ନରେ ଓଡିଶା-ଛତିଶଗଡ ସୀମାନ୍ତ କନକତୋରାରେ ପହଞ୍ଚିଥିଲେ। ଏସମ୍ପର୍କରେ ପୂର୍ବ ସୂଚନାପାଇ ଶତାଧିକ ମହିଳା, ପୁରୁଷ, ଯୁବଗୋଷ୍ଠୀ କନକତୋରାରେ ପହଞ୍ଚି ସଂକୀର୍ତ୍ତନକରି ଫୁଲମାଳ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ।

### ବିମଳ ପଟେଲ୍ ସୁନ୍ଦରଗଡ଼ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ ସଭାପତି

**ସୁନ୍ଦରଗଡ଼,୯।୧୧(ଡି.ଏନ.ଏ):** ସୁନ୍ଦରଗଡ଼ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃର ସଭାପତି ଭାବେ ବିମଳ କୁମାର ପଟେଲ ବୁଧବାର ନିର୍ବାଚିତ ହୋଇଛନ୍ତି । ଆୟୋଜିତ ନିର୍ବାଚନରେ ବିମଳ ଦଶ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଲାଲ କୁଲଦୀପ ପ୍ରତାପ ଦେଓ ପାଞ୍ଚ ଖଣ୍ଡ ଭୋଟ ପାଇଥିବା ନେଇ ସୁନ୍ଦରଗଡ଼ ଡିଆରସିଏସ ତଥା ନିର୍ବାଚନ ଅଧିକାରୀ ଦେଶରଞ୍ଜନ ସେଠୀ ଘୋଷଣା କରିଛନ୍ତି । ବିମଳ ଲେଫ୍ରିପଡା ଲ୍ୟାମ୍ପସର ଡାଇରେକ୍ଟର ଭାବେ ରହିଛନ୍ତି। ସଭାପତି ନିର୍ବାଚିତ ହେବା ପରେ ବିମଳଙ୍କ ଶୁଭେଚ୍ଛୁ ମହଲରେ ଆନନ୍ଦର ଲହରୀ ଖେଳିଛି ।

# ରୋଷେୟା ତଣ୍ଟିଚିପି କରିଥିଲେ ହତ୍ୟା

**ଲହୁଣୀପଡ଼ା,୯।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବରସୁଆଁ ରେଲୱେ ସାଇଡ଼ିଂ ମ୍ୟାନେଜରଙ୍କୁ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଅଭିଯୁକ୍ତ ରୋଷେୟା ସୁଶୀଲ କୁମାର ତ୍ରିପାଠୀ (୩୭)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ସୁଶୀଲଙ୍କ ଘର ବଣାଇ ଥାନା ଅନ୍ତର୍ଗତ ନରେନ୍ଦ୍ର ପଞ୍ଚାୟତ ଜୀବିକା ଗ୍ରାମରେ।

ବରସୁଆଁ ରେଲୱେ ସାଇଡିଂଠାରେ ଏକ ଘରୋଇ ଖଣି କମ୍ପାନୀରେ କାମ କରୁଥିବା ସାଇଡ଼ିଂ ମ୍ୟାନେଜର ମୋତିରାମ ପାଲ(୫୯)ଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ରୋଷେୟା ସୁଶୀଲ ତଣ୍ଟିଚିପି ହତ୍ୟାକରି ଫେରାର୍ ହୋଇଯାଇଥିଲେ। ସୁଶୀଲ ଉକ୍ତ କମ୍ପାନୀର ଗେଷ୍ଟ ହାଉସରେ ରୋଷେୟା ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଠିକ୍ ଭାବେ କାମ ନ କରିବାରୁ ମ୍ୟାନେଜର ରୋଷେଇ କାର୍ଯ୍ୟ କରିବା ପରିବର୍ତ୍ତେ ସାଇଡ଼ିଂରେ କାମ କରିବା ପାଇଁ ସୁଶୀଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଖବରଦାତା ସମ୍ମିଳନୀରେ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା ଓ ଅନ୍ୟ ପୋଲିସ କର୍ମଚାରୀ।

ପ୍ରତ୍ୟେକ ଦିନ ରାତିରେ କାମ ଦେଉଥିବାରୁ ମ୍ୟାନେଜର ଓ ସୁଶୀଲଙ୍କ ଭିତରେ ତିକ୍ତତା ଲାଗି ରହିଥିଲା। ଗତ ୬ ରେ ସୁଶୀଲ ଡ୍ୟୁଟି ସାରି ବାଇକ୍ ଯୋଗେ ବରସୁଆଁରୁ ନିଜ ଗ୍ରାମକୁ ଆସୁଥିବା ବେଳେ ମ୍ୟାନେଜରର ଅତ୍ୟାଚାର ସେ ଆଉ ସହି ପାରିବ ନାହିଁ। ସବୁଦିନ ପାଇଁ ରାସ୍ତାରୁ ହଟେଇ ଦେବା ଭାବି ସେହି ବାଇକରେ କଲେଇପୋଷ ଛକରୁ ପୁନର୍ବାର ବରସୁଆଁକୁ ଫେରିଯାଇଥିଲେ। ରାତି ପ୍ରାୟ ୧୦ ଟା ୧୫ ରେ ଗେଷ୍ଟ ହାଉସ୍‌କୁ ଯାଇ ମ୍ୟାନେଜର ଶୋଇଥିବା ରୁମ୍‌ର କବାଟ ଠକ ଠକ କରିବାରୁ ମ୍ୟାନେଜର ମୋତିରାମ ଉଠି କବାଟ ଖୋଲିଥିଲେ। ସୁଶୀଲ ତାଙ୍କୁ ମାରଧର କରିବାରୁ ମ୍ୟାନେଜର ପଡି ଯାଇଥିଲେ। ତାଙ୍କ ଗୋଡ ଉପରେ ସୁଶୀଲ ଛିଡା ହେବା ସହିତ ତଣ୍ଟିକୁ ଶକ୍ତ ଭାବରେ ଚାପି ଦେଇଥିଲେ। ଫଳରେ ମ୍ୟାନେଜରଙ୍କ ପାଟି, ନାକରୁ ରକ୍ତସ୍ରାବ ହୋଇଥିଲା। ମ୍ୟାନେଜର ମରିଯିବା ଜାଣି ସୁଶୀଲ ସେଠାରୁ ସେହି

**ସାଇଡିଂ ମ୍ୟାନେଜର ହତ୍ୟା ରହସ୍ୟ ଉନ୍ମୋଚିତ**

ବାଇକ ଯୋଗେ ବରସୁଆଁରୁ ନିଜ ଗ୍ରାମ ଜୀବିକାକୁ ରାତାରାତି ପଳେଇ ଆସିଥିଲେ। ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବା ଓ ଅଭିଯୁକ୍ତଙ୍କୁ ଧରିବା ପାଇଁ ଲହୁଣୀପଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ ହୋଇଥିଲା। ବିଭିନ୍ନ ସ୍ଥାନରେ ଛାନ୍‌ଭିନ କରିବା ସହିତ ଜୀବିକା ଗ୍ରାମ ନିକଟରେ ଥିବା କେନାଲ ନିକଟରୁ ସୁଶୀଲଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ ବୋଲି ବୁଧବାର ଲହୁଣୀପଡ଼ା ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଲହୁଣୀପଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି, ସବ୍‌ଇନ୍ସପେକ୍ଟର ଅଶୋକ କୁମାର ବେହେରା, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରେନରେ କଟି ଯୁବକଙ୍କ ଆତ୍ମହତ୍ୟା

**ରାଜଗାଙ୍ଗପୁର,୯।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଜଣେ ଯୁବକ ଟ୍ରେନରେ କଟି ଆତ୍ମହତ୍ୟା କରିଛନ୍ତି। ବୁଧବାର ଦ୍ୱିପ୍ରହର ସମୟରେ ରାଜଗାଙ୍ଗପୁର ରେଳ ଫାଟକ ସମ୍ମୁଖରେଏକ ମାଲବାହୀ ଟ୍ରେନ ଯାଉଥିବା ସମୟରେ ଅଚାନକ ଜଣେ ଯୁବକ ଫାଟକ ଅତିକ୍ରମ କରି ମାଲବାହୀ ଟ୍ରେନର ଚକାତଳେ ଶୋଇପଡିଲେ। ଫଳରେ ତାଙ୍କର ମୁଣ୍ଡ ଓ ଗଣ୍ଡି ଅଲଗା ଅଲଗା ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଗାଙ୍ଗପୁର ରେଳବାଇ ପୋଲିସ ଘଟଣା ସମ୍ପର୍କରେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ବର୍ତ୍ତମାନ ସୁଦ୍ଧା ଯୁବକଙ୍କ ପରିଚୟ ମିଳିପାରି ନାହିଁ।

### ଶିକ୍ଷକ ଅରୁଣ ରାଏଙ୍କ ପରଲୋକ

**ଅମରପାଲି,୯।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର କ୍ଲଷ୍ଟର ଗୌଡଗାଡ ୟୁପି ସ୍କୁଲର ସହକାରୀ ଶିକ୍ଷକ ତଥା ଦୁର୍ଜନତୈଲା କ୍ଲଷ୍ଟରର ପୂର୍ବତନ ସିଆରସିସି ଅରୁଣ କୁମାର ରାଏ(୪୨)ଙ୍କ ବୁଧୁବାରପରଲୋକ ହୋଇଯାଇଛି। ସେ ବହଲପଦର ପଞ୍ଚାୟତ ଅନ୍ତର୍ଗତ ଗୁଦୁଗୁଦା ଗ୍ରାମର ବେଣୁଧର ରାଏଙ୍କ ଏକ ମାତ୍ରପୁତ୍ର। ସେ କିଛି ଦିନ ହେଲା ଲିଭର ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଗୌଡଗାଡ ସ୍କୁଲରେ ସହକାରୀ ଶିକ୍ଷକ ଥିଲେ। ପୂର୍ବରୁ ଦୁର୍ଜନତୈଲା କ୍ଲଷ୍ଟରରେ ସିଆରସିସି ମଧ ଥିଲେ। ୨୦୦୩ ମସିହାରେ ସେ ପ୍ରଥମେ ଅମରପାଲି ୟୁପି ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି ହୋଇଥିଲେ। ଏହା ସହିତ ଅରୁଣ ଜିଲା ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ସମାଜର ମହାସଚିବ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପର ସ୍ତ୍ରୀ, ଦୁଇ ଝିଅ,ଏକମାତ୍ର ପୁଅ ଏବଂ ମାବାପା ଅଛନ୍ତି। ମୃତ୍ୟୁ ଖବର ପାଇ ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ମୁର୍ଛୁଣ୍ଡିର ପୂର୍ବତନ ସରପଞ୍ଚ ରୀନା ପୁଟା, ଜିଲା ପରିଷଦ ସଭ୍ୟ ଚନ୍ଦ୍ରକାନ୍ତି ଦନ୍ତା, ଗଣ୍ଡୱାନା ଗୋଣ୍ଡ ସମାଜର ଜିଲା ସଭାନେତ୍ରୀ ଗୌରୀ କୁମୁରା, ଅମରପାଲି ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇ, ଖଣ୍ଡହତା ୟୁପି ସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ନାଏକ, ବହଲପଦର ୟୁପି ସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷକ ପ୍ରାଣବନ୍ଧୁ ସାହୁ ରାଏଙ୍କ ଶେଷ ଦର୍ଶନ କରିଥିଲେ।



# ଠିକା କର୍ମଚାରୀଙ୍କ ଧାରଣା, ବିକ୍ଷୋଭ

**ବରଗଡ଼ ଅଫିସ୍,୯।୧୧**

ଚାକିରିକୁ ନିୟମିତ କରିବା ଦାବି ନେଇ ବୁଧବାର ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ମହାସଂଘର ପ୍ରତିନିଧିମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ଅଧୀନରେ ଠିକା କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି। ସେମାନେ ନିରବଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ତେବେ ଗତ ମାସରେ ରାଜ୍ୟ ସରକାର ଠିକା କର୍ମଚାରୀ ପ୍ରଥା ଉଚ୍ଛେଦ କରିଥିଲେ ସୁଦ୍ଧା ଏଥିରେ ସ୍ୱାସ୍ଥ୍ୟ ବିଭାଗର ଠିକା


ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ସ୍ୱାସ୍ଥ୍ୟ ଠିକା କର୍ମଚାରୀଙ୍କ ଧାରଣା ।

କର୍ମଚାରୀଙ୍କୁ ବାଦ୍ ଦିଆଯାଇଛି । ଏହାକୁ ନେଇ ସ୍ୱାସ୍ଥ୍ୟ ଠିକା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀମାନେ ବରଗଡ଼ ପୁରୁଣା ଡାକ୍ତରଖାନାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସକୁ ଯାଇ ସେଠାରେ ଧାରଣା, ବିକ୍ଷୋଭ ପ୍ରଦର୍ଶନ ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୧ତାରିଖ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ନିୟମିତ ଘୋଷଣା କରା ନ ଗଲେ ମହାସଂଘ ଏହାର ପ୍ରତିବାଦ କରିବ। ସମସ୍ତ କର୍ମଚାରୀ ହଳଦିଆ ବ୍ୟାଚ୍ ପିନ୍ଧି କାର୍ଯ୍ୟରେ ସରକାରଙ୍କୁ ଅସହଯୋଗ କରିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ମହାସଂଘର ବରଗଡ଼ ଜିଲା ସଭାପତି ଡା. ସୁଦୀପ୍ତ କୁମାର ସାହୁ, ସମ୍ପାଦକ ବେଦବ୍ୟାସ ହୋତାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ରାଜଗାଙ୍ଗପୁର ବ୍ଲକରେ ନୃତ୍ୟ ପ୍ରତିଯୋଗିତା

**ରାଜଗାଙ୍ଗପୁର,୯।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକରେ ବୁଧବାର ବ୍ଲକସ୍ତରୀୟ ଗ୍ରୁପ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଲୋକକଳାକାର ଯୋଗଦେଇଥିଲେ। ସମୁଦାୟ ୧୪ଟି ବିଭିନ୍ନ ନୃତ୍ୟ ଗ୍ରୁପ ଯୋଗଦେଇଥିଲେ। ଯେଉଁଥିରେ ସ୍ଥାନୀୟ କିଷାନ ନୃତ୍ୟ, ଓରାମ ନୃତ୍ୟ ତଥା ବିଭିନ୍ନ କୀର୍ତ୍ତନ ମଣ୍ଡଳୀ ଗ୍ରୁପ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରୁ ଭଲ ପ୍ରଦର୍ଶନ କରିଥିବା ଗ୍ରୁପ ବଛା ଯାଇ ଜିଲାସ୍ତରୀୟ ପ୍ରତିଯୋଗିତାରେ ଯୋଗଦାନ କରିବେ ଓ ସେଠାରେ ଯୋଗ୍ୟ ବିବେଚିତ ହୋଇଥିବା ଗ୍ରୁପଗୁଡିକ,ଆଗାମୀ ଦିନରେ ହେବାକୁ ଥିବା ରାଉରକେଲାରେ ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇବେ ବୋଲି ଜଣାପଡ଼ିଛି। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଜଜ୍ ଭାବେ ରାଜଗାଙ୍ଗପୁର ବିଡିଓ ପିୟୁସ ଲୁହାର, ସୁରଥ ମାଝୀ, ସନାତନ ତନ୍ତି, ସପନ ଢାଲି ରହିଥିଲେ।


ରାଜଗାଙ୍ଗପୁରରେ ନୃତ୍ୟ ପ୍ରତିଯୋଗିତାରେ ସାମିଲ କଳାକାର।

# ବରଗଡ଼ ଧନୁଯାତ୍ରା: ଆଜି କଂସ ଚୟନ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ କଳାକାର ଚୟନରେ ବୁଧବାର ଅଡ଼ିଶନର ଦ୍ୱିତୀୟ ଦିବସ ଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ହଲରେ ଚାଲିଥିବା ଏହି ପ୍ରକ୍ରିୟାରେ ଚାଣୁର, ମୁଷ୍ଟିକ, ମହାମନ୍ତ୍ରୀ, ଅକ୍ରୁର, ସାତ୍ୟକୀ ଚରିତ୍ର ପାଇଁ ଆଶାୟୀ କଳାକାରଙ୍କ ଅଡ଼ିଶନ ହୋଇଥିଲା। ଚାଣୁର ଚରିତ୍ର ପାଇଁ ୧୯ଜଣଙ୍କ ମଧ୍ୟରୁ ୧୦ଆଶାୟୀ ଅଡ଼ିଶନରେ ଭାଗ ନେଇଥିଲେ। ସେହିପରି ମୁଷ୍ଟିକରେ ୧୦ରୁ ୮, ମହାମନ୍ତ୍ରୀରେ ୨୨ରୁ ୧୯, ଅକ୍ରୁର ପାଇଁ ୧୭ରୁ ୧୨ ଏବଂ ସାତ୍ୟକୀ ପାଇଁ ୧୦ରୁ ୫ଜଣ ଆଶାୟୀ କଳାକାର ଭାଗ ନେଇଥିଲେ। ଗୁରୁବାର କଂସ ଚରିତ୍ର ପାଇଁ ଆଶାୟୀ କଳାକାରମାନେ ଅଡ଼ିଶନରେ ଭାଗ ନେବେ। କଂସ ଚରିତ୍ର ପାଇଁ ସର୍ବାଧିକ ୫୬ଜଣ ଆଶାୟୀ ରହିଛନ୍ତି । ତେବେ ସେମାନଙ୍କ ମଧ୍ୟରୁ କେଉଁ ଆଶାୟୀ କଳାକାରଙ୍କ କଳା, ଅଭିନୟ ବିଚାରକଙ୍କ ମନକୁ ଛୁଇଁବ ଏବଂ କାହା ଭାଗ୍ୟରେ ଏଥର କଂସ ଅଭିନୟ ସୁଯୋଗ ଜୁଟିବ, ତାହା ଗୁରୁବାର ହେବାକୁ ଥିବା ଅଡ଼ିଶନ ଫଳାଫଳ ଘୋଷଣା ପରେ ଜଣାପଡ଼ିବ। ଚୟନ ପ୍ରକ୍ରିୟାରେ କଳାହାଣ୍ଡିର ପ୍ରଦୀପ ଡି. ମାଝି, ବଲାଙ୍ଗୀରର ଜମାଲ ଖାଁ, ସମ୍ବଲପୁରର ବ୍ରଜେନ୍ଦ୍ର ନାୟକ, ଦେବଗଡ଼ର ହେମନ୍ତ ମହାପାତ୍ର, ବରଗଡ଼ର ଲିଟୁ ମହାନ୍ତି, ବିଜେପୁରର ଶିବଲାଲ ସାଗର, ପଦ୍ମପୁରର ଅଶୋକ ବହିଦାର ବିଚାରକ ଭାବେ ଯୋଗଦାନ କରୁଛନ୍ତି।


ଅଡ଼ିଶନରେ ଭାଗ ନେଇଥିବା ଜଣେ କଳାକାର ।

## ଆପ୍‌ର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ରେ ବୁଧବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ବିଧାନସଭାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଦଳର ୬୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ପଞ୍ଚାୟତ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା, ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଦେବା ଦସ୍ତଖତ ଅଭିଯାନ ଉପରେ ଆଲୋଚନା ହୋଇଥିଲା। ଦିଲ୍ଲୀ ଓ ପଞ୍ଜାବରେ ଆପ୍ ସରକାରଙ୍କ ଉପଲବ୍ଧି ଏବଂ ଓଡ଼ିଶାରେ ବିକଳ୍ପ ରାଜନୀତିର ଆବଶ୍ୟକତା ସମ୍ପର୍କରେ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆପ୍‌ର ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ପୌଲସ୍ତ୍ୟ ସାହା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମରିୟମ ବାର୍ଲା, ଜିଲା ଯୁବ ସଂଯୋଜକ ଅବିନାଶ ବାଗ ପ୍ରମୁଖ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଆପ୍‌ର ଜୋନ୍‌ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ସ୍କୁଲରୁ ଏମଡିଏମ ଚାଉଳ, ଟିଭି ଚୋରି

**ଉଲୁଣ୍ଡା, ୯।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟିଖାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଏମଡିଏମ୍ ଚାଉଳ ଓ ଏଲଇଡି ଟିଭି ଚୋରି ହୋଇଛି। ଶ୍ରେଣୀକୋଠରିର ତାଲା ଭାଙ୍ଗି ୨୦ ବସ୍ତା ଏମଡିଏମ ଚାଉଳ ଚୋରି ହୋଇଥିବା ଥାନାରେ ପ୍ରଧାନଶିକ୍ଷକ ଅଭିଯୋଗକରିଛନ୍ତି।

# ଅଧାରେ ରହିଲା ପ୍ରଶାସନ ସହିତ ତ୍ରିପାକ୍ଷିକ ଆଲୋଚନା


ସଦଭାବନା ଭବନ ଠାରେ ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା।

**ସୁନ୍ଦରଗଡ଼, ୯।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଜାମକାନୀ କୋଇଲ ଖଣି ଭୂମି ପୂଜନ ଦିନଠାରୁ ଚାଲିଥିବା ବିସ୍ଥାପିତ ଗ୍ରାମବାସୀଙ୍କ ଧାରଣା ବୁଧବାର ପଞ୍ଚମ ଦିନରେ ପହଞ୍ଚିଛି। ସୁନ୍ଦରଗଡ଼ ସଦଭାବନା ଗୃହଠାରେ ବୁଧବାର ବିସ୍ଥାପିତଙ୍କ ଦାବିର ସମାଧାନ ପାଇଁ ୧୫ ଜଣିଆ ବିସ୍ଥାପିତ କମିଟି, ପ୍ରଶାସନ, ବେଦାନ୍ତ କର୍ତ୍ତୃପକ୍ଷଙ୍କ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ବିସ୍ଥାପିତଙ୍କ ଦାବି ମୁତାବକ ଦର ଧାର୍ଯ୍ୟ ହୋଇ ନ ପାରିବାରୁ ଏହି ବୈଠକ ଅଧାରେ ଅଟକି ଯାଇଛି। ଜିଲାପାଳ ଡା:ପରାଗ ହର୍ଷଦ ଗଭାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ତ୍ରିପାକ୍ଷିକ ଆଲୋଚନାରେ ବିସ୍ଥାପିତଙ୍କ ପକ୍ଷରୁ ୪ଟି ଦାବି ରଖାଯାଇଥିଲା। ମୁଖ୍ୟତଃ ୨୦୧୩ ବିସ୍ଥାପନ ନୀତି ଅନୁଯାୟୀ କ୍ଷତିପୂରଣ, ପୁନର୍ବାର ସର୍ଭେ କରାଯାଇ ନିଯୁକ୍ତି ପ୍ରଦାନ, ମେଣ୍ଡରା ବିସ୍ଥାପିତ କଲୋନୀରେ ସମସ୍ତ ମୌଳିକ ସୁବିଧା ସହ ଭାଙ୍ଗିରୁଜି ଯାଇଥିବା ଘରଗୁଡିକ ମରାମତି, ପ୍ରକୃତ ଅନୁକମ୍ପାମୂଳକ ରାଶି ପ୍ରଦାନ ଏବଂ ଜଙ୍ଗଲ ଜମି ପଟ୍ଟା, ଅଧିକାଂଶ ଦାବୀ ଗୁଡିକ ପ୍ରଶାସନ ପକ୍ଷରୁ ସହମତି ପ୍ରଦାନ କରିଥିଲେ କିନ୍ତୁ ଜମି ଏକର ପ୍ରତି ୫୦ଲକ୍ଷ ଟଙ୍କା ଦାବିକୁ ଏକ ପ୍ରକାର ଆଗ୍ରହ୍ୟ କରିବା ସହ ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷ ଉଭୟ ଆପୋଷ ଆଲୋଚନା କରି ଏହା ସ୍ଥିର କରିବାକୁ ଜିଲାପାଳ ମତ ଦେଇଥିଲେ। ଉପସ୍ଥିତ ବେଦାନ୍ତ ଅଧିକାରୀ କମ୍ପାନୀର ଉଚ୍ଚସ୍ତରୀୟ କମିଟି ସହ ଏ ନେଇ ଆଲୋଚନା କରିବା ପରେ ପ୍ରକୃତ ଅନୁକମ୍ପା ରାଶି କେତେ ବୃଦ୍ଧି କରିବେ ଜଣେଇବେ ବୋଲି ବୈଠକରେ କହିଥିଲେ। ଏହି ବୈଠକରେ ଜିଲାପାଳ ଡା:ପରାଗ ହର୍ଷଦ ଗଭାଲି, ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ସଦର ଉପଜିଲାପାଳ ଦାଶରଥୀ ସରାବୁ, ବିସ୍ଥାପିତ ନେତା ଗୋପାଳ ପଧାନ, ବିଧାୟିକାଙ୍କ ଅସୁସ୍ଥତା ଯୋଗୁଁ ତାଙ୍କ ଅନୁପସ୍ଥିତରେ ତାଙ୍କ ପ୍ରତିନିଧି ଅସୀମ ପଟେଲ, ବେଦାନ୍ତ ଜାମକାନୀ ଖଣି ମୁଖ୍ୟ ନବଲ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗୋଟିଏ ପ୍ରକଳ୍ପ ଦୁଇ ଥର ଉଦ୍‌ଘାଟନ

**ଝାରସୁଗୁଡା ଅଫିସ୍,୯।୧୧**

ଝାରସୁଗୁଡା ଜିଲା ବିଜେଡି ଦଳରେ ଗୋଷ୍ଠୀ ବିବାଦ ପିଛା ଛାଡୁନି। ଦିନକୁ ଦିନ ଏହା ବୃଦ୍ଧି ପାଇବାରେ ଲାଗିଛି । ଗତ ଅକ୍ଟୋବର ୧୮ରେ ବିଜେଡିର କର୍ମୀ ସମ୍ମିଳନୀରେ ପୋଷ୍ଟର ଲଗାକୁନେଇ ଗୋଷ୍ଠୀ କନ୍ଦଳ ଦେଖାଦେଇଥିଲା । ଏହି ଗୋଷ୍ଠୀ କନ୍ଦଳ ପଦାରେ ପଡିଥିଲା । ଏହାର ୧ମାସ ପରେ ପୁଣି ଦଳରେ ଏହାର ପୁର୍ନାବୃତି ହୋଇଥିବା ଦେଖିବାକୁ ମିଳିଛି । ଏଭଳି ସ୍ଥିତି ଲଖନପୁର ବ୍ଲକ୍‌ରେ ବୁଧବାର ଦେଖାଦେଇଛି। ଲଖନପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କାର୍ଯ୍ୟାଳୟ ୨୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବାବେଳେ ଏହାକୁ ବୁଧବାର ଗୋଟିଏ ଦିନରେ ୩ଘଣ୍ଟା ବ୍ୟବଧାନରେ ୨ଥର ଉଦ୍‌ଘାଟନ ହୋଇଥିବା ଜଣାପଡିଛି। ପ୍ରଥମେ ସକାଳ ୯ଟାରେ ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ଓ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ ପ୍ରମୁଖ ଜନପ୍ରତିନିଧି ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଏହାର ୩ଘଣ୍ଟା ପରେ ୧୨ଟାରେ ଏହି ପ୍ରକଳ୍ପକୁ ବିଧାୟିକା ଅଳକା ମହାନ୍ତି ପୁଣି ଥରେ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟାଳୟ କାନ୍ଥରେ ୨ଗୋଟି ନାମ ଫଳକ


ବିଧାୟିକା ଅଳକା ମହାନ୍ତି ମଧ୍ୟ ଉଦ୍‌ଘାଟନ କରୁଛନ୍ତି।


ଲଖନପୁର ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ଉଦ୍‌ଘାଟନ କରୁଛନ୍ତି।

**ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଉଦ୍‌ଘାଟନ ନେଇ ବିବାଦ**

ଲାଗିଥିବା ଦେଖିବାକୁ ମିଳିଛି। ଏଥିରେ ବିଧାୟିକା,ଏମ୍‌ପି, ବ୍ଲକ୍ ଅଧ୍ୟକ୍ଷା, ଜିଲା ପରିଷଦ ଉପାଧ୍ୟକ୍ଷ ଓ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କ ନାମ ରହିଥିବାବେଳେ ଅନ୍ୟତମ ନାମ ଫଳକରେ ଏହିସବୁ ନାମ ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ଓ ବ୍ଲକ୍ ଉପାଧକ୍ଷଙ୍କ ନାମ ରହିଛି। ଏହାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଥିବାବେଳେ ବିଜେଡିରେ ଏବେ ରାଜନୀତି ସରଗରମ ହୋଇଛି। ଏନେଇ ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାର କହିଛନ୍ତି, ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଧାୟିକାଙ୍କୁ ନେଇ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ଏହା ପୂର୍ବରୁ କିଏ ଉଦ୍‌ଘାଟନ କରିଛନ୍ତି ତାଙ୍କୁ ଜଣାନାହିଁ। ଏସମ୍ପର୍କରେ ବିଡିଓ କହିପାରିବେ ବୋଲି ସେ କହିଛନ୍ତି। ଏସମ୍ପର୍କରେ ବିଡିଓ ଜୟନ୍ତ ସାହୁ କହିଛନ୍ତି ଆଇସିଡିଏସ୍ ତରଫରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହା ବ୍ଲକ୍‌ର କାର୍ଯ୍ୟକ୍ରମ ନୁହେଁ। ଏସମ୍ପର୍କରେ ସିଡିପିଓ କହିପାରିବେ ବୋଲି କହିଛନ୍ତି। ଏନେଇ ବ୍ଲକ୍ ଅଧ୍ୟକ୍ଷା ତିହିରିଆ କହିଛନ୍ତି ଏହି ପ୍ରକଳ୍ପ ଉଦ୍‌ଘାଟନ ପାଇଁ ମନ୍ତ୍ରୀ,ଏମ୍‌ପି,ବିଧାୟିକା,ବ୍ଲକ୍ ଅଧ୍ୟକ୍ଷା,ଜିଲା ପରିଷଦ ଓ ସ୍ଥାନୀୟ ସରପଞ୍ଚଙ୍କୁ ଅତିଥିଭାବେ ଡକାଯିବା ପାଇଁ ସେ ବିଧାୟିକାଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ଆସନ୍ତା ୧୦ତାରିଖ ଦିନ ଧାର୍ଯ୍ୟ କରି ବିଧାୟିକାଙ୍କୁ ସେ ଜଣାଇଥିଲେ । ଏହାକୁ ବିଧାୟିକା ଅଗ୍ରାହ୍ୟକରି ଏହାର ଗୋଟିଏ ଦିନ ପୂର୍ବରୁ ମନ୍ତ୍ରୀ,ଏମ୍‌ପିଙ୍କୁ ନ ଜଣାଇ ବୁଧବାର ଉକ୍ତ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ପାଇଁ ନାମ ଫଳକ ମାରିଥିଲେ। ଏହା ଜାଣିବା ପରେ ସେ ଆଉ ଏକ ନାମ ଫଳକ ଲଗାଇ ତା ପୂର୍ବରୁ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ବୋଲି ବ୍ଲକ୍ ଅଧ୍ୟକ୍ଷା ତିହିରିଆ କହିଛନ୍ତି। ଏନେଇ ବିଧାୟିକା ମହାନ୍ତି କହିଛନ୍ତି, ଏହି ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟରେ ମନ୍ତ୍ରୀ ଓ ଏମ୍‌ପି ରହିବାର ଗାଇଡ୍‌ଲାଇନ୍ ନାହିଁ । ମନ୍ତ୍ରୀ ଓ ଏମ୍‌ପି ରହିଲା ବେଳକୁ ଡେଟ୍ ସୁଇଟେବୁଲ୍ ହୋଇପାରୁନାହିଁ। କାର୍ଯ୍ୟାଳୟ ପାଇଁ ଅସୁବିଧା ହେଉଛି ବୋଲି ସିଡିପିଓ ବହୁବାର କହିଲା ପରେ ଦିନଧାର୍ଯ୍ୟ କରି ଏହାକୁ ଉଦ୍‌ଘାଟନ କରାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ସୁରକ୍ଷା କର୍ମୀ ମୃତ

ବ୍ରଜରାଜନଗର, ୯।୧୧(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ରାମପୁର ଫାଣ୍ଡି ଅନ୍ତର୍ଗତ କୁଡୋପାଲି ବୁନ୍ଦିଆ ରାସ୍ତା ମଝିରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍‌ରୁ ପଡ଼ି ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଶୁକଦେବ ପାଣି। ଘର ଓରିଏଣ୍ଟ ଥାନା ଅନ୍ତର୍ଗତ ଗଜପତିନଗର ଅଞ୍ଚଳରେ। ସେ ବନ୍ଧବାହାଲରେ ଏକ ଘରୋଇ ସଂସ୍ଥାରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରିଥିଲେ। ଡିଉଟି ସାରି ଘରକୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟି ଥିବା ଓ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ନେଇ ତଦନ୍ତକାରୀ ଅଫିସର ସମର କୁଜୁର ପ୍ରକାଶ କରିଛନ୍ତି।

### ନଳକୂପ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ୩ ଗିରଫ

ରେଢ଼ାଖୋଲ,୯।୧୧(ଡି.ଏନ.ଏ.): ଚାରମାଳ ଥାନା ମୁଷାକଟା ଶିବମନ୍ଦିର ନିକଟରେ ଥିବା ନଳକୂପର ଯନ୍ତ୍ରାଂଶ ଚୋରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ୩ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚାରମାଳ ଥାନା ଅଧୀନ ବଂଶାଜାଲ ଗ୍ରାମର ଅନିଲ ପ୍ରଧାନ (୩୦), ଚିରଣ ପ୍ରଧାନ (୧୯) ଓ ବଡ ପ୍ରଧାନ(୨୮)ବୋଲି ଥାନା ଅଧିକାରୀ ବସନ୍ତ ଦଳାଇ କହିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଚୋରି ନଳକୂପର ଯନ୍ତ୍ରାଂଶ ଉଦ୍ଧାର କରିବା ସହ ଏକ ବାଇକ ( ନଂ ଓଡି୧୫ କ୍ୟୁ ୩୪୮୯) ଜବତ କରିଛି। ସୂଚନାଯୋଗ୍ୟ, ମୁଷାକଟା ଶିବମନ୍ଦିର ନିକଟରେ ଥିବା ନଳକୂପରୁ ବିଭିନ୍ନ ଯନ୍ତ୍ରାଂଶ ଖୋଲି ଅଭିଯୁକ୍ତମାନେ ଚୋରି କରି ନେଇଥିବା ନେଇ ମନ୍ଦିର ପୁଜକ ବିରେନ୍ଦ୍ର ଦେହୁରୀ ଚାରମାଳ ଥାନାରେ ଅଭିଯୋଗ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ପଟ୍ଟନାୟକ ଜୟନ୍ତୀ

ସମ୍ବଲପୁର,୯।୧୧(ବ୍ୟୁରୋ)- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ପଟ୍ଟନାୟକଙ୍କ ୧୩୯ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅଶୋକ କୁମାର ମିଶ୍ରଙ୍କ ଅଧକ୍ଷତାରେ ସଭା ହୋଇଥିଲା । ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ମୁଖ୍ୟଅତିଥି ଓ ବରିଷ୍ଠ ଖବରଦାତା ଶିବଶଙ୍କର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଗିରଥିଙ୍କ ସଂଗ୍ରାମୀ ଜୀବନ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟକର୍ମୀ ଆଶିଷ କୁମାର ପତିଙ୍କୁ ଭାଗିରଥି ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ମାନପତ୍ର ପାଠ ଓ ଭାଗିରଥି ସ୍ମୃତି ସମିତିର ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସହ ସମ୍ପାଦିକା ସୁରେଖା ସାହୁ, କୋଷାଧକ୍ଷ ଦୀନବନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସକାଳେ ବାଲିବନ୍ଧାସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ମାଲ୍ୟାର୍ପଣ କରାଯାଇଥିଲା ।

# ଯୁବକଙ୍କୁ ଅପହରଣ ପରେ ହତ୍ୟା

- ଥାନା ନିକଟରେ ଉଲଗ୍ନ ମୃତଦେହ ଫିଙ୍ଗିଦେଲେ
- ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସର ସୂଚନା
- ବୁର୍ଲାରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ

ସମ୍ବଲପୁର,୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲାରେ ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ବୁଧବାର ବୁର୍ଲା ଥାନା ଅଞ୍ଚଳରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧୀମାନେ ଜଘନ୍ୟ କାଣ୍ଡ ଘଟାଇଛନ୍ତି । ଦୁର୍ବୃତ୍ତମାନେ ବୁର୍ଲା ବସନ୍ତବିହାରର ରାମଚନ୍ଦ୍ର ମେହେର(୨୫)ଙ୍କୁ ଅପହରଣ ପରେ ହତ୍ୟା କରି ମୃତଦେହକୁ ଥାନା ନିକଟରେ ଫିଙ୍ଗି ଦେଇ ଫେରାର ହୋଇଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ପ୍ରକାଶ ଯେ, ସକାଳେ ଥାନା ନିକଟ ରାସ୍ତା ଉପରେ ଏକ ଉଲଗ୍ନ ମୃତଦେହ ପଡିଥିବା ଦେଖି ଲୋକଙ୍କ ଭିଡ ଜମିଥିଲା । କିଛି ସମୟ ପରେ ମୃତଦେହର ପରିଚୟ ମିଳିବା ପରେ ପୋଲିସ ଓ ପରିବାରବର୍ଗ ପହଞ୍ଚି ବୁର୍ଲା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ରାମଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ପୋଲିସ ଏହି ଘଟଣାରେ ବୁର୍ଲାର ଟୁଲୁ ବନଛୋରଙ୍କୁ ଗିରଫ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗତ କିଛି



ବୁର୍ଲା ଥାନା ନିକଟରେ ମୃତଦେହ ଫିଙ୍ଗି ଥିବା ସ୍ଥାନ ।

ଦିନ ତଳେ ଅଭିଯୁକ୍ତ ଟୁଲୁଙ୍କୁ ଗାନ୍ଧିପଡ଼ାର ଜଣେ ଯୁବକ ଓ ତାଙ୍କ ଗୋଷ୍ଠୀ ମାରପିଟ କରିଥିଲେ । ଏପରି କି ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଭିଡିଓ ତିଆରି କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ । ଏହି ଘଟଣାରେ ସେମାନଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ତେବେ ଏହି ସମୟରେ ଗାନ୍ଧୀପଡାର ସମ୍ପୃକ୍ତ ଯୁବକଙ୍କୁ ତାଙ୍କ ସାଙ୍ଗ ରାମଚନ୍ଦ୍ର ଆଶ୍ରୟ ଦେଇଥିଲେ। ତେଣୁ ମେଡିକାଲରୁ ଟୁଲୁ ବାହାରିବା ପରେ ପ୍ରତିଶୋଧ ପରାୟଣ ହୋଇଥିଲେ। ଗତ ମଙ୍ଗଳବାର ରାତିରେ ରାମଚନ୍ଦ୍ର ମହତାବନଗର ପଡ଼ାକୁ କାର୍ତ୍ତିକ ପୂର୍ଣ୍ଣିମା ପୂଜା ଦେଖିବା ପାଇଁ ଯାଇଥିଲେ । ଏହି ଖବର ଅଭିଯୁକ୍ତ ଟୁଲୁଙ୍କ ଗୋଷ୍ଠୀଜାଣିବାକୁ ପାଇଥିଲେ। ଏପରି କି ରାତିଅଧିଆ ରାମଚନ୍ଦ୍ରଙ୍କୁ ତାଙ୍କର ଜଣେ ପରିଚିତ ବ୍ୟକ୍ତିଙ୍କ ଘରୁ ଉଠାଇ ଆଣିଥିଲେ। ଏହାପରେ ବୁର୍ଲାର ଚାନ୍ଦିନୀ ଡୁଙ୍ଗୁରୀରେ ରାତିସାରା ନିର୍ଯାତନା ଦେଇଥିଲେ । ଉଲଗ୍ନ କରି ଧାରୁଆ ଅସ୍ତ୍ରରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ କରିଥିଲେ । ସକାଳେ ଲାଲ ରଙ୍ଗର ଏକ ବାଇକ୍‌ରେ ରାମଚନ୍ଦ୍ରଙ୍କ ମୃତଦେହକୁ ଧରି ଦୁଇଜଣ ଯୁବକ ବୁର୍ଲା ଥାନା ନିକଟରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ । ଅପରପକ୍ଷରେ ଅଭିଯୁକ୍ତ ଟୁଲୁ ପୋଲିସ ନିକଟରେ ବୟାନ ଦେଇଥିଲେ, ହତ୍ୟା ଯୋଜନା ନ ଥିଲା, କେବଳ ଭୟଭୀତ କରି ଛାଡ଼ି ଦେବାର ଥିଲା । ରାମଚନ୍ଦ୍ର ଗୁରୁତର ହୋଇଥିବାରୁ ସକାଳେ ବୁର୍ଲା ମେଡିକାଲରେ ଛାଡ଼ିଦେବାକୁ ନେଉଥିଲୁ, ହେଲେ ରାସ୍ତାରେ ହମ୍ପସ୍ ଥିବାରୁ ଭାରସାମ୍ୟ ହରାଇ ଗାଡ଼ିରୁ ପଡ଼ି ଯାଇଥିଲୁ ବୋଲି ସଫେଇ ଦେଇଥିବା ପୋଲିସ କହିଛି । ଏ ସମ୍ପର୍କରେ ହୀରାକୁଦ ଏସଡିପିଓ ଏସ. ଦାସ କହିଛନ୍ତି ଯେ, ରାମଚନ୍ଦ୍ରଙ୍କୁ ପୋଲିସ ଉଦ୍ଧାର କରି ମେଡିକାଲ ନେଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ଘଟିଥିବା ସ୍ପଷ୍ଟ ହୋଇଛି ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ମୃତ ରାମଚନ୍ଦ୍ର ଭୀମସାରରେ ଘରୋଇ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। କିଛି ମାସ ପୂର୍ବରୁ ଚାକିରି ଛାଡ଼ି ବସନ୍ତ ବିହାରରେ ରହୁଥିଲେ । ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଭାଙ୍ଗି ପଡ଼ିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାମଚନ୍ଦ୍ରଙ୍କ ମା' ଦାବି କରିଛନ୍ତି ।

### ଏମସିଏଲ୍‌ରେ ଭିଜିଲାନ୍ସ ସପ୍ତାହ ଉଦ୍‌ଯାପିତ

ସମ୍ବଲପୁର,୯।୧୧(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ(ଏମସିଏଲ) ଜାଗୃତି ବିହାରସ୍ଥିତ ରଜନୀଗନ୍ଧା ପ୍ରେକ୍ଷାଳୟଠାରେ ଭିଜିଲାନ୍ସ ସପ୍ତାହ ଉଦଯାପିତ ହୋଇଯାଇଛି । ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ ପ୍ରକାଶ ସିଂ ମୁଖ୍ୟଅତିଥି, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲ, ବିତ୍ତ ନିର୍ଦ୍ଦେଶକ ଏକେ ବେହୁରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ, ଉପସଭାନେତ୍ରୀଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ। ଗତ ଅକ୍ଟୋବର ୩୧ରୁ ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ ଏମସିଏଲ ମୁଖ୍ୟାଳୟ ସମେତ ବିଭିନ୍ନ କ୍ଷେତ୍ର ଅଞ୍ଚଳରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ସପ୍ତାହବ୍ୟାପି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବ୍ରହ୍ମପୁରର ପ୍ରିନ୍ସ ନୃତ୍ୟଦଳ ଦର୍ଶକଙ୍କ ମନ ମୋହିଥିଲା । ବାଲୁକା ଶିଳ୍ପୀ ବାଦଲ ବରାଇ, ଅନଗୁଳର ଛାୟା ଥିଏଟରର ପୁତୁଳି ନାଚ ପରିବେଶିତ ହୋଇଥିଲା । ସେହିପରି ସମ୍ବଲପୁରର ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରମାନେ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରିଥିଲେ । ସେଫାଳି ଉଦଗାଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ୨୦ରୁ ସମ୍ବଲପୁର ମହୋତ୍ସବ

### ବିର୍ସା ମଇଦାନରେ ଭୂମି ପୂଜନ ଓ ଧ୍ୱଜା ସ୍ଥାପନ

ସମ୍ବଲପୁର,୯।୧୧(ବ୍ୟୁରୋ)

ସମ୍ବଲପୁର ମହୋତ୍ସବ -୨୦୨୦ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ବିର୍ସା ମଇଦାନରେ ହେବ । ଏନେଇ ଆୟୋଜନ କମିଟି କର୍ମକର୍ତ୍ତାମାନଙ୍କ ପକ୍ଷରୁ ବୁଧବାର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟ, ପବିତ୍ର ରାୟଙ୍କ ଠାରୁ ଆଜ୍ଞାମାଳ ଅଣାଯାଇ ବିର୍ସା ମଇଦାନଠାରେ ଭୂମିପୂଜନ ଓ ଧ୍ୱଜା ସ୍ଥାପନ କରାଯାଇଥିଲା । ପଣ୍ଡିତ ସଦାଶିବ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ, ଗୋଲକ ବିହାରୀ ମିଶ୍ର, ସପନ ମିଶ୍ର, ବନ୍ଦନା ପଣ୍ଡା, ସଦାନନ୍ଦ ପଣ୍ଡା, ବ୍ରଜ ଭୂଷଣ ଷଡ଼ଙ୍ଗୀ, ମିନାକ୍ଷୀ ପାଣିଗ୍ରାହୀ, ବବି ମେହେର, ସୌମ୍ୟଜିତ ପଟ୍ଟନାୟକ, ପ୍ରବୀଣ ସୁପକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, କରୋନା ଭୂତାଣୁ ଯୋଗୁ ଦୁଇବର୍ଷ ମହୋତ୍ସବ ସମ୍ପୂର୍ଣ୍ଣ


ବୁଧବାର ସମ୍ବଲପୁର ମହୋତ୍ସବ ଲାଗି ବିର୍ସା ମଇଦାନରେ ଭୂମି ପୂଜନ ଓ ଧ୍ୱଜାସ୍ଥାପନ କରାଯାଉଛି ।

ଭାବେ ବନ୍ଦ ରହିଥିଲା । ତେଣୁ ଚଳିତବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ମହୋତ୍ସବରେ ଝୋଟି, ରଙ୍ଗୋଲି ପ୍ରତିଯୋଗିତା ହେବ । ସେହିପରି ନୂତନ ଓ ପ୍ରବୀଣ ଚିତ୍ରଶିଳ୍ପୀଙ୍କ କଳାକୃତୀ ଏବଂ ଫଟୋ ପ୍ରଦର୍ଶିତ କରାଯିବ । ସମ୍ବଲପୁରୀ ଫେଶନ ଶୋ, ସମ୍ବଲପୁରୀ ଖାଦ୍ୟ ଷ୍ଟଲ, ମନୋହରୀ ହାଟ, କଳାଗ୍ରାମ, ସାହିତ୍ୟ ଉତ୍ସବ, ଗୀତାଭିନୟ, ନାଟ୍ୟାଭିନୟ ପ୍ରଭୃତି କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ସାକ୍ଷୀଙ୍କ ସଫଳ ଅସ୍ତ୍ରୋପଚାର

### ଆର୍‌ବିଏସ୍‌କେ ଯୋଜନା

ସମ୍ବଲପୁର,୯।୧୧(ବ୍ୟୁରୋ)

ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ଯୋଜନାରେ ସମ୍ବଲପୁର ଜିଲା ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମ ଯୋଗୁ ଜଣେ ୧୦ ମାସର ଶିଶୁକନ୍ୟା ସାକ୍ଷୀ ରୋହିଦାସ ନୂଆ ଜୀବନ ପାଇପାରିଛି। କୋଲକାତାର ରବୀନ୍ଦ୍ରନାଥ ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ କାର୍ଡିଆକ ସାଇନ୍ସରେ ତାର ଜଟିଳ ହାର୍ଟ ଅସ୍ତ୍ରୋପଚାର ହେବା ପରେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଅଛି । ଆରବିଏସକେ ମ୍ୟାନେଜରଙ୍କ ସୂଚନା ଅନୁସାରେ ଝାରସୁଗୁଡ଼ାର ଝିଲିମା ରୋହିଦାସ ସମ୍ବଲପୁର ଜିଲାର କୁଚିଣ୍ଡାରେ ରହୁଥିଲେ। ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହେଇଥିବା ବେଳେ ତାର ନାଁ ସାକ୍ଷୀ ରଖିଥିଲେ । ହେଲେ ସାକ୍ଷୀ ଜନ୍ମରୁ ଜଟିଳ ହୃଦରୋଗ ଅବଷ୍ଟ୍ରକଟେଡ ସପ୍ରକାର୍ଡିଆକ ଟିଏପିଭିସିରେ ପୀଡିତ ଥିବା ଜଣାପଡିଥିଲା। ଏଥିପାଇଁ ସେ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଅନୁଭବ କରିବା ସହ ତାର ଅବସ୍ଥା ଗୁରୁତର ହେବାରେ ଲାଗିଥିଲା । କୁଚିଣ୍ଡାର ଆରବିଏସକେର ଭ୍ରାମ୍ୟମାଣ ଟିମ୍ ଏନେଇ ସୂଚନା ପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ


ଅପରେଶନ ପରେ ମାଆ ସହ କୁନି ଝିଅ ସାକ୍ଷୀ ।

ଡାକ୍ତର ତାର ତୁରନ୍ତ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିବା ବେଳେ ପରିବାର ଲୋକେ ଭୁବନେଶ୍ୱର ଓ ରାୟପୁରର ବିଭିନ୍ନ ଘରୋଇ ହସ୍ପିଟାଲ ନେଇ ନିରାଶ ହୋଇ ଫେରିଥିଲେ । ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସାକ୍ଷୀକୁ କୋଲକାତାସ୍ଥିତ ଉକ୍ତ ହସ୍ପିଟାଲକୁ ପଠାଇଥିଲେ । ଗତ ୨୮ ତାରିଖରେ ସେ ମେଡିକାଲରେ ଭର୍ତ୍ତି ହେବା ପରେ ତାର ଓପନ ହାର୍ଟ ସର୍ଜରୀ କରାଯାଇଛି । ମାତ୍ର ୧୦ ମାସ ଓ ୩ ଦିନର ଏହି ଶିଶୁ ଦେହରେ ଅସ୍ତ୍ରୋପଚାର ହେବା ପରେ ବି ସାକ୍ଷୀ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏହି ସଫଳତାକୁ ନେଇ ବେଶ ଉତ୍ସାହିତ ଥିବା ବେଳେ ଜିଲା ପ୍ରଶାସନକୁ ଚାରି ଆଡୁ ପ୍ରଶଂସାର ସୁଅ ଛୁଟୁଛି ।

### ଆଉଟସୋର୍ସିଂ କର୍ମଚାରୀ ସୁରକ୍ଷା କର୍ମୀଙ୍କ ବୈଠକ

ସମ୍ବଲପୁର,୯।୧୧(ବ୍ୟୁରୋ)

ଆଉଟସୋର୍ସିଂ ଭାବରେ କାର୍ଯ୍ୟରତ କର୍ମଚାରୀ, ସୁରକ୍ଷା କର୍ମୀମାନଙ୍କ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ସଂଜିତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ବୈଠକରେ ପଶ୍ଚିମ ଓଡ଼ିଶାରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ଏବଂ ସୁରକ୍ଷା କର୍ମୀମାନଙ୍କ ପ୍ରତିନିଧିମାନେ ଯୋଗଦାନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଆଉଟସୋର୍ସିଂ ନାମରେ କର୍ମଚାରୀମାନଙ୍କୁ ଶୋଷଣ, ଛଟେଇ, କମ୍ ଦରମା ପ୍ରଦାନ, ଇପିଏଫରେ ଅନିୟମିତତା, ଆଇନ ଦ୍ୱାରା ଦିଆଯାଉଥିବା ବିଧି ବ୍ୟବସ୍ଥାର ଉଲ୍ଲଂଘନ, ଅସୁରକ୍ଷିତ ଭବିଷ୍ୟତ ଆଦି ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା କର୍ମଚାରୀ ଏବଂ ସୁରକ୍ଷା କର୍ମଚାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଶ୍ରମ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ଯୁବନେତା ସୁନିଲ ବେହେରା, ଛାତ୍ର ନେତା ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ମୋହିତ ଦାସ, ସୁରେଶ ନାଗ, ନାରାୟଣ ଦାସ, ହରିହର କୁମ୍ଭାର, ପ୍ରଶାନ୍ତ ତାଣ୍ଡି, ସୁମିତ ବରଗଡ଼ି, ଦେବାଶିଷ ହରିପାଲ, ବାପୁ ବେହେରା, ସୁନିଲ ସୁନା, ଧୀରଜ୍ ଯାଦବ, ଡି .ପୁରୁଷୋତ୍ତମ, ରାମ ଗୌଡ଼, କିଶୋର କୁମ୍ଭାର, ସଞ୍ଜୟ ଦୁଙ୍ଗୁରୀ, ପରମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୧ ମୃତ, ୪ ଗୁରୁତର

ଲହୁଣୀପଡ଼ା, ୯।୧୧(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ସାଇପନ ନିକଟରେ ବୁଧବାର ଅପରାହ୍ଣରେ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେଥିମଧ୍ୟରୁ ଦୁଇ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କେ.ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ସାରସପୋଷ ଗ୍ରାମର ରୋହିତ ମୁଣ୍ଡା, ଜଗଦୀଶ ମୁଣ୍ଡା, ଦୀନବନ୍ଧୁ ମୁଣ୍ଡା ଏକ ବାଇକ୍ ଯୋଗେ ଲହୁଣୀପଡ଼ା ପଟୁ ସାରସପୋଷ ଗ୍ରାମକୁ ଯାଉଥିବାବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍ ଯୋଗେ ସୁରେଶ କିଷାନ(୨୨), ଦୁଃଶାସନ ମୁଣ୍ଡା (୨୦)ନିଜ ଗ୍ରାମ ବଣାଇ ଥାନା ଅନ୍ତର୍ଗତ ବାବୁ ନୂଆଗାଁକୁ ଫେରୁଥିବାବେଳେ ସାଇପନ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍‌ର ପାଞ୍ଚ ଜଣ ଯାକ ଆହତ ହେବା ସହିତ ଗାଡି ଦୁଇଟି ଭାଙ୍ଗି ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ପାଞ୍ଚ ଜଣଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ସୁରେଶ କିଷାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଲହୁଣୀପଡ଼ା ପୋଲିସ ବଣାଇ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ମର୍ଗ ହାଉସରେ ରଖିଛନ୍ତି। ରୋହିତ ମୁଣ୍ଡା ଓ ଜଗଦୀଶ ମୁଣ୍ଡାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଲହୁଣୀପଡ଼ା ଡାକ୍ତର ରାଉରକେଲା ସ୍ଥାନାନ୍ତରିତ କରି ଦେଇଥିବା ଜଣାପଡିଛି।

# ଯୁଯୁମୁରାରେ ରାସୋତ୍ସବ, ଡଙ୍ଗାପାଲରେ ନାବକେଳି

- ମନ ମୋହିଲା ମନୋରଞ୍ଜନ କାର୍ଯ୍ୟକ୍ରମ
- ଅଭିନେତ୍ରୀ ରାନୀ ପଣ୍ଡା ଦେଲେ ୫୦ ହଜାର

ସମ୍ବଲପୁର,୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲାର ଯୁଯୁମୁରାରେ ବହୁ ବର୍ଷରୁ ଚାଲି ଆସିଥିବା ରାସୋତ୍ସବ ଓ ଡଙ୍ଗାପାଲ ଗ୍ରାମରେ ନାବକେଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ, ପାରମ୍ପରିକ ନାଚ ଗୀତ ଦର୍ଶକଙ୍କ ମନ ମୋହିଥିଲା । ଉଭୟ ଗ୍ରାମର କାର୍ଯ୍ୟକ୍ରମରେ ଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ ପ୍ରମୁଖ ଯୋଗ ଦେଇଥିଲେ । ଡଙ୍ଗାପାଲ ଗ୍ରାମରେ ବିରେନ କୁମାର ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସମିତି ସଭ୍ୟ ଜୟନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ । ଯୁବ ବୈଜ୍ଞାନକ ଶେଷଦେବ


ସମ୍ବଲପୁର ଡଙ୍ଗାପାଲ ଗ୍ରାମରେ ନାବକେଳି ଉତ୍ସବ ଅବସରରେ ନୃତ୍ୟ ପରିବେଷଣ

କିଶାନଙ୍କୁ ସମ୍ମାନିତ କରାଯାଇଥିଲା। ଅଭିନେତ୍ରୀ ରାନୀ ପଣ୍ଡା, ଅର୍ଚ୍ଚନା ପାଢୀ ଯୋଗ ଦେଇଥିଲେ । ଏହି ଅବସରରେ ଅଭିନେତ୍ରୀ ରାନୀ ପଣ୍ଡା ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଗ୍ରାମବାସୀଙ୍କୁ କରିଥିଲେ । ଏହି ଟଙ୍କା ଗରିବ ପିଲାଙ୍କ ପାଠପଢାରେ ଖର୍ଚ୍ଚ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଯୁଯୁମୁରାରେ ରାସୋତ୍ସବରେ ମଧ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଭୂପେନ୍ଦର ସିଂ, ସଂପାଦକ ସୂର୍ଯ୍ୟ ପାଣିଗ୍ରାହୀ ପରିଚାଳନା କରିଥିଲେ । ଯୁଯୁମୁରାରେ ୫ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ଡଙ୍ଗାପାଲ ଗ୍ରାମରେ ପାରମ୍ପରିକ ନାବକେଳି ଉତ୍ସବ ଓ ପୁତନା ବଧ ହୋଇଥିଲା । ଗ୍ରାମ କଟାରେ କଳାକାରମାନେ ରାଧାକୃଷ୍ଣ ବେଶରେ ଅଭିନୟ କରିଥିବା ବେଳେ ନାବକେଳି କରାଯାଇଥିଲା । ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା ।

# ନୂତନ ଭୋଟର ତାଲିକା ସଚେତନତା ରଥ ଶୁଭାରମ୍ଭ

ସମ୍ବଲପୁର,୯।୧୧(ବ୍ୟୁରୋ)

୨୦୨୩ ମସିହା ପାଇଁ ନୂଆ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଆରମ୍ଭ କରାଯାଇଛି। ତପସ୍ୱିନୀ ପ୍ରେକ୍ଷାଳୟଠାରୁ ଦୁଇଟି ସଚେତନତା ରଥକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ । ଏଥିସହ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା ବାହାରି ଥିଲା । ଏନେଇ ଆୟୋଜିତ ବୈଠକରେ ଅତିଥିମାନେ ଭୋଟର ତାଲିକା ସଂକ୍ରାନ୍ତରେ କଲେଜ ଛାତ୍ରୀ ଛାତ୍ରଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଡେପୁଟି କଲେକ୍ଟର ତ୍ରିଦେବ ପ୍ରଧାନ, ସଦର ତହସିଲଦାର ଲକ୍ଷ୍ମଣ ଅମାତ, ସହକାରୀ ଜିଲାପାଳ ସୁଶାନ୍ତ ସାହୁ ଏବଂ ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି ଉପସ୍ଥିତ ଥିଲେ । ଜିଲାର ସମସ୍ତ ବୁଥରେ ଭୋଟର ତାଲିକା ପ୍ରକାଶ କରାଯାଇଛି । ଏହି ଅଭିଯାନ ଆସନ୍ତା ଡ଼ିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ନୂଆ ଭୋଟରଙ୍କୁ


ବୁଧବାର ଅତିଥିମାନେ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି ।

### ଅନ୍‌ଲାଇନରେ କରି ହେବ ଆବେଦନ

ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଅବଗତ କରିବା, ୧୭ ବର୍ଷରୁ ଅଧିକ ଭୋଟରଙ୍କୁ ଆଗୁଆ ଆବେଦନ ପତ୍ର ଦାଖଲର ସୁବିଧା କରାଇବା ଓ ବର୍ଷକରେ ଗୋଟିଏ ଯୋଗ୍ୟ ସୂଚକ ତାରିଖ ବଦଳରେ ୪ ଟି ଯୋଗ୍ୟତା ତାରିଖ ଦେବା ଉପରେ ଲୋକଙ୍କୁ ସଚେତନ କରାଯିବ । ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ରେ ଏହି ସୁବିଧା ରହିବ । ନୂଆ ଭୋଟଙ୍କୁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ବ୍ୟବସ୍ଥା ରହିଛି । ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଭୋଟରମାନେ ଗୁଗୁଲ ପ୍ଲେ ଓ ଭୋଟର ହେଲ୍ପଲାଇନ ଆପ ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କରି ପାରିବେ। ସୂଚନାଯୋଗ୍ୟ ଯେ, ଅନଲାଇନରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କ୍ଷେତ୍ରରେ ଓଡିଶା ଉଚ୍ଚ ସ୍ଥାନରେ ରହିଛି। ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ଭୋଟର ତାଲିକାରେ ନାମ ଯୋଗ ପାଇଁ ଫର୍ମ ନଂ -୬ ଓ ତାଲିକାରେ ନାମ ବାଦ ଦେବା ଓ ଅଭିଯୋଗ କରିବା ପାଇଁ ଫର୍ମ -୭ ରେ ଆବେଦନ କରିହେବ। ତ୍ରୁଟି ସଂଶୋଧନ,ସ୍ଥାନାନ୍ତରଣ ଓ ଫଟୋ ଲଗେଇବା ପାଇଁ ଫର୍ମ -୮ ରେ ଆବେଦନ କରିବାକୁ ପଡିବ । ସ୍ୱେଚ୍ଛାକୃତ ଭାବେ ଭୋଟର ତାଲିକାରେ ଆଧାରକାର୍ଡ଼ ସଂଯୋଗ ପାଇଁ ଭୋଟରଙ୍କୁ ଉତ୍ସାହିତ କରାଯାଉଛି। ଏହା ଦ୍ୱାରା ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି କମିଶନ ପକ୍ଷରୁ ପ୍ରକାଶ କରାଯାଇଛି ।



ଆମେରିକାର ପେନ୍‌ସିଲ୍‌ଭାନିଆରେ ଡେମୋକ୍ରାଟିକ୍ ପାର୍ଟିର ଗଭର୍ନର ପ୍ରାର୍ଥୀ ଆଟର୍ନି ଜେନେରାଲ ଜୋଶ୍ ଶାପିରୋ ମିଡ୍‌ଟର୍ମ୍ସରେ ବିଜୟୀ ହେବା ପରେ ପିଟର୍ସବର୍ଗରେ ତାଙ୍କ ସମର୍ଥକମାନେ ଉତ୍ସବ ମନାଉଛନ୍ତି।


ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ ଫ୍ଲୋରିଡାର ପାମ୍ ବିଚ୍‌ସ୍ଥିତ ଏକ ମତଦାନ କେନ୍ଦ୍ର ନିକଟରେ ଛିଡ଼ା ହୋଇଛନ୍ତି। ତାଙ୍କ ସନ୍‌ଗ୍ଲାସ୍‌ରେ ରିପବ୍ଲିକାନ୍ ଟ୍ରମ୍ପଙ୍କ ମୁହଁ ଦେଖାଯାଉଛି।

## ସଂକ୍ଷେପରେ

### ସଞ୍ଜୀବ୍ ରାଉତଙ୍କୁ ଜାମିନ

**ମୁମ୍ବାଇ, ୯।୧୧:** ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଶିବସେନା ନେତା ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତଙ୍କୁ ବୁଧବାର ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ଜମିନ ପ୍ରଦାନ କରିଛନ୍ତି। ଜୁଲାଇ ୩୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସଞ୍ଜୟ ରାଉତଙ୍କୁ ଗିରଫ କରିଥିଲା। ଜାମିନ ମଞ୍ଜୁର ହେବା ପରେ ଏମ୍‌ପି ସଞ୍ଜୟ ରାଉତ କୋର୍ଟ ପରିସରରେ ହାତ ଯୋଡ଼ି ଜଜ୍ ଏମ୍.ଜି. ଦେଶପାଣ୍ଡେଙ୍କୁ ଧନ୍ୟବାଦ ଜଣାଉଥିବା ଦେଖିବାକୁ ମିଳିଥିଲା। ସଞ୍ଜୟଙ୍କ ଜାମିନ ଆବେଦନ ମଞ୍ଜୁର ହେବା ପରେ ଉଦ୍ଧବ ବାଲାସାହେବ ଠାକରେଙ୍କ ଶିବସେନା ଦଳରେ ଉତ୍ସାହ ଦେଖିବାକୁ ମିଳିଛି। ଦଳ ମୁଖପାତ୍ର ସୁଷମା ଅନ୍ଧାରେ କହିଛନ୍ତି ଯେ, ଏବେ ଭୟର କୌଣସି କାରଣ ନାହିଁ। ବାଘ ଫେରିଛନ୍ତି। ଅନ୍ୟପକ୍ଷେ ସଞ୍ଜୟଙ୍କ ଜାମିନ ଖାରଜ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଛି।



### ତେଲଙ୍ଗାନା ମନ୍ତ୍ରୀଙ୍କ ଫାର୍ମରେ ଇଡି ଚଢ଼ାଉ

**ହାଇଦ୍ରାବାଦ, ୯।୧୧:** ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ବିଧାୟକ ତଥା ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ଗଙ୍ଗୁଲା କମଲାକାରଙ୍କ କେତେକ ସମ୍ପତ୍ତିକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବେଆଇନ୍ ଖଣି ଖନନ ତଥା ମନି ଲଣ୍ଡରିଂ ମାମଲାରେ ଇଡି ଅଧିକାରୀମାନେ କରିମନଗରସ୍ଥିତ ୨୦ଟି ସ୍ଥାନରେ ଚଢ଼ାଉ କରିଥିଲେ। ସେଠାରେ ଥିବା କମଲାକାରଙ୍କ ଗ୍ରେନାଇଟ୍ ଫାର୍ମରେ ମଧ୍ୟ ଇଡି ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ, ଗଙ୍ଗୁଲା ଏବେ ପରିବାର ସହ ଦୁବାଇରେ ଅଛନ୍ତି। କରିମନଗର ବିଧାନସଭା ଆସନରୁ ବିଧାୟକ ଥିବା ଗଙ୍ଗୁଲା ରାଜ୍ୟ ଖାଦ୍ୟମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି।


ଗଙ୍ଗୁଲା କମଲାକାର

### ଆଜମ୍ ଖାନ୍‌ଙ୍କ ଶୁଣାଣି ଆଜି

**ନୂଆଦିଲ୍ଲୀ, ୯।୧୧:** ଘୃଣା ମନ୍ତବ୍ୟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଉତ୍ତର ପ୍ରଦେଶ ବିଧାନସଭାର ସଦସ୍ୟତା ହରାଇଥିବା ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକ ଆଜମ୍ ଖାନ୍‌ଙ୍କ ଆବେଦନର ଶୁଣାଣି ଗୁରୁବାର କରିବାକୁ ସୁପ୍ରିମକୋର୍ଟ ଏକ ସ୍ୱତନ୍ତ୍ର ସେସନ୍ସ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାମପୁର ସଦର ଉପନିର୍ବାଚନ ପାଇଁ ନଭେମ୍ବର ୧୦ ପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି ନ କରିବାକୁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେସନ୍ସ କୋର୍ଟ ଆଜମ୍ ଖାନ୍‌ଙ୍କ ଅପିଲ ପିଟିଶନ ଉପରେ ରାୟ ଦେବା ପରେ ୧୧ ତାରିଖରେ କମିଶନ ବିଜ୍ଞପ୍ତି ଜାରି କରିପାରିବେ ବୋଲି ଶୀର୍ଷ ଅଦାଲତ କହିଛନ୍ତି। ପ୍ରକାଶ ଯେ, ଗତ ୨୭ ତାରିଖରେ ଆଜମ୍ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ରାମପୁର ଜେଲ୍‌କୁ ୩ ବର୍ଷ ପାଇଁ ପଠାଇଦିଆଯାଇଛି।



# ଲଣ୍ଡନ ହାଇକୋର୍ଟରେ ହାରିଲେ ନୀରବ

**ଲଣ୍ଡନ/ନୂଆଦିଲ୍ଲୀ, ୯।୧୧**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଦୁର୍ନୀତିରେ ଜଡ଼ିତ ଗୁଜରାଟର ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଭାରତକୁ ପ୍ରତ୍ୟର୍ପିତ ହୋଇ ୧୧,୦୦୦ କୋଟି ଟଙ୍କାର ଠକେଇ ମାମଲାରେ କାଠଗଡ଼ାରେ ଛିଡ଼ା ହେବାକୁ ଚାହୁଁ ନ ଥିଲେ। ସେ ପ୍ରତ୍ୟର୍ପଣ ଏଡ଼ାଇବା ଲାଗି ଲଣ୍ଡନ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ବୁଧବାର ନୀରବଙ୍କ ଅପିଲ୍ ପିଟିଶନକୁ ଖାରଜ କରିଦେଇଛନ୍ତି। ଏହି ରାୟ ପରେ ନୀରବଙ୍କୁ ଭାରତକୁ ଅଣାଯାଇପାରେ। ତେବେ ତାଙ୍କ ନିକଟରେ ଆଉ କେତେକ ଆଇନଗତ ବିକଳ୍ପ ଥିବାରୁ ଭାରତୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ପକ୍ଷେ ତାହା ଏତେ ସହଜ ହୋଇ ନ ପାରେ ବୋଲି କୁହାଯାଉଛି।

୫୧ ବର୍ଷୀୟ ନୀରବ ମୋଦି ଜାଲିଆତି କରି ବ୍ୟାଙ୍କରୁ ଋଣ ନେଇଥିଲେ। ତାଙ୍କ ଅଧୀନରେ ଥିବା ୩ଟି ଫାର୍ମ ପାଇଁ ବିଦେଶରୁ କଞ୍ଚାମାଲ ଆମଦାନୀ ସକାଶେ ପିଏନ୍‌ବି ପକ୍ଷରୁ ଜାରି ଲେଟର ଅଫ୍ ଅଣ୍ଡରଟେକିଂ (ଏଲ୍‌ଓୟୁ)କୁ ବ୍ୟାଙ୍କ ଗ୍ୟାରେଣ୍ଟି ଭାବେ ଦିଆଯାଇଥିଲା। ୨୦୧୮ ଜାନୁୟାରୀ ୧ରେ


ନୀରବ ମୋଦି

### ଭାରତକୁ ପ୍ରତ୍ୟର୍ପଣ ସୁଗମ ହୋଇପାରେ

ନୀରବ ଦେଶ ଛାଡ଼ି ବ୍ରିଟେନ ଚାଲିଯିବା ପରେ ୨୯ ତାରିଖରେ ପିଏନ୍‌ବି ପୋଲିସ ନିକଟରେ ଅଭିଯୋଗ କରିଥିଲା। ଏନେଇ ନୀରବ ଏବଂ ଆଣ୍ଟିଗୁଆ ଓ ବରବୁଡାର ନାଗରିକତ୍ୱ ଗ୍ରହଣ କରିଥିବା ତାଙ୍କ ମାମୁ ମେହୁଲ ଚୋକ୍ସିଙ୍କ ବିରୋଧରେ ୨ ବିଲିୟନ୍ ଡଲାରର ଠକେଇ ମାମଲା ରୁଜୁ ହୋଇଛି। ସେହିବର୍ଷ ଫେବୃୟାରୀ ୫ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ୧୬ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଅଗଷ୍ଟ ୨୦ରେ ସିବିଆଇ ଅଧିକାରୀମାନେ ଲଣ୍ଡନରେ ନୀରବଙ୍କୁ ଅଟକ ରଖିବାକୁ ଅନୁରୋଧ କରିଥିଲେ। ଲଣ୍ଡନର ୱେଷ୍ଟ ମିନିଷ୍ଟର କୋର୍ଟ ୱାରେଣ୍ଟ ଜାରି କରିବା ପରେ ୨୦୧୯ ମାର୍ଚ୍ଚ ୨୦ରେ ତାଙ୍କୁ ଗିରଫ କରାଯାଇଥିଲା। ନୀରବଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ଗତବର୍ଷ ଫେବୃୟାରୀ ୨୫ରେ ସ୍ଥାନୀୟ କୋର୍ଟ ରାୟ ଦେଇଥିଲେ। ସମ୍ଭାବ୍ୟ ପ୍ରତ୍ୟର୍ପଣ ବିରୋଧରେ ରୟାଲ କୋର୍ଟସ୍ ଅଫ୍ ଜଷ୍ଟିସ୍‌ରେ ସେ ଆବେଦନ କରିଥିଲେ। ସେଠାରୁ ନିରାଶ ହେବା ପରେ ନୀରବ ଲଣ୍ଡନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଲର୍ଡ ଜଷ୍ଟିସ୍ ଜେରେମି ଷ୍ଟୁଆର୍ଟ-ସ୍ମିଥ୍ ଏବଂ ଜଷ୍ଟିସ୍ ରବର୍ଟ ଜୟଙ୍କ ଖଣ୍ଡପୀଠ ନୀରବଙ୍କ ପିଟିଶନର ଶୁଣାଣି କରି ତାଙ୍କ ବିରୋଧରେ ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ନୀରବଙ୍କ ମାନସିକ ସ୍ଥିତି ଏବଂ ସେ ଆତ୍ମହତ୍ୟା କରିବା ନେଇ ଆଶଙ୍କା ନାହିଁ। କିନ୍ତୁ ଏହି ଆଧାରରେ ନୀରବଙ୍କୁ ପ୍ରତ୍ୟର୍ପଣ କରାଯିବ ନାହିଁ ବୋଲି ଯୁକ୍ତି ବାଢ଼ିବା ଅନୁଚିତ। ହାଇକୋର୍ଟ ରାୟର ୧୪ ଦିନ ମଧ୍ୟରେ ସେ ବ୍ରିଟେନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ। କିନ୍ତୁ ସେଥିରେ ଏକ ସର୍ତ୍ତ ରହିଛି। ତାହା ହେଲା, ନୀରବ ସମ୍ପୃକ୍ତ ଥିବା ମାମଲା ସାଧାରଣ ଜନତାଙ୍କ ପାଇଁ ଗୁରୁତ୍ୱ ବହନ କରେ ବୋଲି ହାଇକୋର୍ଟ ବିବେଚନା କରିବେ। ହାଇକୋର୍ଟ ତାଙ୍କୁ ଏହି ବିକଳ୍ପ ନ ଦେଲେ ନୀରବ ୟୁରୋପିଆନ୍ କୋର୍ଟ ଅଫ୍ ହ୍ୟୁମାନ୍ ରାଇଟ୍ସରେ ଏହାକୁ ଚ୍ୟାଲେଞ୍ଜ କରିପାରିବେ। ତେବେ ନୀରବଙ୍କୁ ଅଦାଲତୀ ଝଟକା ଲାଗିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ତାଙ୍କ ଓକିଲ ଟିମ୍ କିଛି କହିନାହାନ୍ତି। ଇତିମଧ୍ୟରେ ନୀରବ ଲଣ୍ଡନର ୱାଣ୍ଡସ୍‌ୱର୍ଥ ଜେଲ୍‌ରେ ରହିବେ, ଯେଉଁଠି ପ୍ରଥମେ ଗିରଫ କରାଯିବା ପରେ ତାଙ୍କୁ ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା ନୀରବଙ୍କୁ ଲଣ୍ଡନରୁ ମୁମ୍ବାଇର ଆର୍ଥର ରୋଡ୍ ଜେଲକୁ ଅଣାଯିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ।


ନେପାଳର ଦୋତିରେ ଭୂକମ୍ପ ଯୋଗୁ ଧ୍ୱସ୍ତବିଧ୍ୱସ୍ତ ଘର।

## ନେପାଳରେ ଭୂକମ୍ପ: ୬ ମୃତ

**କାଠମାଣ୍ଡୁ, ୯।୧୧:** ନେପାଳ ଦୋତି ଜିଲାରେ ବୁଧବାର ଭୋରରୁ ବଡ଼ ଧରଣ ଭୂକମ୍ପ ହୋଇଥିବାବେଳେ ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ୫ ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି। ଭୂମିକମ୍ପର ତୀବ୍ରତା ଏତେ ଅଧିକ ଥିଲା ଯେ, ନେପାଳ ଓ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ଏହା ଅନୁଭୂତ ହୋଇଥିବା କୁହାଯାଉଛି। ହିମାଳୟ ଏବଂ ନୂଆଦିଲ୍ଲୀର ସୀମାବର୍ତ୍ତୀ ଅଞ୍ଚଳରେ ଏହା ଅନୁଭୂତ ହୋଇଛି। ଗ୍ରାମର ବହୁଘର ନଷ୍ଟ ହୋଇଥିବା ଜଣାପଡ଼ିଛି।

ଦୁଇଟି ହେଲିକପ୍ଟର ଯୋଗେ ନେପାଳ ଆର୍ମି ପକ୍ଷରୁ ରେସ୍କ୍ୟୁ ଅପରେଶନ୍ କରାଯାଇଥିବାବେଳେ ନେପାଳଗଞ୍ଜ, ନାରାୟଣ ସିଲ୍‌ୱାରେ ଜରୁରିକାଳୀନ ସ୍ଥିତି ପାଇଁ ରେସ୍କ୍ୟୁ ଟିମ୍ ମୁତୟନ କରାଯାଇଛି। ନେପାଳ ପ୍ରଧାନମନ୍ତ୍ରୀ ଶେର୍ ବାହାଦୁର ଦେଉବା ଟୁଇଟର ପୋଷ୍ଟ ଯୋଗେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଆହତମାନଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ଶେର ବାହାଦୁର ପୋଷ୍ଟ ଜରିଆରେ କହିଛନ୍ତି। ୬.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଆମେରିକା ଭୌଗୋଳିକ ସର୍ଭେ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ନେପାଳରେ ଅନୁଭୂତ ଭୂକମ୍ପର ତୀବ୍ରତା ୫.୬ କୁହାଯାଇଛି। ୨୦୧୫ରେ ନେପାଳରେ ଏକ ବିରାଟ ଭୂମିକମ୍ପ ହୋଇଥିବାବେଳେ ୯ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।

## ଭାରତରେ ୨.୪୯ ଲକ୍ଷ ଶତାୟୁ ଭୋଟର


ରାଜୀବ କୁମାର

**ପୁଣେ, ୯।୧୧**

ସହରାଞ୍ଚଳରେ ମୋଟ ୨.୪୯ ଲକ୍ଷ ଶତାୟୁ ଭୋଟର ରହିଥିବା ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ରାଜୀବ କୁମାର କହିଛନ୍ତି। ଭୋଟର ତାଲିକା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ନେଇ ବୁଧବାର ମହାରାଷ୍ଟ୍ର ପୁଣେରେ ଆୟୋଜିତ ବାଇସାଇକେଲ ରାଲିରେ ଯୋଗଦେବା ଅବସରରେ ରାଜୀବ କୁମାର ଏହି ସୂଚନା ଦେଇଛନ୍ତି। ସହରାଞ୍ଚଳରେ ଭୋଟର ତାଲିକା ବୃଦ୍ଧି କରିବା ଦିଗରେ ସିଇସି କାର୍ଯ୍ୟ କରୁଛନ୍ତି। ଦେଶରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୧.୮୦ କୋଟି ଭୋଟର ଥିବାବେଳେ ହିମାଳୟରେ ସର୍ବାଧିକ ବୟସ୍କ ଭୋଟର ଥିବା ରାଜୀବ କୁମାର କହିଛନ୍ତି। ରାଲିକୁ ସମ୍ବୋଧନବେଳେ ରାଜୀବ କୁମାର ଦେଶର ପ୍ରଥମ ଭୋଟର ଶ୍ୟାମ ସରଣ ନେଗିଙ୍କ କଥା କହିଥିଲେ। କୋଣଅନୁକୋଣରେ ଥିବା ପ୍ରତ୍ୟେକ ବ୍ୟକ୍ତି ଦେଶର ଜଣେ ଜଣେ ନାଗରିକ। ସେମାନେ ନିଜ ନାମ ପଞ୍ଜୀକରଣ କରି ମତଦାନ କରିବା ଜରୁରୀ। ଭୋଟ ଜରିଆରେ ହିଁ ଦେଶରେ ଗଣତନ୍ତ୍ର ମଜଭୁତ ହୋଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଦୁର୍ନୀତିଗ୍ରସ୍ତ ଲୋକେ ଦେଶକୁ ଧ୍ୱଂସ କରୁଛନ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୯।୧୧**

ଦୁର୍ନୀତିଗ୍ରସ୍ତ ଲୋକେ ଦେଶକୁ ଧ୍ୱଂସ କରୁଛନ୍ତି। ସେମାନେ ଦୁର୍ନୀତି ଟଙ୍କା ବଳରେ ମାମଲାରୁ ଖସିଯାଉଛନ୍ତି ବୋଲି ବୁଧବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଲ୍‌ଗାର ପରିଷଦ ମାମଲାର ଅଭିଯୁକ୍ତ ଆକ୍ଟିଭିଷ୍ଟ ଗୌତମ ନଉଲଖାଙ୍କୁ ବିଚାରବିଭାଗୀୟ ହାଜତରେ ରଖାଯାଇଛି। ସେ ଏହା ପରିବର୍ତ୍ତେ ଗୃହବନ୍ଦୀ ରହିବା ପାଇଁ କରିଥିବା ଏକ ଆବେଦନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହି ଟିପ୍ପଣୀ ଦେଇଛନ୍ତି। ନଉଲଖାଙ୍କ ଭଳି ଲୋକେ ଦେଶକୁ ଧ୍ୱଂସ କରିବାକୁ ଚାହୁଁଛନ୍ତି। ସେମାନଙ୍କ ବିଚାରଧାରା ସେହି ଧରଣର। ସେମାନେ ନିରୀହ ଲୋକ ନୁହନ୍ତି, ବରଂ ଅନେକ ଆକ୍ରମଣରେ ସମ୍ପୃକ୍ତ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ.ଭି. ରାଜୁ ଅଦାଲତରେ ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ହୃଷିକେଶ ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ କହିଥିଲେ, ଦେଶକୁ କିଏ ଧ୍ୱଂସ କରିବାକୁ ଚାହୁଁଛନ୍ତି ଆପଣ ତାହା ଜାଣିବାକୁ ଚାହାଁନ୍ତି କି? ଦୁର୍ନୀତିଗ୍ରସ୍ତ ଲୋକେ ହିଁ ଏପରି କରୁଛନ୍ତି। ଯେଉଁ ଅଫିସକୁ ଗଲେ ଦୁର୍ନୀତି ଦେଖିବାକୁ ମିଳୁଛି। ସେମାନଙ୍କ ବିରୋଧରେ କିଏ କାର୍ଯ୍ୟାନୁଷ୍ଠାନ ନେଉଛି। ଲାଞ୍ଚ ଦେଉଥିବା ବ୍ୟକ୍ତି ମଧ୍ୟ ଅଭିଯୁକ୍ତ।

# ପ୍ରେମ ପାଇଁ ରାଜକାର୍ଯ୍ୟ ଛାଡ଼ିଲେ ପ୍ରିନ୍ସେସ୍

**ଓସ୍‌ଲୋ**

ନରୱେ ପ୍ରିନ୍ସେସ୍ ମାର୍ଥା ଲୁଇସ୍ ତାଙ୍କ ପ୍ରେମିକଙ୍କ ପାଇଁ ରାଜକାର୍ଯ୍ୟ ପରିତ୍ୟାଗ କରିଛନ୍ତି। ହଲିଉଡ୍‌ର ଆଧ୍ୟାତ୍ମିକ ଗୁରୁ ଡୁରେକ୍ ଭେରେଟ୍‌ଙ୍କ ସହ ୨୧ବର୍ଷୀୟା ରାଜକୁମାରୀଙ୍କ ସମ୍ବନ୍ଧକୁ ନେଇ ଦେଶସାରା ଚର୍ଚ୍ଚା। ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଡୁରେକ୍‌ଙ୍କ ସାଙ୍ଗରେ ସେ ନିଜ ଅଲ୍‌ଟରନେଟିଭ୍ ମେଡିସିନ୍ ବ୍ୟବସାୟ ଉପରେ ଫୋକସ୍ କରିବା ପାଇଁ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ୪୭ ବର୍ଷୀୟ ଆଫ୍ରିକୀୟ-ଆମେରିକୀୟ ଅଲ୍‌ଟରନେଟିଭ୍ ଥେରାପିଷ୍ଟ ଡୁରେକ୍ ନିଜ ପୁସ୍ତକ 'ସ୍ପିରିଟ୍ ହ୍ୟାକିଂ'ରେ କ୍ୟାନ୍ସର ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ତାଙ୍କ ୱେବ୍ ସାଇଟ୍ ଜରିଆରେ ସେ 'ସ୍ପିରିଟ୍ ଅପ୍ଟିମାଇଜର୍' ନାମରେ ଏକ ଲକେଟ୍ ବିକ୍ରି କରନ୍ତି। ଏହାର ଦାମ୍ ୨୨୨ ଡଲାର। ଏହି ଲକେଟ୍ ପିନ୍ଧି କୋଭିଡ୍-୧୯ ମହାମାରୀ କବଳରୁ ସେ ମୁକ୍ତ ହୋଇଥିବା ଦାବି କରିଛନ୍ତି। ଗତ ସେପ୍ଟେମ୍ବରରେ ନରୱେରେ କରାଯାଇଥିବା ଏକ ଜନମତ ସର୍ଭେରେ ଜଣାପଡ଼ିଛି ଯେ, ପ୍ରିନ୍ସେସ୍ ଏବଂ ସ୍ପିରିଚୁଆଲ ଗୁରୁଙ୍କ ଏହି ସମ୍ପର୍କ ଯୋଗୁ ରାଜ ପରିବାର ଲୋକପ୍ରିୟତା ହରାଇ ଦେଇଛି। ପ୍ରିନ୍ସେସ୍ ମାର୍ଥା ଲୁଇସ ଇନ୍‌ଷ୍ଟାଗ୍ରାମରେ ରୟାଲ୍ ହାଉସ୍ (ରାଜପ୍ରାସାଦ)ରେ ଶାନ୍ତି ଆଣିବା ପାଇଁ ରାଜକୀୟ କର୍ତ୍ତବ୍ୟରୁ ଓହରିଯିବା ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି। ଉକ୍ତ ଭିଡିଓରେ ସେ କହିଛନ୍ତି, ବର୍ତ୍ତମାନ ସମୟରେ ସେ ଆଉ ରୟାଲ୍ ହାଉସ୍‌ର ପ୍ରତିନିଧିତ୍ୱ କରିବେ ନାହିଁ। ତେବେ ରାଜାଙ୍କ ଇଚ୍ଛା ଅନୁସାରେ ତାଙ୍କ ପ୍ରିନ୍ସେସ୍ ଟାଇଟଲ ବଳବତ୍ତର ରହିବ। କୁଇନ୍ ସୋନ୍‌ଜାଙ୍କ ସହ କିଙ୍ଗ୍ ହରାଲ୍ଡ ଗଣମାଧ୍ୟମ ଆଗରେ ଝିଅଙ୍କ ଏହି ନିଷ୍ପତ୍ତିକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ପରୀମାନଙ୍କ ସହ କଥା ହୁଅନ୍ତି ବୋଲି ଦାବି କରୁଥିବା ମାର୍ଥା ୨୦୦୨ରେ ଭବିଷ୍ୟବକ୍ତା ସାଜିଥିଲେ। ଏଥିଯୋଗୁ ତାଙ୍କୁ 'ହର୍ ରୟାଲ୍ ହାଇନେସ୍' ଉପାଧି ହରାଇବାକୁ ପଡ଼ିଥିଲା। ୩ ସନ୍ତାନଙ୍କ ଜନନୀ ମାର୍ଥା ଲେଖକ ଆରି ମିକାଏଲ ବେନ୍‌ଙ୍କୁ ୨୦୧୭ରେ ଛାଡ଼ପତ୍ର ଦେଇଥିଲେ।


ମାର୍ଥା ଲୁଇସ୍

# ପ୍ରେମ ସମ୍ପର୍କରୁ ହତ୍ୟା

**ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ଘଟଣା**

- ୪ ଗିରଫ, ୨ ନାବାଳକ ସାମିଲ
- ମୃତ ଛାତ୍ରୀ ୪ ମାସର ଗର୍ଭବତୀ ଥିଲେ

**ନୂଆପଡ଼ା ଅଫିସ,୯।୧୧**

ନୂଆପଡା ସଦର ଥାନା ଟାନୱାଟ ପଞ୍ଚାୟତ ରତିପାଲି ଗାଁର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ଘଟଣାର ରହସ୍ୟ ବେନାମୀ ଚିଠି ଆଧାରରେ ବୁଧବାର ସଦର ଥାନା ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ୪ଜଣ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ୨ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ମୁଖ୍ୟ ଅଭିଯୁକ୍ତ ହେଲେ ରତିପାଲି ଗାଁର ପ୍ରମାନନ୍ଦ ସାହୁ ଓରଫ ସୋନୁ (୧୯)। ସହଯୋଗୀମାନେ ହେଲେ ମାହୁଲିଭଟାର ବନମାଳୀ ରାଉତ (୨୨), ଝିଲମିଲା ଗାଁର ଡମ୍ବରୁଧର ରାଉତ (୨୧), ଗୋବରା ଗାଁର ବସନ୍ତ ରାଉତ (୧୯)। ରତିପାଲି ଗାଁର ଟ୍ରାକ୍ଟର ଡ୍ରାଇଭର ପ୍ରମାନନ୍ଦ ସାହୁଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା। ମୃତା ଛାତ୍ରୀ ୪ ମାସର ଗର୍ଭବତୀ ଥିବାରୁ କୌଣସି ଉପାୟ ନ ପାଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଆୟୋଜିତ ଖବରଦାତା


ହିତେଶ୍ୱରୀ ନାଏକ

ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା ସୂଚନା ଦେଇଛନ୍ତି।

ପ୍ରାପ୍ତ ସୂଚନା ମୁତାବକ, ସଦର ଥାନା ରତିପାଲି ଗାଁର ଧନିରାମ ନାଏକଙ୍କ ଝିଅ ହିତେଶ୍ୱରୀ ନାଏକ (୧୭) ଏକଲବ୍ୟ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିଲେ। ଗତବର୍ଷ ଡିସେମ୍ବରରେ ବଡ଼ଦିନ ଛୁଟିରେ ଘରକୁ ଆସିଥିଲେ। ସେହି ସମୟରେ ସେ ୪ ମାସର ଗର୍ଭବତୀ ଥିଲେ। ଏ ନେଇ ହିତେଶ୍ୱରୀ ପ୍ରମାନନ୍ଦଙ୍କୁ ଗର୍ଭପାତ କରିବା ପାଇଁ ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ କରାଇ ନ ଥିଲେ। ସେ କୌଣସି ଉପାୟ ନ ପାଇ ସାଙ୍ଗମାନଙ୍କୁ ଏହି କଥା କହିଥିଲେ। ସାଙ୍ଗମାନଙ୍କ ସହ ମିଶି ଜାନୁୟାରୀ ୨ ତାରିଖରେ ଠାକୁରବନ୍ଧଠାରେ ବସି ହତ୍ୟା ଯୋଜନା କରିଥିଲେ। ୩ ତାରିଖ ରାତିରେ ପ୍ରମାନନ୍ଦ ତାଙ୍କ ୫ଜଣ ସାଙ୍ଗଙ୍କ ମିଶି ଫୋନ କରି ହିତେଶ୍ୱରୀଙ୍କୁ ଡାକିଥିଲେ। ହିତେଶ୍ୱରୀ ଆସିବାକ୍ଷଣି ସାଙ୍ଗମାନଙ୍କ ସହ ଉଠାଇ ନେଇ ପ୍ରମାନନ୍ଦ ବେକରେ ରଶି ଲଗାଇ ହତ୍ୟା କରିଥିବା ବେଳେ ସାଙ୍ଗମାନେ ଦେହକୁ ଜାବୁଡି ଧରିଥିଲେ। ପରେ ୨ କି.ମି. ଦୂର ଦୁଖୁ ଶବରଙ୍କ ଜମିରେ ନେଇ ପୋତି ଦେଇଥିଲେ। ଛାତ୍ରୀ ନିଖୋଜ ହେବାରୁ ୧୦ ମାସ ପରେ ମଧ୍ୟ ପୋଲିସ କୌଣସି ଖୋଜ ଖବର ପାଇ ନ ଥିଲା। ହଠାତ୍ ଏକ ବେନାମୀ ଚିଠି ଆସିବାରୁ ସେହି ଆଧାରରେ ତଦନ୍ତ କରି ପୋଲିସ ନିଖୋଜ ଛାତ୍ରୀଙ୍କ କଙ୍କାଳ ଉଦ୍ଧାର କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଛାତ୍ରୀଙ୍କୁ ହତ୍ୟା କରାଯାଇଥିବା ରଶି, ଗୋଲାପି ରଙ୍ଗର ସୁଇଟର, ଇନର,ସକ୍ସ, ଶରୀରର ଚିହ୍ନ, ଚୂଡି ଓ କଙ୍କାଳ ଜବତ କରାଯାଇଛି। ଘଟଣାସ୍ଥଳରେ ଗଳିତ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ପରବର୍ତ୍ତୀ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲ କଲେଜକୁ ପଠାଯାଇଛି। ହାଡ ଓ ମୃତ ଶରୀରର ଡିଏନଏ ପରୀକ୍ଷା ପାଇଁ ସଂରକ୍ଷିତ ରଖାଯାଇଛି ବୋଲି ଏଏସ୍‌ପି ବେହେରା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ସଦର ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଏସ୍‌ଆଇ ବିନୋଦ ବିହାରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସଦୀୟ କମିଟିକୁ ଓଡ଼ିଶାର ୬ ଏମ୍‌ପି ମନୋନୀତ

**ନୂଆଦିଲ୍ଲୀ,୯।୧୧**

ଓଡ଼ିଶାରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ୬ ସଦସ୍ୟ ୫ ସଂସଦୀୟ କମିଟିକୁ ମନୋନୀତ ହୋଇଛନ୍ତି। ବାଚସ୍ପତି ଓମ୍ ବିର୍ଲା ବୁଧବାର ଭାଜପା ଏମ୍‌ପି ସୁରେଶ ପୂଜାରୀ ଏବଂ ବିଜେଡି ସଦସ୍ୟ ପିନାକୀ ମିଶ୍ରଙ୍କୁ ସବ୍‌ଅର୍ଡିନେଟ୍ ଲେଜିସ୍‌ଲେଶନ୍ କମିଟି ସଦସ୍ୟ ଭାବେ ଚୟନ କରିଛନ୍ତି। ସେହିପରି ଭାଜପା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଗୃହ କମିଟିରେ ସଦସ୍ୟତା ପ୍ରଦାନ କରାଯାଇଛି। କଂଗ୍ରେସର ସପ୍ତଗିରି ଉଲ୍ଲାକାଙ୍କୁ ପେପର୍ସ

**ସୁରେଶ ପୂଜାରୀ, ପିନାକୀ ମିଶ୍ରଙ୍କୁ ସବ୍‌ଅର୍ଡିନେଟ୍ ଲେଜିସ୍‌ଲେଶନ୍ କମିଟି ସଦସ୍ୟତା**

ଲେଡ୍ ଅନ୍ ଟେବୁଲ କମିଟିରେ ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିବାବେଳେ ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ଗଭର୍ନମେଣ୍ଟ ଆସୁରାନ୍ସ କମିଟିରେ ସ୍ଥାନ ମିଳିଛି। ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଏଥିକ୍ସ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି।

# ୨ କୋଟିର ବ୍ରାଉନସୁଗାର ଜବତ, ହତ୍ୟା ଅଭିଯୁକ୍ତ ରାକା ଗିରଫ

- ଏସ୍‌ଟିଏଫ୍ ଚଢ଼ାଉବେଳେ ଛୁରିରେ ଆକ୍ରମଣ ଉଦ୍ୟମ
- ଖସିଗଲେ ୨; ଛୁରି, ମୋବାଇଲ ଜବତ
- ରିମାଣ୍ଡରେ ଆଣିବାକୁ ଯୋଜନା

**ଭୁବନେଶ୍ୱର(ବ୍ୟୁରୋ)/ଖୋର୍ଦ୍ଧା ଅଫିସ,୯।୧୧**

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ସକାଳେ ଖୋର୍ଦ୍ଧା-ଜଟଣୀ ବାଇପାସ୍‌ର ଓଭରବ୍ରିଜ୍ ନିକଟରେ ଚଢ଼ାଉ କରି ୨ କୋଟିର ବ୍ରାଉନସୁଗାର ଜବତ କରିଛି। ଏଥିସହ ସମ୍ପୃକ୍ତ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ଅନ୍ଧାରୁଆ ଅଞ୍ଚଳର ରାକେଶ ସାମନ୍ତରାୟ ଓରଫ ରାକା। ତାଙ୍କ ପାଖରୁ ୨ କେଜି ୨୦ ଗ୍ରାମ୍‌ର ବ୍ରାଉନସୁଗାର, ଏକ ଛୁରି ଓ ମୋବାଇଲ ଫୋନ୍ ଜବତ ହୋଇଛି। ତେବେ ଚଢ଼ାଉବେଳେ ରାକା ଉକ୍ତ ଛୁରିରେ ଏସ୍‌ଟିଏଫ୍ ଟିମକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେଣୁ ଏସ୍‌ଟିଏଫ୍ ଆଇପିସି ଦଫା ୩୦୭ ଆଇପିସି (ହତ୍ୟା ଉଦ୍ୟମ) ସହ ଏନ୍‌ଡିପିଏସ୍ ଆକ୍ଟର ଦଫା ୨୧ (ସି), ୨୯ରେ ଏକ ମାମଲା (ନଂ.୨୬/୨୦୨୨) ରୁଜୁ କରି ଅଭିଯୁକ୍ତ ରାକାଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଘଟଣାସ୍ଥଳରୁ ଖସି ପଳାଇଥିବା ୨ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବାବେଳେ ରାକାଙ୍କୁ ରିମାଣ୍ଡରେ ଆଣି ମାମଲା ସମ୍ପର୍କରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ଏସ୍‌ଟିଏଫ୍ ଯୋଜନା କରୁଛି। ସୂଚନା ଅନୁଯାୟୀ, ବାଇପାସ ନିକଟରେ ବ୍ରାଉନସୁଗାର ଡିଲ୍ ହେବା ନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସକୁ ନେଇ ଗଠିତ ମିଳିତ ଟିମ୍ ସେଠାରେ ଛକି ରହିଥିଲା। ପ୍ରଥମେ ରାକା ଅନ୍ୟଜଣେ ଯୁବକଙ୍କ ସହ ବାଇକ୍‌ରେ ଆସି ପହଞ୍ଚିଥିଲେ। ଏହାର କିଛି ସମୟ ପରେ ଆଉଜଣେ ଯୁବକ ବାଇକରେ ବ୍ରାଉନସୁଗାର ଧରି ପହଞ୍ଚିଥିଲେ। ରାକା ବାଇକରୁ ଓହ୍ଲାଇ ଉକ୍ତ ବ୍ରାଉନସୁଗାର ନେଉଥିବାବେଳେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ରାକା ପାଖରେ ରଖିଥିବା ଛୁରିରେ ପୋଲିସ ଟିମ୍‌କୁ ଆକ୍ରମଣ କରି ଖସି ଯିବାକୁ ଉଦ୍ୟମ କରିଥିଲେ। ହେଲେ ରାକାଙ୍କୁ କାବୁ କରାଯିବା ଭିତରେ ଅନ୍ୟ ୨ଜଣ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।


ରାକେଶ ସାମନ୍ତରାୟ

**ଜେଲରୁ ଜାମିନରେ ଆସି ବ୍ରାଉନସୁଗାର ବେପାର ଚଳାଇଥିଲେ**

୨୦୧୮ ଜୁଲାଇ ୨୭ରେ ଅଭିଯୁକ୍ତ ରାକା ଭୁବନେଶ୍ୱରରେ ଜଣେ ବ୍ୟକ୍ତିଙ୍କୁ ଛୁରା ମାଡ଼ କରି ହତ୍ୟା କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା (ନଂ.୩୨୦/୨୦୧୮) ରୁଜୁ କରି ତାଙ୍କୁ ଗିରଫ କରିଥିଲା। ସେବେଠାରୁ ରାକା ଝାରପଡ଼ା ଜେଲରେ ଥିଲେ। ତେବେ ତାଙ୍କ ଭାଇର କ୍ୟାନ୍‌ସର ହୋଇଥିବା ଦର୍ଶାଇ ତାଙ୍କ ଚିକିତ୍ସା କରିବାକୁ ରାକା ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ହାଇକୋର୍ଟଙ୍କ ଅନୁମତି ପରେ କିଛିଦିନ ତଳେ ସେ ଜାମିନରେ ଆସି ବ୍ରାଉନସୁଗାର କାରବାର ଚଳାଇଥିଲେ।

# ନିଷ୍ଠାର ସହ ଲୋକଙ୍କ କାମ କର: ମୁଖ୍ୟମନ୍ତ୍ରୀ

**ନବନିଯୁକ୍ତ ଯନ୍ତ୍ରୀଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମ**

**ଜଳସମ୍ପଦ ବିଭାଗରେ ଯୋଗଦେଲେ ୨୫୭ କନିଷ୍ଠ ଯନ୍ତ୍ରୀ**



**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ରାଜ୍ୟ ଜଳସମ୍ପଦ ବିଭାଗରେ ୨୫୭ ଜଣ କନିଷ୍ଠ ଯନ୍ତ୍ରୀ (ସିଭିଲ) କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୮୭ ଜଣ ମହିଳା ଅଛନ୍ତି। ଏହି ଅବସରରେ ଲୋକସେବା କନ୍‌ଭେନଶନ ସେଣ୍ଟରରେ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର କର୍ତ୍ତବ୍ୟକୁ ରାଜ୍ୟର ଲୋକମାନଙ୍କ ପାଇଁ ସାଧୁତାର ସହ କରିବାକୁ ନବନିଯୁକ୍ତ ଇଞ୍ଜିନିୟରମାନଙ୍କୁ ପରାମର୍ଶ ଦେବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀମାନଙ୍କୁ ଜଳସେଚନ ଯୋଗାଇବା ସହ ବନ୍ୟା ପରିଚାଳନା ଏବଂ ଲୋକମାନଙ୍କର ସମ୍ପତ୍ତି ଓ ଜୀବନକୁ ସୁରକ୍ଷା ଯୋଗାଇବା ଜଳସମ୍ପଦ ବିଭାଗର ପ୍ରଥମ ଦାୟିତ୍ୱ। ରାଜ୍ୟରେ ୨୫୦୦ ଡ୍ୟାମ୍ ରହିଥିବା ବେଳେ ଲୋୟର ସୁକତେଲ, କାନପୁର ଏବଂ ଘଟକେଶ୍ୱର ଭଳି ବୃହତ୍ ଡ୍ୟାମ୍ ନିର୍ମାଣ ଚାଲିଛି। ଜଳ ସମ୍ପଦ ବିଭାଗ ରାଜ୍ୟର ବିଭିନ୍ନ ନଦୀରେ ୩୦ଟି ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ କରିଥିବା ବେଳେ ୧୬ରୁ ଅଧିକ ନିର୍ମାଣ ଅପେକ୍ଷାରେ ରହିଛି। ଏହି ନିର୍ମାଣ ନଦୀ ଜଳ ସଂରକ୍ଷଣ କରିବା ସହ ଭୂଗର୍ଭ ଜଳ ସଂଚରଣ ବୃଦ୍ଧିରେ ସହାୟତା କରିବ। ଏଥିପାଇଁ ରାଜ୍ୟ ବଜେଟରେ ୧୨ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନୂତନ ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ଥଳକୁ ଯାଇ ତଦାରଖ କରିବା ସହ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ନବନିଯୁକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରୋକ୍ୟୁରମେଣ୍ଟ ମ୍ୟାନେଜମେଣ୍ଟ ଇନ୍‌ଫରମେଶନ ସିଷ୍ଟମ୍ ପ୍ରୋମିଜ୍‌ର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ବିଭିନ୍ନ କାର୍ଯ୍ୟର ତଥ୍ୟ, ରେକର୍ଡ ଏବଂ କାର୍ଯ୍ୟର ସ୍ଥିତି ସମ୍ପର୍କରେ ସୂଚନା ମିଳିବ। ଏହି ଅବସରରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଲୋକମାନଙ୍କ ପାଇଁ ଦାୟିତ୍ୱ ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ନବନିଯୁକ୍ତ ଇଞ୍ଜିନିୟରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ ପରିଚାଳନା କରିଥିବା ବେଳେ ଜଳ ସମ୍ପଦ ସଚିବ ଅନୁଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

## କ୍ୟାପିଟାଲ ହସ୍ପିଟାଲରେ ମିଳିବ ସୁପର ସ୍ପେଶାଲିଟି ସେବା

ଭୁବନେଶ୍ୱର, ୯।୧୧(ବ୍ୟୁରୋ): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ବିଏମ୍‌ସି ହସ୍ପିଟାଲରେ ମିଳିବ ସୁପର ସ୍ପେଶାଲିଟି ଚିକିତ୍ସା ସେବା। ଏଥିପାଇଁ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଅନୁମୋଦନ କରିଛନ୍ତି। ଏହି ଡାକ୍ତରମାନଙ୍କୁ ଠିକା ନିଯୁକ୍ତି ଦିଆଯିବ ଓ ଏମାନଙ୍କୁ କର୍ପସ ପାଣ୍ଠିରୁ ଟଙ୍କା ମିଳିବ। ଏହି ଫଣ୍ଡ୍ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କ ପାଖରେ ରହିବ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଏବଂ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ଏହି କମିଟି ଉପଯୁକ୍ତ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ଚୟନ କରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କର୍ପସ ପାଣ୍ଠିରୁ ଖର୍ଚ୍ଚ ହେବ। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No.CAD-2692 **TENDER ALERT**

1) **Tender Call Notice No.07/2022-23:** Supply of 01 no ACDB Panel for 220/132/33 kV Grid Sub-station, Bhadrak under EHT O&M Division, Bhadrak.
2) **Tender Call Notice No.06/2022-23:** Stone pitching & PCC work at sloped area of 220kV Bus-I side and Extension Bus side (Opposite of 220kV Bus-II) at 220/132/33 kV Grid Sub-station, Jaynagar under EHT O&M Circle, Jeypore.
3) **Tender Call Notice No.03/PDP/2022-23:** Renovation of PCC of Backside of the control room of Paradeep Grid S/S, under EHT O&M Division, Paradeep.
4) **Tender Call Notice No.04/PDP/2022-23:** Repairing & Renovation of two numbers close store with painting, construction of slabs in DCDB room, fixing of ceramic wall tiles in gardening wall & painting of boundary wall from main gate to security room at 132/33 kV Grid S/S Kendrapara under EHT O&M Division, Paradeep.
5) **Tender Call Notice No.05/PDP/2022-23:** Arresting of oil leakage in 40MVA TRF-II (Alstom Make) at Grid S/S, Kendrapara, 20MVA TRF-II (BHEL Make) at Marshaghai Grid S/S and 20 MVA TRF-II (GEC Make) at Grid S/S, Paradeep under EHT O&M Division, Paradeep.
6) **Tender Call Notice No.BRL-34/2022-23:** Hiring of commercial registered diesel run vehicle Car/Scorpio (AC) or equivalent on monthly basis for engagement at EHT O&M Circle, Burla.
7) **Tender Call Notice No.02/2022-23:** Hiring one number each of diesel/petrol run commercial registered light vehicle (BS-VI) AC Bolero or equivalent for O/O the SDO(Elect.), EHT Construction S/D, Junagarh & Raygada under EHT Construction Circle, Rayagada.
8) **Tender Call Notice No.02/2022-23:** One time uprooting and cleaning of grass, shrubs, wild plants and weeds from the premises of 220kV, 132kV & 33kV S/Y-II and outside fence area upto 5.0 mtr at 400/220/132kV Grid S/S, Meramundali under EHT O&M Division, Meramundali.
9) **Tender Call Notice No.NZB/Transport-01/2022-23:** Hiirng of AC Diesel commercial registered vehicle for use of the Executive Director, Northern Zone, Balasore for 01 Year on monthly basis under Northern Zone, Balasore.
10) **E-Tender Call Notice No.ED-CZ-02/2022-23:** Procurement of 33kV, 300mm² Single Core Copper Cable (1Cx300mm²) of 250 meters length for connectivity from 33kV GIS to one no of 33kV outgoing feeder at 132/33 kV GIS, Mancheswar, Bhubaneswar under Executive Director, Central Zone, Bhubaneswar.
11) **Tender Call Notice No.02/2022-23:** Procurement of Cables and Accessories for installation of SIC Panel at Machhkund Power House under Telecom Division, Jeypore.
12) **Tender Call Notice No.EHT (C)/T/05/2022-23:** Hiring of 01 number of commercial light vehicle Bolero (Non AC) or equivalent of diesel version for use at office of SDO, EHT (C) S/D, Sambalpur and SDO, EHT (C) S/D, Bamra under EHT Construction Division, Jharsuguda respectively under EHT Construction Circle, Sambalpur.

For more details please visit OPTCL's website: **www.optcl.co.in.** OIPR-04011/11/0127/2223 **FIPR-50/2022-23**

**Post Graduate Department of Zoology**
**Berhampur University, Odisha-760007**
**Advertisement No: 02/SERB/DST/JKS/ZOOL/BU/2022, Date: 09/11/2022**

**TENDER NOTICE**

Sealed quotations are invited from qualified and registered suppliers for supply of Equipment, for SERB Project, Govt. of India. The details are available with the **Principal Investigator, SERB Project, Govt. of India (File No. EEQ/2021/000048), Post Graduate Department of Zoology, Berhampur University, Odisha and at www.buodisha.edu.in**. The last date of receiving tender/quotation is **30/11/2022 by 04:30 PM**. Details are available with the Principal Investigator and also in **www.buodisha.edu.in.**

**Sd./- Dr. Jaya Kishor Seth**
**Principal Investigator**

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)

**No. OCC/CWS/PROC/SS-03/37/22-23** **Dated : 09.11.2022**

**TENDER CALL NOTICE**

Sealed tenders in conformity with the terms, conditions and specifications in tender documents are invited from reputed manufacturers or their authorised distributors / dealers / stockiest for **"Supply of Stainless Steel Flats for Lower Suktel & Kanupur Irrigation Projects".**

For details, please visit our website **www.odishaconstruction.com** or Govt. of Odisha website **www.odisha.gov.in**. The last date & time of sale of tender document and receipt of tender is **17.11.2022 at 1.00 P.M & 3.30 P.M.** respectively and **TECHNICAL BID** & **PRICE BID** to be opened on same date at **04.00 P.M.** i.e., **17.11.2022** ***(Bidders are requested to visit above website regularly for any changes, since it will not be published in news paper again).***

**Sd/-**
**SENIOR MANAGER (MECH.) - I**

**OFFICE OF THE COMMANDANT OISF, BHUBANESWAR**

**OFFICE QUOTATION/TENDER CALL NOTICE**

Sealed quotations/tenders are invited from reputed travel agencies/tour operators or private individuals interested in providing only 4 (Four) Light Motor vehicles i.e Mahindra Bolero neo N-10 model (pearly white) to OISF, Bhubaneswar. Which shall conform to the terms and conditions (annexure-II) for official use in the office of the commandant, OISF, Bhubaneswar and other areas on a monthly rent basis. The interested bidders are required to bid for the above purpose with the prescribed application form of Govt. of Odisha.

1. The vehicles should be in road-worthy condition and should have valid registration certificates, fitness certificates, valid contact carriage permits, up-to-date proof of tax payment etc. which are mandatory for driving the vehicle.
2. An amount of Rs.5000/- shall be deposited by the interested bidders in the form of an Account Payee Bank Draft drawn in favour of Commandant, OISF, Bhubaneswar and shall be deposited along with the tender as a security deposit. The amount will be refunded to the unsuccessful bidders after the completion of the tender process.
3. Monthly rate of hire charges will be quoted separately in the General Bid Information (Except Fuel & Lubricants).
4. Vehicles must achieve fuel efficiency of more than 10 kmpl.
5. The details of manufacture and year of manufacture of the vehicle, registration number, mileage (km/l) should be specifically provided in the General Bid Information to be submitted along with the Quotation/Tender (Annexure-III).
6. The quotation completed in all respect should reach the undersigned on or before 24.11.2022 by 3.00 PM and shall be opened on the same day at 4.00 PM in presence of their authorised representatives.
7. The application form of quotation/tender containing general bid information & terms and conditions for hiring of Vehicles etc. will be available in the office of the commandant, OISF, Plot No. 139 (p) Keshari Nagar, Unit -V, Bhubaneswar on payment of Rs. 100/- from 14.11.2022 to 24.11.2022.

**Sd./-Commandant (SAG), OISF, Bhubaneswar**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
No. O-1224
**No. 4197/WE Dt.04.11.2022**

**e-Procurement Notice**

1. Name of the Work : "Building Work"
2. Estimated Cost : Rs.113.33 lakhs to 116.77 lakh (Approximate)
3. Time for Completion : 09 (Nine) Calendar Months including rainy season
4. No. of Work : 06 (Six) Nos.
5. Summary for key dates is provided below :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 358 | Dt.14.11.2022 at 11.00 A.M. | Dt.29.11.2022 upto 5.00 P.M. | Dt.28.11.2022 upto 5.00 P.M. | Dt.30.11.2022 at 11.00 A.M. | Will be intimated later |

Further details can be seen from the website: **www.tendersodisha.gov.in**.
Any other changes/corrigendums may be seen only in website **www.tendersodisha.gov.in**.

**Sd./- Er. S.K. Mishra**
OIPR-25105/11/0041/2223 **Chief Construction Engineer, Rural Works Circle, Balasore**

No. O-1227 **GOVERNMENT OF ODISHA** e-mail: serw_ctc@yahoo.com
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
No:- Tender Online RWC-28/22 Letter No. 4576 Date: 04.11.2022

**e-Procurement NOTICE**

1. Name of the work : Road works under Transferred Road Improvement Programme (TRIP) for the year 2022-23 under
2. Class of contractor :
   A) Estimated Cost more than Rs.6.00 Crore & upto Rs. 50.00 Crore : Special Class (of Odisha PWD) & relevant Class of other licensing authorities.
   B) Estimated Cost more than Rs 1.00 Crore & upto Rs. 20.00 Crore. : A Class (of Odisha PWD) & relevant Class of other licensing authorities.
   C) Estimated Cost more than Rs.20.00 lakh & upto Rs.3.00 Crore : B Class (of Odisha PWD) & relevant Class of other licensing authorities.
3. Time for Completion : As specified in the **Column - 5 of the Annexure**
4. Detail Projects : As per Annexure attached
7. Other details. :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online - RWC - 28/22 | 11.11.2022 at 11.30 A.M. | 01.12.2022 to 05.00 P.M. | 01.12.2022 upto 02.00 P.M. | 02.12.2022 at 11.30 A.M. | Will be intimated later |

Further details can be seen from the website: **www.tendersodisha.gov.in**.
**Sd./- Chief Construction Engineer, Rural Works Circle, Cuttack**
**OIPR-25097/11/0034/2223**

**BHUBANESWAR DEVELOPMENT AUTHORITY**
**Akash Shova Building, Pandit Jawaharlal Neheru Marg, Bhubaneswsar - 751001**
**PABX No. 0674-2392801/0998/6437, FAX No.: 0674-2390633/085 Visit us at: http://www.bda.gov.in**
**No. CAD-2676**
**No.RFP Fef. No.: 1062** **Date: 07.11.2022**

1. Executive Engineer-III, BDA on behalf of Bhubaneswar Development Authority invites **Percentage Rate** bids in **Double Cover System** from eligible bidders to be received in online mode for following work as detailed in the table below.

**TABLE**

| Sl. No. | Name of Work | Bid Security | Cost of Bid Document (In Rs.) | Class of Contractor | Period of Completion | Last date of online receipt of Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Request for Proposal for Selection of agency for Fabrication, Supply and Installation of Signage at different Parks in Bhubaneswar Development Authority Planning Area | Deposit of **"Bid Security Declaration"** | 10,000/- + GST 18% | Reputed Firms/ NSIC/SIC | 60 (Sixty) Days | 22.11.2022 upto 5.00 P.M. |

**N.B.: The quoted rate should be all inclusive but excluding G.S.T. applicable under works contract.**

2. The bidders have to participate in ONLINE bidding only. The website for "ONLINE BIDDING" is **https://tendersodisha.gov.in/**.
3. Bid documents will be available in above Website from **14.11.2022 to 5.00 P.M. of 22.11.2022** for "ONLINE BIDDING".
4. The tender will be **opened on 28.11.2022 at 11.30 A.M.**
5. The bidder must possess compatible **Digital Signature Certificate (DSC)** of Class-II or Class-III.
6. **Original Bid Security Declaration & Demand Draft** towards cost of RFP document shall be reached through **Registered Post/Speed Post** (Not through Courier) addressed to the Executive Engineer-III, Akash Sova Building, Sachivalaya Marg, BDA, Bhubaneswar - 751001 **latest by 4.00 P.M. of 25.11.2022** during office hours on working days, failing which the bid will be rejected. BDA will not be responsible for postal delay in receiving the documents; also a scan copy of the same must be uploaded during online bidding.
7. The cost of bid documents along with GST has to be paid by each bidder in shape of Demand Draft drawn in favour of **Executive Engineer, Division No. III, BDA, Bhubaneswar** from any Nationalized Scheduled Bank.
8. All other details can be seen in the RFP.
9. All Corrigendum and Addendum will be published in the Website only.
10. The authority reserves right to cancel the bid without assigning any reason thereof.

OIPR-13033/11/0333/2223 **Sd./- Executive Engineer, Division No.- III, BDA**

## ସଂକ୍ଷେପରେ

### ତିନି ମହଲାରୁ ଖସି ଠିକା ଶ୍ରମିକ ମୃତ

**ରାଉରକେଲା ଅଫିସ,୯।୧୧:** ଉଦିତନଗର ଥାନା ଅନ୍ତର୍ଗତ ଗଫୁରକଲୋନୀ ଅଞ୍ଚଳରେ ତିନି ମହଲା କୋଠାରୁ ଖସିପଡି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସନ୍ତୋଷ କୁମାର କେରକେଟ୍ଟା(୫୦)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪।୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କୁଆଁରମୁଣ୍ଡା ଲାସୋ ଗ୍ରାମର ସନ୍ତୋଷ ରାଉରକେଲା ଆଖାପାଖ ଅଞ୍ଚଳରେ ଠିକା ଶ୍ରମିକ ଭାବେ କାମ କରନ୍ତି। ଗତ ୪ ତାରିଖରେ ସେ ଉଦିତନଗର ସ୍ଥିତ ଗଫୁର କଲୋନୀରେ ତିନି ମହଲା କୋଠାରେ ଚଢି ବାଉଁଶ ବାନ୍ଧୁଥିବାବେଳେ ହଠାତ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ରାତି ସାଢେ ୯ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଡାକଘରୁ ଚୋରି

**ରାଉରକେଲା ଅଫିସ,୯।୧୧:** ରାଉରକେଲା ସେକ୍ଟର-୧୯ ଥାନା ଅନ୍ତର୍ଗତ ଡାକଘରୁ ଚୋରି ହୋଇଛି। ଏ ନେଇ ଡାକଘର ପୋଷ୍ଟମାଷ୍ଟର ସେକ୍ଟର-୧୯ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୨୨।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେକ୍ଟର-୧୯ ମୁଖ୍ୟ ଡାକଘରେ ମଙ୍ଗଳବାର ରାତିରେ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ପଶିଥିଲେ ଏବଂ ବିଭିନ୍ନ ଡ୍ରୟରରେ ଥିବା ଫାଇଲକୁ ଖୋଲାଇ ନଷ୍ଟ କରିବା ସହ ଆଲମିରା ଭାଙ୍ଗିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଆଲମିରାଟି ଭାଙ୍ଗି ନ ପାରିବାରୁ ସେମାନେ ଜିନିଷପତ୍ର ଏଣେତେଣେ ପକାଇ ପଳାଇଥିଲେ। ଏ ନେଇ ବୁଧବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

### ଆରଏସ୍‌ପି ଠିକା ଶ୍ରମିକ ପୁରସ୍କୃତ

**ରାଉରକେଲା ଅଫିସ,୯।୧୧:** ।ରଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ-୧ରେ ଠିକା ଶ୍ରମିକଙ୍କୁ ସ୍ୱୀକୃତି ପ୍ରଦାନ ନିମନ୍ତେ ଏକ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଛି। ସିଣ୍ଟରିଂ ପ୍ଲାଣ୍ଟର ସିଜିଏମ ବି. ଆର. ପଲାଇ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ବିଭାଗର-୨ ଜିଏମ ଟି. ଆର. ମହାନ୍ତି ଉପସ୍ଥିତ ଥିଲେ। ସିଣ୍ଟରିଂ ପ୍ଲାଣ୍ଟର ବିଭିନ୍ନ ଏଜେନ୍ସିର ୧୦ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କ ପ୍ରଶଂସନୀୟ ଯୋଗଦାନ ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏଜିଏମ ପି. କେ ଦାଶ ସ୍ୱାଗତ କରିଥିଲେ। ଶେଷରେ ଏଜିଏମ ଏମ. ଏସ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ଯୁବକ ଗୁରୁତର

**ଝାରସୁଗୁଡା ଅଫିସ,୯।୧୧:** ଝାରସୁଗୁଡ଼ା ଜିଲା କିର୍ମିରାରୁ ଲଇକେରା ମୁଖ୍ୟ ରାସ୍ତା ରେଙ୍ଗାଲିମାଲ ଛକ ବୁଲାଣି ପାଖରେ ଜଣେ ଯୁବକ ପ୍ରକାଶ ଖଣ୍ଡା (୧୮) ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। କୋଲାବିରା ବ୍ଲକ ଭାଲୁମାଲ ଗ୍ରାମର ଲଇକେରାରୁ ଆସୁଥିବା ବେଳେ ଦିନ ୧୨ଟା ୩୦ରେ ବାଇକରୁ ପଡି ମୁଣ୍ଡ , କାନରେ ଆଘାତ ଲାଗିଛି। ପଥଚାରୀମାନେ ଦେଖି ୧୦୮ ଆମ୍ବୁଲାସକୁ ଫୋନ କରିବାରୁ ଅଞ୍ଚଳ ନ ଥିବା କହି ଅଧରୁ ଏକ ଘଣ୍ଟା ଲାଗିବ ବୋଲି କହିବାରୁ କିର୍ମିରା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇବା କ୍ଷଣି ଘଟଣାସ୍ଥଳକୁ ପହଞ୍ଚି ଆହତକୁ କିର୍ମିରା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଝାରସୁଗୁଡା ଡାକ୍ତରଖାନା ପଠାଇଥିଲେ। ଏପରି ଅନେକ ଦୁର୍ଘଣାରେ ୧୦୮ ଆମ୍ବୁଲାସ ନ ଆସିବାରୁ ଅଗ୍ନିଶମ ବିଭାଗ ସାହାଯ୍ୟ କରୁଥିବାବେଳେ ଲୋକେ ବେସରକାରୀ ଗାଡି କରି ନେଉଛନ୍ତି।

# ପୋଖରୀ ଖୋଳା, ପେଭର ବ୍ଲକ ବିଛା ଦୁର୍ନୀତିର ତଦନ୍ତ ଦାବି



କଂଗ୍ରେସ ପ୍ରତିନିଧି ଦଳ କମିନରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ରାଉରକେଲା ଅଫିସ,୯।୧୧**

ରାଉରକେଲା ମହାନଗର ନିଗମ ଅଧୀନ ୬ ନଂ. ୱାର୍ଡର ଶାନ୍ତିନଗରଠାରେ ପୋଖରୀ ନିର୍ମାଣ ଓ ଲେବର ଟେନାମେଣ୍ଟ ରାସ୍ତାପାର୍ଶ୍ୱରେ ନିମ୍ନମାନର ପେଭର ବ୍ଲକ୍ ବିଛା କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଦାବି ହୋଇଛି। ଏହି ମର୍ମରେ ଉକ୍ତ ୱାର୍ଡ ବାସିନ୍ଦା ବୁଧବାର କଂଗ୍ରେସର ବରିଷ୍ଠ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୪୪ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏହି ପୋଖରୀର ଉନ୍ନୟନ କାର୍ଯ୍ୟ କରାଯାଇଥିଲେ ହେଁ ସମ୍ପ୍ରତି ଏହା ଏକ ଆବର୍ଜନା କୁଣ୍ଡରେ ପରିଣତ ହୋଇ ମଶା, ମାଛିଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ ହୋଇଛି। ପୋଖରୀ ହୁଡାରେ ନିର୍ମିତ ପ୍ରାଚୀରରେ ଲଗାଯାଇଥିବା ଟାଇଲ୍‌ଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କେତେକ ସ୍ଥାନରେ ଉଠିଗଲାଣି ତ ଆଉ କେତେ ସ୍ଥାନରେ ଭାଙ୍ଗି ଗଲାଣି। ପୋଖରୀ ପାର୍ଶ୍ୱରେ ନିର୍ମିତ ନାଳି ଭୁଷୁଡି ପଡିଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ବସ୍ତିବାସୀଙ୍କ ଘରେ ପଶୁଛି। ପୋଖରୀ ନିର୍ମାଣରେ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଥିବାରୁ ଏହାର ତଦନ୍ତ କରିବାକୁ ବସ୍ତିବାସିନ୍ଦାମାନେ ଦାବି କରିଛନ୍ତି। ଏହାସହ ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା ବସ୍ତି କମିଟିକୁ ହସ୍ତାନ୍ତର କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି । ସେହିପରି ଲେବର ଟେନାମେଣ୍ଟ ଅଞ୍ଚଳରେ ଗତ ୩ ମାସ ତଳେ ରାସ୍ତା ପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକ୍ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ବ୍ଲକ୍‌ଗୁଡିକ ଉଠିଗଲାଣି। ତେଣୁ ଏହି ଉଭୟ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଆବଶ୍ୟକ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିମନ୍ୟୁ ଦାସ, କାର୍ତ୍ତିକ ଚନ୍ଦ୍ର ବେହୁରିଆ, ଚତୁର୍ଭୁଜ ସାମଲ, ଜିତେନ୍ଦ୍ର ଦାସ, ରୋଶନ କୁଲୁ, ଚନ୍ଦ୍ରଶେଖର ରାଓ ପ୍ରମୁଖ ଦାବି କରିଛନ୍ତି ।

# ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ସଚେତନତା ଶୋଭାଯାତ୍ରା

**ଦେବଗଡ଼,୯।୧୧(ଡି.ଏନ.ଏ.)**



ସବୁଜ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରାଯାଉଛି।

ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବୁଧବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ଲିଳାବତୀ ନାୟକ, ଆସିଷ୍ଟାଣ୍ଟ କଲେକ୍ଟର କୈବଲ୍ୟ କିଶୋର କର, ଦେବଗଡ ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ ସଂଗ୍ରାମ କେଶରୀ ନନ୍ଦ ଓ ଡ. ସୁରେନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଦେବଗଡ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟମାନେ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ ସମ୍ବଳିତ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରିଥିଲେ । ଏହି ଅବସରରେ ୧୭ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୁବ ବର୍ଗଙ୍କ ପାଇଁ ଆଜିଠାରୁ ଅଗ୍ରୀମ ଭାବେ ଅନଲାଇନ ଯୋଗେ କିମ୍ବା ବୁଥସ୍ତରୀୟ ଅଧିକାରୀଙ୍କ ସହାୟତାରେ ନିଜକୁ ଜଣେ ଭୋଟର ଭାବେ ପଞ୍ଜୀକୃତ କରିପାରିବେ। ସେହିପରି ଭୋଟର ତାଲିକା ସଂଶୋଧନ ପାଇଁ ମଧ ଆବେଦନ କରି ପାରିବେ ବୋଲି ଶୋଭାଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୨୦୨୩ ବର୍ଷ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଭୋଟର ତାଲିକାର ଚିଠା ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ବିଜୁ ଜନତା ଦଳର ପ୍ରତିନିଧି ତଥା ଯୁବ ବିଜୁ ଜନତାଦଳ ସଭାପତି ପ୍ରତାପ କୁମାର ଦେବ ଏବଂ ଭାରତୀୟ ଜନତା ପାର୍ଟିର ପ୍ରତିନିଧି ଅରୁଣ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା।

# ଐତିହାସିକ ମୁଙ୍ଗେ ପାହାଡ଼ ଧ୍ୱଂସ କରିବା ଯୋଜନା

**ବଲାଙ୍ଗୀର ଅଫିସ, ୯।୧୧**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅନ୍ତର୍ଗତ ଅଲଣ୍ଡା ଗାଁ ନିକଟରେ ଥିବା ଐତିହାସିକ ମୁଙ୍ଗେ ପାହାଡ଼ରୁ ପଥର ଫଟାଇବାକୁ ପୁଣି ଉଦ୍ୟମ ହୋଇଛି। ମଙ୍ଗଳବାର ପାହାଡରେ ଡ୍ରିଲିଂ ଉଦ୍ୟମ କଲାବେଳେ ଲୋକେ ବିରୋଧ କରିଛନ୍ତି। ତିନି ମାସର ନୀରବତା ପରେ ପୁଣି ଥରେ ପାହାଡ ଲିଜଧାରୀ ଏହି ପାହାଡରୁ ପୁଣି ଥରେ ପଥର ଫଠାଇବାକୁ ଉଦ୍ୟମ କରିଥିଲେ। ଡ୍ରିଲିଂ ଗାଡି ସେଠାରେ ପହଞ୍ଚିବା ପରେ ଗ୍ରାମବାସୀ ମିଳିତ ଭାବେ ସେଠାକୁ ଆସି ଚାଲିଯିବାକୁ କହିଥିଲେ। ତିନିମାସ ପୂର୍ବରୁ ଏହି ପାହାଡରେ ବୋରୱେଲ ଡ୍ରିଲିଂ ମେଶିନରେ ଫଟାଇବାକୁ ଉଦ୍ୟମ କରାଯାଇଥିଲା। ମଙ୍ଗଳବାର ଏହି ପାହାଡ ତଳେ ଡ୍ରିଲିଂ କରୁଥିବାବେଳେ ସ୍ଥାନୀୟ ଲୋକେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଫଳରେ ଡ୍ରିଲିଂ କରୁଥିବା ଗାଡ଼ି ଚମ୍ପଟ ମାରିଥିଲା। ମୁଙ୍ଗେ ପାହାଡ ଜିଲା ତଥା ରାଜ୍ୟର ଏକ ଐତିହାସିକ ପାହଡ। ଏଠାରେ ଜେନାଖୋଲ ଭଳି ଧାର୍ମିକ ଆସ୍ଥାସ୍ଥଳୀ ରହିଛି। ଏହି ଅଞ୍ଚଳର ପ୍ରଖ୍ୟାତ ଦେବୀ ଦ୍ୱାରସେନୀ ଯାତ୍ରା ସହ ମଧ୍ୟ ଏହି ପାହାଡର ନିବିଡ ଧାର୍ମିକ ସମ୍ପର୍କ ରହିଛି। ଏଣୁ ଏହି ପାହାଡକୁ କୌଣସି ପ୍ରକାରେ ଧ୍ୱଂସ କରାଯାଇପାରିବ ନାହିଁ ବୋଲି ଆଖାପାଖ ଗ୍ରାମବାସୀ କହିଛନ୍ତି।

# ଜାତୀୟ ଆଇନ ସେବା ଦିବସରେ ସଚେତନତା ରାଲି




ଝାରସୁଗୁଡାରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

**ଝାରସୁଗୁଡ଼ା ଅଫିସ, ୯।୧୧**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଚାଲୁଥିବା ଭାରତୀୟ ଆଇନ ସଚେତନତା ଓ ପ୍ରସାରଣ କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଜାତୀୟ ଆଇନ ସେବା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଶୋଭାଯାତ୍ରାକୁ ପରିବାର ଅଦାଲତର ବିଚାରପତି ହରପ୍ରସାଦ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏଥିରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ଧଳ, ବରିଷ୍ଠ ଦେୱାନି ବିଚାରପତି ସପ୍ନାଶ୍ରୀ ନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ, ପ୍ରାଧିକରଣ ସଚିବ ନେହା ଦାସ, ଏସଡିଜେଏମ ଦିବ୍ୟସଚି ବେହେରା, ମାଜିଷ୍ଟ୍ରେଟ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ପଟେଲ ଯୋଗ ଦେଇଥିଲେ । ପ୍ୟାନେଲ ଓକିଲ କିଶୋର ଚନ୍ଦ୍ର ପଟେଲ, ହରି ଶଙ୍କର ଅଗ୍ରୱାଲ, ଅଶୋକ କୁମାର ପାଢୀଯୋଶୀ, ରୂପାଲି ଚାଟାର୍ଜୀ, ଭବାନୀ ଶଙ୍କର ଦଣ୍ଡସେନାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟ ଗୋଷ୍ଠୀର ସଦସ୍ୟା ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ପରେ ଏକ ସଚେତନତା ସଭା ଜିଲା ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।

# ଚାକିରି ସ୍ଥାୟୀ ଦାବିକଲା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ

**ବଲାଙ୍ଗୀର ଅଫିସ, ୯।୧୧**

ଠିକା କର୍ମଚାରୀଙ୍କ ଚାକିରି ସ୍ଥାୟୀ ଦାବି କରି ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ବଲାଙ୍ଗୀର ପକ୍ଷରୁ ବୁଧବାର ଜିଲାପାଳ ଏବଂ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ନିକଟରେ ରାଜ୍ୟ ସରକାର ଗେଜେଟ୍ ନୋଟିଫିକେଶନ ଜରିଆରେ ୫୭ ହଜାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଘୋଷଣା କରିଥିଲେ। ଏତେ ସଂଖ୍ୟକ ଚୁକ୍ତିଭିତ୍ତିକ ଠିକା କର୍ମଚାରୀଙ୍କ ଚାକିରୀ ସ୍ଥାୟୀ କରିଥିଲେ ମଧ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ୧୦ ହଜାର ଠିକା କର୍ମଚାରୀଙ୍କୁ ସ୍ଥାୟୀ କଲେନାହିଁ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଆଲୋକ



@ ଲିପ୍‌ସା



@ ବ୍ରହ୍ମା



@ ପିନୁ



@ ସୁଶିଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲୋକ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୯।୧୧**

ଆରଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ ନୂଆଗାଁ ବ୍ଲକ ଅନ୍ତର୍ଗତ ଫୁଲଜୋର ଗ୍ରାମରେ ଜୋନ ସ୍ତରୀୟ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ଗ୍ରାମରୁ ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆରଏସ୍‌ପିର କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗର ମହାପ୍ରବନ୍ଧକ ମୁନମୁନ ମିତ୍ର, ସହକାରୀ ମହାପ୍ରବନ୍ଧକ ଟି. ବି. ଟପ୍ପୋ, ସରପଞ୍ଚ ସୁଖମଣି ଓରାମ, ଜିଲା ପରିଷଦ ସଦସ୍ୟ ଓ ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ, ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ହାତୁଙ୍ଗଡା ଗ୍ରାମରେ ବୀର ବିର୍ସା ମୁଣ୍ଡା ସାଂସ୍କୃତିକ ଦଳକୁ ପ୍ରଥମ, କଡଲ୍ଲା ଗ୍ରାମରେ ସୁଷମା ନୃତ୍ୟଦଳକୁ ଦ୍ୱିତୀୟ ଏବଂ ମଣ୍ଡପ ଗ୍ରାମର ମୁଣ୍ଡରୀ ନୃତ୍ୟ ଦଳକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ୨୭ଟି ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଏସ୍‌ଆର ବିଭାଗର ସିନିୟର ଫିଲ୍ଡ ଅଫିସର ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଝିରପାଣିରେ ରାହାସ ପୂର୍ଣ୍ଣିମା ମହୋତ୍ସବ

**ରାଉରକେଲା ଅଫିସ,୯।୧୧**



ରାହାସ ପୂର୍ଣ୍ଣିମାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ରାଉରକେଲା ଝିରପାଣି ସ୍ଥିତ ଦୁର୍ଗାପୂଜା ପଡିଆରେ ଝିରପାଣି ରାହାସ ପୂର୍ଣ୍ଣିମା କମିଟି ପକ୍ଷରୁ ରାହାସ ପୂର୍ଣ୍ଣିମା ମହୋତ୍ସବ ସଭାପତି ନିଳାମ୍ବର ମୁଣ୍ଡାରୀଙ୍କ ଅଧ୍ୟକ୍ଷତାରେ ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଶ୍ରା ବ୍ଲକ ପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ଝିରପାଣି ସରପଞ୍ଚ ଅଜିତ ତିର୍କୀ, ସମିତି ସଭ୍ୟା ପ୍ରତିମା ପାତ୍ର, ସଞ୍ଜୀବ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସନ୍ଧ୍ୟା ସମୟରେ ପ୍ରଥମେ ରାଧାକୃଷ୍ଣ ମୂର୍ତ୍ତିକୁ ସୁଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଝିରପାଣି ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ସେବା ଟ୍ରଷ୍ଟର ମୁଖ୍ୟ ପୂଜକ ମନୋରଞ୍ଜନ କରଙ୍କ ତତ୍ତ୍ୱବଧାନରେ ଷୋଡଶ ଉପଚାର ପୂଜା, ହୋମଯଜ୍ଞ କରାଯାଇଥିଲା। ପରେ କମିଟି ପକ୍ଷରୁ ହରିନାମ ସଙ୍କୀର୍ତ୍ତନ ସହ ଆଦିବାସୀ ନୃତ୍ୟ, ଭଜନ ସମାରୋହ ଓ ଅରକେଷ୍ଟ୍ରା ଭଳି ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଟିର ସାଂସ୍କୃତିକ ସମ୍ପାଦକ ରଞ୍ଜିତ କୁମାର ବୋଷ ପରିଚାଳନା କରିଥିଲେ। ଏହି ଅବସରରେ ଓଡିଶା ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିଥିବା ସ୍ଥାନୀୟ ୧୦ ଜଣ କଳାକାରଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ମନୋଜ କୁମାର ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ମିତ୍ରଭାନୁ ପଣ୍ଡା, ପୁରୁଷୋତ୍ତମ ମାଝୀ, ଚକ୍ରଧର ମଲ୍ଲିକ, ଶରତ ପଣ୍ଡା, ଜୟନ୍ତ ପତି, ରମେଶ ଚନ୍ଦ୍ର ସେଠୀଙ୍କ ସହ କମିଟିର ସହଯୋଗ କରିଥିଲେ । ଶେଷରେ ଶିବାନନ୍ଦ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧନ ବ୍ୟାଙ୍କର ସ୍ୱତନ୍ତ୍ର ଅଫର

**ନୂଆଦିଲ୍ଲୀ:** ବନ୍ଧନ ବ୍ୟାଙ୍କ ପକ୍ଷରୁ ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ଉପରେ ସର୍ବାଧିକ ସୁଧ ହାରର ଏକ ସ୍ୱତନ୍ତ୍ର ସୀମିତ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨କୋଟି ଟଙ୍କା ପର୍ଯ୍ୟନ୍ତର ରିଟେଲ ଜମା ଉପରେ ଉକ୍ତ ସୁଧ ହାର ଲାଗୁ ହେବ ବୋଲି ଜଣାପଡ଼ିଛି। ସେହିଭଳି ନୂଆ ଜମା ତଥା ମାଚ୍ୟୁରିଟି ପରେ ନବୀକରଣ ହେଉଥିବା ଜମା ଉପରେ ଏହା ଲାଗୁ ହେବ। ଏହି ବୃଦ୍ଧି ସହ ଗ୍ରାହକମାନେ ୬୦୦ ଦିନିଆ ଅବଧିର ଜମା ଉପରେ ୭.୫%ର ଉଚ୍ଚ ହାରର ସୁଧ ପାଇବେ। ସେହିପରି ବରିଷ୍ଠ ନାଗରିକମାନେ ୦.୫୦% ଅଧିକ ଲାଭ ପାଇବେ, ଯାହା ୬୦୦ ଦିନିଆ ଅବଧିର ଏଫ୍‌ଡି ଉପରେ ସେମାନଙ୍କୁ ୮%ର ଉଚ୍ଚ ସୁଧ ପ୍ରଦାନ କରିବ। ଏକ ବର୍ଷ ଅବଧିର ଏଫ୍‌ଡି ଉପରେ ବରିଷ୍ଠ ନାଗରିକମାନେ ୦.୭୫%ର ଉଚ୍ଚ ହାରରେ ସୁଧ ପାଇବେ।

# ଭାରତୀୟ ମୁଦ୍ରାରେ ଅନ୍ତର୍ଜାତୀୟ ବାଣିଜ୍ୟ କାରବାରକୁ ମଞ୍ଜୁରୀ

ନୂଆଦିଲ୍ଲୀ,୯।୧୧



ସାରା ବିଶ୍ୱ ଏପରିକି ଭାରତରେ ମଧ ମାନ୍ଦାବସ୍ଥା ଜାରି ରହିଛି। ଦେଶରେ ଉଭୟ ଅନ୍ତଃରାଷ୍ଟ୍ରୀୟ ଓ ସ୍ଥାନୀୟ ସମସ୍ୟା ମଧ ବୃଦ୍ଧି ପାଇ ଚାଲିଛି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ବୁଧବାର ଭାରତୀୟ ମୁଦ୍ରା ବା ଟଙ୍କା (ଆଇଏନ୍‌ଆର୍) ରେ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ପାଇଁ ଅନୁମତି ପ୍ରଦାନ (ମଞ୍ଜୁରୀ) ସହ ବୈଦେଶିକ ବାଣିଜ୍ୟ ନୀତି ଏବଂ ପଦ୍ଧତି ପୁସ୍ତିକାରେ ଆବଶ୍ୟକ ସଂଶୋଧନ କରିଛନ୍ତି। ଏହାଦ୍ୱାରା ଭାରତୀୟ ମୁଦ୍ରାରେ ଇନ୍‌ଭଏସ୍ ପ୍ରସ୍ତୁତି ସହ ଅର୍ଥ ପୈଠ ଏବଂ ରପ୍ତାନି-ଆମଦାନୀ କାରବାର କରାଯାଇପାରିବ। ବିଶେଷକରି ଏ ଦିଗରେ ଏକ ପଦକ୍ଷେପ ସ୍ୱରୂପ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପକ୍ଷରୁ ଅନୁଚ୍ଛେଦ ସଂଖ୍ୟା ୨.୫୨ (ଡି) ବୈଧ ବିଜ୍ଞପ୍ତି ସଂଖ୍ୟା ୩୩-୨୦୧୫-୨୦ ଜରିଆରେ ୨୦୨୨ ସେପ୍ଟେମ୍ବର ୧୬ରେ ଭାରତୀୟ ମୁଦ୍ରାରେ ଇନ୍‌ଭଏସ୍ ପ୍ରସ୍ତୁତି ସହ ଅର୍ଥ ପୈଠ ଏବଂ ରପ୍ତାନି ଓ ଆମଦାନୀ କାରବାରକୁ ଅନୁମତି ଦିଆଯାଇଥିଲା। ଏହା ପୂର୍ବରୁ ୨୦୨୨ ଜୁଲାଇ ୧୧ରେ ମଧ ଭାରତୀୟ ରିଜର୍ଭ ବ୍ୟାଙ୍କ ଏ.ପି. (ଡିଆଇଆର୍ ସିରିଜ) ବିଜ୍ଞପ୍ତି ସଂଖ୍ୟା ୧୦ ଜରିଆରେ ଭାରତୀୟ ମୁଦ୍ରାରେ ଅନ୍ତର୍ଜାତୀୟ ବାଣିଜ୍ୟ କାରବାରକୁ ମଞ୍ଜୁର କରିଥିଲା ଏବଂ ଡିଜିଏଫ୍‌ଟି ସେହି ଅନୁଯାୟୀ ପଦକ୍ଷେପ ମଧ ଗ୍ରହଣ କରିଥିଲା। ସେହିପରି ଉପରୋକ୍ତ ବିଜ୍ଞପ୍ତିକୁ ଆଗକୁ ବଢ଼ାଇ ବୈଦେଶିକ ବାଣିଜ୍ୟ ନୀତିର ଅନୁଚ୍ଛେଦ ୨.୫୩ ରେ ଆବଶ୍ୟକ ପରିବର୍ତ୍ତନ ମଧ କରାଯାଇଛି। ରପ୍ତାନି ପାଇଁ ଆମଦାନୀ (ଏଫ୍‌ଟିପିର ଅନୁଚ୍ଛେଦ୨.୪୬), ଷ୍ଟାଟସ ହୋଲ୍‌ଡର ବା ସ୍ଥିତି ଧାରକ ଭାବେ ମାନ୍ୟତା ପାଇଁ ରପ୍ତାନି ପ୍ରଦର୍ଶନ (ଏଫ୍‌ଟିପିର ଅନୁଚ୍ଛେଦ ୩.୨୦), ଅଗ୍ରିମ ପ୍ରାଧିକରଣ (ଏଏ) ଏବଂ ଶୁଳ୍କ ମୁକ୍ତ ଆମଦାନୀ ପ୍ରାଧିକରଣ (ଡିଏଫ୍‌ଆଇଏ) ଯୋଜନା ଅଧୀନରେ ରପ୍ତାନି କାରବାର ପ୍ରାପ୍ତି ପାଇଁ (ଏଫ୍‌ଟିପିର ଅନୁଚ୍ଛେଦ ୪.୨୧) ଏବଂ ରପ୍ତାନି ପ୍ରୋତ୍ସାହନ ପୁଞ୍ଜିଗତ ବସ୍ତୁ (ଇପିସିଜି) ଯୋଜନା (ଏଚ୍‌ବିପିର ଅନୁଚ୍ଛେଦ ୫.୧୧) ଅଧୀନରେ ରପ୍ତାନି କାରବାରର ପ୍ରାପ୍ତି ନିମନ୍ତେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ ବୈଦେଶିକ ବାଣିଜ୍ୟ ନୀତି ଅଧୀନରେ ଲାଭ, ରିହାତି, ରପ୍ତାନି ବାଧ୍ୟତା ପୂରଣକୁ ୨୦୨୨ଜୁଲାଇ ୧୧ରେ ପ୍ରକାଶିତ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁଯାୟୀ ଭାରତୀୟ ଟଙ୍କାର ପ୍ରାପ୍ତି ନିମନ୍ତେ ସମ୍ପ୍ରସାରଣ କରାଯାଇଛି।

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୯।୧୧

ଚଳିତ ସପ୍ତାହର ଦିନକର କାରବାର ପରେ ପୁଣି ଥରେ ଷ୍ଟକ୍ ବଜାରର କାରବାର ହ୍ରାସ ପାଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୨ (୧୫୧.୬୦) ପଏଣ୍ଟ ଖସି ୬୧,୦୩୪(୬୧,୦୩୩.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୪୬ (୪୫.୮୦) ପଏଣ୍ଟ ହ୍ରାସ ଘଟି ୧୮,୧୫୭ (୧୮,୧୫୭.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ଯୋଗୁ ଶେୟାର ବଜାର କାରବାର ହ୍ରାସ ପାଉଥିବା ଆଶଙ୍କା କରାଯାଉଛି।

# ଭିଜିଲାନ୍ସ ସଚେତନତା ସପ୍ତାହ ଉଦ୍‌ଯାପିତ

ନୂଆଦିଲ୍ଲୀ,୯।୧୧




କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି)ର ଗୁଜରାଟ ଆଞ୍ଚଳିକ କାର୍ଯ୍ୟାଳୟ ଅହମଦାବାଦ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଇଏସ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟ ସମେତ ଦେଶର ସମସ୍ତ ଶାଖା କାର୍ଯ୍ୟାଳୟରେ ମଧ 'ଭିଜିଲାନ୍ସ ସଚେତନତା ସପ୍ତାହ' ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁଜରାଟ ଇଏସ୍‌ଆଇସି ପକ୍ଷରୁ ବ୍ୟାପକ ଜନସଚେତନତା ସାଙ୍ଗକୁ ବିଭାଗୀୟ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଯାଇଛି। ବିଶେଷକରି ଉଦ୍‌ଯାପନୀ ଉତ୍ସବରେ ଇଏସ୍‌ଆଇସିର ଗୁଜରାଟ ଆଞ୍ଚଳିକ କାର୍ଯ୍ୟାଳୟର ଅତିରିକ୍ତ କମିଶନର ଆର୍.କେ. ଗୌତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ଆଞ୍ଚଳିକ ଓ ଶାଖା କାର୍ଯ୍ୟାଳୟର ସମସ୍ତ ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ଶପଥ ପାଠ କରାଇବା ସହ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୨ ପରିପ୍ରେକ୍ଷୀରେ ଇଏସ୍‌ଆଇସି ଗୁଜରାଟର ଅହମ୍ମଦବାଦ ଆଞ୍ଚଳିକ କାର୍ଯ୍ୟାଳୟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ ଶାଖା କାର୍ଯ୍ୟାଳୟଗୁଡ଼ିକରେ ମଧ ଅକ୍ଟୋବର ୩୧ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଉକ୍ତ ସପ୍ତାହ ସାଙ୍ଗକୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପାଳନ କରାଯାଇଥିଲା।

# 'ମାଗଣା ସେବା ଯୋଗାଉଛି କଳିଙ୍ଗ ହସ୍ପିଟାଲ'

କଟକ,୯।୧୧

ରାଜ୍ୟର ସର୍ବପୁରାତନ ଘରୋଇ ଚିକିତ୍ସାଳୟ 'କଳିଙ୍ଗ ହସ୍ପିଟାଲ' ପକ୍ଷରୁ କଟକ ବାଲିଯାତ୍ରରେ ମାଗଣା ଆମ୍ବୁଲାନ୍ସ ସାଙ୍ଗକୁ ସ୍ୱାସ୍ଥ୍ୟସେବା ମଧ ଯୋଗାଇ ଦିଆଯାଉଛି। ବିଶେଷକରି ହସ୍ପିଟାଲର ନୂତନ ମ୍ୟାନେଜମେଣ୍ଟର ଚେୟାରମ୍ୟାନ ଡା. ଶିତିକଣ୍ଠ ଦାଶଙ୍କ ଆହ୍ୱାନକ୍ରମେ ପ୍ରଥମ ଥର ପାଇଁ ବାଲିଯାତ୍ରାରେ ଏକ ଆପତ୍‌କାଳୀନ ଜରୁରୀ ସେବା ସହ ଅତ୍ୟାଧୁନିକ ଆମ୍ବୁଲାନ୍ସର ମଧ ପ୍ରାବଧାନ କରାଯାଇଛି। ଏପରିକି ବାଲିଯାତ୍ରା ପଡ଼ିଆର ଗଡ଼ଗଡିଆ ମୁଖ୍ୟଦ୍ୱାର ନିକଟରେ କଳିଙ୍ଗ ହସ୍ପିଟାଲର ଏକ ବୃହତ୍ ଷ୍ଟଲ୍ (ମେଡିକାଲ ସେବା ମଣ୍ଡପ) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲରର ପରିଚାଳନା ନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଡା. ଏସ୍.ଡି. ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର ନିର୍ଦ୍ଦେଶକ ଡା. ଜ୍ଞାନେନ୍ଦୁ କୁମାର ମହାପାତ୍ରଙ୍କ ସମେତ ହସ୍ପିଟାଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ ଉପସ୍ଥିତ ଥିଲେ।




# ବାଲିଯାତ୍ରାରେ ଡିଅନ୍ ଗ୍ରୁପ୍‌ର ଆକର୍ଷଣୀୟ ମଣ୍ଡପ



କଟକ,୯।୧୧

ରାଜ୍ୟର ପ୍ରମୁଖ ବାଣିଜ୍ୟିକ ସଂସ୍ଥା (କମ୍ପାନୀ) ଡିଅନ୍ ଗ୍ରୁପ୍ ପକ୍ଷରୁ ୨ଟି ଆକର୍ଷଣୀୟ ଷ୍ଟଲ୍ (ମଣ୍ଡପ) କଟକ ବାଲିଯାତ୍ରା ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆନ୍ ବ୍ୟାଙ୍କର କ୍ଷେତ୍ର ପରିଚାଳକ ମନୋଜ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ନିକଟରେ ଉଦ୍‌ଘାଟିତ ହୋଇଥିବା ଡିଅନ୍ ଗ୍ରୁପ୍‌ର ୨ଟି ଷ୍ଟଲ୍‌ରୁ ପ୍ରଥମ ଷ୍ଟଲ୍‌ରେ କମ୍ପାନୀର ହାଉସିଂ ମେପ୍ରାଜେକ୍ଟ ରହିଥିବା ବେଳେ ଅଟୋମୋବାଇଲ ସଂସ୍ଥାର ୨ୟ ଷ୍ଟଲ ରହିଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ନୂତନ ହାଉସିଂ ପ୍ରକଳ୍ପ 'ସ୍କାଏ ୱାକ୍' ନାମରେ ସେକ୍ଟର ୮୦ରେ ନିର୍ମାଣ ହେବାକୁ ଥିବା ୨୪ ତାଲା ବିଶିଷ୍ଟ ଆପାର୍ଟମେଣ୍ଟର ଡମି ଫ୍ଲାଟ୍ ବାଲିଯାତ୍ରାରେ ପ୍ରଦର୍ଶିତ ହେଉଛି। ସୂଚନାଯୋଗ୍ୟ, କଟକ ସହରରେ ପୂର୍ବରୁ ଏଭଳି ସୁଉଚ୍ଚ ଆପାର୍ଟମେଣ୍ଟ ନିର୍ମାଣ କରାଯାଇ ନ ଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବେ କଟକକୁ ଏକ ଭିନ୍ନ ପରିଚୟ ଦେବ ବୋଲି ଡିଅନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ମନୋଜ ସାହୁ କହିଛନ୍ତି। ସେହିଭଳି ଡିଅନ୍ ଅଟୋମେଟିଭ୍ ଷ୍ଟଲ୍‌ରେ ଟାଟା ମୋଟର ପକ୍ଷରୁ ବିଭିନ୍ନ ମଡେଲର ଗାଡି ପ୍ରଦର୍ଶିତ ହେଉଛି। ଏପରିକି ସବୁ ବର୍ଗର ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଡିଅନ୍ ଗ୍ରୁପ୍ ପକ୍ଷରୁ ମଧ ବିଭିନ୍ନ ପ୍ରକାର ଅଫର ଉପଭୋକ୍ତାଙ୍କୁ ଦିଆଯାଉଥିବା ଗ୍ରୁପ୍‌ର ମୁଖ୍ୟ ପରିଚାଳକ ବିଶ୍ୱଜିତ ଦାସ ମତବ୍ୟକ୍ତ କରିଛନ୍ତି। କରୋନା ଯୋଗୁ ୨ବର୍ଷ ପରେ ଐତିହାସିକ କଟକ ବାଲିଯାତ୍ରାର ଆୟୋଜନ ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକଙ୍କ ନିକଟତର ହେବାକୁ ଏକ ଭଲ ସୁଯୋଗ ରହିଥିବାରୁ ଡିଅନ୍ ଗ୍ରୁପ୍‌ର ୨ଟି ଷ୍ଟଲ୍ ବାଲିଯାତ୍ରା ପଡ଼ିଆରେ ପକାଯାଇଥିବା ଗ୍ରୁପ୍ ପକ୍ଷରୁ କୁହାଯାଇଛି।

# ଓଏବି ପକ୍ଷରୁ ମାଗଣାରେ ଔଷଧ ବଣ୍ଟନ

କଟକ,୯।୧୧




ରାଜ୍ୟର ସର୍ବପୁରାତନ ତଥା ଜଣାଶୁଣା ଆୟୁର୍ବେଦିକ ପ୍ରତିଷ୍ଠାନ ଓଡ଼ିଶା ଆୟୁର୍ବେଦ ଭବନ (ଓଏବି) ପକ୍ଷରୁ ବାଲିଯାତ୍ରା ପରିପ୍ରେକ୍ଷୀରେ ଏକ ବୃହତ୍ ଷ୍ଟଲର ଶୁଭାରମ୍ଭ କରାଯାଇଛି। ଏପରିକି କଟକ ବାଲିଯାତ୍ରା ତଳପଡ଼ିଆଠାରେ ନିକଟରେ ଓଏବିର ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଏବିର ଏମ୍‌ଡି ମନୋଜ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏବିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଶୁଦ୍ଧ ଓ ଗୁଣବତ୍ତା ଆୟୁର୍ବେଦ ଔଷଧ ପ୍ରଦାନରେ ପ୍ରତିଷ୍ଠାନର ଦୀର୍ଘଦିନର ଅଭିଜ୍ଞତା ରହିଛି। ସେହିଭଳି ଦୀର୍ଘ ଗବେଷଣା ପରେ ଗ୍ୟାସ୍-ଏସିଡିଟି,ବଦହଜମି ପାଇଁ ଓଏବି ଦ୍ୱାରା ପ୍ରସ୍ତୁତ ଓଡ଼ିଶା ଶିବାଷ୍ଟକ ଚୂର୍ଣ୍ଣ ରୋଗୀଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ସେହିପରି ବାଲିଯାତ୍ରା ଅବସରରେ ଉକ୍ତ ଔଷଧ ମାଗଣାରେ ବଣ୍ଟନ କରାଯାଉଛି। ତା'ସହ ପୁରୁଣା ଆଣ୍ଠୁଗଣ୍ଠି ବାତ ପାଇଁ ରୁମ୍ରାଟିକ ଅଏଲ (ତେଲ) ଓ ରାସ୍ନାଦୀବଟି ଭଳି ଆୟୁର୍ବେଦ ଔଷଧ ମଧ ମାଗଣାରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଦିଆଯାଉଛି। ଏହି ସୁବିଧା କେବଳ କଟକ ବାଲିଯାତ୍ରା ପଡ଼ିଆରେ ପଡିଥିବା ଷ୍ଟଲ୍‌ରେ ଉପଲବ୍ଧ ହେଉଛି ବୋଲି ଓଏବି ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କଟକ କଲେଜଛକଠାରେ ଓଡ଼ିଶା ଆୟୁର୍ବେଦ ଭବନର ବୃହତ୍ ଷ୍ଟୋର ଦୀର୍ଘ ବର୍ଷ ହେବ ରହିଛି।

## ଫୁର୍‌ସତ୍

# ମେଦବହୁଳତା ଯୋଗୁ ଜାମିନ ମିଳିଲା

ଚଣ୍ଡିଗଡ଼



ବିଚାରପତି ଜି.ଏସ୍. ଗିଲ୍

ମୋଟାପଣ ବା ମେଦବହୁଳତା ଅଧିକାଂଶ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାଯୋଗୁ ଲୋକଙ୍କ ଶରୀରରେ ନାନା ରୋଗବ୍ୟାଧି ଦେଖିବାକୁ ମିଳୁଛି। କିନ୍ତୁ ମେଦବହୁଳତାକୁ ନେଇ ହରିୟାଣାର ଜଣେ କଏଦୀଙ୍କୁ ଆଶ୍ୱସ୍ତି ମିଳିଛି। ତାଙ୍କ ନାମ ପ୍ରଞ୍ଜିଲ ବାତ୍ରା। ଅମ୍ବାଲା ଜେଲରେ ଥିବା ପ୍ରଞ୍ଜିଲଙ୍କ ଓଜନ ବଢ଼ି ୧୫୩ କିଲୋଗ୍ରାମ ହୋଇଥଯାଇଥିବାରୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି।

ଏକ ମନିଲଣ୍ଡରିଂ ମାମଲାରେ ୩୮ ବର୍ଷୀୟ ପ୍ରଞ୍ଜିଲଙ୍କୁ ଗତ ମାର୍ଚ୍ଚରେ ପୋଲିସ ଗିରଫ କରିଥିଲା। ଏ ନେଇ ସେ ଜୁନ୍ ୨ରେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ଜଷ୍ଟିସ୍ ଜି.ଏସ୍. ଗିଲ୍‌ଙ୍କ ଖଣ୍ଡପୀଠ ତାଙ୍କ ଜାମିନ ଆବେଦନର ଶୁଣାଣି କରି କହିଥିଲେ, ମେଦବହୁଳତା ଅନେକ ରୋଗର ମୂଳ କାରଣ। ଏହାଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସହ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଠିକ୍ ଭାବେ କାମ କରିବା ବନ୍ଦ କରି ଦେଇଥାଏ। ଅନ୍ୟପଟେ ମଧୁମେହ ଓ ହାଇପର ଟେନ୍‌ଶନ୍ ପାଇଁ ପ୍ରଞ୍ଜିଲଙ୍କ ଶରୀରର ଓଜନ କ୍ରମାଗତ ବଢୁଥିବା ମେଡିକାଲ ରିପୋର୍ଟରୁ ଜଣାପଡ଼ିଛି। କରୋନାରି ଆର୍ଟେରି ରୋଗରେ ଆକ୍ରାନ୍ତ ପ୍ରଞ୍ଜିଲଙ୍କ ଚିକିତ୍ସା ପାଇଁ ଜେଲରେ କୌଣସି ଡାକ୍ତରୀ ସୁବିଧା ନାହିଁ। ପ୍ରଞ୍ଜିଲଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ବାହାରେ ଅଧିକ ଚିକିତ୍ସା ପାଇଁ ତାଙ୍କ ଜାମିନ ଆବେଦନକୁ ମଞ୍ଜୁର କରାଯାଇଛି ବୋଲି ଖଣ୍ଡପୀଠ କହିଥିଲେ।

୨୦୨୧ରେ ହରିୟାଣାରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ୩ ହଜାର କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲାରେ ପ୍ରଞ୍ଜିଲଙ୍କୁ ଗିରଫ କରାଯାଇଥିଲା। ପାଖାପାଖି ୩୩ ଲକ୍ଷ ଲୋକ ଠକେଇର ଶିକାର ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କୁହାଯାଇଛି। ତଦନ୍ତ ବେଳେ ପ୍ରଞ୍ଜିଲଙ୍କ ବ୍ୟାଙ୍କ ଖାତାରୁ ଇଡି ୫୩ କୋଟି ଟଙ୍କା ଜବତ କରିଥିଲା। ସଫ୍ଟୱେର ଡେଭଲପର ଭାବେ କାମ କରୁଥିବା ପ୍ରଞ୍ଜିଲ ଏହି ରାଶି ନିଜ ରୋଜଗାରରୁ ଠୁଳ କରିଥିବା ପ୍ରକାଶ କରିଥିଲେ। କିନ୍ତୁ ଏ ନେଇ ପ୍ରଞ୍ଜିଲ ତଦନ୍ତକାରୀ ଦଳ ନିକଟରେ ଉପଯୁକ୍ତ ତଥ୍ୟ ପ୍ରମାଣ ଉପସ୍ଥାପନ କରିପାରି ନ ଥିଲେ। ହରିୟାଣା ପୋଲିସ ଆଇପିସି ଦଫା ୪୫ ବଳରେ ମାମଲା ରୁଜୁ କରି ପ୍ରଞ୍ଜିଲଙ୍କୁ ଗିରଫ କରିଥିଲା। ତାଙ୍କୁ ପାଖାପାଖି ୮ ମାସ ଅମ୍ବାଲା ଜେଲରେ ରହିବାକୁ ପଡ଼ିଛି।

# ସୋସିଆଲ ମିଡିଆରୁ ଋଣ ଶୁଝୁଛି



**ମୁମ୍ବାଇ:** ସୋସିଆଲ ମିଡିଆ ୟୁଜର୍ସଙ୍କ ଦ୍ୱାରା ଅନେକେ ସେଲିବ୍ରିଟି ଟ୍ରୋଲର ଶିକାର ହେଉଛନ୍ତି। ଏହାକୁ କେନ୍ଦ୍ରକରି କଳାକାର ସୋସିଆଲ ମିଡିଆକୁ ନିଜଠାରୁ ଦୂରରେ ରଖନ୍ତି। କିନ୍ତୁ ଏହି ସାମାଜିକ ଗଣମାଧ୍ୟମ ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ପାଇଁ ସାହାଯ୍ୟକାରୀ ସାବ୍ୟସ୍ତ ହୋଇଛି। ନିଜର ଏକ ସଦ୍ୟ ଇଣ୍ଟରଭ୍ୟୁରେ ଜାହ୍ନବୀ କହିଛନ୍ତିଯେ, ସୋସିଆଲ ମଡିଆ ତାଙ୍କୁ ଇଏମ୍‌ଆଇ ବା ଋଣ ପରିଶୋଧ କରିବାରେ ସାହାଯ୍ୟ କରୁଛି। ଜାହ୍ନବୀ ପାଖାପାଖି ପ୍ରତ୍ୟେକ ଦିନ ସୋସିଆଲ ମିଡିଆରେ ନୂଆ ନୂଆ ରକମର ଫଟୋ ଅପ୍‌ଲୋଡ୍ କରନ୍ତି। ଖାଲି ଫଟୋ ନୁହେଁ ଅନେକ ସମୟରେ ସେ ମେକ୍‌ଅପ୍ ଟ୍ୟୁଟରିଆଲ ସାଙ୍ଗକୁ ଫନୀ ଭିଡିଓ ମଧ ଶେୟାର କରନ୍ତି। ଫ୍ରି ଟାଇମ୍‌ରେ ସୋସିଆଲ ମିଡିଆ ତାଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଥିବା ସେ କହିଛନ୍ତି। ନିକଟରେ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ ମିଲି ରିଲିଜ୍ ହୋଇଛି। ଏହି ହାଇଡ୍ରାମା ଫିଲ୍ମକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମଧ ମିଳିଛି। ଆସନ୍ତା ବର୍ଷ ଅଗଷ୍ଟ ୩ରେ ତାଙ୍କ ଅଭିନୀତ 'ଜନ ଗଣ ମନ' ରିଲିଜ୍ ହେବ । ବିଜୟ ଦେବରକୋଣ୍ଡା,ପୂଜା ହେଗ୍‌ଡେ ପ୍ରମୁଖ କଳାକାର ଫିଲ୍ମରେ ଅଭିନୟ କରିଥିବାବେଳେ ପୁରୀ ଜଗନ୍ନାଥ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

# ଘଣ୍ଟାକରେ ୨୩ ଥର ଡେଇଁ ରେକର୍ଡ



**ଓସ୍‌ଲୋ:** ଦକ୍ଷିଣ ଆଫ୍ରିକାର ଜଣେ ୫୦ ବର୍ଷୀୟା ମହିଳା ବିରଳ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ଲିଣ୍ଡା ପୋଟ୍‌ଗିଟେର୍ ଦେଶର ସର୍ବୋଚ୍ଚ ସେତୁ ବ୍ଲୋଉକ୍ରାନ୍ସ ବ୍ରିଜ୍ ୧ ଘଣ୍ଟାରେ ୨୩ ଥର ବିମ୍ପି ଜମ୍ପ କରିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅର୍ଥାତ୍ ବ୍ଲୋଉକ୍ରାନ୍ସ ନଦୀ ଉପରେ ନିର୍ମିତ ଏହି ବ୍ରିଜ୍‌ରୁ ସେ ପ୍ରତି ୨ ମିନିଟ୍‌ରେ ୨୧୬ ମିଟର ତଳକୁ ଥରେ ଲେଖାଏଁ ଡେଇଁଛନ୍ତି।




୧୯ ବର୍ଷ ତଳେ ଭେରୋନିକା ଡିନ୍ ନାମକ ଆଉଜଣେ ଦକ୍ଷିଣ ଆଫ୍ରିକୀୟ ଏହି ସ୍ଥାନରୁ ଜମ୍ପ୍ କରି ରେକର୍ଡ ସୃଷ୍ଟି କରିଥିଲେ।

# ୧,୪୦୦ ଶିଶୁଙ୍କୁ ୪୨ ଲିଟର ବ୍ରେଷ୍ଟ ମିଲ୍କ ଦାନ

ଚେନ୍ନାଇ




ତାମିଲନାଡୁସ୍ଥିତ କୋଏମ୍ବାଟୁରର ଜଣେ ମହିଳା ୭ ମାସ ମଧ୍ୟରେ ୪୨ଲିଟର ବ୍ରେଷ୍ଟ ମିଲ୍କ (ନିଜ କ୍ଷୀର) ଦାନ କରିଛନ୍ତି। ସେହି କ୍ଷୀରକୁ ରାଜ୍ୟ ସରକାରଙ୍କ ନିଓନାଟାଲ (ନବଜାତ) ଇନ୍‌ଟେନ୍ସ କେୟାର୍ ୟୁନିଟ୍ (ଏନ୍‌ଆଇସିୟୁ)ର ଶିଶୁମାନଙ୍କୁ ପିଇବାକୁ ଦିଆଯାଇଛି। ୨୯ ବର୍ଷୀୟା ଟି. ସିନ୍ଧୁ ମୋନିକା ଜଣେ ଗୃହିଣୀ। ୨୦୨୧ ଜୁଲାଇରେ ସେ ଏନ୍‌ଆଇସିୟୁକୁ କ୍ଷୀର ଦେବା ଆରମ୍ଭ କରିଥିଲେ। ୨୦୨୨ ଏପ୍ରିଲ ସୁଦ୍ଧା ସେ ଦେଇଥିବା ୪୨ ହଜାର ମିଲିଲିଟର କ୍ଷୀରକୁ ୧,୪୦୦ ଶିଶୁଙ୍କୁ ପାନ କରାଯାଇଛି। ସିନ୍ଧୁଙ୍କ ଏହି ଜୀବନ ରକ୍ଷକ ପଦକ୍ଷେପ ପାଇଁ ଏସିଆନ୍ ବୁକ୍ ଅଫ୍ ରେକର୍ଡ୍ସ ଏବଂ ଇଣ୍ଡିଆନ୍ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ତାଙ୍କୁ ପ୍ରମାଣପତ୍ର ସହ ସ୍ୱୀକୃତି ମିଳିଛି । ଇଞ୍ଜିନିୟରିଂରେ ସ୍ନାତକ ସିନ୍ଧୁ ନିଜ ଝିଅକୁ ଜନ୍ମ ଦେବାର ୧୦୦ ଦିନ ପରେ କ୍ଷୀର ଦାନ ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ ଅମିରଥାମ୍ ଏନ୍‌ଜିଓର ଅନ୍ୟ ମହିଳାମାନଙ୍କୁ ମଧ ସେ ଏଭଳି କରିବାକୁ ପ୍ରେରଣା ଯୋଗାଇ ଆସୁଛନ୍ତି। ସେମାନଙ୍କ ବ୍ରେଷ୍ଟ ମିଲ୍କକୁ ମିଲ୍କ ବ୍ୟାଙ୍କ୍‌ଗୁଡ଼ିକରେ ସୁରକ୍ଷିତ ଭାବେ ରଖାଯାଉଛି। ନୂଆ କରି ଜନ୍ମ ନେଇଥିବା ଶିଶୁଙ୍କ ପାଇଁ ଏହା ଅମୃତ ସାଜିଛି। ଭାରତରେ ମାତ୍ର ୭୦ ବ୍ରେଷ୍ଟ ମିଲ୍କ ବ୍ୟାଙ୍କ ରହିଛି ସେଥିମଧ୍ୟରୁ ୪୫ଟି ତାମିଲନାଡୁରେ ଅବସ୍ଥିତ। ସେଥିରୁ ୩୫ଟି ବ୍ୟାଙ୍କ ସରକାରୀ ମେଡିକାଲ କଲେଜରେ ଥିବାବେଳେ ଅବଶିଷ୍ଟ ୧୦ଟି ଛୋଟ ହସ୍ପିଟାଲରେ ଅଛି। ସିନ୍ଧୁଙ୍କ ଏହି ବଦାନ୍ୟତା ତାମିଲନାଡୁରେ ଆଲୋଚ୍ୟ ବିଷୟ ହୋଇଛି।

# ଶାନ୍ତି ବିକାଶ କ୍ଷେତ୍ରରେ ବିଜ୍ଞାନ

## ବିଶ୍ୱ ବିଜ୍ଞାନ ଦିବସ

**ଶା**ନ୍ତି ଏବଂ ବିକାଶ ପାଇଁ ବିଜ୍ଞାନର ଉପଯୋଗ କରାଯିବା ଜରୁରୀ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୦ରେ 'ବିଶ୍ୱ ବିଜ୍ଞାନ ଦିବସ' ପାଳନ କରାଯାଇଥାଏ। ଏହା ହେଉଛି ଏକ ଅନ୍ତର୍ଜାତୀୟ ଦିବସ, ଯାହା ସମାଜରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅବଗତ କରାଇଥାଏ। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଦ୍ୱାରା ବିଶ୍ୱ ବିଜ୍ଞାନ ଦିବସ ପାଳନ ପାଇଁ ୨୦୦୧ରେ ଘୋଷିତ ହୋଇଥିଲା। ୨୦୦୨ରେ ପ୍ରଥମଥର ପାଇଁ ଏହା ପାଳନ କରାଯାଇଥିଲା। ବିଜ୍ଞାନକୁ ସମାଜ ସହ ଅଧିକ ଘନିଷ୍ଠ କରି ବିଶ୍ୱ ବିଜ୍ଞାନ ଦିବସର ଲକ୍ଷ୍ୟ ହେଉଛି ନାଗରିକମାନଙ୍କୁ ବିଜ୍ଞାନର ବିକାଶ ବିଷୟରେ ଅବଗତ କରାଇବା। ଆମେ ଘର ବୋଲି କହୁଥିବା ଗ୍ରହ ବିଷୟରେ ଆମର ବୁଝାମଣାକୁ ବିସ୍ତାର କରିବାରେ ଏବଂ ଆମ ସମାଜକୁ ଅଧିକ ସ୍ଥାୟୀ କରିବାରେ ବୈଜ୍ଞାନିକମାନଙ୍କ ଭୂମିକାକୁ ଏହି ଦିବସ ସୂଚିତ କରିଥାଏ। ବିଶ୍ୱ ବିଜ୍ଞାନ ଦିବସରେ ବିଶ୍ୱସ୍ତରରେ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ବିଜ୍ଞାନର ପ୍ରତିଫଳନ ଏବଂ ଏହାର ଗଭୀର ସାମାଜିକ ପ୍ରଭାବ, ଏକ ନୈତିକ ପ୍ରକୃତି ସହିତ ବୈଜ୍ଞାନିକ ସାକ୍ଷରତାକୁ ପ୍ରଭାବଶାଳୀ ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଏକ ପୂର୍ବ ସର୍ତ୍ତ ଭାବରେ ପରିଣତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ବିଜ୍ଞାନ ବିଷୟରେ ଅଧିକ ସଚେତନ ହେବା ପାଇଁ ଏହା କାର୍ଯ୍ୟ କରିଥାଏ।

# ଟି୨୦ ବିଶ୍ୱକପ୍: ଫାଇନାଲରେ ପାକିସ୍ତାନ


ପାକିସ୍ତାନଠାରୁ ନ୍ୟୁଜିଲାଣ୍ଡର ପରାଜୟ ପରେ ମର୍ମାହତ ଟିମ୍ ସୌଦୀ।

**ସିଡ୍‌ନୀ, ୯।୧୧**

ଶାହିନ ଶାହା ଆଫ୍ରିଦୀଙ୍କ ଆକର୍ଷଣୀୟ ବୋଲିଂ ପରେ ଅଧିନାୟକ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ଅର୍ଦ୍ଧଶତକ ବଳରେ ପାକିସ୍ତାନ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଦଳ ନ୍ୟୁଜିଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଫଳରେ ୨୦୦୯ ପରେ ଦ୍ୱିତୀୟ ଥର ପାଇଁ ପାକିସ୍ତାନ ଟୁର୍ନାମେଣ୍ଟର ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। କ୍ରିକେଟ ଯେ ଏକ ଅନିଶ୍ଚିତତାର ଖେଳ ତାହା ଏହି ମ୍ୟାଚରୁ ପ୍ରମାଣିତ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ନ୍ୟୁଜିଲାଣ୍ଡ ସେମିଫାଇନାଲ ପରି ଏକ ବଡ଼ ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୫୨ ରନ କରିଥିଲା। ଅନ୍ୟପକ୍ଷରେ ଗ୍ରୁପ୍ ମ୍ୟାଚ୍‌ରେ ନେଦରଲାଣ୍ଡଠାରୁ ଦକ୍ଷିଣ ଆଫ୍ରିକା ପରାସ୍ତ ହେବା ଯୋଗୁ ଭାଗ୍ୟ ବଳରେ ସେମିଫାଇନାଲରେ ପ୍ରବେଶ କରିଥିବା ପାକିସ୍ତାନ ୧୯.୧ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଫର୍ମକୁ ଫେରିଥିବା ରିଜୱାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୁରୁବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ। ଏହାର ବିଜେତାକୁ ପାକିସ୍ତାନ ଫାଇନାଲରେ ଭେଟିବ।


ମ୍ୟାଚ ଜିତିବାପରେ ଉଲ୍ଲସିତ ପାକିସ୍ତାନ ଖେଳାଳି।

### ନ୍ୟୁଜିଲାଣ୍ଡ ଆଶା ଅଧୁରା

ଟୁର୍ନାମେଣ୍ଟ ଇତିହାସରେ ନ୍ୟୁଜିଲାଣ୍ଡ କେବେହେଲେ ଟି୨୦ ବିଶ୍ୱକପ୍ ଟ୍ରଫି ଜିତିପାରି ନାହିଁ। ଏଥର ଗ୍ରୁପ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରିଥିବାରୁ ଦଳର ଆଶା ବଢ଼ିଥିଲା। ମାତ୍ର ସେମିଫାଇନାଲରେ ମାନ୍ଦା ଖେଳ ଯୋଗୁ ଦଳର ଆଶା ପୁଣି ଅଧୁରା ରହିଗଲା। ଗତ ସଂସ୍କରଣର ଫାଇନାଲରେ ପ୍ରବେଶ କରିଥିବା ନ୍ୟୁଜିଲାଣ୍ଡ ଏହା ପୂର୍ବରୁ ୨୦୦୭ ଓ ୨୦୧୬ରେ ମଧ୍ୟ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର ମଧ୍ୟ ଦଳର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ମାତ୍ର ୪ ରନରେ ଫିନ୍ ଆଲେନ (୪)ଙ୍କ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ଯେଉଁ ଝଟକା ଖାଇଥିଲା ଇନିଂସ ଶେଷ ପର୍ଯ୍ୟନ୍ତ ସେଥିରୁ ମୁକୁଳି ପାରି ନ ଥିଲା। ଶେଷଭାଗରେ ଡାରେଲ ମିଚେଲଙ୍କ ଦ୍ରୁତ ୫୩ (୩୫ ବଲ, ୩ ଚୌକା, ୧ ଛକା) ରନ ଯୋଗୁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲେ। ଅଧିନାୟକ କେନ୍ ୱିଲିୟମସନ ୪୬ ରନ ପାଇଁ ୪୨ ବଲ୍ ଓ ଡେଭନ କନ୍‌ୱେ ୨୧ ରନ ଲାଗି ୨୦ଟି ବଲ୍ ଖେଳି ଦଳକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲେ। ଫର୍ମରେ ଥିବା ଗ୍ଲେନ ଫିଲିପ୍ସ ମାତ୍ର ୬ ରନକରି ଆଉଟ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଦଳ ପାକିସ୍ତାନ ଆଗରେ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିପାରି ନ ଥିଲା। ପାକିସ୍ତାନର ଶାହିନ ଆଫ୍ରିଦୀ ୨ଟି ଓ ମହମ୍ମଦ ନୱାଜ ଗୋଟିଏ ଉଇକେଟ ନେଇଥିଲେ।

### ଶତକୀୟ ଭାଗୀଦାରିରୁ ସହଜ ବିଜୟ

ବଡ଼ ମ୍ୟାଚରେ ଦଳର ଆବଶ୍ୟକ ସମୟରେ ଦମ୍ ଦେଖାଇଲେ ଅଧିନାୟକ ବାବର ଆଜମ ଓ ତାଙ୍କ ଓପନିଂ ପାର୍ଟନର ମହମ୍ମଦ ରିଜୱାନ। ଦୁହେଁ ଓପନିଂ ଯୋଡ଼ିରେ ୭୬ ବଲ୍‌ରୁ ୧୦୫ ରନ ସଂଗ୍ରହ କରି ଦଳର ବିଜୟକୁ ସହଜ କରି ଦେଇଥିଲେ। ବାବର ୫୩ (୪୨ ବଲ, ୭ ଚୌକା) ଓ ରିଜୱାନ ୫୭ (୪୩ ବଲ, ୫ ଚୌକା) ରନକରି ନ୍ୟୁଜିଲାଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ମହମ୍ମଦ ହାରିସ ୨ ଚୌକା ଓ ୧ ଛକା ସହ ୩୦ ରନକରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ବଡ଼ ସ୍କୋର ଚେଜ୍ କରିବାକୁ ନ ଥିବାରୁ ପାକ୍ ବ୍ୟାଟରଙ୍କ ଆଗରେ ନ୍ୟୁଜିଲାଣ୍ଡ ବୋଲରମାନେ ଅସହାୟ ମନେ ହୋଇଥିଲେ। କେବଳ ଟ୍ରେଣ୍ଟ ବୋଲ୍ଟଙ୍କୁ ୨ଟି ଏବଂ ମିଚେଲ ସାଣ୍ଟନରଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୨/୪ (ଡାରେଲ ମିଚେଲ-୫୩*, କେନ୍ ୱିଲିୟମସନ-୪୬, ଶାହିନ ଆଫ୍ରିଦୀ-୨/୨୪, ମହମ୍ମଦ ନୱାଜ-୧/୧୨)। ପାକିସ୍ତାନ ୧୯.୧ ଓଭରରେ ୧୫୩/୩ (ମହମ୍ମଦ ରିଜୱାନ-୫୭, ବାବର ଆଜମ-୫୩, ମହମ୍ମଦ ହାରିସ-୩୦, ଟ୍ରେଣ୍ଟ ବୋଲ୍ଟ-୨/୩୩, ମିଚେଲ ସାଣ୍ଟନର-୧/୨୬)।

## ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନର ୧୮ତମ ବିଜୟ

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି ପାକିସ୍ତାନ। ଟି୨୦ ଫର୍ମାଟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନର ଏହା ଥିଲା ୧୮ତମ ବିଜୟ, ଯାହାକି ଅନ୍ୟ କୌଣସି ଦଳଠାରୁ ସର୍ବାଧିକ। ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ଭାରତ ୧୭ ଥର ଲେଖାଏ ବିଜୟୀ ହୋଇଛି। ସେହିପରି ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ମଧ୍ୟ ୧୭ ଥର ବିଜୟୀ ହୋଇଛି। ମାତ୍ର ବୁଧବାର ମ୍ୟାଚ ପରେ ପାକିସ୍ତାନ ଗୋଟିଏ ପାଦ ଆଗକୁ ବଢ଼ିଛି। ପାକିସ୍ତାନ ୨୦୦୭ ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରେ ରନରଅପ୍ ହୋଇଥିବାବେଳେ ୨୦୦୯ରେ ଚାମ୍ପିୟନ ହୋଇଥିଲା। ଏହାପରେ ୨୦୧୦, ୨୦୧୨ ଓ ୨୦୨୧ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର କିନ୍ତୁ ଦଳ ପାଇଁ ଦ୍ୱିତୀୟ ଥର ଲାଗି ଟ୍ରଫି ଜିତିବାର ସୁଯୋଗ ଆସିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୨୦୦୭ ଓ ୨୦୧୬ ପରି ଏଥର ମଧ୍ୟ ସେମିଫାଇନାଲରୁ ଅଭିଯାନ ଶେଷ କରିଛି। କେବଳ ୨୦୨୧ରେ ଦଳ ଫାଇନାଲ ଖେଳିଥିଲା। ତେବେ ଏଥିରେ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ହୋଇଥିଲା।

## ଶ୍ୱାସରୁଦ୍ଧ ଉଦ୍ୟମ କରିଥିଲେ ଗୁଣତିଲକା

**ସିଡ୍‌ନୀ, ୯।୧୧ (ପି.ଟି):** ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଥିବା ଶ୍ରୀଲଙ୍କା କ୍ରିକେଟର ଦନୁଷ୍କା ଗୁଣତିଲକାଙ୍କ ଅଡୁଆ ବଢିବାରେ ଲାଗିଛି। ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଥିବା ୩୧ ବର୍ଷୀୟ ଶ୍ରୀଲଙ୍କା କ୍ରିକେଟର ଉକ୍ତ ମହିଳାଙ୍କ ଶ୍ୱାସରୁଦ୍ଧ କରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଅନ୍‌ଲାଇନ ଡେଟିଂ ଆପ୍‌ରେ ପରିଚୟ ପରେ ଉଭୟ ଡେଟ୍‌ରେ ଯାଇଥିଲେ। ରୋଜ ବେରେ ମହିଳାଙ୍କ ଘରେ ହିଁ ଗୁଣତିଲକା ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ବଳାତ୍କାର ଉଦ୍ୟମ ସମୟରେ ସେ ମହିଳାଙ୍କ ଶ୍ୱାସରୁଦ୍ଧ କରିବାକୁ ପ୍ରୟାସ କରିଥିବା ନେଇ ଅଭିଯୋଗ କରାଯାଇଛି। ବଳାତ୍କାର ଉଦ୍ୟମ ସମୟରେ ଗୁଣତିଲକା ୩ ଥର ତଣ୍ଟି ଚିପି ଶ୍ୱାସରୁଦ୍ଧ ଉଦ୍ୟମ କରିଥିଲେ ବୋଲି ମହିଳା ଜଣଙ୍କ ନିଜ ଅଭିଯୋଗରେ ଲେଖିଥିଲେ। ନିଜକୁ ମୁକ୍ତ କରିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ଏହା ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଗୁଣତିଲକା ଜବରଦସ୍ତି ତାଙ୍କ ଇଚ୍ଛା ବିରୋଧରେ ସମ୍ପର୍କ ସ୍ଥାପନ ପାଇଁ ପ୍ରୟାସ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସୋମବାର ବେଲ୍ ନାମଞ୍ଜୁର ହୋଇଥିବା ବେଳେ ସେ ୧୪ ବର୍ଷ ଯାଏ ଜେଲ ଦଣ୍ଡାଦେଶ ଭୋଗିପାରନ୍ତି। ସୁପର-୧୨ ପର୍ଯ୍ୟାୟରୁ ଶ୍ରୀଲଙ୍କା ଦଳରୁ ବାଦ୍ ପଡିବା ପରେ ହୋଟେଲ ରୁମ୍‌ରୁ ହିଁ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାକୁ ନେଇ ସୋମବାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ସେ ୮ ଟେଷ୍ଟ, ୪୭ ଦିନିକିଆ ଓ ୪୬ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୨ ତାରିଖରେ ହେବ। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୨୦୨୧ରେ ବାୟୋ ବବଲ ଉଲ୍ଲଂଘନ ପାଇଁ ତାଙ୍କୁ ବର୍ଷେ ବାସନ୍ଦ କରାଯାଇଥିଲା। ୨୦୧୮ରେ ଟିମ୍ କର୍ଫ୍ୟୁ ନ ମାନିବା କାରଣରୁ ୬ ମାସ ପାଇଁ ବାସନ୍ଦ ହୋଇଥିବା ବେଳେ ଟ୍ରେନିଂ ସେସନ୍ ମିସ୍ କରିବା କାରଣରୁ ସୀମିତ ଓଭର ଖେଳରୁ ୬ ମାସ ପାଇଁ ବାସନ୍ଦ କରାଯାଇଥିଲା।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 6371569368

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍ ପାଇଁ ମନୋନୀତ ଭାରତୀୟ ହକି ଦଳ।

## ଓଡ଼ିଶାର ଦୀପ୍‌ଗ୍ରେସ୍ ଉପ ଅଧିନାୟିକା

**ନୂଆଦିଲ୍ଲୀ, ୯।୧୧**

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ପ୍ରଥମଥର ପାଇଁ ମହିଳା ନେସନ୍ସ କପ୍ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ସ୍ପେନ୍‌ର ଭାଲେନ୍ସିଆଠାରେ ଏହା ଡିସେମ୍ବର ୧୧ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ୟାଲେଣ୍ଡରରେ ଏହା ଗୁରୁତ୍ୱପୂର୍ଣ୍ଣ ଫିକ୍ସଚର। କାରଣ ଏଥିରେ ପ୍ରମୋଶନ ଏବଂ ରେଲିଗେଶନ ସିଷ୍ଟମ ରହିବ। ପ୍ରତିଯୋଗିତାର ଚାମ୍ପିୟନ ଦଳ ଏଫ୍‌ଆଇଏଚ୍ ହକି ମହିଳା ପ୍ରୋ-ଲିଗ୍‌ର ୨୦୨୩-୨୪ ସିଜନ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଗୋଲକିପର ସବିତାଙ୍କୁ ଅଧିନାୟିକା ଏବଂ ଓଡ଼ିଶାର ତାରକା ଡିଫେଣ୍ଡର ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ଉପ-ଅଧିନାୟିକା ଦାୟିତ୍ୱ ପ୍ରଦାନ କରାଯାଇଛି। ଭାରତ ଗ୍ରୁପ୍ 'ବି'ରେ କାନାଡ଼ା, ଜାପାନ ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି। ଆୟର୍ଲାଣ୍ଡ, ଇଟାଲୀ, କୋରିଆ ଓ ସ୍ପେନ୍ ଗ୍ରୁପ୍ 'ଏ'ରେ ରହିଛନ୍ତି।

### ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍

କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ଯୋଗୁ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖେଳିପାରି ନ ଥିବା ନବଜୋତ କୌର ଦଳକୁ ଫେରିଛନ୍ତି। ସେହିପରି ଯୁବ ଫରୱାର୍ଡ ବିୟୁଟି ଡୁଙ୍ଗ୍‌ଡୁଙ୍ଗ ଅନ୍ତର୍ଜାତୀୟ ପଦାର୍ପଣ କରିବାର ସୁଯୋଗ ପାଇଛନ୍ତି। ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ମହିଳା ଦଳ ୨୦୨୧-୨୨ରେ ପ୍ରୋ ଲିଗ୍ ପଦାର୍ପଣ କରିଥିଲା। ପ୍ରଥମ ବର୍ଷରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ଆର୍ଜେଣ୍ଟିନା ଓ ନେଦରଲାଣ୍ଡ ପଛକୁ ତୃତୀୟ ସ୍ଥାନରେ ରହିଥିଲା। ଆଗାମୀ ନେସନ୍ସ କପ୍ ଜିତିଲେ ଦଳ ଦ୍ୱିତୀୟ ଥର ପାଇଁ ପ୍ରୋ ଲିଗ୍ ଖେଳିପାରିବ।

**ଭାରତୀୟ ଦଳ**

ଗୋଲକିପର୍ସ: ସବିତା (ଅଧିନାୟିକା), ବିଚୁ ଦେବୀ ଖାରିବାମ। ଡିଫେଣ୍ଡର୍ସ: ଦୀପ୍‌ଗ୍ରେସ୍ ଏକ୍କା (ଉପ ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ। ମିଡ୍‌ଫିଲ୍ଡର୍ସ: ନିଶା, ସାଲିମା ଟେଟେ, ସୁଶୀଳା ଚାନୁ ପୁଖରାମବାମ, ମୋନିକା, ନେହା, ସୋନିକା, ଜ୍ୟୋତି, ନବଜୋତ କୌର। ଫରୱାର୍ଡ୍ସ: ବନ୍ଦନା କାଟାରିୟା, ଲାଲରେମସିଆମି, ନବନୀତ କୌର, ସଙ୍ଗୀତା କୁମାରୀ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ।

## ଫିଫା ବିଶ୍ୱକପ୍

### ସୁଇଜରଲାଣ୍ଡ ଦଳରେ ୪ ଗୋଲକିପର

ନଭେମ୍ବର ୨୦ରୁ କାତାରରେ ଆରମ୍ଭ ହେବାକୁ ଯାଉଥିବା ଫିଫା ବିଶ୍ୱକପ ପାଇଁ ବୁଧବାର ସୁଇଜରଲାଣ୍ଡ ଦଳ ଘୋଷଣା କରାଯାଇଛି। ଦଳରେ ୪ ଜଣ ଗୋଲକିପରଙ୍କୁ ସାମିଲ କରାଯାଇଛି। ପ୍ରଥମ ପସନ୍ଦ ଗୋଲକିପର ୟାନ ସୋମେର ଓ ବ୍ୟାକ୍‌ଅପ୍ ଜୋନାସ ଓମଲିନ୍ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବାରୁ କୋଚ୍ ମୁରାଟ ୟାକିନ ଏପରି ନିଷ୍ପତ୍ତି ନେଇଛନ୍ତି। ଅନ୍‌କ୍ୟାପେଡ ଖେଳାଳିଭାବେ ୨୬ ବର୍ଷୀୟ ସାଲ୍ଜବର୍ଗ ଗୋଲକିପର ଫିଲିପ୍ କୋନ ଦଳରେ ସ୍ଥାନ ପାଇଛନ୍ତି। କୋଭିଡ-୧୯ ମହାମାରୀ ପାଇଁ ଫୁଟବଲ କ୍ଷତିଗ୍ରସ୍ତ ହୋଇଥିବାରୁ ଫିଫା ଅଂଶଗ୍ରହଣକାରୀ ଦଳ ଗୁଡ଼ିକୁ ଅତିରିକ୍ତ ୩ ଜଣ ଲେଖାଏ ଖେଳାଳି ସାମିଲ କରିବାକୁ ଅନୁମତି ଦେଇଛି। ଫଳରେ ଦଳର ସଦସ୍ୟ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି। ମାତ୍ର ବ୍ରାଜିଲ ଓ ଅଷ୍ଟ୍ରେଲିଆ ପରି ଦଳ ଗୁଡ଼ିକ ଦଳରେ ସ୍ୱାଭାବିକଭାବେ ୩ ଜଣ ଲେଖାଏ ଗୋଲକିପର ନେଇଛନ୍ତି।

ସୋମେର ସୁଇଜରଲାଣ୍ଡ ପାଇଁ ୭୬ଟି ମ୍ୟାଚ ଖେଳି ସାରିଛନ୍ତି। ଗତ ମାସରେ ସେ ବୋରୁସିଆ ମନଚେନ୍‌ଗ୍ଲାଡ୍‌ବ୍ୟାକ୍ ପକ୍ଷରୁ ଖେଳୁଥିବାବେଳେ ପାଦରେ ଆଘାତ ପାଇଥିଲେ। ନଭେମ୍ବର ୨୪ରେ କାମେରୁନ ବିପକ୍ଷ ମ୍ୟାଚ ବେଳକୁ ସେ ସୁସ୍ଥ ହୋଇ ଯାଇଥିବେ ବୋଲି ଅନୁମାନ କରାଯାଉଛି। ଏହାପରେ ସୁଇସ୍ ଦଳ ବ୍ରାଜିଲ ଓ ସର୍ବିୟା ବିପକ୍ଷରେ ଖେଳିବାର ଅଛି। ଯଦି ସୋମେର ବାହାରେ ବସନ୍ତି ତେବେ ତାଙ୍କ ବଦଳ ଗୋଲକିପରଭାବେ ଗ୍ରେଗୋର କୋବେଲଙ୍କୁ ଚୟନ କରାଯାଇପାରେ। ବୋରୁସିଆ




ଡର୍ଟମୁଣ୍ଡ ପକ୍ଷରୁ ଖେଳି କୋବେଲ ଚାମ୍ପିୟନ୍ସ ଲିଗ୍‌ରେ ସମସ୍ତଙ୍କୁ ପ୍ରଭାବିତ କରି ପାରିଥିଲେ। ମାଞ୍ଚେଷ୍ଟର ସିଟି ବିପକ୍ଷ ମ୍ୟାଚ ଗୋଲଶୂନ୍ୟ ରହିବାପରେ ପେନାଲ୍ଟି ଶୁଟ୍‌ଆଉଟରେ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ଏମ୍‌ଏଲ୍‌ଏସ୍‌ରେ ଚିକାଗୋ ଫାୟାର ପକ୍ଷରୁ ଖେଳୁଥିବା ଜେର୍ଡାନ ଶାକିରି ୩୧ ବର୍ଷରେ କ୍ୟାରିୟରର ୪ର୍ଥ ବିଶ୍ୱକପ ପାଇଁ ମନୋନୀତ ହୋଇଛନ୍ତି। ତୃତୀୟ ବିଶ୍ୱକପ ଖେଳିବାକୁ ଯାଉଥିବା ଗ୍ରାନିଟ ଖାକା ଦଳର ନେତୃତ୍ୱ ନେବେ। ୨୦ ବର୍ଷୀୟ ଯୁବ ମିଡ୍‌ଫିଲ୍ଡର ଫାବିଆନ ରାଇଡର ଅନ୍ୟ ଅନ୍‌କ୍ୟାପେଡ ଖେଳାଳିଭାବେ ବିଶ୍ୱକପ ଦଳରେ ଚୟନ ହୋଇଛନ୍ତି। ସେ ହେଉଛନ୍ତି ସୁଇଜରଲାଣ୍ଡ ଦଳର ସର୍ବକନିଷ୍ଠ ଖେଳାଳି।

ଗତ ୨ଟି ବିଶ୍ୱକପରେ ସୁଇଜରଲାଣ୍ଡ ରାଉଣ୍ଡ ଅଫ୍ ୧୬ରେ ପରାସ୍ତ ହୋଇ ବିଦାୟ ନେଇଥିଲା। ତେବେ ଗତବର୍ଷ ୟୁରୋପିଆନ ଚାମ୍ପିୟନଶିପ୍‌ରେ ଦଳ ଏହି ଧାରା ଭାଙ୍ଗି କ୍ୱାର୍ଟର ଫାଇନାଲ ଖେଳିଥିଲା। ତେବେ ସ୍ପେନ୍ ବିପକ୍ଷ କ୍ୱାର୍ଟର ଫାଇନାଲ ୧-୧ ଗୋଲରେ ଡ୍ର ରହିବାପରେ ଶୁଟ୍‌ଆଉଟରେ ପରାଜିତ ହୋଇଥିଲା। ପୂର୍ବରୁ ୨୦୧୮ ବିଶ୍ୱକପରେ ମଧ୍ୟ ବ୍ରାଜିଲ ଓ ସର୍ବିୟା ସହିତ ସୁଇଜରଲାଣ୍ଡ ଗୋଟିଏ ଗ୍ରୁପ୍‌ରେ ରହିଥିଲା। ସେତେବେଳେ ୫ ଥର ଚାମ୍ପିୟନ ବ୍ରାଜିଲ ସହିତ ମ୍ୟାଚ ୧-୧ରେ ଡ୍ର ରଖିଥିବାବେଳେ ସର୍ବିୟାକୁ ୨-୧ ଗୋଲରେ ପରାସ୍ତ କରିଥିଲା। ସର୍ବିୟା ବିପକ୍ଷ ମ୍ୟାଚ ନିଶ୍ଚିତ ଦଳପାଇଁ ସ୍ମରଣରେ ଥିବ। କାରଣ ଆଲବାନିଆନ ପରିବାର ଭିତ୍ତିକ ଖାକା ଓ ଶାକିରି ଗୋଲଦେବାପରେ କ୍ରୋଧପୂର୍ଣ୍ଣ ସେଲିବ୍ରେଶନ କରିଥିବାରୁ ଫିଫାଦ୍ୱାରା ଦଣ୍ଡିତ ହୋଇଥିଲେ। କାତାରରେ ସର୍ବିୟା ବିପକ୍ଷ ମ୍ୟାଚ ନିର୍ଣ୍ଣାୟକ ହେବାର ଥିବାରୁ ସମସ୍ତଙ୍କ ନଜର ରହିବ। ସୁଇଜରଲାଣ୍ଡ ଦଳ ଆସନ୍ତା ସୋମବାର କାତାର ଯିବ ବୋଲି ସୁଇସ ସକର ଫେଡେରେଶନ ପକ୍ଷରୁ ପ୍ରକାଶ କରାଯାଇଛି। ଏହାର ଦୁଇ ଦିନପରେ ଦଳ ଆବୁଧାବି ଯାଇ ଘାନା ବିପକ୍ଷରେ ଅନ୍ତିମ ୱାର୍ମଅପ୍ ମ୍ୟାଚ ଖେଳିବ। ଘାନା ରାଉଣ୍ଡ ଅଫ୍ ୧୬ରେ ସୁଇଜରଲାଣ୍ଡର ପ୍ରତିଦ୍ୱନ୍ଦ୍ୱୀ ହେବା ସମ୍ଭାବନା ରହିଛି।

## ଜାତୀୟ ପାରା ସନ୍ତରଣରେ ଓଡ଼ିଶାର ୧୦ ଭାଗନେବେ

**ଭୁବନେଶ୍ୱର, ୯।୧୧ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀସ୍ଥିତ ଡକ୍ଟର ଜାକିର ହୁସେନ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ୨୨ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୦ ଜଣ ସନ୍ତରଣକାରୀ ପ୍ରତିନିଧିତ୍ୱ କରିବେ। ଗୁଆହାଟୀ ଯିବା ପୂର୍ବରୁ ଓଡ଼ିଶା ଦଳର ସଦସ୍ୟମାନଙ୍କୁ ବୁଧବାର ଏଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାରା ସ୍ପୋର୍ଟ୍ସ ସଂଘର ସଭାପତି କମଳା କାନ୍ତ ରଥ, ଉପ ସଭାପତି ଚିତ୍ତରଞ୍ଜନ ବୈରୀସାଲ, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ, ପାରା ସନ୍ତରଣ ଅଧ୍ୟକ୍ଷ ସୁଶାନ୍ତ କୁମାର ମଲିକ, ହୁଇଲ୍ ଚେୟାର ଫେନସିଂ ଅଧ୍ୟକ୍ଷା ବେଲା ଜେଶ୍ୱଲ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶାର ପ୍ରତିଯୋଗୀମାନେ ହେଲେ ପ୍ରମୋଦ କୁମାର ସାହୁ, ଶଙ୍କର ମହାନ୍ତି, ଜ୍ଞାନ ରଞ୍ଜନ ସାହୁ, ଦୀନେଶ ମୋହନ ମାଝି, ପୂର୍ଣ୍ଣ ଚନ୍ଦ୍ର ସେଠୀ, ସୁଶାନ୍ତ କୁମାର ମଲିକ, ବଙ୍କିମ ଚନ୍ଦ୍ର ମହାନ୍ତି, ସ୍ୱାଧୀନ ମାହାର, ନିଖିଲ ଚରଣ ଗୋଚ୍ଛାୟତ, ସୁମିତ କୁମାର ପଣ୍ଡା।

## ଫାଇନାଲରେ ଲଭଲିନା, ଆଲଫିୟା

**ନୂଆଦିଲ୍ଲୀ, ୯।୧୧ (ପି.ଟି)**

ଏସିଆନ୍ ଏଲିଟ୍ ବକ୍ସିଂ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି ଲଭଲିନା ବୋର୍ଗୋହେନ୍ ଓ ଆଲଫିୟା ପଠାନ୍। ୭୫ କିଗ୍ରା ବର୍ଗ ସେମିରେ ଲଭଲିନା ଉନ୍ନତ ଟେକ୍ନିକ୍ ଓ ଚତୁରତା ଦେଖାଇବା ସହିତ ୫-୦ରେ ଦକ୍ଷିଣ କୋରିଆର ସିଓଙ୍ଗ ସୁୟେଅନଙ୍କୁ ପରାସ୍ତ କରିଥିଲେ। ଅପର ପକ୍ଷରେ ୮୧+ କିଗ୍ରା ବର୍ଗରେ ଆଲଫିୟା ପଠାନ ୨୦୧୬ ବିଶ୍ୱ ଚାମ୍ପିୟନ୍ କାଜାଖସ୍ତାନର ଲଜାତ କୁଙ୍ଗେଇବାୟେଭାଙ୍କୁ ୫-୦ରେ ପରାସ୍ତ କରିଛନ୍ତି।


ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ରେଫରି ପ୍ରଶିକ୍ଷଣ ଏବଂ ପରୀକ୍ଷାରେ ଅଂଶଗ୍ରହଣ କରିଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

## କରାଟେ ରେଫରି ପ୍ରଶିକ୍ଷଣ, ପରୀକ୍ଷା

**ଭୁବନେଶ୍ୱର, ୯।୧୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ କରାଟେ-ଡୋ ଆସୋସିଏଶନ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ରେଫରି ଓ ଜଜ୍ ପ୍ରଶିକ୍ଷଣ ଏବଂ ପରୀକ୍ଷା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ରେଫରି ତଥା କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ରେଫରି କମିଶନ ଚେୟାରମ୍ୟାନ ହାନ୍‌ସି ପ୍ରେମ୍‌ଜିତ ସେନ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ବ୍ଲାକ୍ ବେଲ୍ଟ କରାଟେକାମାନେ ଜଜ୍ 'ଏ' ଓ 'ବି' ଏବଂ ରେଫରି 'ଏ' ଓ 'ବି' ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି ଓ ସଭାପତି ହାନ୍‌ସି ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଓ ପରୀକ୍ଷାରେ ମୋଟ ୬୬ ଜଣ କରାଟେକା କୃତକାର୍ଯ୍ୟ ହୋଇଥିଲେ।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

✓କାହ୍ନୁ ଚରଣ ମିଶ୍ର
ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପୋଲିସ ଡି.ଏସ୍.ପି.
ଆବିର୍ଭାବ- ୦୨।୧୧।୧୯୪୦ (ଗଣ୍ଡରପୁର, ବାରଙ୍ଗ)
ତିରୋଧାନ- ୦୧।୧୧।୨୦୨୨ (ବୃନ୍ଦାବନ ଗାର୍ଡେନ୍, ସାମନ୍ତରାପୁର, ଭୁବନେଶ୍ୱର)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୩୭୨୭

ତୁମ ସ୍ମୃତିରେ

✓ ନିରଞ୍ଜନ ମିଶ୍ର
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୭୩୮୯୩



କିଆରା

## ହଁ-ନାହିଁର ଖେଳ

କଥାରେ ଅଛି ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଆଉ ଠିକ୍ ସେହିଭଳି ଏକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି କିଆରା ଆଡଭାନୀ। କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ନୂଆ ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଏହି ଫିଲ୍ମ ପାଇଁ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି କିଆରା। ଶୁଣିବାକୁ ମିଳୁଛି ଯେ ଏଥିରେ ସଂଯୋଜିତ ଏକ ବିକିନି ଶଟ୍ ପାଇଁ କିଆରା କୁଆଡ଼େ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମ୍ୟୁନିନେଶକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ। ତେବେ ଏହି ହଁ-ନାହିଁର ଖେଳ ଭିତରେ କି ରହସ୍ୟ ଲୁଚି ରହିଛି ତାହା କିଆରାଙ୍କୁ ହିଁ ଜଣା।

ଅପେରା ହାଲଚାଲ

## କାମକୁ ସବୁବେଳେ ଗୁରୁତ୍ୱ ଦିଏ

'ଅଭିନୟ ତ ଚାଲିଛି। ପ୍ରଥମେ ଥିଏଟର, ତା'ପରେ ଧାରାବାହିକ ଆଉ ଏବେ ଅପେରା। ମୁଁ ସବୁବେଳେ କାମକୁ ଗୁରୁତ୍ୱ ଦିଏ। କାରଣ ମୋ ମତରେ ୱାର୍କ ଇଜ ଗଡ, ଡୁ ଇୟୋର ବେଷ୍ଟ। ଆଗକୁ ଆହୁରି ଭଲ କାମ କରିବାକୁ ଚେଷ୍ଟା କରିବି ବୋଲି କହନ୍ତି ଜଲିଉଡ୍‌ର ୟଙ୍ଗ ସେନସେସନ ଅନୁଭବ ପୃଷ୍ଟି ଓରଫ ଆକାଶ। ବର୍ତ୍ତମାନ ସେ ଯାତ୍ରା ମାୟାନଗରୀରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ଅନେକ ଥିଏଟର ନାଟକରେ ଅଭିନୟ କରିବା ପରେ 'ପରୀ', 'ରାନୀ', 'ମଞ୍ଜୁଲାକନ୍ୟା' ଏବଂ 'ସିଂହଦ୍ୱାର' ମେଗା ଧାରାବାହିକରେ ଅଭିନୟ କରି ସେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲେ। ଆକାଶଙ୍କର ଅପେରା ଜୀବନ ଆରମ୍ଭ ହୁଏ ୨୦୧୭ରୁ ପୁଣି ଯାତ୍ରା ସଚ୍ଚିଦାନନ୍ଦମ ଅପେରା ପାର୍ଟିରୁ। ତା'ପରେ ବାଘାଯତୀନ ଲୋକନାଟ୍ୟ, ଧଉଳି ଗଣନାଟ୍ୟରେ ସେ ନିଜର ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି। ଯାତ୍ରା ମାୟାନଗରୀ ଦ୍ୱାରା ଚଳିତବର୍ଷ ପରିବେଷିତ ତଥା ହିଟ୍ ନାଟକ 'ତୁମେ ହିଁ ସ୍ୱର୍ଗ ମୋର' ତାଙ୍କୁ ଦେଇଛି ଆଶାତୀତ ମାଇଲେଜ। ଅନ୍ୟତମ ଆଗଧାଡ଼ିର ନାଟ୍ୟକାର ସୁଧାଂଶୁ ନାୟକଙ୍କ ରଚିତ ଏବଂ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶିତ ଏହି ନାଟକଟି ବାପ-ପୁଅର କାହାଣୀ ଉପରେ ପର୍ଯ୍ୟବସିତ। ଏଥିରେ ଆକାଶ ପୁଅ ଭୂମିକାରେ ଅଭିନୟ କରିଛନ୍ତି।



ଆକାଶ

ନାଟକ ସମୀକ୍ଷା

## ନବକଳେବର

ଜଗତର ନାଥ ଜଗନ୍ନାଥ। ତାଙ୍କର ଲୀଳା ଅପାର। ସର୍ବବ୍ୟାପୀ ସେ। ଅତୀତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଜଗନ୍ନାଥ ମନ୍ଦିର ଉପରେ ଅନେକ ଥର ଆକ୍ରମଣ ହୋଇଛି। ମୁକୁନ୍ଦ ଦେବଙ୍କ ସମୟରେ କଳାପାହାଡ଼ର କ୍ରୂରତା କାହାକୁ ଅଜଣା ନୁହେଁ। ହିନ୍ଦୁମନ୍ଦିର ଭାଙ୍ଗିବାକୁ ପଣ କରିଥିଲା ସେ। ଯୁଦ୍ଧରେ ମୁକୁନ୍ଦ ଦେବଙ୍କୁ ପରାସ୍ତ ତଥା ହତ୍ୟା କରିବା ପରେ ତିନି ଠାକୁରଙ୍କୁ ନେଇଯାଇଛି। ଗଙ୍ଗା ନଦୀ କୂଳରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡକୁ ଫୋପାଡ଼ି ଦେଇଥିଲା ସେ। ଜଣେ ସେଠାରୁ ତାଙ୍କର ବ୍ରହ୍ମ ସଂଗ୍ରହ କରି ଗଜପତି ରାମଚନ୍ଦ୍ର ଦେବଙ୍କୁ ଦେଇଛନ୍ତି। ଆଉ ତା'ପରେ ଆରମ୍ଭ ହୋଇଛି ତିନି ଠାକୁରଙ୍କ ନବକଳେବର। ଏଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ନାଟକ 'ନବକଳେବର' ସମ୍ପ୍ରତି ତିନି ଦିନ ଧରି ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ପରିବେଷିତ ହୋଇ ସାଉଁଟିଛି ଅନେକ ପ୍ରଶଂସା। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ତଥା ବିନି ସାମଲଙ୍କ ଦ୍ୱାରା ପ୍ରଯୋଜିତ ଏହି ପୌରାଣିକ ନାଟକଟିକୁ ନିର୍ଦ୍ଦେଶନା ଦେଇଥିଲେ ଆଗଧାଡ଼ିର ନିର୍ଦ୍ଦେଶକ ଧୀର ମଲ୍ଲିକ। ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ମନଛୁଆଁ ସଂଳାପ ସାଙ୍ଗକୁ ମଳୟ ମିଶ୍ରଙ୍କ ସ୍ୱର ସଂଯୋଜନାରେ ଡା. ନିର୍ମଳ ନାୟକଙ୍କ ଗୀତ ନାଟକଟିକୁ ଆହୁରି ଆକର୍ଷଣୀୟ କରିବାରେ ସକ୍ଷମ ହୋଇଥିଲା। ନିର୍ଦ୍ଦେଶକଙ୍କ ବଳିଷ୍ଠ ନିର୍ଦ୍ଦେଶନା, କଳାକାରଙ୍କ ନିଖୁଣ ଅଭିନୟ ଏବଂ ମନକୁ ଛୁଇଁଲା ଭଳି ମଞ୍ଚ ସଜା ଦର୍ଶକଙ୍କୁ ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଡିଟୋରିୟମ ଭିତରେ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। ଏଥିରେ ଅଖିଳ ପଟ୍ଟନାୟକ, ଉଷସୀ ମିଶ୍ର, ଶୁଭାଶିଷ ଦାଶ, ଜଲିଉଡ୍‌ର ବରିଷ୍ଠ ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଥିବା କଳାକାରଙ୍କ ଅଭିନୟ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।



ନାଟକ 'ନବକଳେବର'ର ଏକ ଦୃଶ୍ୟରେ ଅଖିଳ (ବାମ)



ମନୋଜ

## ନୂଆ ଅବତାର

ତ୍ରେତୟା ଯୁଗରେ ରାବଣର ଆତଙ୍କରାଜର ଅନ୍ତ ଘଟାଇଥିଲେ ପ୍ରଭୁ ରାମଚନ୍ଦ୍ର। ହେଲେ ବର୍ତ୍ତମାନ ସମାଜରେ ଅନେକ ରାବଣ ଘୂରିବୁଲୁଛନ୍ତି। ସେପରି ଜଣେ ରାବଣକୁ ଖୁବ୍ ଶୀଘ୍ର ବଡ଼ ପରଦାରେ ଦର୍ଶକ ଦେଖିବାକୁ ପାଇବେ। ଆଉ ଏଭଳି ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ମନୋଜ ମିଶ୍ର। କାହାଣୀ ଅନୁସାରେ ରାବଣ ଜଣେ ସାଇକୋ କିଲର। ତରୁଣୀମାନଙ୍କୁ କିଡ୍‌ନାପ କରି ସେମାନଙ୍କ ରକ୍ତରେ ସ୍ନାନ କରିବା ତାଙ୍କର ମୂଳ ଲକ୍ଷ୍ୟ। ପୁଣି ଡିଜିଟାଲ ଦୁନିଆକୁ ନିଜ ହାତମୁଠାରେ ରଖିଛି। ଏଭଳି କୁକର୍ମର ଶେଷ ପରିଣତି କିପରି ହେଉଛି ତାହା ଫିଲ୍ମଟି ଦେଖିଲେ ଜାଣିପାରିବେ। ଉକ୍ତ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଆରମର'। ଶୁଭେନ୍ଦୁ କୁମାର ଏହାକୁ ପ୍ରଯୋଜନା କରିଛନ୍ତି। ଚିତ୍ରଟିର ସହ-ପ୍ରଯୋଜକ ସାଜିଛନ୍ତି କେଦାର ତରଣୀ ପଣ୍ଡା। ସୁବ୍ରତ ଦିଗଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ମନୋଜଙ୍କ ବ୍ୟତୀତ ମେଘନା ମିଶ୍ର, ଅକ୍ଷୟ ବସ୍ତିଆ, ଈଶା ବେବର୍ତ୍ତା ଏବଂ ଜୀବନ ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାବ୍ୟତୀତ ନବାଗତ କଳାକାର ସ୍ୱସ୍ତିକ ମହାନ୍ତି, ବିକାଶ ଶତପଥୀ ଏବଂ ହିତେଷା ବାଗ୍‌ଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।

## ଅଠା ବୋତଲ କଥା ଭୁଲିପାରିବି ନାହିଁ

ସୈଫ ତନୟା ସାରା ଅଲ୍ଲୀ ଖାଁ ନିଜ ସ୍କୁଲ ସମୟର ଏକ ଘଟଣାକୁ ଏବେ ବି ମନେପକାଇଥାଆନ୍ତି। କେବଳ ସେତିକି ନୁହେଁ, ଏହି କଥାକୁ ସେ ସାରା ଜୀବନ କଦାପି ଭୁଲି ପାରିବେ ନାହିଁ ବୋଲି କହି ବୁଲୁଛନ୍ତି। କାହିଁକି, କଥାଟି ଏମିତି କ'ଣ କି, ଯାହା ଏବେ ମଧ୍ୟ ତାଙ୍କ ମନ ଭିତରେ ସତେଜ ହୋଇରହିଛି? ଏ ନେଇ ସାରା କହନ୍ତି, 'ମୁଁ ସେତେବେଳେ ସ୍କୁଲରେ ପଢୁଥାଏ। ଥରେ ମୁଁ ସାଙ୍ଗରେ ଏକ ଅଠା ବୋତଲ ନେଇ ଯାଇଥିଲି। ରିସେସ ସମୟରେ କ୍ଲାସରେ କେବଳ ମୁଁ ଏକୁଟିଆ ଥାଏ। ସେତେବେଳେ ମୋ ମୁଣ୍ଡକୁ ଏକ ଆଇଡିଆ ଜୁଟିଲା। ଅଠା ବୋତଲଟିକୁ ମୁଁ ଘୂରୁଥିବା ଫ୍ୟାନ୍ ଉପରକୁ ଫୋପାଡ଼ି ଦେଲି। ଆଉ ତା'ପରେ ବୋତଲଟି ଫାଟି ଅଠାଗୁଡ଼ିକ କ୍ଲାସ ସାରା ବିଛାଡ଼ି ହୋଇ ପଡ଼ିଲା। ଏହି ଘଟଣା ପାଇଁ ସ୍କୁଲର ପ୍ରିନ୍ସିପାଲ ମୋତେ ବେଶ୍ ଆକଟ କରିଥିଲେ। ଏପରି କି କଥା ମୋତେ ସ୍କୁଲରୁ ରଷ୍ଟିକେଟ୍ କରିବା ପର୍ଯ୍ୟନ୍ତ ଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମୁଁ ଲିଖିତ ଭୁଲ୍ ମାଗିବା ପରେ ଘଟଣାଟିର ପରିସମାପ୍ତି ଘଟିଥିଲା।

## ଟାଇଟଲ ପାଇଁ...

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ମାଲେସିୟାରେ ଅଛନ୍ତି। ହେଲେ ସେ ସେଠାକୁ ମାଇଣ୍ଡ ଫ୍ରେଶ୍ କରିବାକୁ ଯାଇନାହାନ୍ତି। ତେବେ କ'ଣ ପାଇଁ ସେ ଯାଇଛନ୍ତି ଜାଣିବେନି? ଶ୍ରଦ୍ଧା ଏବେ ଏକ ନୂଆ ସିନେମାରେ ଅଭିନୟ କରୁଛନ୍ତି, ଯାହାର ନନ୍ ଷ୍ଟପ୍ ଶୁଟିଂ ମାଲେସିୟାରେ ଚାଲିଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର। ହେଲେ ଲଭ୍ ରଞ୍ଜନଙ୍କ ଉକ୍ତ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ଏହି ଚିତ୍ରର ଟାଇଟଲ କ'ଣ ରହିଲେ ତାହା ଦର୍ଶକଙ୍କୁ ଆକର୍ଷିତ କରିପାରିବ ସେ ନେଇ ମାନସ ମନ୍ଥନ ଚାଲିଛି। ଏ ନେଇ ଶ୍ରଦ୍ଧା କହନ୍ତି, 'ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ଆଧାର କରି ଏହାର କାହାଣୀ ଗତିଶୀଳ। ତେବେ ଫିଲ୍ମଟିର ପାଖାପାଖି ୪୦ ପ୍ରତିଶତ ଶୁଟିଂ ଶେଷ ହୋଇଯାଇଥିଲେ ମଧ୍ୟ ଟାଇଟଲ କ'ଣ ଦିଆଯିବ ତାହା ଠିକ୍ ହୋଇପାରୁନାହିଁ। ବିଶେଷଭାବରେ ଯୁବପିଢ଼ିଙ୍କୁ ଲକ୍ଷ୍ୟ କରି ଏକ କ୍ୟାଚି ଟାଇଟଲ ସନ୍ଧାନରେ ନିର୍ଦ୍ଦେଶକ ଅଛନ୍ତି। ଖାସ୍ କଥା ହେଲା ପ୍ରଥମ ଥର ପାଇଁ ଏହି ଯୋଡ଼ିକୁ ବଡ଼ ପରଦାରେ ଦେଖିବାକୁ ମିଳିବ। ରଣବୀର-ଶ୍ରଦ୍ଧାଙ୍କ ବ୍ୟତୀତ ବୋନି କପୁର ଏବଂ ଡିମ୍ପଲ କାପାଡ଼ିଆ ମଧ୍ୟ ଏଥିରେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ୮ରେ ମୁକ୍ତିଲାଭ କରିବ।



ଶ୍ରଦ୍ଧା

## ରହିଗଲା ଅବସୋସ

ଜଣେ କେତେ ସ୍ୱପ୍ନ ଦେଖିଥାଏ। ହେଲେ ସବୁ କ'ଣ ସତ ହୁଏ। ଅନେକ ସ୍ୱପ୍ନ କେବଳ ଆଶାରେ ହିଁ ରହିଯାଇଥାଏ। ପାଠ ପଢ଼ିବା ସମୟରେ ଠିକ୍ ସେମିତି ତାରା ସୁତାରିଆ ଏକ ଆଶା ରଖିଥିଲେ। ଷ୍ଟୁଡେଣ୍ଟ କ୍ୟାରିୟର ଶେଷ ହେବା ପରେ ସେ ଓକିଲ ହେବାକୁ ଚାହିଁଥିଲେ। ହେଲେ ତାହା ପୂରଣ ହୋଇପାରି ନ ଥିଲା। ଶେଷରେ ଅଭିନୟକୁ ଆଦରି ନେଇଛନ୍ତି ସେ। ନିଜ ବଲିଉଡ୍ କ୍ୟାରିୟରକୁ ସୁରୁଖୁରୁରେ ଆଗେଇ ନେବାକୁ ସେ ବେଶ୍ ସିରିୟସ। ସେଥିଲାଗି କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରିବାକୁ ଭୁଲୁନାହନ୍ତି ଏହି ଅଭିନେତ୍ରୀ। ଏଭଳି ଆଭିମୁଖ୍ୟ ବିଷୟରେ ତାରା କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ଅଭିନୟ ସହ ଜଡ଼ିତ ହେବା ପୂର୍ବରୁ ସେ ଗୀତ ଗାଉଥିଲେ। ୨୦୧୯ରେ ପରଦା ଉପରକୁ ଆସିଥିବା କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ ପୁନିତ ମାଲହୋତ୍ରାଙ୍କ ନିର୍ଦ୍ଦେଶିତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ସେ ଆରମ୍ଭ କରିଥିଲେ ନିଜର ବଲିଉଡ୍ କ୍ୟାରିୟର। ତା'ପରେ ତାରା ମାତ୍ର ହାତଗଣତି କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି।



ତାରା



ସାରା

ରିଲିଜ ଅପେକ୍ଷାରେ

## ଜୟୀ ରାଜଗୁରୁ

ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଚର୍ଚ୍ଚିତ ଥିଲେ ଜୟୀ ରାଜଗୁରୁ। ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଆଉ ତାଙ୍କର ରଣ ହୁଙ୍କାରରେ ଉତ୍ସାହିତ ହୋଇ ଅନେକ ଲୋକ ତାଙ୍କ ସହ ହାତ ମିଳାଇଥିଲେ। ଏପରି ଜଣେ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଜୟୀ ରାଜଗୁରୁ'। ଜେଏଚ୍‌ବି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜଲସେନ୍। ଲିଟନ ପଟ୍ଟନାୟକ ସହଯୋଗୀ ନିର୍ଦ୍ଦେଶକ ସାଜିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କ୍ରିଷ୍ଣା। ଏହି ଐତିହାସିକ ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ମିତା ଚକ୍ରବର୍ତ୍ତୀ, ତାମିଲନାଡୁର ମୃତ୍ୟୁଲିଙ୍ଗନମ୍, ଆନ୍ଧ୍ରପ୍ରଦେଶର ଭବାନୀ, ମହାରାଷ୍ଟ୍ରର ଗୌରବ କୁମାରଙ୍କ ବ୍ୟତୀତ ଇନ୍ଦ୍ରଜିତ, ଦୀପକ, ସୁଶାନ୍ତ, ସମୀର, ଚିତ୍ତ, ବୁଲୁ, ଜିତୁ, ନିଲୁ, ଅଖିଳ, ଡ. ବିଦ୍ୟୁତପ୍ରଭା ରଥ, ସଦାମ ବିଷୋୟୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



ବିଶ୍ୱରୂପ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ନଭେମ୍ବର ୧୦/୨୦୨୨ Sambalpur, Thursday, November 10/ 2022

# ଭାରତ ଆଜି ଇଂଲଣ୍ଡକୁ ଭେଟିବ

## ଟି୨୦ ବିଶ୍ୱକପ୍ ଦ୍ୱିତୀୟ ସେମିଫାଇନାଲ

## ନକ୍‌ଆଉଟ ପରାଜୟ ଧାରା ଭାଙ୍ଗିବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ଆଡିଲେଡ୍,୯।୧୧(ପି.ଟି)

ଚଳିତ ଟି୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଆଡିଲେଡରେ ଖେଳାଯିବ। ଭାରତ ଓ ଇଂଲଣ୍ଡ ଏହି ମ୍ୟାଚରେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଏହି ମ୍ୟାଚ ସହିତ ଭାରତ ନିଜର ପରାଜୟ ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିବ। ଚଳିତ ଟୁର୍ନାମେଣ୍ଟର ସୁପର-୧୨ ପର୍ଯ୍ୟାୟରେ ଇଂଲଣ୍ଡ ତୁଳନାରେ ଭାରତର ପ୍ରଦର୍ଶନ ବେଶ୍ ଭଲ ରହିଛି। ମାତ୍ର ଇଂଲଣ୍ଡ ନିକଟରେ ବେନ୍ ଷ୍ଟୋକ୍ସ ଓ ଜୋସ୍ ବଟଲରଙ୍କ ପରି ମ୍ୟାଚ ବିଜେତା ରହିଛନ୍ତି। ସେମିଫାଇନାଲରେ ମୁକାବିଲାରେ ଭଲ ପ୍ରଦର୍ଶନ କରିବା ଦଳ ହିଁ ପୁରସ୍କୃତ ହେବ । ତେଣୁ ଗ୍ରୁପ୍ ପର୍ଯ୍ୟାୟ ପ୍ରଦର୍ଶନର କୌଣସି ମୂଲ୍ୟ ରହି ନ ଥାଏ। ଇଂଲଣ୍ଡ ଚଳିତ ବିଶ୍ୱକପ୍‌ରେ ଏହାର ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସମର୍ଥ ହୋଇନାହିଁ ବୋଲି ସ୍ୱୀକାର କରିଛନ୍ତି ବେନ୍ ଷ୍ଟୋକ୍ସ। ତେବେ ଇତିହାସ ମଧ୍ୟ ଭାରତ ସପକ୍ଷରେ ନାହିଁ। ବିଗତ ୯ ବର୍ଷ ହେବ ଭାରତ ବିଭିନ୍ନ ଆଇସିସି ଟୁର୍ନାମେଣ୍ଟର ନକ୍‌ଆଉଟ ଷ୍ଟେଜରେ ପହଞ୍ଚିଥିଲେ ମଧ୍ୟ ଜିତିବାରେ ସମର୍ଥ ହେଉନାହିଁ। ୨୦୧୪ ଟି୨୦ ବିଶ୍ୱକପ୍ ଫାଇନାଲ, ୨୦୧୬ ଟି୨୦ ବିଶ୍ୱକପ୍ ସେମିଫାଇନାଲ, ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଓ ୨୦୧୯ ଦିନିକିଆ ବିଶ୍ୱକପ୍ ସେମି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଭାରତ ଟାଇଟଲ ହାସଲରେ ସମର୍ଥ ହୋଇନାହିଁ। ରୋହିତ ଶର୍ମା ଉକ୍ତ ୪ଟି ଦଳରେ ସାମିଲ ଥିଲେ ମଧ୍ୟ ଅଧିନାୟକ ନ ଥିଲେ । ଫୁଲ୍‌ଟାଇମ୍ ଅଧିନାୟକ ହେବା ପରେ ରୋହିତଙ୍କ ନିକଟରେ ଇତିହାସ ସୃଷ୍ଟି କରିବାରେ ଏହା ଏକ ସୁବର୍ଣ୍ଣ ସୁଯୋଗ। ଏହି ଟୁର୍ନାମେଣ୍ଟରେ ୫ ମ୍ୟାଚରୁ ମାତ୍ର ୮୯ ରନ୍ କରିଥିବା ରୋହିତଙ୍କ ହାତରେ ଆଘାତ ସତ୍ତ୍ୱେ ନିଜ ପସନ୍ଦର ପୁଲ୍ ଶଟ୍ ଖେଳିବା ଆଶା କରାଯାଉଛି। ଅନ୍ୟପକ୍ଷରେ ବିରାଟ କୋହଲି ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସଭିଙ୍କ ନଜର ରହିବ। ଆଦିଲ ରଶିଦ୍ ଓ ଟୁର୍ନାମେଣ୍ଟର ଟପ୍ ସ୍କୋରର କୋହଲିଙ୍କ ମଧ୍ୟରେ ହେବାକୁ ଥିବା ଲଢେଇ ଓ ସାମ୍ କୁରାନ୍ ଏବଂ ଭାରତର ନୂଆ ମିଷ୍ଟର ୩୬୦ ଡିଗ୍ରୀ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ହେବାକୁ ଥିବା ଲଢେଇ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବ। ସେହିପରି ବେନ୍ ଷ୍ଟୋକ୍ସ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ଦକ୍ଷତା ମଧ୍ୟରେ ଏକ କଡା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଫ୍ୟାନମାନେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ରେ ଭାରତ-ପାକିସ୍ତାନ ମ୍ୟାଚ ଦେଖିବାକୁ ସବୁଠୁ ଉତ୍ସାହୀ ରହିଛନ୍ତି।

**କାର୍ତ୍ତିକ/ପନ୍ତ, ଚହଲ/ଅକ୍ଷର:** ଏହି ମ୍ୟାଚ ପୂର୍ବରୁ ଭାରତୀୟ ଦଳ ଉଇକେଟକିପର ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ମଧ୍ୟରୁ କାହାକୁ ଚୂଡାନ୍ତ ଏକାଦଶରେ ସାମିଲ କରାଯିବ ତାହା ଉପରୁ ପରଦା ହଟୁନାହିଁ। ଏହା ସହିତ ସ୍ପିନ୍ ବିଭାଗରେ ୟୁଜବେନ୍ଦ୍ର ଚହଲ ଓ ଅକ୍ଷର ପଟେଲଙ୍କ ସାମିଲକୁ ନେଇ ଦ୍ୱନ୍ଦ୍ୱରେ ରହିଛି ଭାରତ। ୫ ନମ୍ବର ସ୍ଥାନରେ ଭାରତୀୟ ଦଳ ଏଯାଏ ଏହାର ଶ୍ରେଷ୍ଠ ବିକଳ୍ପ ପାଇନାହିଁ। ଦୀନେଶ କାର୍ତ୍ତିକ ବିଫଳ ହୋଇଥିବା ବେଳେ ଜିମ୍ବାୱେ ବିପକ୍ଷ ମ୍ୟାଚରେ ପନ୍ତଙ୍କୁ ସୁଯୋଗ ମିଳିଥିଲା। ପନ୍ତ ବିଫଳ ହେବା ପରେ ଭାରତୀୟ ଦଳ ବର୍ତ୍ତମାନ ଚିନ୍ତାରେ ପଡିଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଫିନିଶର ଭାବରେ ଦୀନେଶ କାର୍ତ୍ତିକଙ୍କୁ ପସନ୍ଦ କରୁଥିବାରୁ ତାଙ୍କୁ ଏହି ମ୍ୟାଚରେ ସୁଯୋଗ ମିଳିପାରେ। ସେହିପରି ଅକ୍ଷର ପଟେଲଙ୍କ ଇକୋନୋମି ହାର ୯ ରନ୍ ଉପରେ ରହିଥିବା ବେଳେ ମାତ୍ର ୩ ଉଇକେଟ ନେଇଛନ୍ତି। ଏହି ମ୍ୟାଚଟି ପୂର୍ବରୁ ବ୍ୟବହୃତ ହୋଇ ସାରିଥିବା ପିଚ୍‌ରେ ଖେଳା ଯାଉଥିବାରୁ ଚହଲ ଅଧିକ ଘାତକ ସାବ୍ୟସ୍ତ ହୋଇପାରନ୍ତି। ମାର୍କ ଉଡ୍ ପିଠିରେ ଆଘାତ କାରଣରୁ ବାଦ୍ ପଡିପାରନ୍ତି। ଟାଇମାଲ୍ ମିଲ୍ସ ଓ କ୍ରିସ୍ ଜୋର୍ଡାନ ତାଙ୍କର ବିକଳ୍ପ ଭାବରେ ସାମିଲ ହେବେ। ସାମ୍ କୁରାନ୍ ଓ ବେନ୍ ଷ୍ଟୋକ୍ସ ଚମତ୍କାର ଫର୍ମରେ ରହିଥିବା ବେଳେ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ଆଲେକ୍ସ ହେଲ୍ସ, ଲିଆମ ଲିଭିଙ୍ଗଷ୍ଟୋନ୍ ଏବଂ ଜୋସ ବଟଲର ଯେକୌଣସି ବୋଲିଂ ଲାଇନଅପ୍‌କୁ ଧ୍ୱସ୍ତ କରିପାରନ୍ତି। ଆଡିଲେଡ ପିଚ୍‌ରେ ୧୭୦ ରନ୍ ହାରାହାରି ସ୍କୋର ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ଟି ଓ ଇଂଲଣ୍ଡ ୩ଟି ମ୍ୟାଚ ଜିତିଥିଲା। ଦୁଇ ଦଳ ଗୋଟିଏ ଲେଖାଏ ମ୍ୟାଚରେ ପରାଜିତ ହୋଇଥିଲେ।

**ମ୍ୟାଚ୍ ସମୟ: ଅପରାହ୍ଣ ୧.୩୦**
**ସ୍ଥାନ: ଆଡିଲେଡ୍ ଓଭାଲ କ୍ରିକେଟ ଗ୍ରାଉଣ୍ଡ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଓ ହଟ୍ ଷ୍ଟାର**



କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଦୀପକ ହୁଡା ଓ ବିରାଟ କୋହଲି।

### ଭାରତ ପଲା ଭାରି

ଟି୨୦ ରେକର୍ଡ ଦୃଷ୍ଟିରୁ ଇଂଲଣ୍ଡ ବିପକ୍ଷରେ ଭାରତର ପଲା ଭାରି ରହିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୨୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଇଛି। ଏଥିରୁ ଭାରତ ୧୨ଟି ଏବଂ ଇଂଲଣ୍ଡ ୧୦ଟିରେ ବିଜୟୀ ହୋଇଛି। ଘରୋଇ ପରିବେଶରେ ଭାରତ ୬ଟି, ଇଂଲଣ୍ଡରେ ୪ଟି ଏବଂ ନିରପେକ୍ଷ ଭେନ୍ୟୁରେ ୨ଟି ମ୍ୟାଚ ଜିତିଛି। ଇଂଲଣ୍ଡ ଘରୋଇ ଏବଂ ଭାରତ ମାଟିରେ ୫ଟି ଲେଖାଏ ଟି୨୦ ଜିତିଛି। ନିରପେକ୍ଷ ଭେନ୍ୟୁରେ ଏହି ଦଳ ଭାରତକୁ ହରାଇ ପାରିନାହିଁ। ସେହିପରି ଟି୨୦ ବିଶ୍ୱକପରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ୩ଟି ମ୍ୟାଚରେ ଭେଟିଛନ୍ତି। ଏଥିରୁ ଭାରତ ୨ଟିରେ ବିଜୟୀ ହୋଇଥିବାବେଳେ ଇଂଲଣ୍ଡ ଗୋଟିଏ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ବିଶ୍ୱକପ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ୨୧୮ ଏବଂ ଇଂଲଣ୍ଡର ୨୦୦ ରହିଛି। ଭାରତର ସର୍ବନିମ୍ନ ସ୍କୋର ୧୫୦ ଥିବାବେଳେ ଇଂଲଣ୍ଡର ୮୦ ରହିଛି।

# ପେନାଲ୍ କଲୋନୀରେ ବ୍ରିଟନୀ ଗ୍ରୀନର

ମସ୍କୋ,୯।୧୧(ପି.ଟି)



ଡ୍ରଗ୍ସ ଚାଲାଣ ମାମଲାରେ ରୁଷିଆରେ ଗିରଫ ହୋଇଥିବା ଆମେରିକୀୟ ବାସ୍କେଟବଲ ଷ୍ଟାର ବ୍ରିଟନୀ ଗ୍ରୀନରଙ୍କୁ ପେନାଲ କଲୋନୀ(ସ୍ୱତନ୍ତ୍ର କାରାଗାର)କୁ ପଠାଇ ଦିଆଯାଇଛି। ୮ଥର ଅଲଷ୍ଟାର ସେଣ୍ଟର ଓ ୨ ଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଗ୍ରୀନରଙ୍କୁ ଅଗଷ୍ଟ ୪ ତାରିଖରେ ମସ୍କୋର ଶେରେମେଟ୍ୟୋଭୋ ବିମାନବନ୍ଦରରୁ ଗିରଫ କରାଯାଇଥିଲା। ବୁଧବାର ବ୍ରିଟନୀଙ୍କ ଲିଗାଲ ଟିମ୍ ଏ ସମ୍ପର୍କରେ ସୂଚନା ଦେଇଛି। ରଷୀୟ ଫେଡେରାଲ କୋର୍ଟ ତାଙ୍କୁ ୯ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଥିବା ବେଳେ ଏହା ବିରୋଧରେ ଗ୍ରୀନର ଆବେଦନ କରିଥିଲେ। ଏହି ଆବେଦନ ଖାରଜ ହୋଇ ଯାଇଥିବା ବେଳେ କାରାଗାରର ଭିଡକୁ ଏଡାଇବା ପାଇଁ ଗ୍ରୀନରଙ୍କୁ ସ୍ୱତନ୍ତ୍ର କାରାଗାରକୁ ପଠାଯାଇଛି। ନଭେମ୍ବର ୪ ତାରିଖ ଯାଏଁ ଗ୍ରୀନରଙ୍କୁ ଡିଟେନସନ୍ ସେଣ୍ଟରରେ ରଖା ଯାଇଥିବା ବେଳେ ପରେ ତାଙ୍କୁ ପେନାଲ କଲୋନୀକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କୁ କେଉଁ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏପରି ସ୍ଥାନାନ୍ତର ପାଇଁ ୪-୫ ଦିନ ସମୟ ଲାଗୁଥିବା ବେଳେ ପେନାଲ କଲୋନୀରେ ପହଞ୍ଚିବା ପରେ ସମସ୍ତ ସୂଚନା ମିଳିପାରିବ ବୋଲି କହିଛି ଗ୍ରୀନରଙ୍କ ଲିଗାଲ ଟିମ୍। ୩୨ ବର୍ଷୀୟ ଗ୍ରୀନର ଦୋଷ ସ୍ୱୀକାର କରିଥିଲେ। ତରବରରେ ସେ ଏହି ଡ୍ରଗ୍ସ ପ୍ୟାକ କରିଥିଲେ ଓ ଏହା ପଛରେ କୌଣସି ଅପରାଧିକ ଷଡଯନ୍ତ୍ର ନଥିବା ମଧ୍ୟ ସେ କହିଥିଲେ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଅଟଙ୍ଗାଗୁଡାରେ ବୁଧବାର ପୋଖରୀରେ ବୁଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକହେଲେ ଯୁବରାଜ ମାଝି (୪୦)। ସୂଚନା ଅନୁଯାୟୀ, ଯୁବରାଜ କାମ ସାରି ପୋଖରୀକୁ ଗାଧୋଇ ଆସିଥିଲେ। ହେଲେ ଦୀର୍ଘ ସମୟ ପରେ ବି ସେ ଘରକୁ ଫେରି ନ ଥିଲେ। ପରିବାରବର୍ଗ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ ପାଇ ନ ଥିଲେ। କିଛି ଲୋକେ ପୋଖରୀରେ ଜଣେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

## ସଂକ୍ଷେପରେ

### ହାତୀ ଉପଦ୍ରବ, ଧାନ ଫସଲ ନଷ୍ଟ

ପଲମ,୯।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକର ପଡୋଶୀ ବ୍ଲକ ଲାଞ୍ଜିଗଡ ଅଞ୍ଚଳରେ ଗତ ୧୦ବର୍ଷ ଆଗରୁ ହାତୀପଲ ଆଡ୍ଡା ଜମାଇ ରହୁଥିଲେ। ଏବେ ନର୍ଲା ଅଞ୍ଚଳରେ ହାତୀପଲ ବଢ଼ିବାରେ ଲାଗିଲେଣି। ହାତୀ ଉପଦ୍ରବରୁ ଫସଲ ବଞ୍ଚାଇବାର କୌଣସି ଉପାୟ ଦିଶୁ ନାହିଁ। ହାତୀ ଦାଉରୁ ଚାଷକୁ ରକ୍ଷା କରିବା ପାଇଁ ଚାଷୀ, ଫରେଷ୍ଟର ଏପରିକି ଜିଲାପାଳଙ୍କୁ ଜଣାଇବା ସତ୍ତ୍ୱେ ମଧ କୌଣସି ଲାଭ ମିଳିପାରିନାହିଁ। ବର୍ତ୍ତମାନ ନର୍ଲା ବ୍ଲକର କମେଗାଁ, ବଫଲା, ରୁପ୍ରା, ଗିଗିନା, ଭଟାଖମାର, ଫଲସାପଡା, ବାଗପୁର, ରାକ୍ସି ଆଦି ଗ୍ରାମରେ ପଶି ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଉଚ୍ଚ ପଦସ୍ଥ ଅଫିସରମାନେ ଘଟଣାସ୍ଥଳକୁ ଆସି ଚାଷୀଙ୍କ ସମସ୍ୟା ବୁଝି ହାତୀ ଉପଦ୍ରବରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା କରାଗଲେ କିଛି ଉପକୃତ ହୋଇପାରନ୍ତେ ବୋଲି ଆଶା କରାଯାଉଛି। ଏଥିପାଇଁ ସରକାର ଓ ପ୍ରଶାସନିକ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ କିଛିଟା ସମାଧାନ କରାଗଲେ ଚାଷୀକୂଳ ଉପକୃତ ହେବେ ବୋଲି ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

### ଜାତୀୟ ଆଇନ ଦିବସ ପାଳିତ

ଧର୍ମଗଡ,୯।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ତାଲୁକ ଆଇନ ସେବା ସମିତି ପକ୍ଷରୁ ବୁଧବାର ଛିଲିପା ଗ୍ରାମରେ ଜାତୀୟ ଆଇନ ସେବା ଦିବସ ପାଳନ ହୋଇଯାଇଛି। ଅତିରିକ୍ତ ଜିଲା ଦୌରା ଜଜ୍ ତଥା ତାଲୁକ ଆଇନ ସେବା ସମିତି ଅଧକ୍ଷ୍ୟା ବନ୍ଦନା କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ହିତାଧିକାରୀଙ୍କ ପାଇଁ ଆଇନ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସେବା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜେଏମଏଫସି ସୋମ୍ୟ ଶଙ୍କର ମହନ୍ତ, ଧର୍ମଗଡ ତାଲୁକ ଆଇନ ସେବା ସମିତି ସଦସ୍ୟା ସଂଯୁକ୍ତା ପଣ୍ଡା, ସରକାରୀ ଓକିଲ ରାଜେନ୍ଦ୍ର ମୁନି, କଲ୍ୟାଣୀ ନାଏକ, ଛିଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ନିଜର ବହୁମୂଲ୍ୟ ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଜଗନାଥ ନାଏକ, କ୍ଷୀରମତି ଦୁର୍ଗା, ଶୈଳସୂତା ଦଣ୍ଡସେନା, ପାର୍ବତୀ ଦୁର୍ଗା, କେନ୍ଦ୍ରମଣୀ ମାଣ୍ଡ୍ରୀ ପ୍ରମୁଖ ସାହାଯ୍ୟ କରିଥିଲେ।

### କଂଗ୍ରେସ ଜୋନସ୍ତରୀୟ ସମ୍ମିଳନୀ ପ୍ରସ୍ତୁତି

କୋକସରା,୯।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କୁସୁମଖୁଣ୍ଟି ଶିବ ମନ୍ଦିରରେ କଂଗ୍ରେସ ଜୋନସ୍ତରାୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋକସରା ଓ ମୋଟେର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଆସନ୍ତା ୧୩ ତାରିଖରେ କୋକସରା ଧାନ ମଣ୍ଡିରେ ଆୟୋଜନ ହେବ। କୋକସରା ଜୋନ ସଭାପତି କମଳ ଲୋଚନ ନାଏକ ଓ ମୋଟେର ଜୋନ ସଭାପତି ଯତୀନ୍ଦ୍ର ଦଳେଇ ମିଳିତ ଅଧକ୍ଷତାରେ ଏହି ପ୍ରସ୍ତୁତି ବୈଠକ ହୋଇଯାଇଛି। ବୈଠକରେ କଂଗ୍ରେସର ବ୍ଲକ ସଭାପତି ଘନଶ୍ୟାମ ଜାଲ, ରବୀନ୍ଦ୍ର ପାଟ୍ଟଯୋଷୀ, ପୁରୁଷୋତ୍ତମ ଗୁପ୍ତା, ପୂର୍ବତନ ସଭାପତି ରାଜେନ୍ଦ୍ର ନାଏକ, ନିମାଇଁ ଧଙ୍ଗଡା ମାଝି, କେଶବ ଚନ୍ଦ୍ର ନାଏକ, ମହେନ୍ଦ୍ର ଧରୁଆ, ହରିଶ୍ଚନ୍ଦ୍ର ନାଏକ, ତ୍ରିଭୁବନ ନାଏକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଜୋନ ସମ୍ମିଳନୀ ପରିଚାଳନା ଉପରେ ଆଲୋଚନା କରିଛନ୍ତି।

# ଅମଳ ସମୟରେ ଦାଉ ସାଧିଲା ଚକଡ଼ା

## ଜିଲାରେ ୨ ଶହ ହେକ୍ଟର ଚାଷ ଜମି ପ୍ରଭାବିତ

ଭବାନୀପାଟଣା,୯।୧୧(ସ୍ୱ.ପ୍ର.)


ଚକଡା ରୋଗ ଯୋଗୁ ଧାନ ଚାଷ ନଷ୍ଟ ହୋଇଛି।

କଥାରେ ଅଛି ଚାଷ କାମ ଯାହାର କେତେ ସୁଖ ତାହାର। ଚଷା ପୁଅ ଯୋଗାଉଛି ଦୁନିଆକୁ ଆହାର। ଅମଳ ସମୟରେ ଖିଲିଖିଲି ହସୁଥିବା ଧାନ କ୍ଷେତକୁ ଦେଖିଲେ ମନେ ପଡିଯାଏ ଏହି କଥା। କିନ୍ତୁ କଳାହାଣ୍ଡି ଜିଲାରେ ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। କ୍ଷେତ ସାରା ଆଖି ବୁଲାଇଲେ ପୋକ। ମୁଣ୍ଡ ଝାଳ ତୁଣ୍ଡରେ ମାରି ସୁନାର ଫସଲ ଫଳାଇଥିବା ଚାଷୀଙ୍କ ପାଇଁ ଏବେ ଚକଡା ରୋଗ (ବିପିଏଚ୍) ଚିନ୍ତା। ଗତବର୍ଷ ଭଲ ଧାନ ହୋଇଥିବା ଯୋଗୁ ଏଥର ଚାଷ ପାଇଁ କରଜ ଟଙ୍କା ଆଣିଥିଲେ ଚାଷୀ। କିନ୍ତୁ ଅମଳ ସମୟରେ ଦାଉ ସାଧିଲା ରୋଗପୋକ। ଆଖି ଆଗରେ ସୁନାର ଫସଲ ନଷ୍ଟ ହେଉଥିବା ଦେଖି ଋଣ ପରିଶୋଧ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି କଳାହାଣ୍ଡି ଜିଲାର ଚାଷୀ। ବର୍ଷକ ପରିଶ୍ରମର ସୁନାର ଫସଲ ଉଜୁଡି ଯାଇଛି। ଆଉ ଏଥିପାଇଁ ଚାଷୀ ଏବେ ହତାଶ ଓ ନିରାଶ। ବିଶେଷ କରି ଜିଲାର କୋକସରା, ଧର୍ମଗଡ, ଜୁନାଗଡ, କଲମପୁର, ଗୋଲାମୁଣ୍ଡା ଓ ଭବାନୀପାଟଣାରେ ଦେଖାଦେଇଛି ଏଭଳି ସମସ୍ୟା। ଜମିରେ କୀଟନାଶକ ଛିଞ୍ଚନ କଲେ ମଧ ପୋକ ମରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସରକାରୀ ଆକଳନ ହିସାବରେ ଜିଲାରେ ଚଳିତ ଖରିଫ ଋତୁରେ ୧ ଲକ୍ଷ ୮୬ ହଜାର ୭୩୪ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ସେହିପରି କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ପ୍ରାୟ ୨ ଶହ ହେକ୍ଟର ଜମିରେ ଚକଡା ରୋଗ ହୋଇଥିବା ଜଣାପଡିଛି। ଧାନ ରୁଆ ସମୟରେ ଲଘୁଚାପ ଜନିତଲଗାଣ ବର୍ଷା ଏବେ ଅମଳ ସମୟରେ ଚକଡା (ବିପିଏଚ୍), ସାଆରା ରୋଗ ଚାଷୀଙ୍କ ପାଇଁ ଦାଉ ସାଧିଛନ୍ତି। ଯାହା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ଯାହାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା ଗତ ସୋମବାର କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନୀ ଗ୍ରାମରେ। ଗ୍ରାମର ପୃଥିରାଜ ବେହେରା ଜଣେ ଚାଷୀ ୧ ଏକର ଚାଷ ଜମିରେ ଚକଡା ରୋଗ ଯୋଗୁ ଧାନ ନଷ୍ଟ ହୋଇଯିବାରୁ ମାନସିକ ଚାପରେ ଆସି ଜାଳି ଦେଇଥିଲେ। ଏ ନେଇ ଜିଲାର ଚାଷୀ ପ୍ରସିଦ୍ଧ ଦାଶ, ସନ୍ତ ସିଂ, ସଦାନନ୍ଦ ପଟ୍ଟନାୟକ କହନ୍ତି ଗତବର୍ଷ ପାଣି ଅଭାବରୁ ଚାଷ ଭଲ ହୋଇ ନ ଥିଲା। ଚଳିତବର୍ଷ ଭଲ ଚାଷ ହେବ ବୋଲି ଭାବୁଥିଲୁ। କିନ୍ତୁ ଅମଳ ସମୟରେ ଚକଡା ଦାଉ ସାଧିଲା। ତେଣୁ ଫସଲ ନଷ୍ଟ ହୋଇଯିବ। ଋଣ କରି ଚାଷ କାମ କରିଥିଲି। ଏବେ ଫସଲ ନଷ୍ଟ ଯୋଗୁ କେମିତି ଋଣ ପରିଶୋଧ କରିବି ବୋଲି ଅତି କ୍ଷୋଭର ସହ ସେମାନେ କହନ୍ତି। ସରକାରଙ୍କ ପକ୍ଷରୁ କିଛି ସହାୟତା ମିଳନ୍ତା ତାହାହେଲେ ଉପକୃତ ହେବୁ। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦିପ୍ତ କୁମାର ସାହୁଙ୍କୁ ପଚାରିବାରୁ ଜିଲାର ଚାଷ ହୋଇଥିବା ପରିମାଣର ଆକଳନକୁ ଦେଖିଲେ କାଁ ଭାଁ କେତେକ ସ୍ଥାନରେ ଏହି ଚକଡାର ପାର୍ଦୁଭାବ ଦେଖାଦେଇଛି। ବିଭାଗ ପକ୍ଷରୁ ଏ ନେଇ ଚାଷୀଙ୍କୁ ମଧ ସଚେତନତା କରାଯାଇଛି ବୋଲି କହିଥିଲେ।

# ଜିଲାସ୍ତରୀୟ ମହକ କାର୍ଯ୍ୟକ୍ରମ


ଜିଲାପାଳ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ

ଭବାନୀପାଟଣା,୯।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ବୁଧବାର ଜିଲାସ୍ତରୀୟ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ, ଜିଲା ଶିଶୁ ମଙ୍ଗଳ ସମିତି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୧୩ଟି ଶିଶୁ ଯତ୍ନ ଅନୁଷ୍ଠାନର ୧୭୦ଜଣ ଅନ୍ତେବାସୀ ଯୋଗଦେଇଥିଲେ। ଉଦ୍‌ଘାଟନୀରେ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ସଦସ୍ୟ ନିରଞ୍ଜନ ମିଶ୍ର, ସୁଧାଂଶୁ ନନ୍ଦ, ବାଲ ଗୋପାଳ ସେବା ଅନୁଷ୍ଠାନ ସମ୍ପାଦକ ହେମନ୍ତ ମୁଣ୍ଡ ଓ ଯଶୋଦା ଅନାଥ ଆଶ୍ରମ ସମ୍ପାଦକ ଶ୍ୟାମ ସୁନ୍ଦର ଜାଲ ପ୍ରମୁଖ ଯୋଗଦେଇଥିଲେ। ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଲକ୍ଷ୍ମୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଂଶୁମାନ ବାବୁ ସଭା ପରିଚାଳନା କରିଥିଲେ। ପରେ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ମଧ୍ୟରେ ବକ୍ତୃତା, ଏକକ କଣ୍ଠସଙ୍ଗୀତ, ଦଳଗତ ନୃତ୍ୟ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ପ୍ରଶାସନ) ପ୍ରମୋଦ ଖୀଲୋ ଯୋଗଦେଇଥିଲେ। ଜିଲାସ୍ତରୀୟ ମହକ କାର୍ଯ୍ୟକ୍ରମ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅନ୍ତେବାସୀ ରାଜ୍ୟସ୍ତରୀୟ ମହକ କାର୍ଯ୍ୟକ୍ରମରେ ଯୋଗଦେବେ। ରାଜ୍ୟସ୍ତରରେ ପୁରସ୍କାର ବିଜେତାଙ୍କୁ ଆର୍ଥିକ ପୁରସ୍କାର ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ପ୍ରଦାନ କରାଯିବ ବୋଲି ଶିଶୁ ମଙ୍ଗଳ ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ପ୍ରତୀକ ପଟ୍ଟନାୟକ, ଶୁଭାଶିଷ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ଜୟଶ୍ରୀ ପାଣି ଓ ଅବିନାଶ ତ୍ରିପାଠୀ ସହଯୋଗ କରିଥିଲେ।

# ଚକଡ଼ା କ୍ଷତିଗ୍ରସ୍ତ ଚାଷୀଙ୍କ ସମୂହ ରାଲି



ଚକଡା କ୍ଷତିଗ୍ରସ୍ତ ଚାଷୀଙ୍କ ରାଲି ଓ ତହସିଲଦାରଙ୍କୁ ଦାବିପତ୍ର।

## କ୍ଷତିପୂରଣ ଦାବିରେ ତହସିଲଦାରଙ୍କୁ ଦାବିପତ୍ର

କୋକସରା,୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ ଚକଡ଼ା ରୋଗ ଲାଗି ସବୁ ନଷ୍ଟ ହୋଇଯାଇଛି। ଏହି ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ସୋମବାର ଏହି ବ୍ଲକ ବରାଡଙ୍ଗା ପଞ୍ଚାୟତର ସିଉନି ଗ୍ରାମର ଜଣେ ଚାଷୀ ନିଜ ଫସଲରେ ନିଆଁ ଲଗେଇ ଦେଇଥିବା ଜଣାପଡ଼ିଛି। ଏହାକୁ ନେଇ ବୁଧବାର କୋକସରା ବ୍ଲକ କୃଷି ଓ କୃଷକ ସମିତି ସଙ୍ଗଠନ ଆବାହକ ଲକ୍ଷ୍ମୀକାନ୍ତ ବାଗଙ୍କ ନେତୃତ୍ୱରେ ବ୍ଲକ ବିଭିନ୍ନ ପଞ୍ଚାୟତର ଚକଡ଼ା କ୍ଷତିଗ୍ରସ୍ତ ଚାଷୀ ସମୂହଙ୍କ ବଡ଼ଧରଣର ରାଲି କରାଯାଇଛି। ଏଥିସହ କ୍ଷତିପୂରଣ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, କୋକସରା ବ୍ଲକର ୮ଟି ପଞ୍ଚାୟତ ବରାଡୋଙ୍ଗା, କାଉଡୋଳା, ଲଡୁଗାଁ, କୋକସରା, ମାଝିଗୁଡା, ବଡ଼ପୋ ଗମ୍ଭାରୀଗୁଡା, ଟେମରା ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମି ଏବେ ଚକଡ଼ା ରୋଗରେ ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି। ଚକଡ଼ା ରୋଗ ପ୍ରାଦୁର୍ଭାବ କାରଣରୁ ବ୍ଲକର ଶହ ଶହ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଇଛି। ସେମାନଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବିପତ୍ର କୋକସରା ତହସିଲଦାର ଦେବବ୍ରତ କରାଟିଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଚାଷୀ ସୋମନାଥ ବାଗ, କାମଦେବ ମାଝି, ପଦ୍ମଲୋଚନ ନାଏକ, ମନୁ ମାଝି, ଝସ କେତନ ସରାବୁ ଅନିରୁଦ୍ଧ ରଣା,ଲୋକନାଥ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ଧନେଶ୍ୱର ନାଏକ, ହରିଶ୍ଚନ୍ଦ୍ର ବାରିକ, ଫକୀର ଭଇଁସାଲ, ଅଭି ବେହେରା, ତାରାଚନ୍ଦ ମାଝି, ଚିତ୍ତରଞ୍ଜନ ଧଙ୍ଗଡା ମାଝି, ରବି ବେଶ୍ରା, ନବୀନ କୁମାର ବେହେରା, ନରେନ୍ଦ୍ର ଠାକୁର ସମେତ ଶତାଧିକ ଚାଷୀମାନେ ଉପସ୍ଥିତ ରହିଥିଲେ।

# କୁମାରସ୍ୱାମୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ରୁପ୍ରାରୋଡ,୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବୁଢ଼ୀପଦରସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସଭାଗୃହଠାରେ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝିଙ୍କ ଅଧକ୍ଷତାରେ ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡିସେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ୩୦ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ପାଳନ ନେଇ ନିଷ୍ପତ୍ତି ହୋଇଥିଲା। ପ୍ରତିବର୍ଷ ପରି ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିରି ହୋଇଛି। ଅତି କମ ଦିନ ମଧ୍ୟରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ଦେବଗିରି ସମ୍ମାନ ସହ ଦେବଗିରି ଯୁବସମ୍ମାନ, ଦେବଗିରି ସାହିତ୍ୟ ସମ୍ମାନ, ଦେବଗିରି ଲୋକକଳା ସମ୍ମାନ, ଦେବଗିରି ସାମ୍ବାଦିକତା ସମ୍ମାନ, ଦେବଗିରି କୃଷି ସମ୍ମାନ, ଦେବଗିରି ସମାଜସେବା ସମ୍ମାନ, ଦେବଗିରି ଶିଳ୍ପୀ ସମ୍ମାନ, ଦେବଗିରି ଶିକ୍ଷା ସମ୍ମାନ, ଦେବଗିରି ନାଟ୍ୟ ସମ୍ମାନ, ଦେବଗିରି ଦେଶସେବା ସମ୍ମାନ ଆଦି ଘୋଷଣା କରାଯିବ ବୋଲି ଅନୁଷ୍ଠାନ ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝି ସୂଚନା ଦେଇଛନ୍ତି। ଅନୁଷ୍ଠାନ ଯୁଗ୍ମ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝି, କ୍ରୀଡ଼ା ସମ୍ପାଦକ ଅନିଲ କୁମାର ଧଙ୍ଗଡ଼ାମାଝି ଓ ଅନୁଷ୍ଠାନ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧକ୍ଷ ଜୟଦ୍ରଥ ଜାଲ ଧନ୍ୟବାଦ ଦେଇଥିଲେ।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସଚେତନତା ରଥ ପରିକ୍ରମା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କେସିଙ୍ଗା,୯।୧୧(ଡି.ଏନ.ଏ.)

ଡିସେମ୍ବର ୪ ତାରିଖରେ କଳାହାଣ୍ଡି ଜିଲା ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଶତବାର୍ଷିକୀ ଉତ୍ସବ ପାଳନ ସହିତ ରୁପ୍ରାରେ ନବନିର୍ମିତ ଇଷ୍ଟଦେବୀ ଶ୍ରୀ ଶ୍ରୀ ଚଣ୍ଡୀ ସମଲାଇଙ୍କ ମନ୍ଦିର ପ୍ରତିଷ୍ଠା କରାଯିବ। ଏହି ଉପଲକ୍ଷେ ଇଷ୍ଟଦେବୀ ମା' ଶ୍ରୀ ଶ୍ରୀ ଚଣ୍ଡୀ ସମଲାଇଙ୍କ ଭ୍ରାମ୍ୟମାଣ ରଥ କେସିଙ୍ଗା, କର୍ଲାମୁଣ୍ଡା, ମ.ରାମପୁର ଓ ନର୍ଲା ବ୍ଲକର ୧୦୪ଟି ଗ୍ରାମ ଏବଂ ପଡ଼ା ପରିକ୍ରମା କରିବ। ବୁଧବାରଠାରୁ ଇଷ୍ଟଦେବୀ ମା' ଶ୍ରୀ ଶ୍ରୀ ଚଣ୍ଡୀ ସମଲାଇଙ୍କ ଭ୍ରାମ୍ୟମାଣ ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଅନୁଯାୟୀ ଭ୍ରାମ୍ୟମାଣ ସଚେତନତା ରଥ ବୁଧବାର ସକାଳୁ ରୁପ୍ରା ଗ୍ରାମରୁ ବାହାରି ବଗାଡ ଗ୍ରାମରେ ପହଞ୍ଚିଥିଲା। ବଗାଡରେ ବେହେରା ଜିତେନ୍ଦ୍ର ସାହୁଙ୍କ ଘରେ ଇଷ୍ଟଦେବୀ ମା' ଶ୍ରୀ ଶ୍ରୀ ଚଣ୍ଡୀ ସମଲାଇଙ୍କୁ ପୂଜାର୍ଚ୍ଚନା କରାଯାଇ ରଥାରୂଢ଼ କରାଯାଇଥିଲା। ବଗାଡ ମଣ୍ଡଳ ସଭାପତି ଯୁବରାଜ ସାହୁଙ୍କ ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେଗୀ କୋଦଣ୍ଡ ସାହୁ, ଜିଲା ଉପସଭାପତି ଭରତ ସାହୁ, ଅକୃର ସାହୁ, ଜିଲା ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ, କେସିଙ୍ଗା ବ୍ଲକ ସଭାପତି ଚକ୍ରଧର ସାହୁ, ସମ୍ପାଦକ ସୁଲପାଣି ସାହୁ, ନର୍ଲା ବ୍ଲକ ସଭାପତି ରବିନ୍ଦ୍ରନାଥ ସାହୁ, ବଗାଡ ମଣ୍ଡଳ ସମ୍ପାଦକ ହେମନ୍ତ ସାହୁ, ବଗାଡ ଗ୍ରାମ୍ୟ କମିଟି ସଭାପତି ନର ସାହୁ, ସମ୍ପାଦକ ବିଭୀଷଣ ସାହୁ, ବାଲସି ମଣ୍ଡଳୀରୁ ଫକୀର ସାହୁ, ରୁପ୍ରା ମଣ୍ଡଳରୁ ବନମାଳୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ଦିନରେ ରଥ ବଗାଡ ମଣ୍ଡଳର ସମସ୍ତ ଗ୍ରାମ ସହିତ ବାଲସି ମଣ୍ଡଳ ଗ୍ରାମଗୁଡ଼ିକ ପରିକ୍ରମା କରିବ। ମାର୍ଗଶିର ପ୍ରଥମ ପାଳି ପଡୁଥିବାରୁ ୧୦ ତାରିଖରେ ରଥ ପରିକ୍ରମା ସ୍ଥଗିତ ରଖାଯାଇଛି। ୧୧ରୁ ୧୬ ତାରିଖ ମଧ୍ୟରେ ସମସ୍ତ ଗ୍ରାମ ଓ ପଡ଼ାକୁ ଭ୍ରାମ୍ୟମାଣ ରଥ ପରିକ୍ରମା କରି ଶେଷରେ ରୁପ୍ରା ଗ୍ରାମରେ ପହଞ୍ଚିବ ବୋଲି ଜଣାପଡ଼ିଛି।

# ସିନାପାଲିରେ ମାଣ୍ଡିଆ ରଥ ପରିକ୍ରମା

ସିନାପାଲି,୯।୧୧(ଡି.ଏନ.ଏ.)


ମାଣ୍ଡିଆ ସଚେତନତା ରଥ ସିନାପାଲିରେ ପହଞ୍ଚିଛି।

ଗୁରୁବାର ରାଜ୍ୟରେ ପ୍ରଥମ ଥର ପାଇଁ ମାଣ୍ଡିଆ ଦିବସ ପାଳନ କରାଯିବାକୁ ଥିବା ବେଳେ ଏ ନେଇ ସ୍ଥାନୀୟ କୃଷି ବିଭାଗ ପକ୍ଷରୁ ଏକ ସଚେତନତା ରଥ ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତକୁ ପରିକ୍ରମା କରୁଛି। ଏହି ରଥକୁ କୃଷି ଅଧିକାରୀ ସୁଧାଂଶୁ ଶେଖର ମେହେର ପତକା ଦେଖାଇ ମଙ୍ଗଳବାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଟିଏମ ଅରୁଣ ଧାକ ସହ ଓ ମିଲେଟ ମିଶନର ବ୍ଲକ ସଂଯୋଜକ ରାହୁଲ କୁମାର ମେହେର, ସହସଂଯୋଜକ ରଘୁନାଥ କାଣ୍ଡ, ହିସାବ ରକ୍ଷକ ଦିନେଶ କୁମାର ରଣା, ନୀଳମଣି ସା ପ୍ରମୁଖ ଉପସ୍ଥିତ ଥିଲେ। ମାଣ୍ଡିଆ ଭଳି ପାରମ୍ପରିକ ଶସ୍ୟର ଔଷଧିୟ ଗୁଣ ଏବଂ ଏହାର ଉପକାରିତା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରିବା ସହ ଏହି ଖାଦ୍ୟର ବ୍ୟାବହାର ନିମନ୍ତେ ଜନସଚେତନତା ସୃଷ୍ଟି କରିବା ମାଣ୍ଡିଆ ରଥ ପରିକ୍ରମା ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ

## ଉପଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା,୯।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା ରିଫାଇନାରି ପ୍ରକଳ୍ପ ଦ୍ୱାରା ଜମି ହରାଇଥିବା କ୍ଷତିଗ୍ରସ୍ତମାନେ ବୁଧବାର ଭବାନୀପାଟଣା ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୁନଃ ଥଇଥାନ ଓ ବାସନିତୀ ଅଧୀନରେ ଜମି ହରାଇଥିବା ଲୋକଙ୍କୁ କିଭଳି ଭାବେ ସରକାର ଓ କମ୍ପାନୀ ଥଇଥାନ କରିବେ ସେ ନେଇ ଦାବିରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଗତ ୨୦୦୬ରେ ଜମି ଅଧିଗ୍ରହଣ ନାରେ ସରକାର କମ ଟଙ୍କା ଦରରେ ସ୍ଥାନୀୟ ଲୋକଙ୍କ ଜମି, ଘରଡିହ ନେଇଯାଇଥିଲେ। ଏପରିକି ଉକ୍ତ ସମୟରେ ସେମାନଙ୍କୁ ବିସ୍ଥାପିତ କରାଯିବ ବୋଲି ସ୍ଥାନୀୟ ଛତ୍ରପୁର ପଞ୍ଚାୟତରେ ଗ୍ରାମସଭାରେ ପ୍ରତିଶ୍ରୁତି ମଧ ଦେଇଥିଲେ। ହେଲେ ଅଦ୍ୟାବଧି ପ୍ରତିଶ୍ରୁତି ପାଳନ କରାଯାଇନାହିଁ ବୋଲି କ୍ଷତିଗ୍ରସ୍ତ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ମରିବୁ ପଛେ ଭିଟାମାଟିଛାଡିବୁନାହିଁବୋଲିକହିଛନ୍ତି। ଏଥିରେ ଲାଞ୍ଜିଗଡ ବ୍ଲକର ରଘୁନାଥପୁର, ମଙ୍ଗଳବେଡା ଓ ହରେକୃଷ୍ଣପୁର ଆଦି ଗ୍ରାମବାସୀ ସାମିଲ ହୋଇଥିଲେ।


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କ୍ଷତିଗ୍ରସ୍ତ ଜମିହରା।

# ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୯।୧୧


ଭୋଟର ତାଲିକା ସଂଶୋଧନ ବୈଠକରେ ଉପସ୍ଥିତ ଅତିଥି।

ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩କୁ ନେଇ ନୂଆପଡା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକରେ ଜିଲାପାଳ ହେମାକାନ୍ତ ସାଏ, ଉପ ଜିଲାପାଳ ରାମଚନ୍ଦ୍ର ଖାଡିଆ, ଜାତୀୟ କଂଗ୍ରେସ ପ୍ରତିନିଧି ଦେବଦତ ଦିକ୍ଷୀତ, ବହୁଜନ ସମାଜ ପାର୍ଟି ପ୍ରତିନିଧି କୁନ୍ତି ସାହୁ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଜିଲାରେ ଭୋଟର କାର୍ଡ ସହ ଆଧାର କାର୍ଡ ଲିଙ୍କ ପ୍ରକ୍ରିୟା ପ୍ରାୟ ୮୦ ପ୍ରତିଶତ ଶେଷ ହୋଇ ସାରିଛି। ଯାହାକି ମୁଖ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ୭୫ ପ୍ରତିଶତ ଲକ୍ଷ୍ୟ ରଖାଯାଇଛି ବୋଲି ଜଣାଇଥିଲେ। ଭୋଟର ତାଲିକା ପ୍ରସ୍ତୁତିରେ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ମୁତାବକ ଫର୍ମ ୬ରେ ନିଜନାମ ପଞ୍ଜୀକରଣ କରିବା ସହ ଫର୍ମ ୬ (ଖ)ରେ ନିଜ ଭୋଟର କାର୍ଡ ସହ ଆଧାର କାର୍ଡକୁ ଲିଙ୍କ କରି ପାରିବେ। ସେହିପରି ଆଜିକାଲି ଇଂଟରନେଟ ଯୁଗ ହୋଇଥିବାରୁ ଭୋଟର ହେଲ୍ପ ଲାଇନ, ମୋବାଇଲ ଆପ ଜରିଆରେ ମଧ୍ୟ କରି ପାରିବେ। ୧୭ ବର୍ଷର ଯୁବତୀ, ଯୁବକମାନେ ଆଗୁଆ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ ପାଇଁ ଆବେଦନ କରି ପାରିବେ। ପୂର୍ବରୁ ଜାନୁୟାରୀ ୧ରେ ୧୮ବର୍ଷ ପୂରଣ ହେଲେ ଭୋଟର ତାଲିକା ପାଇଁ ପଞ୍ଜୀକରଣ ପାଇଁ ଆବେଦନ କରି ପାରୁଥିଲେ। କିନ୍ତୁ ଏହି ସଂଶୋଧରେ ୧୮ ବର୍ଷ ପୂରଣ ପାଇଁ ବର୍ଷର ୪ଟି ତାରିଖ ଧାର୍ଯ୍ୟ କରାଯାଇଛି। ଜାନୁୟାରୀ ୧, ଏପ୍ରେଲ ୧, ଜୁଲାଇ ୧ ଓ ଅକ୍ଟୋବର ୧। ଏହି ତାରିଖରେ ୧୮ ବର୍ଷ ପୂରଣ ହେଉଛି। ତେବେ ସେ ଆଗୁଆ ମଧ୍ୟ ନିଜ ନାମ ପଞ୍ଜୀକରଣ ପାଇଁ ଆବେଦନ କରି ପାରିବେ। ଏହା ବ୍ୟତିତ୍ୱ ନଭେମ୍ବର ମାସର ୧୨,୧୩, ୨୬ ଓ ୨୭ ତାରିଖରେ ନିଜ ବୁଥକୁ ଯାଇ ଭୋଟର ତାଲିକା ସଂକ୍ରାନ୍ତିୟ କାର୍ଯ୍ୟ କରି ପାରିବେ। ଏହି ଦିନରେ ପ୍ରତ୍ୟେକ ବୁଥରେ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମ ୯ ନଭେମ୍ବରରୁ ୮ ଡିସେମ୍ବର ୨୦୨୨ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲାପାଳ ସାଏ ସୂଚନା ଦେଇଛନ୍ତ। ଜିଲାପାଳ ପ୍ରତିନିଧି ପ୍ରିୟଦର୍ଶନୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଅତାବିରା,୯।୧୧(ଡି.ଏନ.ଏ):** ବରଗଡ଼ ଜିଲା ଗୋଡ଼ଭଗା-ଡୁରୁମ ରାସ୍ତାର ଗଣ୍ଡଡୁରୁମ ଓ ଅରିଗାଁ ମଝିରେ ଥିବା ଜିରା ବ୍ରିଜ ଉପରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ଗୋଟିଏ କାର୍ (ନଂ.ଓଡ଼ି୦୨ବିଏମ/୧୯୨୭) ଓ ଅନ୍ୟ ଏକ ବାଇକ୍ (ନଂ.ଓଡ଼ି୧୯ଜେ/୬୮୫୩) ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଭେଡ଼େନ ଥାନା ରୁଖୁଡ଼ା ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ମୃତଦେହକୁ ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ପୋଲିସ ସୂଚନା ଦେଇଛି।

### ଆଜିଠୁ ଇଚ୍ଛୁକ ଖେଳାଳିଙ୍କ ରେଜିଷ୍ଟ୍ରେଶନ

**ବରଗଡ଼ ଅଫିସ୍,୯।୧୧:** ବରଗଡ଼ ଜିଲା ଜୁନିୟର ୧୪ରୁ ୧୯ବର୍ଷ ବୟସ ବର୍ଗ କ୍ରିକେଟ ପ୍ରତିଯୋଗିତା ପାଇଁ ଗୁରୁବାରଠାରୁ ରେଜିଷ୍ଟ୍ରେଶନ ଆରମ୍ଭ ହେବ ବୋଲି ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି । ୧୪ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିମାନେ ଏହି ପ୍ରତିଯୋଗିତା ପାଇଁ ଆବେଦନ କରି ପାରିବେନାହିଁ । ଇଚ୍ଛୁକ ଖେଳାଳିମାନେ ନିଜ ଜନ୍ମଗତ ପ୍ରମାଣପତ୍ର, ଆଧାର କାର୍ଡ଼, ସ୍କୁଲ ପରିଚୟ ପତ୍ର ଆଦି ସହିତ ଏଥିପାଇଁ ଆବେଦନ କରିପାରିବେ ବୋଲି ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା ଜଣାଇଛନ୍ତି ।

### ପୂର୍ବତନ ପରିବହନ କର୍ମଚାରୀଙ୍କ ପରଲୋକ

**ବରଗଡ଼ ଅଫିସ୍,୯।୧୧:** ବରଗଡ଼ ବ୍ଲକ ଧାଙ୍ଗେର ନିବାସୀ ପୂର୍ବତନ ପରିବହନ



କର୍ମଚାରୀ ଲାଲସାହେବ ଦାଶଙ୍କ ବୁଧବାର ପରଲୋକ ହୋଇଛି। ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ୮୩ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି । ପୁଅ ଗୌଡ଼େଶ୍ୱର ମୁଖାଗ୍ନି ଦେଇଥିଲେ।

### ପୂର୍ବତନ ମହିଳା କାଉନସିଲରଙ୍କ ପରଲୋକ

**ବରଗଡ଼ ଅଫିସ୍,୯।୧୧:** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୫ର ପୂର୍ବତନ କାଉନସିଲର



ସେବତୀ ବିଶିଙ୍କ ମଙ୍ଗଳବାର ପରଲୋକ ହୋଇଛି। ସ୍ୱର୍ଗତା ବିଶି ୧୯୯୮ରେ ଜନତା ଦଳରୁ ପ୍ରାର୍ଥିନୀ ହୋଇ କାଉନସିଲର ନିର୍ବାଚିତ ହୋଇଥିଲେ। ତାଙ୍କ ପରଲୋକରେ ବିଜେଡ଼ିର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, କାଉନସିଲର ଅକ୍ରୁର ବାରିକ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ବିଜେଡ଼ି ନଗର ସଭାପତି କିଶୋର ମିଶ୍ର, ଜାପାନ ମହାପାତ୍ର ପ୍ରମୁଖ ଶୋକପ୍ରକାଶ କରିବା ସହିତ ଶେଷଦର୍ଶନ କରିଥିଲେ। ବଡ଼ପୁଅ ଭୁବନେଶ୍ୱର ମୁଖାଗ୍ନି ଦେଇଥିଲେ।

# ଠିକା କର୍ମଚାରୀଙ୍କ ଧାରଣା, ବିକ୍ଷୋଭ

**ବରଗଡ଼ ଅଫିସ୍,୯।୧୧**

ଚାକିରିକୁ ନିୟମିତ କରିବା ଦାବି ନେଇ ବୁଧବାର ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ମହାସଂଘର ପ୍ରତିନିଧିମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସୋସାଇଟି ଅଧୀନରେ ଠିକା କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି। ସେମାନେ ନିରବଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି।



ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ସ୍ୱାସ୍ଥ୍ୟ ଠିକା କର୍ମଚାରୀଙ୍କ ଧାରଣା ।

ତେବେ ଗତ ମାସରେ ରାଜ୍ୟ ସରକାର ଠିକା କର୍ମଚାରୀ ପ୍ରଥା ଉଚ୍ଛେଦ କରିଥିଲେ ସୁଦ୍ଧା ଏଥିରେ ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀଙ୍କୁ ବାଦ୍ ଦିଆଯାଇଛି । ଏହାକୁ ନେଇ ସ୍ୱାସ୍ଥ୍ୟ ଠିକା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀମାନେ ବରଗଡ଼ ପୁରୁଣା ଡାକ୍ତରଖାନାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସକୁ ଯାଇ ସେଠାରେ ଧାରଣା, ବିକ୍ଷୋଭ ପ୍ରଦର୍ଶନ ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୧ତାରିଖ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ନିୟମିତ ଘୋଷଣା କରା ନ ଗଲେ ମହାସଂଘ ଏହାର ପ୍ରତିବାଦ କରିବ। ସମସ୍ତ କର୍ମଚାରୀ ହଳଦିଆ ବ୍ୟାଚ୍ ପିନ୍ଧି କାର୍ଯ୍ୟରେ ସରକାରଙ୍କୁ ଅସହଯୋଗ କରିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ମହାସଂଘର ବରଗଡ଼ ଜିଲା ସଭାପତି ଡା. ସୁଦୀପ୍ତ କୁମାର ସାହୁ, ସମ୍ପାଦକ ବେଦବ୍ୟାସ ହୋତାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ରାଜେନ୍ଦ୍ର ପଣ୍ଡା ସ୍ମୃତି କମିଟିର ପ୍ରସ୍ତୁତି ବୈଠକ

**ବିନିକା, ୯।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହର ୱାର୍ଡ ନଂ ୧୦ରେ ବୁଧବାର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ୮୧ତମ ଜୟନ୍ତୀ ପାଇଁ ଆସନ୍ତା ୧୪ତାରିଖରେ ପାଳନ କରାଯିବ। ଏଥିପାଇଁ ସ୍ମୃତି କମିଟି ପ୍ରତିଷ୍ଠାତା ରାମ ଗୋପାଳ ବାଘଙ୍କ ସଭାପତିତ୍ୱରେ ଏକ ବୈଠକ ଉର୍ଲେ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଛି । ଉକ୍ତ ଦିନ ଚକ୍ଷୁ ପରୀକ୍ଷା ଶିବିର, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଅସହାୟଙ୍କୁ ଶୀତବସ୍ତ୍ର ବିତରଣ, ଛାତ୍ରୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ, ୨୦ ସାମାଜିକ କର୍ମୀ, ସାମାଜିକ ଅନୁଷ୍ଠାନ, କଳାକାର, ସାମ୍ବାଦିକଙ୍କୁ ସମ୍ମାନୀତ କରିବା ପାଇଁ ନିଷ୍ପତି ହୋଇଛି। ବୈଠକରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ସମାରୁ ବାଘ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମଞ୍ଚ ସୁରଭି

**ବରଗଡ଼ ଅଫିସ, ୯।୧୧**

**ବରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ**

ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମଞ୍ଚ ହେଉଛି ସୁରଭି। ଏହି ମଞ୍ଚ ମାଧ୍ୟମରେ ଶିଶୁମାନଙ୍କ ଭିତରେ ରହିଥିବା କଳା, ସାହିତ୍ୟ, ସଂସ୍କୃତିର ପରିପ୍ରକାଶ ସମ୍ଭବ ହୋଇଥାଏ ବୋଲି ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବୁଧବାର ଆୟୋଜିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ ମତପ୍ରକାଶ କରିଛନ୍ତି । ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୁକ୍କାୟିତ ପ୍ରତିଭାର ସୌରଭ ଏହି ମଞ୍ଚରୁ ହିଁ ସୁରଭିତ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ପଦ୍ମପୁର ବ୍ଲକ ଶିକ୍ଷାଧିକାରୀ କାଳିଚରଣ ଦୁବେ, ବିଜେପୁର ବ୍ଲକ ଶିକ୍ଷାଧିକାରୀ ସୁରେଶ ରାଉତରାୟ, ଭେଡେନ ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପରିନିତା ମିଶ୍ର, ପୂଜା ସା, ରେଣୁକା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାରେ ଚାଲିଥିବା ଏଫ୍.ଏଲ୍.ଏନ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ପରିଚାଳନାରେ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ବିବେକା ଅଦବାର, ସୁଶାନ୍ତ ଭୋଇ, ଗୋବିନ୍ଦ ସେଟ, ସଦାନନ୍ଦ ଜାଲ, ଡ଼ଃ ଡୋଲାମଣି ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଆସନ୍ତା ୧୩ ତାରିଖରେ ବରଗଡ଼ରୁ ଭୁବନେଶ୍ୱର ଯିବେ ବୋଲି ଜିଲା ଶିକ୍ଷା ଭିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।




ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ୨୦ରୁ ବରଗଡ ପୁସ୍ତକ ମେଳା



ପୁସ୍ତକ ମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା, ସଦସ୍ୟବୃନ୍ଦ ।

**ବରଗଡ଼ ଅଫିସ୍,୯।୧୧**

ବରଗଡ ପୁସ୍ତକ ମେଳା ଆସନ୍ତା ୨୦ ତାରିଖରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ଖେଳ ପଡିଆରେ ଆରମ୍ଭ ହେବ। ଏହି ପୁସ୍ତକ ମେଳା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଧବାର ବରଗଡ଼ ଗାନ୍ଧୀ ଭବନଠାରେ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ତଥା ପୂର୍ବତନ ବିଧାୟକ ବିମ୍ବାଧର କୁଁଅରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୁସ୍ତକ ମେଳାର ସଫଳ ଆୟୋଜନ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏଥିରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। କରୋନା ଯୋଗୁ ୨ବର୍ଷ ପରେ ଆରମ୍ଭ ହେଉଥିବା ଏହି ମେଳାକୁ ଉଚ୍ଚକୋଟୀର କରାଯିବାକୁ ମତ ପ୍ରକାଶ ପାଇଥିଲା। ଉଦଯାପନୀ ଉତ୍ସବରେ ଅତିଥି ବକ୍ତା ଭାବେ ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଗାନ୍ଧୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି। ପୁସ୍ତକ ମେଳାରେ ଦିଆଯିବାକୁ ଥିବା ବିଭିନ୍ନ ମେଧା ସମ୍ମାନ, ସ୍ମୃତି ସମ୍ମାନ ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ବିଷୟରେ ହେବାକୁ ଥିବା ଆଲୋଚନାଚକ୍ର, ହାସ୍ୟକବି ସମ୍ମିଳନୀ, ସ୍କୁଲ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପସଭାପତି ପ୍ରଦୀପ ହୋତା, ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡା, କୋଷାଧ୍ୟକ୍ଷ ଅନୁପ ଦର୍ଜି, ସହ ସମ୍ପାଦକ ହୃଷିକେଶ ଦାଶ, ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ, ଅଶୋକ କୁମାର ଯୋଶୀ, ପତିତପାବନ ସାହୁ, ଗୌରୀଶଙ୍କର ପଣ୍ଡା, ରବି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକ ଅରୁଣ ରାଏଙ୍କ ପରଲୋକ

**ଅମରପାଲି,୯।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର କ୍ଲଷ୍ଟର ଗୌଡଗାଡ ୟୁପି ସ୍କୁଲର ସହକାରୀ ଶିକ୍ଷକ ତଥା ଦୁର୍ଜନଟେିଲା କ୍ଲଷ୍ଟରର ପୂର୍ବତନ ସିଆରସିସି



ଅରୁଣ କୁମାର ରାଏ(୪୨)ଙ୍କ ବୁଧୁବାରପରଲୋକ ହୋଇଯାଇଛି। ସେ ବହଲପଦର ପଞ୍ଚାୟତ ଅନ୍ତର୍ଗତ ଗୁଡୁଗୁଡା ଗ୍ରାମର ବେଣୁଧର ରାଏଙ୍କ ଏକ ମାତ୍ରପୁତ୍ର। ସେ କିଛି ଦିନ ହେଲା ଲିଭର ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଗୌଡଗାଡ ସ୍କୁଲରେ ସହକାରୀ ଶିକ୍ଷକ ଥିଲେ। ପୂର୍ବରୁ ଦୁର୍ଜନଟେିଲା କ୍ଲଷ୍ଟରରେ ସିଆରସିସି ମଧ ଥିଲେ। ୨୦୦୩ ମସିହାରେ ସେ ପ୍ରଥମେ ଅମରପାଲି ୟୁପି ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି ହୋଇଥିଲେ। ଏହା ସହିତ ଅରୁଣ ଜିଲା ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ସମାଜର ମହାସଚିବ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପର ସ୍ତ୍ରୀ, ଦୁଇ ଝିଅ,ଏକମାତ୍ର ପୁଅ ଏବଂ ମାବାପା ଅଛନ୍ତି। ମୃତ୍ୟୁ ଖବର ପାଇ ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ମୁର୍ଛୁଣ୍ଡିର ପୂର୍ବତନ ସରପଞ୍ଚ ରୀନା ପୁଟା, ଜିଲା ପରିଷଦ ସଭ୍ୟ ଚନ୍ଦ୍ରକାନ୍ତି ଦନ୍ତା, ଗଣ୍ଡୱାନା ଗୋଣ୍ଡ ସମାଜର ଜିଲା ସଭାନେତ୍ରୀ ଗୌରୀ କୁମୁରା, ଅମରପାଲି ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇ, ଖଣ୍ଡହତା ୟୁପି ସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ନାଏକ, ବହଲପଦର ୟୁପି ସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷକ ପ୍ରାଣବନ୍ଧୁ ସାହୁ ରାଏଙ୍କ ଶେଷ ଦର୍ଶନ କରିଥିଲେ।

# ବରଗଡ଼ ଧନୁଯାତ୍ରା: ଆଜି କଂସ ଚୟନ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ କଳାକାର ଚୟନରେ ବୁଧବାର ଅଡ଼ିଶନର ଦ୍ୱିତୀୟ ଦିବସ ଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ହଲରେ ଚାଲିଥିବା ଏହି ପ୍ରକ୍ରିୟାରେ ଚାଣୁର, ମୁଷ୍ଟିକ, ମହାମନ୍ତ୍ରୀ, ଅକ୍ରୁର, ସାତ୍ୟକୀ ଚରିତ୍ର ପାଇଁ ଆଶାୟୀ କଳାକାରଙ୍କ ଅଡ଼ିଶନ ହୋଇଥିଲା। ଚାଣୁର ଚରିତ୍ର ପାଇଁ ୧୯ଜଣଙ୍କ ମଧ୍ୟରୁ ୧୦ଆଶାୟୀ ଅଡ଼ିଶନରେ ଭାଗ ନେଇଥିଲେ। ସେହିପରି ମୁଷ୍ଟିକରେ ୧୦ରୁ ୮, ମହାମନ୍ତ୍ରୀରେ ୨୨ରୁ ୧୯, ଅକ୍ରୁର ପାଇଁ ୧୭ରୁ ୧୨ ଏବଂ ସାତ୍ୟକୀ ପାଇଁ ୧୦ରୁ ୫ଜଣ ଆଶାୟୀ କଳାକାର ଭାଗ ନେଇଥିଲେ। ଗୁରୁବାର କଂସ ଚରିତ୍ର ପାଇଁ ଆଶାୟୀ କଳାକାରମାନେ ଅଡ଼ିଶନରେ ଭାଗ ନେବେ। କଂସ ଚରିତ୍ର ପାଇଁ ସର୍ବାଧିକ ୫୬ଜଣ ଆଶାୟୀ ରହିଛନ୍ତି । ତେବେ ସେମାନଙ୍କ ମଧ୍ୟରୁ କେଉଁ ଆଶାୟୀ କଳାକାରଙ୍କ କଳା, ଅଭିନୟ ବିଚାରକଙ୍କ ମନକୁ ଛୁଇଁବ ଏବଂ କାହା ଭାଗ୍ୟରେ ଏଥର କଂସ ଅଭିନୟ ସୁଯୋଗ ଜୁଟିବ, ତାହା ଗୁରୁବାର ହେବାକୁ ଥିବା ଅଡ଼ିଶନ ଫଳାଫଳ ଘୋଷଣା ପରେ ଜଣାପଡ଼ିବ। ଚୟନ ପ୍ରକ୍ରିୟାରେ କଳାହାଣ୍ଡିର ପ୍ରଦୀପ ଡି. ମାଝି, ବଲାଙ୍ଗୀରର ଜମାଲ ଖାଁ, ସମ୍ବଲପୁରର ବ୍ରଜେନ୍ଦ୍ର ନାୟକ, ଦେବଗଡ଼ର ହେମନ୍ତ ମହାପାତ୍ର, ବରଗଡ଼ର ଲିଟୁ ମହାନ୍ତି, ବିଜେପୁରର ଶିବଲାଲ ସାଗର, ପଦ୍ମପୁରର ଅଶୋକ ବହିଦାର ବିଚାରକ ଭାବେ ଯୋଗଦାନ କରୁଛନ୍ତି।



ଅଡ଼ିଶନରେ ଭାଗ ନେଇଥିବା ଜଣେ କଳାକାର ।

# ଆପ୍‌ର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ରେ ବୁଧବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ବିଧାନସଭାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଦଳର ୬୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ପଞ୍ଚାୟତ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା, ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଦେବା ଦସ୍ତଖତ ଅଭିଯାନ ଉପରେ ଆଲୋଚନା ହୋଇଥିଲା। ଦିଲ୍ଲୀ ଓ ପଞ୍ଜାବରେ ଆପ୍ ସରକାରଙ୍କ ଉପଲବ୍ଧି ଏବଂ ଓଡ଼ିଶାରେ ବିକଳ୍ପ ରାଜନୀତିର ଆବଶ୍ୟକତା ସମ୍ପର୍କରେ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆପ୍‌ର ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ପୌଲସ୍ତ୍ୟ ସାହା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମରିୟମ ବାର୍ଲା, ଜିଲା ଯୁବ ସଂଯୋଜକ ଅବିନାଶ ବାଗ ପ୍ରମୁଖ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଆପ୍‌ର ଜୋନ୍‌ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ସ୍କୁଲରୁ ଏମଡିଏମ ଚାଉଳ, ଟିଭି ଚୋରି

**ଉଲୁଣ୍ଡା, ୯।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟିଖାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଏମଡିଏମ୍ ଚାଉଳ ଓ ଏଲଇଡି ଟିଭି ଚୋରି ହୋଇଛି। ଶ୍ରେଣୀ କୋଠରିର ତାଲା ଭାଙ୍ଗି ୨୦ ବସ୍ତା ଏମଡିଏମ ଚାଉଳ ଚୋରି ହୋଇଥିବା ଥାନାରେ ପ୍ରଧାନଶିକ୍ଷକ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଉପନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ଜିଲା ପଦ୍ମପୁର ଉପନିବାଚନ ଆସନ୍ତା ଡିସେମ୍ବର ୫ତାରିଖରେ ଅନୁଷ୍ଠିତ ହେବ। ଉପନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶୃଙ୍ଖଳିତ ଭାବେ ସମାପନ କରିବାକୁ ପ୍ରଶାସନିକ ସ୍ତରରେ ଏବେଠାରୁ ତତ୍ପରତା ପରିଲକ୍ଷିତ ହୋଇଛି। ଏହି କ୍ରମରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଉପନିର୍ବାଚନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱିତୀୟ ଦିନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ ପରିଚାଳନା କରିଥିଲେ। ପଦ୍ମପୁର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ତ୍ରିଲୋଚନ ପାତ୍ରଙ୍କ ସମେତ ବିଡ଼ିଓ, ତହସିଲଦାର, ବ୍ଲକ ଶିକ୍ଷାଧିକାରୀମାନେ ଯୋଗଦେଇ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟ ଉପରେ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, କୃତ୍ତିବାସ ରାଉତ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଜିଲାର ବିଭିନ୍ନ ଅଞ୍ଚଳରୁ ୧୮ଟି ହୋର୍ଡିଂ ହଟାଯାଇ ଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୮୧୬ ଲିଟର ମଦ, ୨୦୧୦ ଲିଟର ପୋଚ ନଷ୍ଟ କରାଯାଇଥିବା ସୂଚନା ଦିଆଯାଇଛି। ଏହାସହିତ ଗୋଟିଏ ବାଇକ୍ ଜବତ ହୋଇଥିବାବେଳେ ୧୦ ମାମଲା ରୁଜୁ କରି ୮ଜଣଙ୍କୁ ଗିରଫ କରାଯାଇଛି ।



ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଚାଲିଥିବା ଉପନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ।

# ଉତ୍ତମ ଲକ୍ଷ୍ୟ ଜୀବନରେ ସଫଳତା ଆଣେ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସଞ୍ଜୀବ କୁମାର ମେହେର ଏବଂ ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା ଡାଇରେକ୍ଟର ଡଃ ଅଙ୍କୁର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସୁଚିନ୍ତିତ ଉତ୍ତମ ଲକ୍ଷ୍ୟ ମନୁଷ୍ୟ ଜୀବନରେ ସଫଳତା ଆଣିବାରେ ସହାୟକ ହୋଇଥାଏ ବୋଲି ଅତିଥିବୃନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ଆକାଶ ସାୱଡ଼ିଆ, ସିଦ୍ଧାର୍ଥ ସାୱଡ଼ିଆ, ଏକାଡ଼େମିକ କୋ ଅର୍ଡ଼ିନେଟର ସୀମା ସାହୁ, ବରିଷ୍ଠ କୋ ଅର୍ଡ଼ିନେଟର ରୀତା ନାୟକ, ମମତା




ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଅନୁଷ୍ଠିତ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଅତିଥି, ଆୟୋଜକବୃନ୍ଦ ।

**କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ମତପ୍ରକାଶ**

ସିହ୍ନା, ପ୍ରତାପ ନାଏକ, ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଏକାଦଶ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅଗ୍ରୱାଲ କ୍ୟାରିୟର ବାଛିବା ସମୟରେ ସଠିକ୍ ନିର୍ଣ୍ଣୟ ନେବା ସହିତ କଠିନ ପରିଶ୍ରମ, ସମୟାନୁବର୍ତ୍ତିତା, ଗୁରୁଜନମାନଙ୍କର ମାର୍ଗଦର୍ଶନ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଭାବ ରହିବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ମୁଖ୍ୟଅତିଥି ମେହେର ପିଲାଦିନରୁ ହିଁ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିବା ଏବଂ ସେଥିପ୍ରତି ଧ୍ୟାନ ଦେଇ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ। ଅନୁଶାସନ, ନିୟମିତ ଦିନଚର୍ଯ୍ୟା ପାଳନ ଏବଂ ବିଦ୍ୟା ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଭାବ ରଖିବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଅତିଥିମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ନିଜ ଶଙ୍କା ଦୂର କରିଥିଲେ। ଏହି ଅବସରରେ ସ୍କୁଲର ଡାଇରେକ୍ଟର ପଟ୍ଟନାୟକ ଛାତ୍ରୀଛାତ୍ର କଠିନ ପରିଶ୍ରମ କରି ନିଜ ଲକ୍ଷ୍ୟ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ ବୋଲି ମତ ରଖିଥିଲେ। ସ୍କୁଲ ଚେୟାରମ୍ୟାନ ସାୱଡ଼ିଆ, ପ୍ରିନ୍ସପାଲ ସାହୁ ଏବଂ ଅତିଥିମାନଙ୍କୁ ଶୁଭେଚ୍ଛା ଜ୍ଞାପନ ସହିତ ଅତିଥିମାନେ ଦର୍ଶାଇଥିବା ବାଟରେ ଯିବାକୁ ପରାମର୍ଶ ଦେଇଥିଲେ। ସ୍କୁଲର ଏକାଡ଼େମିକ କୋ ଅର୍ଡ଼ିନେଟର ସୀମା ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଅଟୋ, ୩ ଗୁରୁତର

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ରିଷଗାଁ ନିକଟରେ ବୁଧବାର ଅପରାହ୍ନରେ ଭାରସାମ୍ୟ ହରାଇ ଏକ ଅଟୋରିକ୍ସା ଓଲଟିବାରୁ ୩ଜଣ ଗୁରୁତର ହୋଇଛନ୍ତି। ଏଥିରେ ଚାଳକଙ୍କ ସହ ୨ଜଣ ଯାତ୍ରୀ ବସିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ପରିଚୟ ମିଳିପାରିନାହିଁ। ଭବାନୀପାଟଣା ସହରର ୨ଜଣ ଯାତ୍ରୀଙ୍କୁ ନେଇ ଅଟୋ ଜୁନାଗଡ଼ ଅଞ୍ଚଳକୁ ଯାଉଥିବା ବେଳେ ରିସଗାଁ ଛକ ନିକଟରେ ଏହି ଅଘଟଣ ଘଟିଥିଲା।

## ସଂକ୍ଷେପରେ

### ସିଆରପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର

**ଲାଞ୍ଜିଗଡ,୯।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମପଞ୍ଚାୟତ ଲଡାଙ୍ଗଠାରେ ସିଆରପିଏଫ୍ ୧୨ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁଲିସ ମହାନିରୀକ୍ଷକ ଓଡିଶା ସେକ୍ଟର ସଂଗ୍ରାମ କେଶରୀ ମହାନ୍ତି ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସିଆରପିଏଫ କମାଣ୍ଡାଣ୍ଟ ମହମ୍ମଦ ସାଜିଦ ଯୋଗଦେଇ ସେନା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହ କୋମାଣ୍ଡାଣ୍ଟ ମହମ୍ମଦ ସାଜିଦ ସିଆରପିଏଫର ସିବିକା ଏକ୍ସନ ପ୍ରୋଗ୍ରାମ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲାଞ୍ଜି ସରପଞ୍ଚ ଯମୁନା ମାଝି, ମୃଷାନାଳ ଷ୍ଟେଟବ୍ୟାଙ୍କ ମେନେଜର, ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମଲ୍ଲିକ, ଡୁମ୍ବେ ମାଝି, ରବି ମାଝି, ଅର୍ଜୀବ ହରିଜନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜି ପଞ୍ଚାୟତର ୧୦ଟି ଗ୍ରାମରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଭାଗନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସିଆରପିଏଫ କମାଣ୍ଡାଣ୍ଟ ଅମିତ ସିଂ ସତପାଲ ଖଟାନା। କାର୍ଯ୍ୟକ୍ରମରେ ଯବାନମାନେ ସହଯୋଗ କରିଥିଲେ।

### ସାଧୁ ଅରବିନ୍ଦ ଦାସଙ୍କ ନିର୍ବାଣ ଉତ୍ସବ

**ବୋଡେନ,୯।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ ପାତାଳଗଙ୍ଗାସ୍ଥିତ ମହିମା ଆଶ୍ରମ ମଠାଧିଶ ବାବା ଅରବିନ୍ଦ ଦାସଙ୍କ ଦେହାନ୍ତ ପରେ ମଠ ପରିସରରେ ଏକ ସମାଧି ନିର୍ମାଣ କରାଯାଇଥିଲା। ବୁଧବାର ବାବା ଅରବିନ୍ଦଙ୍କ ନିର୍ବାଣ ମହୋତ୍ସବ ମଠ ପରିସରରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ କିଶୋର ବାବା, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଅବଧୂତ ଆନନ୍ଦ ବାବା, ଅବଧୂତ ସୁରେଶ ଚନ୍ଦ୍ର ବାବା, ଗୋପପୁରରୁ ସାଧୁ ନୃସିଂହ ଦାସ, ଛତିଶଗଡରୁ ସାଧୁ ମଦନାନନ୍ଦ ଦାସ, ସାଧୁ ପ୍ରଭାକର ଦାସ, ପଶ୍ଚିମବଙ୍ଗରୁ ସାଧୁ ଭାଗୀରଥି ଦାସ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରହୀ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ପୂର୍ବତନ ଜିଲା ପରିଷଦ ସଦସ୍ୟ ଲମ୍ବୋଦର ନିଆଲ, ମନିଷୀ ଅକ୍ଷୟ କୁମାର ତ୍ୟାଗୀ, ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠର ଯୋଗଗୁରୁ ମୈତ୍ର ଅରବିନ୍ଦ ଶାସ୍ତ୍ରୀ, ସାଧୁ ନରେଶ ଦାସ, ପଣ୍ଡିତ ହେମରାଜ ଶାସ୍ତ୍ରୀ, ଅରବିନ୍ଦ ବାବାଙ୍କ ଶିଷ୍ୟ ଲିଳାମ୍ବର ମେହେର, ବ୍ୟବସ୍ଥାପକ ସୌଦାଗର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ସହସ୍ରାଧିକ ଅଲେଖ ଧର୍ମାବଲମ୍ବୀ ତଥା ଅରବିନ୍ଦ ବାବାଙ୍କ ଅନୁଗାମୀଙ୍କ ଉପସ୍ଥିତିରେ ବାବାଙ୍କ ସ୍ମୃତି ଚାରଣ କରିଥିଲେ।

### ଗୋକୁଳ ନଗର ଶ୍ରୀକୃଷ୍ଣ ରାହାସ ଲୀଳାର କଂସବଧ



**ଖଡ଼ିଆଳ,୯।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଳ ଗୋକୁଳ ନଗର ଶ୍ରୀକୃଷ୍ଣ ରାହାସ ଲୀଳାର ଅଁଳା ନବମୀଠାରୁ ଆରମ୍ଭ ହୋଇଥିବା ରାହାସ ଲୀଳା ବୁଧବାର କଂସବଧ ସହିତ ଏହାର ଉଦ୍‌ଯାପିତ ହୋଇଯାଇଛି। କଂସବଧ ପୂର୍ବରୁ ଏକ ବିରାଟ ଶୋଭାଯାତ୍ରା ଘୁମୁରା, କିର୍ତ୍ତନ ଓ ବାଜାଗାଜା ସହିତ ଗୋକୁଳ ନଗରଠାରୁ ବାହାରି ଖଡିଆଳ ନଗର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ ଜିଲା ଯାଦବ ମହିଳା ସଭାନେତ୍ରୀ ମମତା ମଞ୍ଜରୀ ଥପା ଓ ସମ୍ମାନିତ ଅତିଥି ଭାବେ ୯ ନମ୍ବର ୱାର୍ଡର କାଉନସିଲର ବଜରଙ୍ଗ ଭୋଇ ଯୋଗଦାନ କରିଥିଲେ। ଶୋଭାଯାତ୍ରାରେ ଧୋବାପଡା, ଗୋକୁଳ ନଗରର ସମସ୍ତ ଯୁବ, ମହିଳା ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ସମୂହ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନ ରାହାସ ଗୁରୁ ବଳମତ ସେଠି, ସୁକଦେବ ସେଠି, ଟଙ୍କଧର ଶବର, ଘାସିରାମ ହଂସ, କାହ୍ନୁ ପୋଡ, ଘନଶ୍ୟାମ ଜାଲ, ଦୟା ଥପା, ଲୋବିନ୍ଦ ପଟେଲ, ହରି ସେଠି, କାଳି ପୋଡ, ଶିବା ନିଆଲ କିଶୋର ସାହୁ, ଚନ୍ଦ୍ର ରାଉତ, ମୁରଲୀ ପୋଡ, ବ୍ରଜ ପୋଡ, ଜିତୁ ବାଗ, ଦିଲୀପ ପୋଡ, ଲଦି ପୋଡ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ସର୍ବନିମ୍ନ ପାରିଶ୍ରମିକ ୧୦ହଜାର ଦିଅ




ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଫିସ ଆଗରେ ପାଚିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଲୋଇସିଂହା,୯।୧୧(ଡି.ଏନ.ଏ)**

- ଆନ୍ଦୋଳନକୁ ଓହ୍ଲାଇଲା ବ୍ଲକ ପାଚିକା ସଂଘ
- ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେବେ ଛାତ୍ରୀଛାତ୍ର

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପାଚିକା ସଂଘ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ କରି ୪ଦଫା ଦାବିରେ ବୁଧବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛି। ସଂଘ ପକ୍ଷରୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନାକୁମାରୀ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ପୂରଣ ନହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ଦାବିକୁ ଉପରିସ୍ଥ ଅଧିକାରୀଙ୍କ ଜରିଆରେ ସରକାରଙ୍କ ଦୃଷ୍ଟିକୁ ଆଣାଯିବ ବୋଲି ବିଇଓ ବେହେରା କହିଛନ୍ତି। ଏଥିପୂର୍ବରୁ ସ୍ଥାନୀୟ ଅଗ୍ରସେନ ଭବନରୁ ସଂଘ କାର୍ଯ୍ୟକାରୀ ସଭାପତି ଉଜଳ ସେନାପତିଙ୍କ ନେତୃତ୍ୱରେ ଶତାଧିକ ପାଚିକା ଏକ ରାଲିରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାୟ ଦୁଇ ଦଶନ୍ଧି ହେବ ସରକାରୀ ସ୍କୁଲରେ ପାଚିକାମାନେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଛନ୍ତି। ହେଲେ ମାସକୁ ମାତ୍ର ୧୪ ଶହ ଟଙ୍କା ପାରିଶ୍ରମିକ ମିଳୁଛି। ପୁନଶ୍ଚ ୧୨ ମାସରୁ ୧୦ ମାସର ପାରିଶ୍ରମିକ ମିଳୁଛି। ତାହା ପୁଣି ନିୟମିତ ମିଳୁନାହିଁ। ସର୍ବନିମ୍ନ ପାରିଶ୍ରମିକ ୧୦ହଜାର ଟଙ୍କା, ୧୨ ମାସର ପାରିଶ୍ରମିକ, ପ୍ରତିମାସ ନିର୍ଦ୍ଧାରିତ ସମୟରେ ଦେବାକୁ ସଂଘ ଦାବି କରିଛି। ହେଲେ ପ୍ରଶାସନ ଆଶ୍ୱାସନା ଛଡା କୌଣସି ପଦକ୍ଷେପ ନେଉନାହିଁ କହି ସଂଘ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ପାଚିକା ସଂଘର ଆନ୍ଦୋଳନ ଯୋଗୁ ୫୦ ପ୍ରାଥମିକ, ୪୬ ଉଚ୍ଚ ପ୍ରାଥମିକ, ୨ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ଗୋଟିଏ ଆଶ୍ରମ ସ୍କୁଲର ପ୍ରାୟ ୯ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମଧାହ୍ନ ଭୋଜନରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

### ମଧ୍ୟାହ୍ନଭୋଜନ ପିଙ୍ଗିଦେଲେ ପାଚିକା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପାଚିକା ସଂଘ ସ୍କୁଲରେ ଗୋଟିଏ ମାସ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ କରିବାକୁସଂଘ ନିଷ୍ପତ୍ତି ନେଇଛି। ପାଚିକା ସଂଘ ଏକ ମାସ ମଧ୍ୟାହ୍ନଭୋଜନ ରୋଷେଇ ବନ୍ଦ ନିଷ୍ପତ୍ତି ନେଇଥିବାରୁ ଶିକ୍ଷା ବିଭାଗ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛି। ଏହିକ୍ରମରେ ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ରୋଷେୟା ନିୟୋଜିତ କରି ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ହୋଇଥିଲା । ଏହା ଜାଣି କେତେକ ପାଚିକା ଉକ୍ତ ସ୍କୁଲକୁ ଯାଇ ରୋଷେଇ ଘରେ ପିଲାଙ୍କ ପାଇଁ ରନ୍ଧା ହୋଇଥିବା ଭାତ, ଶିଝା ଅଣ୍ଡା ଓ ପରିବା ବାହରକୁ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଅଭିଭାବକ ଓ ପରିଚାଳନା କମିଟି ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିଚାଳନା କମିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। ଏନେଇ ବ୍ଲକ ଶିକ୍ଷା ବିଭାଗ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ସୁନା କହିଛନ୍ତି। ପାଚିକାଙ୍କ ଏପରି ଆଚରଣ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୁନା କହିଛନ୍ତି। ଅପରପକ୍ଷେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଏବିଓ ଟଙ୍କଧର ଭୋଇ କହିଛନ୍ତି, ମଧ୍ୟାହ୍ନ ଭୋଜନ ରୋଇେଇ ନଷ୍ଟ ହୋଇଥିବା ଆମ ଦୃଷ୍ଟିକୁ ଆସିଛି। ହେଲେ ପ୍ରଧାନ ଶିକ୍ଷୟିତ୍ରୀ ଲିଖିତ ଭାବେ ଜଣାଇ ନ ଥିବା ସେ କହିଛନ୍ତି।



ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନକୁ ପାଚିକାମାନେ ପିଙ୍ଗି ଦେଇଛନ୍ତି।

## ସ୍କାଉଟ ଗାଇଡ ସଂସ୍ଥାପନା ଦିବସ

**ବଲାଙ୍ଗୀର ଅଫିସ, ୯।୧୧**

ବଲାଙ୍ଗୀର ମଣ୍ଟେସୋରି ପବ୍ଲିକ ସ୍କୁଲରେ ଭାରତ ସ୍କାଉଟ ଓ ଗାଇଡର ଏକ ଶାଖା ବୁଧବାର ଉଦ୍‌ଘାଟିତ ହୋଇଛି। ସ୍କାଉଟ ଗାଇଡ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ସ୍କାଉଟ ପତାକା ଉତ୍ତୋଳନ ପୂର୍ବକ ଶପଥ ପାଠ କରାଇ ଛାତ୍ରୀଛାତ୍ରଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ସ୍କୁଲ ଅଧକ୍ଷ ରବିଚନ୍ଦ୍ର ଉଦଗାତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାରତ ସ୍କାଉଟ ଗାଇଡ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ମୁଖ୍ୟଅତିଥି, ଅଖିଳଚନ୍ଦ୍ର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗାଇଡ ଜିଲା ସଂଯୋଜିକା କସ୍ତୁରୀ ରଥ, ସ୍କାଉଟ ଜିଲା ସଂଯୋଜକ ନୀଳାଞ୍ଚଳ ଚିରଗୁନ, ବଲାଙ୍ଗୀର ସଂଯୋଜକ ମନୋରଞ୍ଜନ ହୋତା, ସଂଯୋଜିକା ରଞ୍ଜିତା ମିଶ୍ର, ଗାଇଡ କ୍ୟାପଟେନ ସୁଜାତା ପୁରୋହିତ, ସ୍କାଉଟ ମାଷ୍ଟର ହେମନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଶ୍ୱାଳ ସ୍କାଉଟ ଗାଇଡର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସଂଯୋଜିକା ରଥ ଗାଇଡ ମାନଙ୍କ ସେବା ଓ ସମର୍ପଣ ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ ପରୀକ୍ଷା ପରିଚାଳକ ବୀରେନ୍ଦ୍ର ନାରାୟଣ ଉଦଗାତା ସ୍କାଉଟ ଓ ଗାଇଡଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସ୍କୁଲ ପରିସରରେ ଅନୁଷ୍ଠିତ ଦୀକ୍ଷାନ୍ତ ସମାରୋହରେ ସ୍କାଉଟ ପତାକା ଉତ୍ତୋଳନ କରାଯାଇ ସମୂହ ଶପଥ ପାଠ କରାଯାଇଥିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା




ଜନ ସମ୍ପର୍କ ପଦଯାତ୍ରା ସଭାରେ ମଞ୍ଚାସୀନ ଅତିଥି।

**ଖପ୍ରାଖୋଲ ୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗାଁରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡିଆରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ରମେଶ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଧାୟକ ମେହେରଙ୍କ ସହ ପଞ୍ଚାୟତ ସମିତି ଅଧକ୍ଷା ନିରୁପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ସାଣ୍ଢ, ଜିଲା ପରିଷଦ ସଭ୍ୟା ସଞ୍ଜୁକ୍ତା ମେହେର, ପ୍ରମିଳା ପାଥର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମହିଳା ସଭାନେତ୍ରୀ ରଞ୍ଜିତା ସୁନା, ସତ୍ୟନାରାୟଣ ମେହେର, ବେଲାର ମେହେର, ସୁରେନ୍ଦ୍ର ହାତୀ, ମୋହନ ସୁନା, ଗୋବିନ୍ଦ ବାରିକ, ଚନ୍ଦ୍ରକାନ୍ତି ବେହେରା, ସୀମାଞ୍ଚଳ ପୁରୋହିତ ପ୍ରମୁଖ ଦଳୀୟ ନେତା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ପବିତ୍ର ପଟେଲ ପରିଚାଳନା କରିଥିଲେ।

### କୈବର୍ତ୍ତ ସମାଜର ବୈଠକ

**ଲୋଇସିଂହା,୯।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ରାମ ମନ୍ଦିରରେ ଆଗଲପୁର ବ୍ଲକ ଡୁଡୁକା ମଣ୍ଡଳ କୈବର୍ତ୍ତ ସମାଜର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିରେଶ ମହାଲିଙ୍ଗଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ତନେଶ୍ୱର ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମଣ୍ଡଳ ଅଧୀନ ୧୧ ପଞ୍ଚାୟତ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ନଅଗାଁ(ଖ) ସରପଞ୍ଚ ବୃନ୍ଦାବନ ସେଠ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ କିପରି ଉନ୍ନତି ହୋଇ ପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସମାଜର ବଡଧରଣର ବନ୍ଧୁ ମିଳନ ପାଇଁ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ କୋଷାଧ୍ୟକ୍ଷ ରଞ୍ଜନ ମହାଲିଙ୍ଗ, ସମ୍ପାଦକ ଗୌତମ ସେଠ, ଗଜେନ୍ଦ୍ର ଦଣ୍ଡସେନା, ରାଜେଶ ଦଣ୍ଡସେନା ଉପସ୍ଥିତ ଥିଲେ।

## ୫ ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୯।୧୧(ଡି.ଏନ.ଏ.)**

**ଗାଡ଼ି ଜବତ, ଡ୍ରାଇଭରଙ୍କ ସହ ୨ କୋର୍ଟ ଚାଲାଣ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଓଡ଼ିଆପାଲି ପଞ୍ଚାୟତ କରଲାବହାଲିରେ ପାଟ୍ରୋଲିଂ ପୋଲିସ ଚଢ଼ାଉ କରି ୫ଜଣ ଦାଦନ ଶ୍ରମିକଙ୍କୁ ମଙ୍ଗଳବାର ରାତିରେ ଉଦ୍ଧାର କରିଛି। ଖପ୍ରାଖୋଲ ଥାନା ଏସ୍‌ଆଇ ଗୋପୀନାଥ ମହାକୁଡ଼ଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ କରଲାବହାଲିରେ ହୋଣ୍ଡା ମୋବିଲିଓ କାର୍ (ଓଡି୦୨ଜେଡ ୦୪୮୪) ଦ୍ରୁତଗତିରେ ଯାଉଥିବା ଦେଖିଥିଲେ। ଗାଡିକୁ ଅଟକାଇ ଯାଞ୍ଚ ପରେ ବେଆଇନ ଦାଦନ ଚାଲାଣ କରାଯାଉଥିବା ଜଣାପଡିଥିଲା। ପଚରା ଉଚରା ପରେ ସେମାନେ କଣ୍ଟାବାଞ୍ଜିରୁ ତିରୁପତି ଯିବାର ଥିଲା ବୋଲି କହିଥିଲେ। ପରେ ସମସ୍ତଙ୍କୁ ଖପ୍ରାଖୋଲ ଥାନା ଅଣାଯାଇଥିଲା। ଶ୍ରମିକମାନେ ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ଗ୍ରାମର। ଉଦ୍ଧାର ଶ୍ରମିକମାନଙ୍କୁ ନିଜ ଘରକୁ ପଠାଇ ଦିଆଯାଇଛି। ଦାଦନ ଚାଲାଣ ଅଭିଯୋଗରେ ବେଲପଡା ଥାନା ସର୍ଗିଗୁଡା ଗାଁର ଦାଦନ ସର୍ଦ୍ଦାର ରିଙ୍କୁ ବାଗ, ଦାଦନ ଦଲାଲ ନିରାକାର ବାଗ ଏବଂ ଗାଡି ଡ୍ରାଇଭର ନୃପରାଜ ମାଝିଙ୍କୁ ଗିରଫ କରି କୋର୍ଟଚାଲଣା କରାଯାଇଥିଲା। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୮୩/୨୨) ରୁଜୁ ହୋଇଛି। ଗତ ଅକ୍ଟୋବର ମାସରେ ପିଙ୍କି ବସ୍ ଯୋଗେ ବେଆଇନ ଭାବେ ୨୨ ଦାଦନ ଶ୍ରମିକଙ୍କୁ ଚାଲାଣ କରାଯାଉଥିବା ବେଳେ ଖୁଟଲୁମୁଡା ଗ୍ରାମର ମୁଖ୍ୟ ଦାଦନ ସରଦାର ପୁରନ ବାଗ ଫେରାର ହୋଇଯାଇଥିଲେ। ମଙ୍ଗଳବାର ରାତିରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ମାଣ୍ଡିଆ ଷ୍ଟଲ୍ ଉଦ୍‌ଘାଟିତ

**ଟିଟିଲାଗଡ, ୯।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଆଞ୍ଚଳିକ ସମୃଦ୍ଧି ସାଧନା ଅନୁଷ୍ଠାନ ପକ୍ଷରୁ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଶେଶ୍ୱର ସାହୁ, ବ୍ଲକ କୃଷି ଅଧିକାରୀ ଲାଲବିହାରୀ ମାଲିକ, ବିଏଲ୍‌ସି ଅଧିକାରୀ ବିକାଶ ସାହୁ, ଏଚ.ଓ ସୁନୀଲ କୁମାର ମାଝି, ଆଶା ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଅତିଥିମାନେ ମାଣ୍ଡିଆ ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ସଭାର ମୁଖ୍ୟ ଆକର୍ଷଣ ଥିଲା ଏସ୍‌ଏଚ୍‌ଜି ଗ୍ରୁପ ଦ୍ୱାରା ମାଣ୍ଡିଆରେ ତିଆରି ବରା, ଇଡ୍‌ଲି ମାଲପୁଆ, ଗୋଲାପଜାମୁନ,ସିଙ୍ଗଡ଼ା, ଆରିସାପିଠା ପରିବେଷଣ କରାଯାଇଥିଲା। ଏହି ସଭାରେ କୃଷକ ଉତ୍ପାଦନ କମ୍ପାନୀ ଏବଂ ଅଗ୍ରାନୀ ଚାଷୀ ଭାଇମାନେ ଯୋଗଦେଇଥିଲେ। ମାଣ୍ଡିଆ ଚାଷର ପ୍ରସାର କିପରି ହୋଇପାରିବ ତାହା ଉପରେ ଅତିଥିମାନେ ବାର୍ତ୍ତା ଦେଇଥିଲେ।



ମାଣ୍ଡିଆ ଷ୍ଟଲ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## କନ୍ଦେଇ ହତ୍ୟା ଘଟଣା: ଜେଲଗଲେ ଅଭିଯୁକ୍ତ

**କଣ୍ଟାବାଞ୍ଜି,୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କଣ୍ଟଶବାଞ୍ଜି ଥାନା କନ୍ଦେଇ ଗାଁରେ ମଙ୍ଗଳବାର ବଡ ଭାଇ ଫୁଲ ପ୍ରସାଦ ବାଗ (୩୫)ଙ୍କ ତାଙ୍କ ମଝିଆ ଭାଇ ତିଲକ ବାଗ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ତୁରେକେଲା ପୋଲିସ ମୃତଦେହ ବ୍ୟବଛେଦ କରି ବୁଧବାର ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ହତ୍ୟାକାଣ୍ଡ ପରେ ଜଙ୍ଗଲ ଭିତରକୁ ପଳାଇଥିବା ତିଲକ ବାଗଙ୍କୁ ପୋଲିସ ଗ୍ରାମବାସୀଙ୍କ ସହାୟତାରେ ଗିରଫ କରିଥିଲା। ଏକ ମାମଲା(୨୧୭/୨୨) ରୁଜୁ କରି ଗୁରୁବାର ଅଭିଯୁକ୍ତ ତିଲକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସ୍ଥାନୀୟ ସବ୍ ଜେଲକୁ ପଠାଇ ଦିଆଯାଇଥିବା ତୁରେକେଲା ପୋଲିସ ସୂତ୍ରରୁ ପ୍ରକାଶ

## ଜାତୀୟ ଆଇନ ସେବା ଦିବସ ପାଳିତ

**ଲୋଇସିଂହା,୯।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଜେଏମଏଫସି କୋର୍ଟ ପରିସରରେ ଜାତୀୟ ଆଇନ ସେବା ଦିବସ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ତାଲୁକ ଆଇନ ସେବା ସମିତି ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ଲୋଇସିଂହା ଓକିଲ ସଂଘର ରାଜକିଶୋର ମିଶ୍ର, ପ୍ରବୀଣ କୁମାର ତ୍ରିପାଠୀ, ସମ୍ପଦ କୁମାର ପୋଢ, ସୁମନ୍ତ ସାହୁ ମଞ୍ଚାସୀନ ଥିଲେ। ଲୋକମାନଙ୍କ ପାଇଁ କଣ ସବୁ ଆଇନଗତ ସୁବିଧା ରହିଛି, ସେଥିରୁ ସେମାନେ କିଭଳି ଉପକୃତ ହୋଇ ପାରିବେ ସେ ସମ୍ପର୍କରେ ଅଭିଭାଷଣରେ ଅଧ୍ୟକ୍ଷା ମହାନ୍ତି କହିଥିଲେ। ସହଦେବ ଧରୁଆ, ସଞ୍ଜୟ ସିଂଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀ ବିବୁଲ ମହାକୁର ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।




ଆଇନ ସେବା ଦିବସ ସଭାରେ ଅଧ୍ୟକ୍ଷା ସ୍ୱଜାଳି ମହାନ୍ତି ବକ୍ତବ୍ୟ ରଖୁଛନ୍ତି।

## ୧୨ଘଣ୍ଟା କଣ୍ଟାବାଞ୍ଜି ବନ୍ଦ

**କଣ୍ଟାବାଞ୍ଜି,୯।୧୧(ଡି.ଏନ.ଏ.)**

**ଡାକ୍ତରଖାନା ଅବ୍ୟବସ୍ଥାର ପ୍ରତିବାଦ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବ ନାନା ଅବ୍ୟବସ୍ଥା ମଧଦେଇ ଗତି କରୁଛି। ଏ ନେଇ ପଦକ୍ଷେପ ନେବାକୁ ଅଞ୍ଚଳର ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ଦାବି କରି ଆସୁଥିଲେ ମଧ କର୍ଣ୍ଣପାତ କରାଯାଉନାହିଁ। ଏହାର ପ୍ରତିବାଦ କରି ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ କାଳ ଡାକ୍ତରଖାନା ସମ୍ମୁଖରେ ସ୍ଥାନୀୟ ପ୍ରେସ କ୍ଲବ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହେଲେ ପ୍ରଶାସନ ଏହି ସମୟ କାଳ ମଧରେ କୌଣସି ପଦକ୍ଷେପ ନ ନେବାରେ ବୁଧବାର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବରେ ସହରର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ରହିଥିଲା । ବନ୍ଦକୁ ସହରର ସମସ୍ତ ଅନୁଷ୍ଠାନ ସମର୍ଥନ କରିଥିଲେ । ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। କ୍ଲବ ସଭାପତି ପରବଜିତ ସିଂଙ୍କ ନେତୃତ୍ୱରେ କରାଯାଇଥିବା ବନ୍ଦରେ ଆଶିଷ ଖାଇତାନ, ରାଜୁ ଶବର, ରୋହନ ମହତ, ତୁଲସି ଜଗତ, ବିଶିକେଶନ ମାଝି, ମନୋଜ ଶର୍ମା, ବଣ୍ଟି ଗୁପ୍ତା ପ୍ରମୁଖ ସାମିଲ ଥିଲେ।




ତହସିଲ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀ।

## ବଡବର୍ଡାକଟାରେ ଲକ୍ଷ୍ମୀପୂଜା ଆରମ୍ଭ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବଡବର୍ଡାକଟା ଗ୍ରାମରେ ମାହେଶ୍ୱରୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ମାସବ୍ୟାପୀ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ପୂଜକ ଭାବେ ଶିବନାରାୟଣ ମିଶ୍ର ଏବଂ ଶୁଭେଷଣ ମିଶ୍ର କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି। ଆୟୋଜକଙ୍କ ତରଫରୁ ବିଦ୍ୟାଧର ଦେହେରୀ ଓ ସୁମନ ବେଲଘରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ମାର୍ଗଶିର ପୂର୍ଣ୍ଣିମାରେ ସାମାଜିକ ନାଟକ ଗ୍ରାମ୍ୟ ନାଟ୍ୟ ସଂସଦ ଆନୁକୂଲ୍ୟରେ ପରିବେଷଣ ହେବା କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ରାସ୍ତା ତିଆରି ନ ହେଲେ ଭୋଟ ବର୍ଜନ

ପଦ୍ମପୁର,୯।୧୧(ଡି.ଏନ.ଏ.): ପଦ୍ମପୁର ବ୍ଲକ କନସିଂହା ଗ୍ରାମପଞ୍ଚାୟତ ବଇଦପାଲି ଗ୍ରାମରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁପାଳ ନେଟୀ ସଭାପତିତ୍ୱ କରିଥିଲେ। ବୈଠକରେ ଗାଁ ରାସ୍ତା ତିଆରି ପାଇଁ ଦାବି ହୋଇଥିଲା। ପୂର୍ବରୁ ଏହି ରାସ୍ତା ତିଆରି ପାଇଁ ଗ୍ରାମବାସୀଙ୍କ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଏହି ରାସ୍ତା ତିଆରି ନ କଲେ ଆଗାମୀ ଉପନିର୍ବାଚନ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଅନନ୍ତ ପଟେଲ, ଶତ୍ରୁଘ୍ନ ନେଟୀ, ଈଶ୍ୱର ନେଟୀ, ପଞ୍ଚାନନ ନେଟୀ ଓ ଗ୍ରାମର ଅନ୍ୟମାନେ ଉପସ୍ଥିତ ଥିଲେ।

### ଜିଲା ଦାବିରେ ସ୍ମାରକପତ୍ର ପ୍ରଦାନ

ପଦ୍ମପୁର,୯।୧୧(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁରକୁ ନୂତନ ଜିଲା ଘୋଷଣା ଦାବି ତେଜିବାରେ ଲାଗିଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରମାନଙ୍କ ତରଫରୁ ବୁଧବାର ଅତିରିକ୍ତ ଉପଜିଲାପାଳ ସଦାକର କୁମ୍ଭାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଅଦେଶ ଶର୍ମା, ମହମ୍ମଦ ଇମ୍ରାନ, ଆଦର୍ଶ ସରାଫ, ମୁକେଶ ପାଣ୍ଡେ, ନୀଳାମ୍ବର ସାହୁ, ସମ୍ପର୍କ ରଥ, ତୁଷାର ଅଗ୍ରୱାଲ, ବୀର ଶର୍ମା, ରୋନକ ବାଜପାୟୀ, ଆଦେଶ ସାହୁ, ଓଁକାର ହୋତା, ଆବାହକ ଅଜିତ ଶତପଥି, ଚିନ୍ମୟ ପଣ୍ଡା, ସୁରଜ ଅଗ୍ରୱାଲ ଓ ଆଶୀଷ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦିବାସୀଙ୍କ ସମସ୍ୟା ଉପରେ ଆଲୋଚନା

ପଦ୍ମପୁର,୯।୧୧(ଡି.ଏନ.ଏ.): ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ବୁଧବାର ନୃସିଂହନାଥଠାରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁରର ଆଦିବାସୀମାନଙ୍କ ସହ ବୈଠକରେ ଯୋଗଦାନ କରି ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ତରଫରୁ ଏମ୍‌ପି ବିଶିଙ୍କୁ ଦାବିପତ୍ର ଦିଆଯାଇଥିଲା। ଚାଷୀଙ୍କ ଫସଲବୀମା ଓ ଇନପୁଟ ରାଶି ପ୍ରଦାନ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅବଗତ କରି ବିହିତ ପଦକ୍ଷେପ ନେବେ ବୋଲି ଏମ୍‌ପି ବିଶି ପ୍ରତିଶ୍ରୁତି ଦେଇଥିଲେ।

### ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ପାଇକମାଳ, ୯।୧୧(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ଏମ୍‌ଇ ସ୍କୁଲ ପଡିଆରେ ବୁଧବାର ପୂର୍ବାହ୍ନରେ ସିଆର୍‌ପିଏଫ୍ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମାଣ୍ଡାଣ୍ଟ ପବନ କୁମାର ତିୱାରୀ ମୁଖ୍ୟ ଅତିଥି, ପାଇକମାଳ ସରପଞ୍ଚ ଚୁଳବତୀ ତାଣ୍ଡି, ସମିତି ସଭ୍ୟା ନିରୁପମା ନାଗ, ମିଠାପାଲି ସରପଞ୍ଚ ଶୁବାସିନୀ ସେଠ, ପାଇକମାଳ ଥାନା ଆଇଆଇସି ଏସ. କେ. ବଡେଇ, ପାଇକମାଳ ସିଆରପିଏଫ ଓସି ମୋହନ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରପିଏଫ ଇନସ୍ପେକ୍ଟର ଶଙ୍କର ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପାଇକମାଳ ଓ ମିଠାପାଲି ପଞ୍ଚାୟତର ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ନୃସିଂହନାଥ କ୍ଲବର କର୍ମକର୍ତ୍ତାମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ପାଇକମାଳ ହାଇସ୍କୁଲର ହିନ୍ଦୀ ଶିକ୍ଷକ ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶୋକସଭାରେ ଅରୁଣଙ୍କ ସ୍ମୃତିଚାରଣ

ଅମରପାଲି,୯।୧୧(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗୌଡଗାଡ ୟୁପି ସ୍କୁଲ ସହକାରୀ ଶିକ୍ଷକ ଅରୁଣ ରାଏଙ୍କ ବିୟୋଗରେ ବ୍ଲକ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ଶୋକ ପ୍ରକାଶ କରିଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଶୋକ ସଭାରେ ସଂଘ ସଭାପତି ନାରାୟଣ ଜଗଦଲା ପୌରୋହିତ୍ୟ କରିଥିଲେ। ଉପସଭାପତି ସୁନୀଲ କୁମାର ମହାପାତ୍ର, ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଅଭିମନ୍ୟୁ ବଗର୍ତ୍ତି, ଶ୍ରୀନିବାସ ରଥ, ପ୍ରଦୀପ ଜଗଦଲା, ପଦ୍ମନାଭ ବାରିକ, ମନୋଜ ଦାଶ, ସୁରେନ୍ଦ୍ର ଭୋଇ, ମେଘନାଦ ଭୋଇ,ଭାବଗ୍ରାହୀ ମେହେର,ନାରାୟଣ ଜଗଦଲା ପ୍ରମୁଖ ମୃତ ଅରୁଣଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ରାଲି

ସୋନପୁର,୯।୧୧(ନି. ପ୍ର.)



ଭୋଟର ତାଲିକା ସଂଶୋଧନ ପାଇଁ ସୋନପୁରରେ ଅନୁଷ୍ଠିତ ସଚେତନତା ରାଲି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ସୁବର୍ଣ୍ଣପୁର ଜିଲା ନିର୍ବାଚନ ଶାଖା ପକ୍ଷରୁ ଭୋଟର ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପକ୍ଷରୁ ପ୍ରବର୍ତ୍ତିତ ୧୭ ବର୍ଷରୁ ଅଧିକ ଯୋଗ୍ୟ ଯୁବତୀ ଯୁବକଙ୍କୁ ନାଗରିକ ଯୋଗ୍ୟତା ପ୍ରଦାନ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ-୨୩କୁ ନେଇ ଏହି ଜନ ସଚେତନତା ରାଲି ସହର ପରିକ୍ରମା କରିଥିଲା। ନୂତନ ଭୋଟର ପଞ୍ଜୀକରଣ ପାଇଁ ନଭେମ୍ବର ୯ରୁ ଡିସେମ୍ବର ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ନାମ ପଞ୍ଜୀକରଣ, ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ ଓ ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସଂଯୋଗୀକରଣ କରିବାକୁ ଜନ ଜାଗରଣ ସୃଷ୍ଟି କରାଯାଇଛି। ଜିଲା ନିର୍ବାଚନ ଶାଖା ପକ୍ଷରୁ ଆୟୋଜିତ ଏହି ରାଲିକୁ ଜିଲାପାଳ ଅବୋଲି ସୁନିଲ ନରୱଣେ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ନିର୍ବାଚନ ଅଧିକାରୀ ଯଶସ୍ୱିନୀ ପୃଥାଲ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ପୁରୁଣା ଟାଉନ ହଲଠାରୁ ବାହାରି ସହର ପରିକ୍ରମା କରିବା ପରେ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସୂଚନା ଅନୁଯାୟୀ ସୋମବାର ଜିଲାର ସମସ୍ତ ବୁଥରେ ବିଏଲଓ ମାନଙ୍କ ଦ୍ୱାରା ଭୋଟରଙ୍କୁ ଚୁନାବ ପାଠଶାଳା ଜରିଆରେ ମତଦାନ ତଥା ଭୋଟର ତାଲିକା ସମ୍ବନ୍ଧୀୟ ବିଷୟରେ ସଚେତନତା କରାଇଥିଲେ। ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚିଠା ଭୋଟର ତାଲିକାକୁ ଜାତୀୟ ତଥା ରାଜ୍ୟ ସ୍ତରୀୟ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନରୱଣେ ପ୍ରଦାନ କରିଥିଲେ। ଚିଠା ଭୋଟର ତାଲିକା ଓ ବୁଥ ସ୍ଥାନାନ୍ତରଣ ପ୍ରସ୍ତାବ ଉପରେ ଉପସ୍ଥିତ ପ୍ରତିନିଧିଙ୍କ ସହିତ ଜିଲାପାଳ ଆଲୋଚନା କରି ସେମାନଙ୍କ ମତାମତ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ବୀରମାହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଡେପୁଟି କଲେକ୍ଟର ଯଶସ୍ୱୀନି ପୃଥାଲ, ସୋନପୁର ବିଡ଼ିଓ ସୌମ୍ୟ ରଞ୍ଜନ ସୱାଇଁ, ବିଜେଡି ପ୍ରତିନିଧି କଇଁରୁ ସୱାଇଁ, ଭାଜପା ପ୍ରତିନିଧି ସୁକାନ୍ତ କୁମାର ସାହୁ, ଏସୟୁସିଆଇ ପ୍ରତିନିଧି ଗୋବିନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହି ଚିଠା ଭୋଟର ତାଲିକା ଗ୍ରହଣ କରିଥିଲେ।

# ହଜାରେ ମଣ୍ଡପରେ ପରିବେଷଣ କଲେଣି ସଂକୀର୍ତ୍ତନ

ଅମରପାଲି,୯।୧୧(ଡି.ଏନ.ଏ)

**ଯୁବ ସଂକୀର୍ତ୍ତନ ଗାୟକ ଅଶୋକ ବାଘ**


ଅଶୋକ କୁମାର ବାଘ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତେଲା ପଞ୍ଚାୟତ ସାଗଯୋରୀ ଗ୍ରାମର ଅଶୋକ କୁମାର ବାଘ(୩୯)। ସଂକୀର୍ତ୍ତନ୍ୟ ପରିବେଷଣ ତାଙ୍କର ନିଶା। ଅଦ୍ୟାବଧି ହଜାରେରୁ ଅଧିକ ମଣ୍ଡପରେ ନାମ ସଂକୀର୍ତ୍ତନ୍ୟ, ୫ଶହ ମଞ୍ଚରେ ସଂକୀର୍ତ୍ତନ୍ୟ ବୈଠକ ପରିବେଷଣ କରିସାରିଛନ୍ତି। ପିଲାଟି ଦିନରୁ ସଙ୍ଗୀତ ପ୍ରତି ତାଙ୍କର ଦୁର୍ବଳତା ଥିଲା। ମାତ୍ର ସଙ୍ଗୀତ ଶିକ୍ଷା ଗ୍ରହଣ କରିବାର କୌଣସି ସୁବିଧା ନ ଥିବାରୁ ଗାଁ ସଂକୀର୍ତ୍ତନ ଦଳରୁ ସଂଗୀତ ଶିକ୍ଷା କରୁଥିଲେ। ପରେ ସେହି ଦଳରେ ସାମିଲ ହୋଇ ସଂକୀର୍ତ୍ତନ୍ୟ ଗାୟକ ହୋଇଯାଇଥିଲେ। ୨୦୦୪ରୁ କ୍ରମାଗତ ଭାବେ ସଂକୀର୍ତ୍ତନ୍ୟ ପରିବେଷଣ ସହିତ ବୈଠକି ପରିବେଷଣ କରୁଛନ୍ତି। ସେ ଅଷ୍ଟପ୍ରହର ନାମ, ଚବିଶ ପ୍ରହର ନାମ, ଛପନ ପ୍ରହର ନାମ,ନଗର ସଂକୀର୍ତ୍ତନ୍ୟ ଆଦି ପରିବେଷଣ କରୁଛନ୍ତି। ଏହା ମାଧମରେ ଅଶୋକ ସଂକୀର୍ତ୍ତନ୍ୟର ପ୍ରଚାର ପ୍ରସାର କରୁଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। କେବଳ ସୁବର୍ଣ୍ଣପୁର ନୁହେଁ ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ବରଗଡ, ଝାରସୁଗୁଡା, ସୁନ୍ଦରଗଡ ସମେତ ପଡୋଶୀ ଛତିଶଗଡ ରାଜ୍ୟର ବିଭିନ୍ନ ସ୍ଥାନରେ ସେ ସଂକୀର୍ତ୍ତନ୍ୟ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି। ଅଶୋକଙ୍କ ପରିବାର କହିଲେ ସ୍ତ୍ରୀ ପିଙ୍କି ଓ ଦୁଇ ପୁଅ। ସେ ସଂକୀର୍ତ୍ତନ୍ୟ ପରିବେଷଣ ସହ ପ୍ରଶିକ୍ଷଣ ମଧ ଦେଇଥାନ୍ତି। ଯୁକ୍ତ ୨ ପଢିଥିବା ଅଶୋକ ସଂପ୍ରତି ଏକ ଠିକାସଂସ୍ଥାରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର କହିବା କଥା ସଂକୀର୍ତ୍ତନ୍ୟକୁ ପେଶା କରି ଚଳିବା କଷ୍ଟକର ହୋଇ ପଡୁଛି। ତଥାପି ଏହାର ପ୍ରଚାର ପ୍ରସାରରେ ସେ ସମର୍ପିତଭାବେ କାମ କରୁଛନ୍ତି। ଅଦ୍ୟାବଧି ତାଙ୍କୁ କୌଣସି ସରକାରୀ ପ୍ରୋତ୍ସାହନ ମିଳିନାହିଁ।

# ଜାତୀୟ ଆଇନ ସେବା ଦିବସ ପାଳିତ



ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ସୋନପୁର,୯।୧୧(ନି.ପ୍ର.)

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ କ୍ରମେ ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ବୁଧବାର ପାଳିତ ହୋଇଯାଇଛି। ସକାଳେ ସୋନପୁର ଉପକାରାଗାରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦୁନୀ ମୁଦୁଲି ଓ ଆଇନଜୀବୀ ରାଜେନ୍ଦ୍ର ଅଗ୍ରୱାଲା ଯୋଗଦାନ କରି କାରାଗାର ଅନ୍ତେବାସୀଙ୍କୁ ଆଇନ ବିଷୟରେ ସଚେତନ କରିଥିଲେ। ସୋନପୁର ଉପକାରାଗାର ଅଧିକ୍ଷକ ଡିଲେଶ୍ୱର ଜେନା ଉପସ୍ଥିତ ଥିଲେ। ପରେ ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ କୁମୁଦୁନୀ ମୁଦୁଲି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢୀ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଜିଲା ଆଇନ ସେବା ପ୍ରାଧିକରଣର ସଦସ୍ୟ ନାରାୟଣ ପ୍ରସାଦ ରାୟଗୁରୁ, ଓଡିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲିର ଅଧକ୍ଷ ଅରୁଣ ମହାକୁର ପ୍ରମୁଖ ଯୋଗ ଦେଇ ସାଧାରଣ ଗରିବ ଲୋକ ନିକଟରେ ଆଇନର ସେବା ପହଞ୍ଚିବା ଉପରେ ଗୁରୁତ୍ୱ ଦେଇଥିଲେ। ଶିବିରରେ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ରଣା, ଜ୍ୟୋତିଶ୍ରୀ ବେଉରିଆ, ଅନୁପମା ମିଶ୍ର ଓ ପ୍ରମିଳା ବାଘଙ୍କୁ ମାନପତ୍ର ଦେଇ ସମ୍ମାନିତ କରା ଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, ରଞ୍ଜନ କୁମାର ଭୋଇ, ଅନାମ ସାହୁ ଓ ବେଣୁଧର ମଲ୍ଲିକ ସହଯୋଗ କରିଥିଲେ।

## ଅଧ୍ୟକ୍ଷ ନିର୍ବାଚନ ଦୌଡ଼ରେ ବହୁ ଆଶାୟୀ

**ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦ ନିର୍ବାଚନ**

ବୌଦ୍ଧ,୯।୧୧(ସ୍ୱ.ପ୍ର.)

ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦବୀ ପାଇଁ ଗତ ୩୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବ୍ୟାଙ୍କର ବୌଦ୍ଧ ଓ କନ୍ଧମାଳ ଜିଲାରେ ବ୍ୟାଙ୍କର ଶାଖା ରହିଥିବା ବେଳେ ୧୫ ଗୋଟି ନିର୍ଦ୍ଦେଶକ ଜୋନ ରହିଛି । ଏଥର ନିର୍ବାଚନରେ ସମସ୍ତ ଜୋନରେ ବିଜେଡିର ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଏବେ କିଏ ବ୍ୟାଙ୍କର ଅଧକ୍ଷ ହେବେ ସେ ନେଇ ସମସ୍ତଙ୍କ ନଜର ରହିଛି। ଶାସକ ଦଳର ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧା ଡଜନରୁ ଅଧିକ ବ୍ୟାଙ୍କ ପଦବୀ ପାଇଁ ଆଶାୟୀ ଥିବା ଜଣାପଡିଛି । ଏନେଇ ନବ ନିର୍ବାଚିତ ନିର୍ଦ୍ଦେଶକମାନେ କୁଆଡେ ଭୁବନେଶ୍ୱରରେ ଡେରା ପକାଇ ଦଳର ଛାମୁଆ ନେତାଙ୍କ ଲବିରେ ରହିଛନ୍ତି। ହେଲେ ଦଳୀୟ ନେତାମାନେ କାହା ମୁଣ୍ଡରେ ସୁନା କଳସ ଢାଳିବେ ତାହା ଦେଖିବାକୁ ବାକି ରହିଲା । ଆସନ୍ତା ୧୧ ତାରିଖ ଅଧକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲର ଦିନ ଥିବା ବେଳେ କାହାକୁ ଦଳ ଅଧକ୍ଷ ପଦ ପାଇଁ ମନୋନୀତ କରୁଛି ସେ ନେଇ ଆଶାୟୀମାନେ ଚିନ୍ତାରେ ଅଛନ୍ତି । ନବ ନିର୍ବାଚିତ ନିର୍ଦ୍ଦେଶକଙ୍କ ମଧ୍ୟରୁ ଜଣେ ଅଧକ୍ଷ ଭାବେ ନିର୍ବାଚିତ ହେବେ। ହେଲେ ଅଧକ୍ଷ ଆଶାୟୀଙ୍କ ମଧ୍ୟରେ ସୁବୋଧ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ଦିଲିପ ମେହେର, କିଶୋର ମେହେର,ଲିନା ମହାପାତ୍ରଙ୍କ ନାମ ଚର୍ଚ୍ଚା ହେଉଛି। ଏପଟେ ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧକ୍ଷ ପଦବୀ ବଛାଯିବ ବୋଲି ଜିଲାରେ ଚର୍ଚ୍ଚା ଜୋର ଧରିଛି । ବର୍ତ୍ତମାନ ବ୍ୟାଙ୍କର ଅଧକ୍ଷ ପଦବୀ ପାଇଁ ଜିଲାରେ ରାଜନୀତି ଏକପ୍ରକାର ସରଗରମ ହୋଇପଡିଛି।

## ବ୍ଲକସ୍ତରୀୟ କୃଷକସାଥୀ ସଂଘ ବୈଠକ

ତରଭା, ୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକ ସଭାପତି ସୁରେଶ ନାଗଙ୍କ ଅଧ୍ୟକ୍ଷତାରେ କୃଷକ ସାଥୀ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ସଂଘ ସମ୍ପାଦକ ଉଦ୍ଧବ ସୁନା ଏଥିରେ ଯୋଗଦେଇ କୃଷକ ସାଥୀ ସଂଘକୁ କିପରି ମଜଭୁତ କରାଯିବ ସେ ବିଷୟରେ ଆଲୋଚନା କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ସୁରେଶ ନାଗ, ଉପ ସଭାପତି ଭଗବାନ ମିଶ୍ର, ସମ୍ପାଦକ ସୁଦାମ ସାହୁ, କୋଷାଧକ୍ଷ ଧ୍ରୁବ ବଡ଼ଚାଟ ଓ ଉପଦେଷ୍ଟା କମିଟିରେ ରାଜେନ୍ଦ୍ର ଖାଙ୍କର , ମଗ୍ଗୁଲୁ କୁଆଁର, ମୁକୁନ୍ଦ ବିଶ୍ୱାଳ, ସଞ୍ଜୀବ ପୂଜାରୀ, ଶେଷ ଦେବ ନାଏକ, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। କୃଷକ ସାଥୀଙ୍କୁ ସରକାର ପ୍ରଦାନ କରୁଥିବା ମାତ୍ର ଏକ ହଜାର ଟଙ୍କାରେ ଚଳିବା କଷ୍ଟକର ହେଉଛି। ଏଣୁ ସେମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ ଓ ସ୍ଥାୟୀ ନିଯୁକ୍ତି ଦିଆଯିବା ସମ୍ବନ୍ଧେ ଆସନ୍ତା ୧୧ ତାରିଖରେ ବିଡ଼ିଓ, ତହସିଲଦାର ଓ ବ୍ଲକ କୃଷି ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସମ୍ପାଦକ ସୁଦାମ ସାହୁ ଧନ୍ୟବାଦ ଦେଇଥିଲେ।

## ସଂଗ୍ରହାଳୟ ପ୍ରାଙ୍ଗଣରେ ଖୋଲିଲା ମିଲେଟ ଷ୍ଟଲ୍


ମାଣ୍ଡିଆ ଷ୍ଟଲ ଉଦ୍‌ଘାଟନ ସମୟରେ ଉପସ୍ଥିତ ଛାତ୍ରୀମାନେ।

ବୌଦ୍ଧ,୯।୧୧ (ସ୍ୱ.ପ୍ର.)

ବୌଦ୍ଧ ଜିଲା ସଂଗ୍ରହାଳୟ ପ୍ରାଙ୍ଗଣରେ ବୁଧବାର ମିଲ୍ଲେଟ ଷ୍ଟଲକୁ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଖାଦ୍ୟ ଷ୍ଟଲକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା କରୁଛନ୍ତି । ଏବେ ଜିଲାରେ ମାଣ୍ଡିଆ ଚାଷ ଓ ଏହାର ଚାହିଦା ବୃଦ୍ଧି ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଆଗଭର ହୋଇ ପଡିଛନ୍ତି । ଜିଲାରେ ଥିବା ସମସ୍ତ ବ୍ଲକରେ ମିଶନ ଶକ୍ତି କାଫେ, ଲେଥା କାଫେଗୁଡିକରେ ମାଣ୍ଡିଆ ଜାତୀୟ କ୍ଷୁଦ୍ର ଶସ୍ୟରୁ ତିଆରି କରାଯାଉଥିବା ବିସ୍କୁଟ, ଲଡୁ , ମିକଶ୍ଚର ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଉପଲବଧ କରାଇବାକୁ ଓଡିଶା ମିଲେଟ ମିଶନ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ କହିଥିଲେ । ଆଗକୁ ଜିଲାରେ ଅନ୍ୟ ବ୍ଲକରେ ମିଲେଟ ଖାଦ୍ୟ ସାମଗ୍ରୀ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ବୋଲି ଓଡିଶା ମିଲେଟ ମିଶନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଦିବ୍ୟ ଜ୍ୟୋତି ସୂଚନା ଦେଇଛନ୍ତି । ଓଡିଶା ମାଣ୍ଡିଆ ମିଶନ କାର୍ଯ୍ୟକ୍ରମ ମାଣ୍ଡିଆ ଶସ୍ୟକୁ ଏକ ନୂତନ ପରିଚୟ ଦେବ ବୋଲି ଅତିରିକ୍ତ ପରିଯୋଜନା ନିର୍ଦ୍ଦେଶକ (ଆତ୍ମା) କମଳାକାନ୍ତ କଟାରୀ ସୂଚନା ଦେଇଥିଲେ।

# ସେମିରେ ୟୁନାଇଟେଡ୍ ସ୍ପୋର୍ଟ୍ସ


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

ବରଗଡ଼ ଅଫିସ୍,୯।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ବୁଧବାର ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ ଏବଂ ଜମୁର୍ଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନାଇଟେଡ୍ ସ୍ପୋର୍ଟ୍ସ ୧-୦ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଦଳର ରାଜୁ ବେହେରା ଗୋଲ୍ ସ୍କୋର କରିଥିଲେ। କୈଳାସ ମହାରଣା, ରଜତ ଦାଶ ଅତିଥି ଭାବେ ଯୋଗଦାନ କରିଥିଲେ। ଦୀପେଶ ପ୍ରଧାନ, ଶୁଭମ ପାତ୍ର, ସଚିନ ଭୁଏ, ନିଳରଞ୍ଜନ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ଗୁରୁବାର କଦଳୀପାଲି ଏବଂ ବରଗଡ଼ ରେଲୱେ ଷ୍ଟେଶନ ଏଫ୍‌ସି ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ପାଇପ ପାଣିରେ ସାପ ଗୁଜବ

ବୌଦ୍ଧ,୯।୧୧(ସ୍ୱ.ପ୍ର.)

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୌଦ୍ଧ ସହରବାସୀଙ୍କୁ ମହାନଦୀରୁ ପାନୀୟ ଜଳ ଉଠାଇ ବିଶୋଧନ ପରେ ଯୋଗାଇ ଦିଆଯାଉଥିବା ବେଳେ ପାନୀୟ ଜଳରେ ଛୋଟ ଛୋଟ ସାପ ଭଳି ଜୀବ ଭାସୁଥିବା ନେଇ ସହରରେ ଗୁଜବ ସୃଷ୍ଟି ହୋଇଛି। ସହରର ବୁଟୁପାଲି ଅଞ୍ଚଳରେ ଗୋଟିଏ ପରିବାର ଏକ ମାଠିଆରେ ପାଣି ରଖିଥିବା ବେଳେ ସେଥିରେ ଛୋଟ ଛୋଟ ସାପ ଭଳି କିଛି ଭାସୁଥିବା ଦେଖିବାକୁ ପାଇଥିଲେ। ଏହି ଖବର ସାମାଜିକ ଗଣମାଧମରେ ଭାଇରାଲ ହେବା ସହିତ ସହରସାରା ବ୍ୟାପି ଯାଇଥିଲା। ଅନେକ ଲୋକ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ନିମ୍ନମାନର ପାନୀୟ ଜଳ ସହରବାସୀଙ୍କୁ ଯୋଗାଇ ଦିଆଯାଉଥିବା ଅଭିଯୋଗ କରିଥିଲେ। ତେବେ ପାଣିରେ ସାପ ଭଳି ଜୀବ ଭାସୁଥିବା ଅଭିଯୋଗ ନେଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଏନ.ସାହୁ ଗଣମାଧମ ଆଗରେ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ବୌଦ୍ଧ ସହରବାସୀଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ସମ୍ପୂର୍ଣ୍ଣ ସୁରକ୍ଷିତ । ଏହାକୁ ଆବଶ୍ୟକ କେମିକାଲ ପ୍ରୟୋଗ ପରେ ବିଶୋଧନ କରାଯାଇ ପାଇପ ଯୋଗେ ଯୋଗାଣ କରାଯାଇଥାଏ ବୋଲି ପ୍ରକାଶ କରିଛନ୍ତି । ତେବେ ବୁଟୁପାଲି ଅଞ୍ଚଳରେ ପାଇପ ପାଣିରେ ସାପ ଭଳି ଜୀବ ଭାସୁଥିବା ନେଇ ଅଭିଯୋଗ ସଂପର୍କରେ ପ୍ରତିକ୍ରିୟା ରଖି ଯନ୍ତ୍ରୀ ସାହୁ ଭାଇରାଲ ଫଟୋ ଓ ଭିଡିଓରେ ପାଣି ଏକ ମାଠିଆରେ ରଖାଯାଇଥିବା ଦେଖାଯାଇଛି। ତେଣୁ ପାଇପ ପାଣି ଯେ ପ୍ରଦୁଷିତ ଏହାକୁ ଗ୍ରହଣ କରିହେବ ନାହିଁ। ତଥାପି ଲୋକଙ୍କ ଅଭିଯୋଗ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ବୁଟୁପାଲି ଅଞ୍ଚଳରେ ବିଭାଗ ପକ୍ଷରୁ କାର୍ଯ୍ୟକ୍ଷମ ଥିବା ସମ୍ପ(ପାଣିଟାଙ୍କି)କୁ ସଫା କରାଯିବ । ଏଣୁ କୌଣସି ଗୁଜବକୁ ବିଶ୍ୱାସ ନ କରି ଲୋକମାନେ ଭୟମୁକ୍ତ ହୋଇ ଯୋଗାଣ ହେଉଥିବା ପାନୀୟ ଜଳ ବ୍ୟବହାର କରିପାରିବେ ବୋଲି ସାହୁ ପ୍ରକାଶ କରିଛନ୍ତି।

# ପ୍ରତିଭା ପ୍ରଦର୍ଶନ କଲେ ଶିଶୁଯତ୍ନ ଅନୁଷ୍ଠାନ ପିଲା

ସୋନପୁର,୯।୧୧(ନି. ପ୍ର )


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ**

ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଜିଲା ସଂସ୍କୃତି ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରହୁଥିବା ଶିଶୁଙ୍କୁ ନେଇ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ଓ ଜିଲା ବାଲ୍ୟବିବାହ ପରାମର୍ଶଦାତା ରାକେଶ ପ୍ରଧାନ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କାର୍ଯ୍ୟକ୍ରମ ବିବରଣୀ ପାଠ, ବିଜୟ ବିଶ୍ୱାଳ ଧନ୍ୟବାଦ ପ୍ରଦାନ, ଶିକ୍ଷକ ବ୍ରତାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ଶିଶୁ ମଙ୍ଗଳ କମିଟି ସଭ୍ୟା ରଞ୍ଜିତା ସାହୁ, ଡିଆଇପିଆରଓ ଭୋଇ ଓ ଡିସିପିଓ ଦାଶ ଯୋଗଦାନ କରିଥିଲେ। ମହୋତ୍ସବ ଅବସରରେ ଶିଶୁ ମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ତର୍କ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ କେଶବ ମେହେର, ସରିତା ସୁନା, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ଼, ଥବିର କାଲସଏ, ବିଶେଶ୍ୱର ହୋତା, ସୱାଗତ ରାଜ ମିଶ୍ର ଓ ସିଦ୍ଧାନ୍ତ ସୁନା ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

**ବଲାଙ୍ଗୀର ଜିଲା ଖାଉଟି ସୁରକ୍ଷା ପରିଷଦ ବୈଠକ**

# ସଚେତନ ହେବା, ସୁସ୍ଥ ରହିବା

**ବଲାଙ୍ଗୀର ଅଫିସ, ୯।୧୧**



ଜିଲା ଖାଉଟି ସୁରକ୍ଷା ପରିଷଦ ବୈଠକରେ ମଞ୍ଚାସୀନ ଜିଲାପାଳ, ବିଧାୟକ, ସଦସ୍ୟାସଦସ୍ୟ।

- ଅଧିକାରୀଙ୍କ ଉପରେ ବର୍ଷିଲେ ନରସିଂହ
- ଗ୍ରାହକ ସଚେତନତା ପାଇଁ କେତେ ଟଙ୍କା ଆସୁଛି କହିପାରିଲେନି ଅଧିକାରୀ
- ତୃଣମୂଳସ୍ତରରୁ ଗ୍ରାହକ ସଚେତନତା ଉପରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି

ବଲାଙ୍ଗୀର ଜିଲା ଖାଉଟି ସୁରକ୍ଷା ପରିଷଦର ପ୍ରଥମ ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ବୁଧବାର ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାବାସୀଙ୍କ ସ୍ୱାର୍ଥ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଜିଲାର ଗ୍ରାହକ, ଉପଭୋକ୍ତା ଏବଂ ଜନସାଧାରଣଙ୍କ ସଚେତନତା ପାଇଁ ଆଗାମୀ ଦିନରେ ତୃଣମୂଳସ୍ତରରୁ ଫୋକସ କରାଯିବ ବୋଲି ନିଷ୍ପତ୍ତି ନିଆଯାଇ ଏଦିଗରେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ତିଆରି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାହକ ସଚେତନତା ଦିଗରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ଗ୍ରାହକ ସୁରକ୍ଷା ଅଧିନିୟମ ବିଷୟରେ ଅବଗତ କରିବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର କରାଯିବା ଉପରେ ଜିଲାପାଳ ରାଣା ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ଗ୍ରାହକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା ଦିଗରେ ସରକାରୀ ଅଧିକାରୀଙ୍କ ଇଚ୍ଛାନାହିଁ ବୋଲି କହିଥିଲେ। ଗ୍ରାହକ ସଚେତନତା ପାଇଁ ଜିଲାକୁ କେତେ ଟଙ୍କା ଆସୁଛି ଏବଂ ସେସବୁ କିଭଳି ଖର୍ଚ୍ଚ ହେଉଛି ବୋଲି ପଚାରିଥିଲେ। କୌଣସି ଅଧିକାରୀ କିଛି କହିପାରି ନ ଥିଲେ। ବିଦ୍ୟୁତ୍ ବିଭାଗ ଯେଭଳି ଭାବେ ଉପଭୋକ୍ତାଙ୍କୁ ଠକୁଛି ସୀମା ଅତିକ୍ରମ କଲାଣି। ଖାଦ୍ୟ ସୁରକ୍ଷା ଅଧିକାରୀ ଲୋକଙ୍କ ଖାଦ୍ୟ ସୁରକ୍ଷା ଦିଗରେ ଧ୍ୟାନ ନଦେଇ କେବଳ ଲୋକଙ୍କୁ ଭୁଆଁ ବୁଲାଇବାରେ ବ୍ୟସ୍ତ ରହୁଛନ୍ତି। ଓଜନ ଓ ମାପ ବିଭାଗ ତଥା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜିଲାର କେତୋଟି ସୁନା ଦୋକାନ, ପେଟ୍ରୋଲ ପମ୍ପ ଏବଂ ହୋଟେଲକୁ ଯାଞ୍ଚ କରିବାକୁ ଯାଇଛନ୍ତି ବୋଲି ପଚାରିଥିଲେ। ସେ ଦିଗରେ ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ଏହି ବିଭିଗୀୟ ଅଧିକାରୀମାନେ ଦରମା ନେଇ ବସି ରହୁଛନ୍ତି ବୋଲି କହିଥିଲେ। ଯେଉଁ ବ୍ୟବସାୟୀ ଆଇନ ଉଲଂଘନ କରୁଛି ତାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ ନକରି କାହିଁକି ଫାଇନ୍ ଆଦାୟ କରୁଛ ବୋଲି ପ୍ରଶ୍ନ କରିଥିଲେ। କୌଣସି ଅଧିକାରୀ କିଛି କହିପାରିନଥିଲେ। ଏଦିଗରେ ଜିଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନ, ଲୋକସଭା ସାଂସଦଙ୍କ ପ୍ରତିନିଧି ମାଧବ ସାଏ ଏବଂ ଲୋଇସିଂହା ବିଧାୟକଙ୍କ ପ୍ରତିନିଧି ଦେବୀଲାଲ ମିଶ୍ର ପ୍ରଶ୍ନ କରିଥିଲେ। ଯୋଗାଣ ବିଭାଗ କିଭଳି ଗ୍ରାହକଙ୍କ ଠାରୁ ଲୁଟ୍ କରୁଛି କହିଥିଲେ। ଜିଲାସ୍ତରରେ ସଚେତନତା ବୈଠକ ନକରି ଗ୍ରାମାଞ୍ଚ ସ୍ତରରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଗ୍ରାହକ ସୁରକ୍ଷା ଆଇନ ୨୦୧୯ ଏବଂ ଓଡିଶା ଗ୍ରାହକ ସୁରକ୍ଷା ରାଜ୍ଯ ଗ୍ରାହକ ସୁରକ୍ଷା ଏବଂ ଜିଲା ଗ୍ରାହକ ସୁରକ୍ଷା ପରିଷଦ) ନିୟମ ୨୦୨୧ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲାପାଳ ରାଣା କହିଥିଲେ ଯେ, ଶିକ୍ଷିତ ଲୋକ ମଧ୍ୟ ଅନେକ ନିୟମ ବିଷୟରେ ଜାଣିନାହାନ୍ତି ସେମାନଙ୍କୁ ଗ୍ରାହକ ସୁରକ୍ଷା ଆଇନ ବିଷୟରେ ଜଣାଇବାକୁ ହେବ ଓ ସଚେତନ କରିବାକୁ ହେବ ବୋଲି କହିଥିଲେ। ସେ ଜିଲା ଯୋଗାଣ, ଖାଦ୍ୟ ସୁରକ୍ଷା ବିଭାଗ, ଡ୍ରଗ୍ସ ବିଭାଗ, ରାଜ୍ୟ ଗ୍ରାହକ ସଚେତନତା ପ୍ରତିଷ୍ଠାନକୁ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ଗଠିତ ଜିଲା ଗ୍ରାହକ ସୁରକ୍ଷା ପରିଷଦ ଆଗାମୀ ଦିନରେ ଜିଲାରେ ଗ୍ରାହକ ସଚେତନତା ଉପରେ ସକ୍ରିୟତାର ସହ କାର୍ଯ୍ୟ କରିବ ବୋଲି କହିଥିଲେ। ବୈଠକରେ ଜଳ ସମ୍ପଦ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବଲାଙ୍ଗୀର ବ୍ଲକ୍ ଅଧକ୍ଷା ସରିତା ବାଗ, ପୁଇଁତଲା ବ୍ଲକ୍ ଅଧକ୍ଷ ସରୋଜ ପ୍ରଧାନ, ଜିଲା ଖାଉଟି ବିବାଦ ଓ ପ୍ରତିକାର ଫୋରମ ଅଧକ୍ଷ ରବୀନ୍ଦ୍ର କୁମାର ତ୍ରିପାଠୀ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକଙ୍କ ସମେତ ଜିଲା ଖାଉଟି ସୁରକ୍ଷା ପରିଷଦ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

## ଚାକିରି ସ୍ଥାୟୀ ଦାବିକଲା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ

**ବଲାଙ୍ଗୀର ଅଫିସ, ୯।୧୧**

ସମସ୍ତ ଠିକା କର୍ମଚାରୀଙ୍କ ଚାକିରି ସ୍ଥାୟୀ କରିବାକୁ ଦାବି କରି ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ବଲାଙ୍ଗୀର ପକ୍ଷରୁ ବୁଧବାର ଜିଲାପାଳ ଏବଂ ସିଡିଏମ୍ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ନିକଟରେ ରାଜ୍ୟ ସରକାର ଗେଜେଟ୍ ନୋଟିଫିକେଶନ ଜରିଆରେ ୫୭ ହଜାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଘୋଷଣା କରିଥିଲେ। ତେବେ ଏତେ ସଂଖ୍ୟକ ଚୁକ୍ତିଭିତ୍ତିକ ଠିକା କର୍ମଚାରୀଙ୍କ ଚାକିରୀ ସ୍ଥାୟୀ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ୧୦ ହଜାର ଠିକା କର୍ମଚାରୀଙ୍କୁ ସ୍ଥାୟୀ କଲେନାହିଁ। ଏଣୁ ଯଥାଶୀଘ୍ର ଏଦିଗରେ ପଦକ୍ଷେପ ଗ୍ରହଣ କରି ସ୍ୱାସ୍ଥ୍ୟ ବିଭାଗର ୧୦ ହଜାର ଠିକା କର୍ମଚାରୀଙ୍କ ଚାକିରି ସ୍ଥାୟୀ କରିବାକୁ ଦାବି କରିଛନ୍ତି। ଏହି କର୍ମଚାରୀମାନେ ଜିଲାପାଳ ଚଞ୍ଚଳ ରାଣା ଏବଂ ସିଡିଏମ୍ଓ ଡା ସ୍ନେହଲତା ସାହୁଙ୍କୁ ଦାବିପତ୍ର ଦେଇଛନ୍ତି।

## ଐତିହାସିକ ମୁଙ୍ଗେ ପାହାଡ଼ ଧ୍ୱଂସ କରିବା ଯୋଜନା

**ଠିକାଦାରଙ୍କ ଗାଡି ଫେରାଇଲେ ଗ୍ରାମବାସୀ**


ଐତିହାସିକ ମୁଙ୍ଗେ ପାହାଡ।

**ବଲାଙ୍ଗୀର ଅଫିସ, ୯।୧୧**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅନ୍ତର୍ଗତ ଅଲଣ୍ଡା ଗାଁ ନିକଟରେ ଥିବା ଐତିହାସିକ ମୁଙ୍ଗେ ପାହାଡ଼ରୁ ପଥର ଫଟାଇବାକୁ ପୁଣି ଉଦ୍ୟମ ହୋଇଛି। ମଙ୍ଗଳବାର ପାହାଡରେ ଡ୍ରିଲିଂ ଉଦ୍ୟମ କଲାବେଳେ ଲୋକେ ବିରୋଧ କରିଛନ୍ତି। ତିନି ମାସର ନୀରବତା ପରେ ପୁଣି ଥରେ ପାହାଡ ଲିଜଧାରୀ ଏହି ପାହାଡରୁ ପୁଣି ଥରେ ପଥର ଫଟାଇବାକୁ ଉଦ୍ୟମ କରିଥିଲେ। ଡ୍ରିଲିଂ ଗାଡି ସେଠାରେ ପହଞ୍ଚିବା ପରେ ଗ୍ରାମବାସୀ ମିଳିତ ଭାବେ ସେଠାକୁ ଆସି ଚାଲିଯିବାକୁ କହିଥିଲେ। ତିନିମାସ ପୂର୍ବରୁ ଏହି ପାହାଡରେ ବୋରୱେଲ ଡ୍ରିଲିଂ ମେସିନରେ ଫଟାଇବାକୁ ଉଦ୍ୟମ କରାଯାଇଥିଲା। ମଙ୍ଗଳବାର ଏହି ପାହାଡ ତଳେ ଡ୍ରିଲିଂ କରୁଥିବାବେଳେ ସ୍ଥାନୀୟ ଲୋକେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଫଳରେ ଡ୍ରିଲିଂ କରୁଥିବା ଗାଡ଼ି ଚମ୍ପଟ ମାରିଥିଲା। ମୁଙ୍ଗେ ପାହାଡ ଜିଲା ତଥା ରାଜ୍ୟର ଏକ ଐତିହାସିକ ପାହଡ। ଏହି ପାହାଡରେ ସ୍ୱାଧୀନତା ସଂଗ୍ରାମ କାଳର ବହୁ ଏତିହାସିକ କିମ୍ବଦନ୍ତୀ ରହିଛି। ଏହି ପାହାଡରେ ମହାନ ସଂଗ୍ରାମୀ ମୋହନ ମାଝିଙ୍କ ଗରିଲା ଯୁଦ୍ଧ ଆସ୍ଥା ରହିଥିଲା। ଏଠାରେ ଜେନାଖୋଲ ଭଳି ଧାର୍ମିକ ଆସ୍ଥାସ୍ଥଳୀ ରହିଛି। ଏହି ଅଞ୍ଚଳର ପ୍ରଖ୍ୟାତ ଦେବୀ ଦ୍ୱାରସେନୀ ଯାତ୍ରା ସହ ମଧ୍ୟ ଏହି ପାହାଡର ନିବିଡ ଧାର୍ମିକ ସମ୍ପର୍କ ରହିଛି। ଏଣୁ ଏହି ପାହାଡକୁ କୌଣସି ପ୍ରକାରେ ଧ୍ୱଂସ କରାଯାଇପାରିବ ନାହିଁ ବୋଲି ଆଖାପାଖ ଗ୍ରାମବାସୀ କହିଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ଲାଞ୍ଜିଗଡ଼,୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡ଼ା ଗ୍ରାମପଞ୍ଚାୟତ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଓ କଲ୍ୟାଣ ମଣ୍ଡପ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗଦେଇଥିବାବେଳେ ଅତିଥି ଭାବେ ପୂର୍ବତନ ବିଧାୟକ ବଳଭଦ୍ର ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ସଦସ୍ୟ ଅଞ୍ଜଳି ମାଝି, ପରୀକ୍ଷିତ ନାଏକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର, ସମିତିସଭ୍ୟା ମୁକ୍ତା ଭୋଇ, କମର୍ଦ୍ଧା ସରପଞ୍ଚ ସୁଶୀଳା ନାଏକ, ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ, ହରିଶ୍ଚନ୍ଦ୍ର ବୁଦ୍ଧିଆ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, କୁମଖାଲ ସରପଞ୍ଚ ସାନ୍ଧୁ ମାଝୀ, କାନକୁଟ୍ରୁ ସମିତିସଭ୍ୟ ମନୋହର ହରପାଲ ପ୍ରମୁଖ ଯୋଗଦେଇଥିଲେ। କଦମ୍ବଗୁଡ଼ା ସରପଞ୍ଚ ସନ୍ତୋଷ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହକୁ ପାହାଡ଼ପଦର ସମିତିସଭ୍ୟ ଜଗଦୀଶ ବେନିଆଁ ପରିଚାଳନା କରିଥିଲେ। କଦମ୍ବଗୁଡ଼ା ସମିତିସଭ୍ୟା ଚଞ୍ଚଳା ବେନିଆଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୂପାଧର ଧରୁଆ, ବରିଷ୍ଠ ନାଗରିକ ସରୋଜ ପ୍ରଧାନ, ଅଜିତ ପ୍ରଧାନ, ଗ୍ରାମରୋଜଗାର ସେବକ ପ୍ରଦ୍ୟୁମ୍ନ ସାହୁ, ଯୋଗାଣ ସହାୟକ ନାରାୟଣ ନାୟକଙ୍କ ସମେତ ପଞ୍ଚାୟତ କର୍ତ୍ତୃପକ୍ଷ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୯।୧୧**

ବଲାଙ୍ଗୀର ସହରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଏବଂ ଚୁନାଭ ପାଠଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡ଼ ମନୋରଞ୍ଜନ ମିଶ୍ର, ସହକାରୀ ଜିଲାପାଳ(ନିର୍ବାଚନ ) ଫାଲଗୁନି ଶବର, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହକାରୀ ଜିଲାପାଳ ଧୀରଜ କୁମାର ମେହେର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଧରୁଆ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଚିଠା ଭୋଟର ତାଲିକାକୁ ପ୍ରଦର୍ଶିତ କରିଥିଲେ। ବୁଧବାରଠାରୁ ଏହି ଚିଠା ଭୋଟର ତାଲିକା ଜିଲାର ସମସ୍ତ ମତଦାନ କେନ୍ଦ୍ରଗୁଡିକରେ ଉପଲବ୍ଧ କରାଯାଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ନଭେମ୍ବର ୯ରୁ ଡିସେମ୍ବର ୮ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଛି। ଉକ୍ତ ସମୟ ମଧ୍ୟରେ ୧୭ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ନାଗରିକ ଭୋଟର ପରିଚୟ ପତ୍ର ପାଇଁ ଆବେଦନ କରିପାରିବେ। ଏହି ସମୟ ମଧ୍ୟରେ ସ୍ୱତନ୍ତ୍ର ଶିବିର ଆସନ୍ତା ୧୨ ଓ ୧୩ ନଭେମ୍ବର ଏବଂ ୨୬ ଓ ୨୭ ନଭେମ୍ବରରେ ମତଦାନ କେନ୍ଦ୍ରଗୁଡିକରେ ଅନୁଷ୍ଠିତ ହେବ। ଉକ୍ତ ଦିନଗୁଡିକରେ ବୁଥସ୍ତରୀୟ ଅଧିକାରୀ ମତଦାନ କେନ୍ଦ୍ରଗୁଡିକରେ ଉପସ୍ଥିତ ରହି ସମସ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରିବେ। ଯଦି ଜଣେ ନାଗରିକଙ୍କ ବୟସ ୨୦୨୩ ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷ ହେଉଥିବ ତାହେଲେ ଜଣେ ଭୋଟର ଭାବେ ପଞ୍ଜୀକରଣ ପାଇଁ ଆଗୁଆ ଆବେଦନ କରିପାରିବେ। ଜଣେ ନାଗରିକ ଭୋଟର ହେଲ୍ପଲାଇନ ଆପ ମାଧ୍ୟମରେ ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହ ସଂଯୋଗ କରିପାରିବେ କିମ୍ବା ସମ୍ପୃକ୍ତ ବୁଥସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଚୁନାଭ ପାଠଶାଳା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧରୁଆ ଉପସ୍ଥିତ ଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଆଲୋକ


@ ଲିପ୍ସା


@ ବ୍ରହ୍ମା


@ ପିଣ୍ଟୁ


@ ସୁଶିଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବ୍ଲକ ଅଫିସକୁ ଘେରିଲେ କୁଷ୍ଠ କଲୋନୀ ଅନ୍ତେବାସୀ

**ବଲାଙ୍ଗୀର ଅଫିସ, ୯।୧୧**


ପୁଇଁତଲା ବ୍ଲକ୍ ଅଫିସ ସମ୍ମୁଖରେ କୁଷ୍ଠ କଲୋନୀ ଅନ୍ତେବାସୀ ଘେରାଉ କରି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ସମେତ ସ୍ଥାନୀୟ ଜନସାଧା**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଅଫିସକୁ କୁଷ୍ଠ କଲୋନୀ ଅନ୍ତେବାସୀମାନେ ବୁଧବାର ଘେରାଉ କରି ରଖିଥିଲେ। କୁଷ୍ଠରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ କଲେନୀ ଭିତରେ ବାହାର ଲୋକଙ୍କ ରହିବାକୁ ବିରୋଧ କରି ଏହି ଧାରଣା ଦିଆଯାଇଥିଲା। କୁଷ୍ଠରୋଗୀଙ୍କ କଲୋନୀରେ ଅନ୍ୟମାନେ କବ୍‌ଜା କରିବା ଫଳରେ ସେମାନେ କୁଆଡେ ଯିବେ ବୋଲି ପ୍ରଶ୍ନ କରିଥିଲେ। ଦାବିପୂରଣ ନହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଘେରାଉ ଯୋଗୁଁ ପୁଇଁତଲା ବ୍ଲକ୍ ଅଫିସ କାମ ବାଧାପ୍ରାପ୍ତ ହୋଇଥିଲା। ବିଡିଓ ଯୁଧିଷ୍ଠିର ନାଏକ, ତହସିଲଦାର ରୋହିତ ଭୋଇ, ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ବ୍ଲକ୍ ଅଫିସକୁ ଆସି ଆନ୍ଦୋଳନରତ କୁଷ୍ଠ କଲୋନୀ ଅନ୍ତେବାସୀଙ୍କ ଅଭିଯୋଗ ଶୁଣି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କୁଷ୍ଠାଶ୍ରମ ଭିତରେ ନ ରହିବାକୁ କୁହାଯାଇଥିଲା। ସେ ଏନେଇ ଲିଖିତ ମଧ୍ୟ ଦେଇଥିବା ଜଣାପଡିଛି। ବାହାର କୌଣସି ଲୋକ ଯେଭଳି କୁଷ୍ଠ କଲୋନୀ ଘରକୁ ଅକ୍ତିଆର କରିବେ ନାହିଁ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

## ଉଦ୍‌ଘାଟନ ହେଲା, କାମରେ ଆସୁନି

**ସଇଁତଲା, ୯।୧୧ (ଡି.ଏନ.ଏ.)**

**୫ଟି କଅଁସର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ**

- ବିଦ୍ୟୁତ୍ ସଂଯୋଗ ନ ଥିବାରୁ ସ୍ମାର୍ଟକ୍ଲାସରୁ ବଞ୍ଚିତ ଛାତ୍ରୀଛାତ୍ର
- କମ୍ପ୍ୟୁଟର, ସ୍ମାର୍ଟ କ୍ଲାସ ଯନ୍ତ୍ରାଂଶ ପଡ଼ି ରହିଛି



ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କଅଁସର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫ଟି ଯୋଜନାରେ ସାମିଲ ହୋଇ ଉନ୍ନତୀକରଣ କରାଯାଇଛି। ଗତ ମେ ମାସରେ ଏହାକୁ ମୁଖ୍ୟମନ୍ତ୍ରୀ ଭରଚୁଆ ମୋଡରେ ଉଦ୍‌ଘାଟନ କରିଥିଲେ। ହେଲେ କେତେକ ଆନୁଷଙ୍ଗିକ କାମ ହୋଇ ନ ଥିବାରୁ ଏହା ପିଲାଙ୍କ କାମରେ ଲାଗୁନାହିଁ। ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସ୍ମାର୍ଟକ୍ଲାସ ଓ କମ୍ପ୍ୟୁଟର କ୍ଲାସର ଉପଯୋଗ କରି ପାରୁ ନାହାନ୍ତି ଛାତ୍ରୀଛାତ୍ର। ସ୍କୁଲ ପଛପଟ ପାଚେରି ମୁକୁଳା ପଡିଛି। ଖେଳ ପଡ଼ିଆ ଉନ୍ନତି ପାଇଁ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୬ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲେ ମଧ୍ୟ ନିର୍ମାଣ ହୋଇନି। ସ୍କୁଲ ପରିସରରେ ମିନି ପାର୍କ ନିର୍ମାଣ ପାଇଁ ୨୦୨୧-୨୨ ମସିହାରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ନିର୍ମାଣ ହୋଇନାହିଁ। ସ୍କୁଲ କଅଁସର ଗ୍ରାମରୁ ୨କିମି ଦୂରରେ ଥିବାରୁ ବିଦ୍ୟୁତ ଉପକରଣ, ଲାଇଟ ତଥା ପିଇବା ପାଇଁ ଲାଗିଥିବା ପାଣି ଟ୍ୟାପ ଚୋରି ହୋଇ ଯାଇଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ଏହାକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ଘନଶ୍ୟାମ ଦଣ୍ଡସେନାଙ୍କୁ ଏ ନେଇ ପଚାରିବାରୁ ଗତ ମେ ମାସରେ ବିଦ୍ୟୁତ୍ ସଂଯୋଗ ପାଇଁ ୧୬ ଲକ୍ଷ ଟଙ୍କାର ବ୍ୟୟବରାଦ ପ୍ରସ୍ତୁତ କରି ପ୍ରଶାସନକୁ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ କହିଛନ୍ତି। ତେବେ ବିଦ୍ୟୁତ୍ ସଂଯୋଗ ପାଇଁ ଖର୍ଚ୍ଚ ଅଧିକ ହେଉଥିବାରୁ ସୋଲାର ସଂଯୋଗ କରାଯିବ ବୋଲି କହିଛନ୍ତି। ବିଡ଼ିଓ ଚନ୍ଦ୍ରମଣୀ ନାଗଙ୍କୁ ପଚାରିବାରୁ ବିଦ୍ୟୁତ୍ ସଂଯୋଗ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଅତିଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।